

ବସୁଦେବ ସୁତଂ ଦେବଂ
କଂସ ଚାଣୁର ମର୍ଦ୍ଦନମ୍ ।
ଦେବକୀ ପରମାନନ୍ଦଂ
କୃଷ୍ଣ ବନ୍ଦେ ଜଗଦ୍‌ଗୁରୁମ୍ ॥

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI


♦VOLUME- 44 ♦ISSUE-71 ♦FRIDAY ♦4 SEPTEMBER 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୭୧ ♦ଶୁକ୍ରବାର ♦୪ ସେପ୍ଟେମ୍ବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ଭୋଟର ତାଲିକାରୁ ରାଘବ ଚଢ଼ା ବାଦ୍



■ ନୂଆଦିଲ୍ଲୀ, ୩।୯ (ଏଜେନ୍ସି): ପଞ୍ଜାବର ଖସଡ଼ା ଭୋଟର ତାଲିକାରୁ ରାଜ୍ୟସଭା ସାଂସଦ ରାଘବ ଚଡ଼ାଙ୍କ ନାମ ବାଦ ପଡ଼ିବାକୁ ନେଇ ରାଜନୈତିକ ବିବାଦ ତୀବ୍ର ହୋଇଛି। ନିର୍ବାଚନ କମିଶନର ସ୍ବତନ୍ତ୍ର ଗଭୀର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ତାଙ୍କ ନାମକୁ ବାଦ ଦିଆଯାଇଥିବା ବେଳେ, ▶ପୃଷ୍ଠା-୭

## ଓଲଟ ପାଲଟ



କରଜ ଭାରରେ ଖାଲି ହୋଇଲାଣି
ରାଜ୍ୟ ରାଜକୋଷ ଘଡ଼ା,
ମନ୍ତ୍ରୀ-ବିଧାୟକ ଦରମା ଓ ଭତ୍ତା
ଯେତେ ବଢାଇବ ବଢ଼ା !
ବୃଦ୍ଧ ଅସହାୟ ଭତ୍ତା ବଢୁନାହିଁ
ଖାଆନ୍ତି ଖାଡ଼ିଆ ଖଡ଼ା,
ତୁମ ମାନଙ୍କର ଭତ୍ତା ବୃଦ୍ଧି ପାଇଁ
ହେଉ ଅଛ ଚଢା-ମଢ଼ା !
ଚାଲିଛ ଅମଡ଼ା ମଡ଼ା !!

-ଯାଯାବର

## ହାତ ଟେକିଦେଲେ ଅସହାୟ ଯୋଗାଣମନ୍ତ୍ରୀ

# କେନ୍ଦ୍ର ଆମ କଥା ଶୁଣୁନି



- ଓଡ଼ିଶା ଇଞ୍ଜିନ୍ କଥା ଶୁଣୁନାହିଁ ଦିଲ୍ଲୀ ଇଞ୍ଜିନ୍
- ଆମ ରାଜ୍ୟ ପାଇଁ ଏଫ୍‌ସିଆଇର ଦରଦ ନାହିଁ
- ୨୦ ସାଂସଦ ଜିତାଇବା ସତ୍ତ୍ୱେ ଆମ ହାତ ବନ୍ଧା
- ୩୦ ଲକ୍ଷ ଟନ୍‌ରୁ ଉଠିଛି ମାତ୍ର ୭.୨୮ ଲକ୍ଷ ଟନ୍
- ଚାଉଳ ନ ଉଠିଲେ ଧାନ କିଣା କଷ୍ଟ ହୋଇପଡ଼ିବ

■ ଭୁବନେଶ୍ୱର, ୩।୯ (ସମିସ): ଡବଲ ଇଞ୍ଜିନ ସରକାରରେ ମନ୍ତ୍ରୀ ଅସହାୟ। ଭରାସଭାରେ ଅସହାୟତା ପ୍ରକାଶ କରି ନିଜ ବିଭାଗର ଦୁଃଖ ବଖାଣିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଓଡ଼ିଶାରୁ ଚାଉଳ ଉଠାଉନାହିଁ। ଏହାକୁ ନେଇ ମନ୍ତ୍ରୀ ନାଁ କାହା ଉପରେ ଦୋଷ ଲଦି ପାରୁଛନ୍ତି ନାଁ କ୍ଷୋଭ ପ୍ରକାଶ କରିପାରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଆଗରେ ନିଜର ଅସହାୟତା ପ୍ରକାଶ କରିଛନ୍ତି। ଗୁରୁବାର ରାଜ୍ୟ ଯୋଗାଣ ନିଗମ ପ୍ରତିଷ୍ଠା ଦିବସ ଅବସରରେ ବଳକା ଚାଉଳକୁ ନେଇ ଯୋଗାଣ ବିଭାଗ କିପରି ହରଡ଼ ଘଣାରେ ପଡ଼ିଛି, ତାହାକୁ ବଖାଣିଛନ୍ତି ମନ୍ତ୍ରୀ ଶ୍ରୀ ପାତ୍ର ।

କାର୍ଯ୍ୟକ୍ରମରେ ଉପସ୍ଥିତ ଏଫ୍‌ସିଆଇ ଜିଏମ୍ ନିହାର ରଞ୍ଜନ ପ୍ରଧାନଙ୍କ ଉପସ୍ଥିତିରେ ମନ୍ତ୍ରୀ ଶ୍ରୀ ପାତ୍ର ନିଜର ଅସହାୟତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଏଫ୍‌ସିଆଇ ବେଳେ ବେଳେ ଆମକୁ ଧପେଇ ଦିଏ। ନିର୍ଦ୍ଦିଷ୍ଟ ପରିମାଣର ଚାଉଳ ଉଠାଇବା ପାଇଁ ଏଫ୍‌ସିଆଇ ଆମକୁ ଟାର୍ଗେଟ ଦେଇଥିଲା। କିନ୍ତୁ ଆମର ଚାଉଳ ଏପର୍ଯ୍ୟନ୍ତ ଉଠିପାରି ନାହିଁ। ଚାଉଳ ଉଠାଇବା ପାଇଁ ସେ ବାରମ୍ବାର ଦିଲ୍ଲୀ ଯାଇ କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟୁଥିଲେ ବି କିଛି ଫଳ ମିଳୁ ନ ଥିବା ମନ୍ତ୍ରୀ ପରୋକ୍ଷରେ କହିଛନ୍ତି। ଏମିତିକି 'ଏଇ ଗୋଟାକ ସମସ୍ୟା ଆମକୁ ମାରୁଛି' ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିବାକୁ ବି ପଛାଇ ନାହାନ୍ତି। ଆମର ଉତ୍ପାଦନ ପାଇଁ ଆମେ ଚିନ୍ତିତ ନୁହେଁ, ଉତ୍ପାଦନ ▶ପୃଷ୍ଠା-୭

## ଦାଦନ ଦୁଃଖ
# ୧୫ ଦିନରେ ଗଲାଣି ୫ ଜଣଙ୍କ ଜୀବନ

■ ଧର୍ମଗଡ଼, ୩।୯ (ସମିସ): ଦଣ୍ଡପାଟ ଅଞ୍ଚଳରେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟଣା ଥମିବାର ନାଁ ନେଉନାହିଁ। ଦାଦନ ଖଟିବା ପାଇଁ ବାହାର ରାଜ୍ୟକୁ ଯାଉଥିବା ଶ୍ରମିକଙ୍କ ମଧ୍ୟରୁ କ୍ରମାଗତ ଭାବେ ମୃତ୍ୟୁ ଖବର ଏବେ ଅଞ୍ଚଳବାସୀଙ୍କ ମଧ୍ୟରେ ଚିନ୍ତା ବଢ଼ାଇଛି। ଧର୍ମଗଡ଼ ଉପଖଣ୍ଡ ଅଞ୍ଚଳରେ ଗତ ୧୫ଦିନ ମଧ୍ୟରେ ୫ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସେଥିମଧ୍ୟରୁ ୪ ଜଣ ଦାଦନଶ୍ରମିକ ଥିବାନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଏହି ଘଟଣାକ୍ରମ ମଧ୍ୟରେ ବୁଧବାର ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଖବର ଆସିଛି । ଧର୍ମଗଡ଼ ବ୍ଲକ୍ ପର୍ଲା ପଞ୍ଚାୟତ ଅଧୀନ ଲଛିପୁର ଗ୍ରାମର ଜୟରାମ ସୁନାନୀ (୩୫) ଦାଦନ ଖଟିବାକୁ ଯାଇ ହାଇଦରାବାଦରେ ପ୍ରାଣ ହରାଇଛନ୍ତି।

ସୂଚନା ଅନୁଯାୟୀ, ପ୍ରାୟ ୩ ମାସ ତଳେ ଜୟରାମ ନିଜ ଭାଇଙ୍କ ସହ ରୋଜଗାର ଆଶାରେ ହାଇଦରାବାଦକୁ ଦାଦନ ଖଟିବା ପାଇଁ ଯାଇଥିଲେ। ସେଠାରେ ଏକ ଘରୋଇ ଠିକା ସଂସ୍ଥା ଅଧୀନରେ ସେ କାମ କରୁଥିଲେ। ବୁଧବାର ସକାଳେ କାମକୁ ଯିବା ପାଇଁ ପ୍ରସ୍ତୁତ ହେଉଥିବା ସମୟରେ ଜୟରାମ ରୋଷେଇ କରୁଥିଲେ। ଏହି ସମୟରେ ହଠାତ୍ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କ ଅସୁସ୍ଥତା ଦେଖି ତାଙ୍କ ଭାଇ ଓ ସାଥୀ ଶ୍ରମିକମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଏକ ଘରୋଇ ଡାକ୍ତରଖାନାକୁ ନେଇଥିଲେ। ତେବେ ସେଠାରେ ଚିକିତ୍ସା ନ କରିବାରୁ ତାଙ୍କୁ ନିକଟସ୍ଥ ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ଜୟରାମଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ଜୟରାମଙ୍କ ଭାଇଙ୍କୁ ହସ୍ତାନ୍ତର କରାଯାଇଥିଲା। ଗୁରୁବାର ସକାଳେ ଜୟରାମଙ୍କ ମୃତଦେହ ଲଛିପୁର ଗାଁରେ ପହଞ୍ଚିବା ▶ପୃଷ୍ଠା-୭

# ବଢ଼ିବ ସିମେଣ୍ଟ ମୂଲ୍ୟ

## ପ୍ୟାକେଟ୍ ପିଛା ୪୦ ଟଙ୍କା ଯାଏ ମହଙ୍ଗା



■ ନୂଆଦିଲ୍ଲୀ, ୩।୯ (ଏଜେନ୍ସି): ପ୍ରବଳ ମୌସୁମୀ ବର୍ଷା ଯୋଗୁ ଅଗଷ୍ଟ ମାସରେ ସାରା ଦେଶରେ ନିର୍ମାଣ କାର୍ଯ୍ୟ ବହୁ ମାତ୍ରାରେ ପ୍ରଭାବିତ ହୋଇଥିଲା। ଫଳସ୍ୱରୂପ, ଅଧିକାଂଶ ଅଞ୍ଚଳରେ ସିମେଣ୍ଟ ଚାହିଦା ମଧ୍ୟ କମ୍ ରହିଥିଲା। କିନ୍ତୁ ସେପ୍ଟେମ୍ବରରେ ସ୍ଥିତିରେ ସୁଧାର ଆସିପାରେ। ପୁନର୍ବାର ଜୋରସୋରରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପରେ ସିମେଣ୍ଟ ଚାହିଦା ବଢ଼ିବ। ଏଥିରେ ସିମେଣ୍ଟ ମୂଲ୍ୟରେ ବି ବଢ଼ିପାରେ। ଆଗକମୁ ବଜାରରେ ସିମଣ୍ଟେ ପ୍ୟାକେଟ୍ ପିଛା ୪୦ ଟଙ୍କା ଯାଏ ମୂଲ୍ୟ ବୃଦ୍ଧି ହୋଇପାରେ।

ସିମେଣ୍ଟ ପ୍ରସ୍ତୁତ ପାଇଁ ପେଟ୍‌କୋକ୍‌କୁ ଇନ୍ଧନ ଭାବରେ ବ୍ୟବହାର କରାଯାଇଥାଏ। ନିକଟରେ ମୂଲ୍ୟ ବୃଦ୍ଧି ବିଶ୍ୱରେ ଦେଖାଦେଇଥିବା ଭୂ-ରାଜନୈତିକ ଅସ୍ଥିରତା ଯୋଗୁ ହୋଇଛି। ବ୍ରୋକରେଜ୍ ଫାର୍ମ ନ୍ୟୁଭାମା ଇନଷ୍ଟିଚ୍ୟୁସନାଲ ଇକ୍ୱିଟିଜର ଏକ ରିପୋର୍ଟ ଅନୁସାରେ, କମ୍ପାନୀଗୁଡ଼ିକ ମହଙ୍ଗା ପେଟକୋକ୍ ଯୋଗୁଁ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ଜନିତ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ସିମେଣ୍ଟ କ୍ଷେତ୍ର ପାଇଁ ବଢୁଥିବା ଖର୍ଚ୍ଚ ଏକ ବଡ଼ ଚିନ୍ତା। ଏଥିଯୋଗୁ କମ୍ପାନୀ ସିମେଣ୍ଟ ବ୍ୟାଗ୍ ପିଛା ୪୦ ଟଙ୍କା ମୂଲ୍ୟ ବୃଦ୍ଧି କରିବାକୁ ଯାଉଛନ୍ତି। ରିପୋର୍ଟ ଅନୁସାରେ, ଅଗଷ୍ଟରେ ବେଙ୍ଗାଲୁରୁରେ ସିମେଣ୍ଟ ବ୍ୟାଗ୍ ପିଛା ଦାମ୍ ୧୦ ଟଙ୍କା ବୃଦ୍ଧି ହୋଇଥିଲା। ଅବଶ୍ୟ ଦକ୍ଷିଣ ଭାରତରେ ଅଧିକାଂଶ ବଜାରରେ ସିମେଣ୍ଟ ଦାମ୍ ସ୍ଥିର ରହିଥିଲା। ଉତ୍ତର ଭାରତରେ ମୌସୁମୀ ଯୋଗୁ ଚାହିଦା ମାନ୍ଦା ରହିଥିଲା। ମାତ୍ର ସେପ୍ଟେମ୍ବରରେ ଏଠାରେ ବ୍ୟାଗ୍ ପିଛା ମୂଲ୍ୟ ପ୍ରାୟ ୧୦-୨୦ଟଙ୍କା ବୃଦ୍ଧି ହୋଇପାରେ। ସେହିଭଳି ମଧ୍ୟ-ଭାରତରେ ସିମେଣ୍ଟ ଦାମରେ ୪୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହେବା ନେଇ ଏଜେନ୍ସି ଅନୁମାନ କରୁଛି। ଅବଶ୍ୟ ପଶ୍ଚିମ ଭାରତ ସମ୍ପର୍କରେ ଡିଲରଙ୍କ ଉପରେ ମୂଲ୍ୟ ବୃଦ୍ଧି ସମ୍ପର୍କରେ ସେପରି କୌଣସି ଅନୁମାନ ଆସିନାହିଁ। ସୂଚନାଥାଉକି, ୨୦୨୬ ଜୁଲାଇରେ ପେଟ୍‌କୋକ୍ ମୂଲ୍ୟ ହ୍ରାସ ପାଇ ୧୩୩ ଡଲାର ପ୍ରତି ଟନ୍ ପିଛା ହୋଇଥିଲା। ଏବେ ଏହା ପୁଣିଥରେ ବଢ଼ି ପ୍ରାୟ ୧୫୨ ଡଲାର ପ୍ରତି ଟନରେ ପହଞ୍ଚିଛି। ଅବଶ୍ୟ ପେଟ୍‌କୋକ୍ ଦା ଏବେବି ୧୬୨ ଡଲାର ପ୍ରତି ଟନ ଉପରେ କାରବାର ହେଉଛି। ଯଦି ସିମେଣ୍ଟ ମୂଲ୍ୟ ବୃଦ୍ଧି ହୁଏ ତେବେ ଘର ତିଆରି ମହଙ୍ଗା ହୋଇଯିବ।


1001/141/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସିଏମ୍ କିଷାନ
ରବି ୨୦୨୬-୨୭
ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ
ସିଏମ୍ କିଷାନ ସହାୟତା ରାଶି
ହସ୍ତାନ୍ତର



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୪୧ ଲକ୍ଷରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର,
ବିଶେଷ ଭାବେ ଅନୁନ୍ନତ ଜନଜାତି ସମୂହ ଚାଷୀ
ଏବଂ ଭୂମିହୀନ କୃଷକ ପରିବାର ଉପକୃତ

୮୩୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର
ଆର୍ଥିକ ସହାୟତା DBT ମାଧ୍ୟମରେ ପ୍ରଦାନ

ଗରିମାମୟ ଉପସ୍ଥିତି

ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ | ସାଂସଦ ଏବଂ ବିଧାୟକ ଗଣ
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା | ଖୋର୍ଦ୍ଧା ଜିଲ୍ଲା

୦୪ ସେପ୍ଟେମ୍ବର ୨୦୨୬ | ପୂର୍ବାହ୍ନ ୧୧:୩୦ | କୃଷି ଶିକ୍ଷା ସଦନ, ଓୟୁଏଟି, ଭୁବନେଶ୍ୱର

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

OIPR-1001/11/02/2/26-27/0010

# ଧମକାଇଲା ଆମେରିକା

**ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଇରାନ ରାଷ୍ଟ୍ରପତିଙ୍କ ଭେଟ ପରେ ମାର୍କ ରୁବିଓଙ୍କ ଚେତାବନୀ**

ୱାଶିଂଟନ, ୩।୯(ଏଜେନ୍ସି): କିର୍ଗିଜସ୍ତାନର ବିସ୍କେକ୍ରେ ଅନୁଷ୍ଠିତ ୨୬ତମ ଏସସିଓ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ୍‌ଙ୍କ ମଧ୍ୟରେ ହୋଇଥିବା ବୈଠକ ପରେ ଆମେରିକା ପକ୍ଷରୁ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି। ଆମେରିକାର ରାଷ୍ଟ୍ରସଚିବ ମାର୍କ ରୁବିଓ ଭାରତ ଏବଂ ଇରାନ ମଧ୍ୟରେ କୌଣସି ବାଣିଜ୍ୟ ଚୁକ୍ତି ହେବା ସମ୍ଭାବନାକୁ ଖଣ୍ଡନ କରିଛନ୍ତି। ଏଥିସହ, କୌଣସି ଦେଶ ଇରାନକୁ ଆମେରିକା ପ୍ରତିବନ୍ଧକ ଏଡ଼ାଇବାରେ କିମ୍ବା ରାଜସ୍ୱ ସୃଷ୍ଟି କରିବାରେ ସାହାଯ୍ୟ କଲେ ସେମାନଙ୍କୁ ମଧ୍ୟ ଆମେରିକୀୟ କଟକଣାର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏକ ସାକ୍ଷାତକାରରେ ରୁବିଓ ସ୍ପଷ୍ଟ କରିଛନ୍ତି ଯେ ଭାରତ ଏବଂ ଇରାନ ମଧ୍ୟରେ ସେଭଳି କୌଣସି ବାଣିଜ୍ୟ ଚୁକ୍ତି ହେଉଥିବା ସେ ମନେ କରୁନାହାଁନ୍ତି। ଦେଶଗୁଡ଼ିକ ନିଜର ସ୍ୱାଧୀନ ବୈଦେଶିକ ନୀତି ଅନୁସରଣ କରନ୍ତି ଏବଂ ଇରାନ ସହିତ ଯୋଗାଯୋଗ ରଖିବା ସ୍ୱାଭାବିକ ବୋଲି ସେ ସ୍ୱୀକାର କରିଛନ୍ତି। ତେବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶକୁ ଦୋହରାଇ ସେ କହିଛନ୍ତି ଯେ, କୌଣସି ଦେଶ ଇରାନକୁ ପ୍ରତିବନ୍ଧକ ଏଡ଼ାଇବାରେ କିମ୍ବା ଆତଙ୍କବାଦ ଏବଂ ପରମାଣୁ ଅସ୍ତ୍ର ତିଆରି ପାଇଁ ପାଣ୍ଠି ସଂଗ୍ରହ କରିବାରେ ସାହାଯ୍ୟ କରିବା ଉଚିତ୍ ନୁହେଁ। ଇରାନକୁ ପରମାଣୁ ଅସ୍ତ୍ରଶସ୍ତ୍ର ହାତେଇବାରୁ ରୋକିବା ଆମେରିକା ପ୍ରଶାସନର ମୁଖ୍ୟ ଲକ୍ଷ୍ୟ ବୋଲି ରୁବିଓ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଆମେରିକା ମୁଖ୍ୟତଃ ଆର୍ଥିକ ଚାପ ଜରିଆରେ ଇରାନ ଉପରେ ଚାପ ପକାଉଥିଲେ ମଧ୍ୟ ଆବଶ୍ୟକ ପଡ଼ିଲେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଛଘୁଞ୍ଚା ଦେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ, ମଧ୍ୟପ୍ରାଚ୍ୟରେ ସଂଘର୍ଷ ତୀବ୍ରତର ହୋଇଥିବାବେଳେ ଆମେରିକା ଓ ଇରାନ ମଧ୍ୟରେ ପରସ୍ପର ବିରୋଧୀ ଚେତାବନୀ ଜାରି ରହିଛି।

# ମୃତ୍ୟୁକୁ ମାତ୍ ଦେଲେ ୯୧ ବର୍ଷୀୟା ଗୁନା: ବନ୍ୟା ପାଣି ଉପରେ ମୁଣ୍ଡ ରଖି ବଞ୍ଚିଗଲେ



କାଠମାଣ୍ଡୁ, ୩।୯(ଏଜେନ୍ସି): ନେପାଳରେ ଭୟଙ୍କର ଆକସ୍ମିକ ବନ୍ୟା ଶହ ଶହ ଜୀବନ ନେଇଥିବା ବେଳେ ୯୧ ବର୍ଷୀୟା ଗୁନା ମାୟା ବୋହାରାଙ୍କ ଅଦମ୍ୟ ବଞ୍ଚିବାର ଇଚ୍ଛା ଏବେ ସମଗ୍ର ଦେଶ ପାଇଁ ଆଶାର ପ୍ରତୀକ ପାଲଟିଛି। କାଦୁଅ ଓ ପଙ୍କରେ ପୋତି ହୋଇଯାଇଥିବା ଏକ ବୃଦ୍ଧାଶ୍ରମରୁ ତାଙ୍କୁ ଜୀବିତ ଉଦ୍ଧାର କରାଯାଇଥିଲା। ନୁୱାକୋଟ ଜିଲ୍ଲାର ଦେବୀଘାଟ ଅଞ୍ଚଳରେ ଥିବା ବରିଷ୍ଠ ନାଗରିକ କଲ୍ୟାଣ ପ୍ରତିଷ୍ଠାନରେ ଗୁନା ମାୟା ରହୁଥିଲେ। ଆକସ୍ମିକ ବନ୍ୟାରେ ସେଠାରେ ଥିବା ତାଙ୍କର ୭ ଜଣ ସହବାସୀଙ୍କ ମୃତ୍ୟୁ ଘଟିଥିଲା। ତେବେ ଗୁନା ମାୟାଙ୍କ ସମେତ କିଛି ବୃଦ୍ଧଙ୍କୁ ଉଦ୍ଧାରକାରୀ ଦଳ ଜୀବିତ ଉଦ୍ଧାର କରିଥିଲା। ବନ୍ୟା ସମୟରେ ଗୁନା ମାୟା ତଳ ମହଲାର ଏକ କୋଠରୀରେ ଥିଲେ। ହଠାତ୍ ପାଣି କୋଠରୀ ଭିତରକୁ ପଶିବାରୁ ସେ ଝରକା ଖୋଲି ନିଜ ମୁଣ୍ଡକୁ ପାଣି ଉପରେ ରଖିଥିଲେ। ପ୍ରାୟ ୨ରୁ ୩ ଘଣ୍ଟା ପରେ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ସେତେବେଳେ ତାଙ୍କ ଶରୀରର ଅଧିକାଂଶ ଅଂଶ କାଦ ଓ ପଙ୍କ ମଧ୍ୟରେ ପୋତି ହୋଇଥିଲା, କେବଳ ମୁଣ୍ଡଟି ପାଣି ଉପରେ ଦେଖାଯାଉଥିଲା। ଗୁନା ମାୟାଙ୍କ ଗୋଡ଼ରେ ପୂର୍ବରୁ ଶାରୀରିକ ଅସୁବିଧା ଥିଲା। ବନ୍ୟା ପାଣିର ପ୍ରବଳ ସ୍ରୋତରେ ତାଙ୍କ ହାତରେ ମଧ୍ୟ ଆଘାତ ଲାଗିଛି। ତଥାପି ବଞ୍ଚିବାର ଦୃଢ଼ ଇଚ୍ଛା ତାଙ୍କୁ ମୃତ୍ୟୁମୁଖରୁ ଫେରାଇ ଆଣିଥିଲା। ଉଦ୍ଧାର ପରେ ବୃଦ୍ଧମାନଙ୍କୁ ପ୍ରଥମେ ସ୍ଥାନୀୟ ଆୟୁର୍ବେଦିକ ଚିକିତ୍ସାଳୟରେ ଚିକିତ୍ସା କରାଯାଇଥିଲା। ପରେ ସେମାନଙ୍କୁ କାଠମାଣ୍ଡୁର ଏକ ଅସ୍ଥାୟୀ ଆଶ୍ରୟସ୍ଥଳକୁ ନିଆଯାଇଛି। ସେଠାରେ ଖାଦ୍ୟ, ପୋଷାକ, ଚିକିତ୍ସା, ନର୍ସିଂ ସେବା ଓ ଆବଶ୍ୟକ ପରୀକ୍ଷାର ବ୍ୟବସ୍ଥା କରାଯାଇଛି। ଉଦ୍ଧାର ହୋଇଥିବା ସମସ୍ତ ବୃଦ୍ଧଙ୍କ ସ୍ୱାସ୍ଥ୍ୟ ସ୍ଥିର ଥିବା ଜଣାପଡ଼ିଛି। ଏହି ଭୟାବହ ବନ୍ୟାରେ ନେପାଳରେ ମୃତ୍ୟୁସଂଖ୍ୟା ୧, ୨୫୨ରେ ପହଞ୍ଚିଥିବା ବେଳେ ପ୍ରାୟ ୪, ୨୧୬ ଜଣ ଏବେ ବି ନିଖୋଜ ଅଛନ୍ତି। ତିବ୍ବତରେ ମଧ୍ୟ ୫୪୧ ଜଣ ନିଖୋଜ ଥିବା ଚୀନ୍‌ର ସରକାରୀ ଗଣମାଧ୍ୟମ ଜଣାଇଛି। ଏପଟେ ଜଳବିଦ୍ୟୁତ ପ୍ରକଳ୍ପର ସୁଡ଼ଙ୍ଗରେ ଫସିଥିବା ଲୋକଙ୍କ ସନ୍ଧାନରେ ନେପାଳ ସେନା ଓ ଉଦ୍ଧାରକାରୀ ଦଳର ଅଭିଯାନ ଜାରି ରହିଛି।

# ଝିଅ ପାଇଁ ମନ୍ତ୍ରିପଦ ଗଲା



**ଯୋଜନା ବୋର୍ଡ ଅଧ୍ୟକ୍ଷ ବି ବହିଷ୍କୃତ**

ହାଇଦ୍ରାବାଦ, ୩।୯(ଏଜେନ୍ସି): ତେଲଙ୍ଗାନାରେ କ୍ଷମତାସୀନ କଂଗ୍ରେସରେ ଆଭ୍ୟନ୍ତରୀଣ କନ୍ଦଳ ତୀବ୍ର ହେବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଏବଂ ତାଙ୍କ ପରିବାର ବିରୋଧରେ ଜଣେ କ୍ୟାବିନେଟ ମନ୍ତ୍ରୀଙ୍କ ଝିଅ ବିଷୋଦଗାର କରିବାରୁ ଉକ୍ତ ମନ୍ତ୍ରୀଙ୍କୁ ବିଦା ହେବାକୁ ପଡ଼ିଛି। ଏହି ମନ୍ତ୍ରୀ ଜଣକ ହେଲେ ବରିଷ୍ଠ କଂଗ୍ରେସ ନେତ୍ରୀ ତଥା ଜଙ୍ଗଲ ମନ୍ତ୍ରୀ କୋଣ୍ଡା ସୁରେଖା। ମନ୍ତ୍ରୀ ପରିଷଦରୁ ବହିଷ୍କାର କରିବା ଲାଗି ମୁଖ୍ୟମନ୍ତ୍ରୀ ଆଜି ରାଜ୍ୟପାଳ ଶିବ ପ୍ରତାପ ଶୁକ୍ଳାଙ୍କୁ ସୁପାରିସ କରିଛନ୍ତି।

ସୂଚନାଯୋଗ୍ୟ ଯେ ସୁରେଖାଙ୍କ ଝିଅ କୋଣ୍ଡା ସୁସ୍ମିତା ପଟେଲ୍ ପାର୍କାଲ ବିଧାନସଭା ଆସନକୁ ନେଇ ରେଭନ୍ତ ରେଡ୍ଡୀଙ୍କୁ ତୀବ୍ର ସମାଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ବର୍ତ୍ତମାନର କଂଗ୍ରେସ ବିଧାୟକ ରେଭୁରୀ ପ୍ରକାଶ ରେଡ୍ଡୀଙ୍କୁ ପୁଣିଥରେ ସମର୍ଥନ କରିବାକୁ ଆହ୍ୱାନ ଦେବା ପରେ ସୁସ୍ମିତା ଏହାକୁ ନେଇ ପ୍ରଶ୍ନ ଉଠାଇଥିଲେ। ସେ ରେଭନ୍ତ ରେଡ୍ଡୀ ଓ ତାଙ୍କ ଭାଇମାନଙ୍କ ବିରୋଧରେ ମଧ୍ୟ ଗୁରୁତର ଅଭିଯୋଗ କରିଥିଲେ। ଏହାସହିତ ସେ ଚାଲେଞ୍ଜ କରିଥିଲେ ଯେ ଏହି ନିର୍ବାଚନମଣ୍ଡଳୀରୁ ସେ ନିର୍ବାଚନ ଲଢ଼ିବେ ଏବଂ ଏହାକୁ କେହି ଅଟକାଇପାରିବେ ନାହିଁ। ଏହାପରେ ତେଲଙ୍ଗାନା କଂଗ୍ରେସରେ ଅସନ୍ତୋଷ ବଢ଼ିଥିଲା। ଦଳର ଶୃଙ୍ଖଳା କମିଟି ସୁରେଖାଙ୍କୁ ଝିଅଙ୍କ ମନ୍ତବ୍ୟ ସମ୍ପର୍କରେ ଜବାବ ମାଗିଥିଲା। ତେବେ ସୁରେଖା କହିଥିଲେ ଯେ ତାଙ୍କ ଝିଅ ଜଣେ ସ୍ୱାଧୀନ ବ୍ୟକ୍ତି ଏବଂ ତାଙ୍କ ମତାମତ ପାଇଁ ତାଙ୍କୁ ଦାୟୀ କରିବା ଅନୁଚିତ। ସେ କଂଗ୍ରେସ ଛାଡ଼ିବେ ନାହିଁ ବୋଲି ମଧ୍ୟ ସ୍ପଷ୍ଟ କରିଛନ୍ତି। ରେଭନ୍ତ ରେଡ୍ଡୀ ତାଙ୍କୁ ବଳପୂର୍ବକ ମନ୍ତ୍ରୀ ପଦରୁ ହଟାଉଛନ୍ତି ବୋଲି ସୁରେଖା ଅଭିଯୋଗ କରିଛନ୍ତି। ଏହାପୂର୍ବରୁ ସେ ଦିଲ୍ଲୀରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ମଧ୍ୟ ଭେଟି ସଫେଇ ଦେଇଥିଲେ। ସେ କହିଥିଲେ ଲେଝିଅର ମନ୍ତବ୍ୟ ପାଇଁ ତାଙ୍କୁ ଦାୟୀ କରାଯିବା ଠିକ୍ ନୁହେଁ। ଏହି ବିବାଦ ମଧ୍ୟରେ ତେଲଙ୍ଗାନାର କେତେକ ପ୍ରମୁଖ ବୋର୍ଡ ଓ କମିଶନରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ଯୋଜନା ବୋର୍ଡର ଉପାଧ୍ୟକ୍ଷ ପଦରୁ ଚିନ୍ନା ରେଡୀଙ୍କୁ ହଟାଇ ଦିଆଯାଇଛି। ଦଳବିରୋଧୀ କାର୍ଯ୍ୟ ପାଇଁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦଳର ଶୃଙ୍ଖଳା କମିଟି ସୁପାରିସ କରିଥିଲା। ଏହାପରେ ତାଙ୍କୁ ପଦବୀରୁ ହଟାଇ ଦିଆଯାଇଛି। ତାଙ୍କ ସ୍ଥାନରେ ଗଡ଼୍‌ୱାଲ ବିଜୟଲକ୍ଷ୍ମୀଙ୍କୁ ନୂଆ ଉପାଧ୍ୟକ୍ଷା ଭାବେ ନିଯୁକ୍ତ କରାଯାଇଛି। ସେହିଭଳି ମହିଳା କମିସନର ଅଧ୍ୟକ୍ଷ ଭାବେ ନେରେଲ୍ଲା ଶାରଦା ଏବଂ କାକତୀୟ ସହର ଉନ୍ନୟନ କର୍ତ୍ତୃପକ୍ଷର ଅଧ୍ୟକ୍ଷ ଭାବେ ସୁଧା ରାଣୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଘଟଣା ରାଜ୍ୟ ରାଜନୀତିରେ ବଡ଼ଧରଣର ହଳଚଳ୍ ସୃଷ୍ଟି କରିଛି।

# ଟିଏମ୍‌ସି ଅଫିସରେ ଆକ୍ରମଣ



- ବିଜେପିକୁ ଦାୟୀ କଲେ ମମତା
- ଦିଲ୍ଲୀରେ ଧାରଣା ପାଇଁ ଧମକ

କୋଲକାତା, ୩।୯(ଏଜେନ୍ସି): ରାଜ୍ୟ ବିଧାନସଭା ନିର୍ବାଚନରେ ପରାଜୟ ପରେ ବିଭିନ୍ନ ସ୍ଥାନରେ ଆକ୍ରମଣର ଶିକାର ହେଉଛନ୍ତି ମମତାଙ୍କ ଟିଏମସି କର୍ମୀ ଓ ନେତା। ଏହାକୁ ନେଇ ରାଜନୈତିକ ବାତାବରଣ ସରଗରମ ରହିଥିବା ବେଳେ ଆଜି ଭୋର ୪ଟା ସମୟରେ କୋଲକାତାର କ୍ୟାମାକ୍ ଷ୍ଟ୍ରିଟ୍‌ରେ ଥିବା ତୃଣମୂଳ କଂଗ୍ରେସର କାର୍ଯ୍ୟାଳୟରେ ଆକ୍ରମଣ ହୋଇଛି। କେତେକ ଦୁର୍ବୃତ୍ତ ଟିଏମସିରେ ପଶି ବ୍ୟାପକ ଭଙ୍ଗାରୁଜା କରିବା ସହିତ ଲୁଟପାଟ୍ କରିଛନ୍ତି। ଟିଏମ୍‌ସି ସାଂସଦ ଅଭିଷେକ ବାନାର୍ଜୀ ଏହି ଘଟଣା ପାଇଁ ବିଜେପି କର୍ମୀଙ୍କୁ ଦାୟୀ କରିଛନ୍ତି। ଘଟଣାରେ ପୁଲିସ ୬ ଜଣଙ୍କୁ ଗିରଫ କରିଛି। ଅଭିଷେକଙ୍କ ଅଭିଯୋଗ ଅନୁସାରେ, ଅସ୍ତ୍ରଶସ୍ତ୍ର ସହ କିଛି ଲୋକ କାର୍ଯ୍ୟାଳୟରେ ପ୍ରବେଶ କରି କର୍ମଚାରୀଙ୍କୁ ମାଡ଼ ମାରିବା ସହ ମୋବାଇଲ ଛଡ଼ାଇ ନେଇଥିଲେ। ଏହାସହ ଆସବାବପତ୍ର ଓ ବୈଦ୍ୟୁତିକ ଉପକରଣ ଭଙ୍ଗାରୁଜା କରାଯାଇଥିବା ସେ କହିଛନ୍ତି। ଅଭିଷେକ ଅଭିଯୋଗ କରିଛନ୍ତି ଯେ ଟିଏମ୍‌ସି କର୍ମୀ ଓ ଆଇନଜୀବୀମାନେ ପୁଲିସକୁ ସୂଚନା ଦେଇଥିଲେ ମଧ୍ୟ ପ୍ରାୟ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଉଚିତ ପଦକ୍ଷେପ ନିଆଯାଇନଥିଲା। ସେ ଘଟଣା ପଛରେ କିଏ ଥିଲା ଏବଂ କାହା ନିର୍ଦ୍ଦେଶରେ ଏହା ଘଟିଲା, ତାହାର ତଦନ୍ତ ଦାବି କରିଛନ୍ତି। କିନ୍ତୁ ବିଜେପି ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏହି ଆକ୍ରମଣରେ ବିଜେପିର ହାତ ନାହିଁ ବୋଲି ଦଳୀୟ ନେତା କହିଛନ୍ତି।

ଅନ୍ୟପକ୍ଷରେ ମମତା ବାନାର୍ଜୀ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ବିଭିନ୍ନ ସ୍ଥାନରେ ଟିଏମସି ନେତା, କର୍ମୀ ଓ କାର୍ଯ୍ୟାଳୟ ଉପରେ ଆକ୍ରମଣ କରାଯାଉଛି ବୋଲି ସେ କହିଛନ୍ତି। ପୁଲିସ ଏହି ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। କୋଲକାତା ଅଫିସରେ ଆକ୍ରମଣ ହେଉଛି ଏହାର ଏକ ଉଦାହରଣ। ଏଭଳି ଆକ୍ରମଣ ତୁରନ୍ତ ବନ୍ଦ ନହେଲେ ଦିଲ୍ଲୀରେ ବିଜେପି ଅଫିସ ସାମନାରେ ସେ ଧାରଣା ଦେବାକୁ ବାଧ୍ୟ ହେବେ ବୋଲି ମମତା ବାନାର୍ଜୀ ଚେତାବନୀ ଶୁଣାଇଛନ୍ତି।

# ୨୦ ବିଦ୍ରୋହୀ ସାଂସଦଙ୍କୁ ସମୟ ଦେଲେ ବାଚସ୍ପତି

ନୂଆଦିଲ୍ଲୀ, ୩।୯(ଏଜେନ୍ସି): ପଶ୍ଚିମ ବଙ୍ଗ ବିଧାନସଭା ନିର୍ବାଚନରେ ମମତା ବାନାର୍ଜୀଙ୍କ ଟିଏମସିର ପରାଜୟ ପରେ ତାଙ୍କ ବିରୋଧରେ ବିଦ୍ରୋହ କରିଥିବା ଦଳର ୨୦ ଜଣ ଲୋକସଭା ସାଂସଦଙ୍କୁ ନୋଟିସର ଉତ୍ତର ଦେବାଲାଗି ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ସମୟ ଦେଇଛନ୍ତି ବାଚସ୍ପତି ଓମ୍ ବିର୍ଲା। ଦଳ ବଦଳ ନିରୋଧ ଆଇନ ଅନୁସାରେ ସେମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ଲାଗି ଟିଏମସି ମହାସଚିବ ଅଭିଶେକ ବାନାର୍ଜୀ ବାଚସ୍ପତିଙ୍କ ନିକଟରେ ପିଟିସନ ଦାଖଲ କରିଥିଲେ। କିନ୍ତୁ ବାଚସ୍ପତି ବିର୍ଲା ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ଏହାର ଶୁଣାଣି କରି ଗତମାସ ୨୫ ତାରିଖରେ ଏହି ୨୦ ବିଦ୍ରୋହୀ ସାଂସଦଙ୍କୁ ନୋଟିସ ଜାରି କରିବା ସହିତ ଅଭିଷେକଙ୍କ ପିଟିସନ ଉପରେ ତୁରନ୍ତ ବିଚାର କରିବାକୁ ବାଚସ୍ପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାଚସ୍ପତି ଓମ୍ ବିର୍ଲା ୨୬ ତାରିଖରେ ଏହି ସାଂସଦମାନଙ୍କୁ ନୋଟିସେ ଦେବାସହିତ ୭ ଦିନ ମଧ୍ୟରେ ଏହାର ଉତ୍ତର ଦେବାକୁ କହିଥିଲେ। ତେବେ ବିଦ୍ରୋହୀମାନେ ଉତ୍ତର ଦାଖଲ ପାଇଁ ଅଧିକ ସମୟ ମାଗିବାରୁ ବାଚସ୍ପତି ସେମାନଙ୍କୁ ୨୨ ତାରିଖ ପର୍ଯ୍ୟନ୍ତ ସମୟ ଦେଇଛନ୍ତି।




# ସତ୍ୟେନ୍ଦ୍ର ଜୈନଙ୍କୁ ଜାମିନ



ନୂଆଦିଲ୍ଲୀ, ୩।୯(ଏଜେନ୍ସି): ଦିଲ୍ଲୀ ଜଳ ବୋର୍ଡର ସିୱେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଏସଟିପି) ଟେଣ୍ଡର ପ୍ରକ୍ରିୟାରେ କଥିତ ଅନିୟମିତତା ସମ୍ପର୍କିତ ଏସିବି ମାମଲାରେ ଆମ୍ ଆଦମୀ ପାର୍ଟି (ଆପ୍) ନେତା ତଥା ପୂର୍ବତନ ଦିଲ୍ଲୀ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ଗୁରୁବାର ଜାମିନ ମିଳିଛି। ରାଉଜ୍ ଆଭେନ୍ୟୁ କୋର୍ଟର ସ୍ୱତନ୍ତ୍ର ବିଚାରପତି ଦିଗ୍ ବିନୟ ସିଂହ ଜୈନଙ୍କୁ ଜାମିନ ଦେଇଥିବାବେଳେ ମାମଲାର ଅନ୍ୟ ଅଭିଯୁକ୍ତମାନଙ୍କ ନ୍ୟାୟିକ ହେପାଜତକୁ ସେପ୍ଟେମ୍ବର ୧୭ ପର୍ଯ୍ୟନ୍ତ ବଢ଼ାଇଛନ୍ତି। ଜୈନଙ୍କ ପକ୍ଷରୁ କୁହାଯାଇଥିଲା ଯେ, ୨୦୨୨ ଅକ୍ଟୋବରରେ ଟେଣ୍ଡର ଜାରି ହୋଇଥିବା ସମୟରେ ସେ ଅନ୍ୟ ଏକ ମାମଲାରେ ପୂର୍ବରୁ ହେପାଜତରେ ଥିଲେ। ତେଣୁ ଟେଣ୍ଡର ପ୍ରକ୍ରିୟା ସହ ତାଙ୍କ ସମ୍ପୃକ୍ତିର କୌଣସି ପ୍ରମାଣ ନାହିଁ ବୋଲି ତାଙ୍କ ଓକିଲ ଯୁକ୍ତି ଦର୍ଶାଇଥିଲେ। ଅନ୍ୟପକ୍ଷରେ, ଏସିବିର ଅଭିଯୋଗ ଅନୁଯାୟୀ ରୋହିଣୀ ଏସ୍‌ଟିପିର କ୍ଷମତା ୧୫ ଏମ୍‌ଜିଡିରୁ ୩୦ ଏମ୍‌ଜିଡିକୁ ବଢ଼ାଯାଇଥିଲା। ଏହା ଫଳରେ ପ୍ରାୟ ୧୨୩ କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ହୋଇଥିବା ଏଜେନ୍ସି ଅଭିଯୋଗ କରିଛି।

# ପାଇଲଟ୍ ଅସୁସ୍ଥ, ଓହ୍ଲାଇଲା ବିମାନ

ନୂଆଦିଲ୍ଲୀ, ୩।୯(ଏଜେନ୍ସି): ଦୋହାରୁ ବେଙ୍ଗାଲୁରୁ ଯାଉଥିବା ଇଣ୍ଡିଗୋର ଏକ ବିମାନର ପାଇଲଟ୍ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ଏହାକୁ ମସ୍କଟକୁ ଅବତରଣ କରାଯାଇଛି। ସ୍ୱାସ୍ଥ୍ୟଗତ ଜରୁରୀକାଳୀନ ପରିସ୍ଥିତିକୁ ଦୃଷ୍ଟିରେ ରଖି ବିମାନଟି ମସ୍କଟ ବିମାନବନ୍ଦରରେ ସୁରକ୍ଷିତ ଭାବେ ଅବତରଣ କରିଥିଲା। ଅବତରଣ ପରେ ଏକ ଚିକିତ୍ସା ଦଳ ପାଇଲଟ୍‌ଙ୍କୁ ପରୀକ୍ଷା କରି ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ବର୍ତ୍ତମାନ ପାଇଲଟ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ଏୟାରଲାଇନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଯାତ୍ରୀମାନଙ୍କୁ ଆଗକୁ ନେବା ପାଇଁ ଏକ ବିକଳ୍ପ ବିମାନ ଏବଂ ନୂତନ କ୍ରୁ' ବ୍ୟବସ୍ଥା କରାଯାଇଛି। ମସ୍କଟରେ ଅପେକ୍ଷା କରିଥିବା ଯାତ୍ରୀମାନଙ୍କୁ ଖାଦ୍ୟ ଓ ପାନୀୟ ଯାଇଥିବା ବେଳେ ଏଭଳି ଅସୁବିଧା ପାଇଁ କମ୍ପାନୀ କ୍ଷମା ପ୍ରାର୍ଥନା କରିଛି। ଦେଶରେ ଗତ କିଛିଦିନ ହେବ ବିମାନଗୁଡ଼ିକରେ ଯାନ୍ତ୍ରିକ ତ୍ରୁଟି ଏବଂ ଜରୁରୀକାଳୀନ ଅବତରଣ ଘଟଣା ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି।

# ଦୁଷ୍କର୍ମ ମାମଲା ସମାଧାନ ପାଇଁ ସିଣ୍ଡିକେଟ୍‌ରେ ମାନ୍: ବିଜେପି

ନୂଆଦିଲ୍ଲୀ, ୩।୯(ଏଜେନ୍ସି): ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ ଏବଂ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ରାଜ୍ୟରେ ଦୁଷ୍କର୍ମ ମାମଲାଗୁଡ଼ିକୁ ରଫାଦଫା କରିବା ପାଇଁ ୫ କୋଟି ପର୍ଯ୍ୟନ୍ତ ଲାଞ୍ଚ ନେଉଛନ୍ତି ଏବଂ ସେମାନେ 'ଲୁଟ୍ ମଡେଲ୍' ସିଣ୍ଡିକେଟ୍ ଚଳାଉଛନ୍ତି ବୋଲି ବିଜେପି ଅଭିଯୋଗ କରିଛି। ବିଜେପିର ମୁଖପାତ୍ର ପ୍ରଦୀପ ଭଣ୍ଡାରୀ ଏକ ସାମ୍ବାଦିକ ସମ୍ମିଳନୀରେ କିଛି ଅଡିଓ ରେକର୍ଡିଂ ପ୍ରକାଶ କରି ଦାବି କରିଛନ୍ତି ଯେ ମୁଖ୍ୟମନ୍ତ୍ରୀ ମାନ ଏବଂ ତାଙ୍କ ପତ୍ନୀ ଗୁରପ୍ରୀତ କୌର ମଧ୍ୟସ୍ଥିମାନଙ୍କ ଜରିଆରେ ଦୁଷ୍କର୍ମ ମାମଲାଗୁଡ଼ିକୁ ସମାଧାନ କରିବା ନାଁରେ କୋଟି କୋଟି ଟଙ୍କା ଆଦାୟ କରୁଛନ୍ତି। ଏହି ପ୍ରସଙ୍ଗରେ ଏନ୍‌ଏଚ୍‌ଆରସି ଗତ ଅଗଷ୍ଟ ୨୧ରେ ପଞ୍ଜାବ ମୁଖ୍ୟ ସଚିବ ଏବଂ ଡିଜିପିଙ୍କୁ ଏକ ପତ୍ର ଲେଖି ଅଭିଯୋଗର ତଦନ୍ତ କରି ଦୁଇ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।


# ୨ ପୁଲିସ କର୍ମଚାରୀଙ୍କୁ ହତ୍ୟା

ଗୌହାଟୀ, ୩।୯(ଏଜେନ୍ସି): ଆସାମର କାମରୂପ ଜିଲ୍ଲାରେ ଆସାମ-ମେଘାଳୟ ସୀମାନ୍ତରେ ଥିବା ଏକ ପୁଲିସ ଫାଣ୍ଡିରେ ଗୁରୁବାର ଭୋର ସମୟରେ ଜଣେ ସହକର୍ମୀ ପୁଲିସ କର୍ମଚାରୀଙ୍କ ଗୁଳିମାଡ଼ରେ ଦୁଇଜଣ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ବୋକୋ ଥାନା ଅଧୀନ ଗାମେରିମୁରା ପୁଲିସ ଫାଣ୍ଡିରେ ଭୋର ପ୍ରାୟ ୪ଟାରୁ ୫ଟା ମଧ୍ୟରେ ଏହି ଗୁଳିକାଣ୍ଡ ଘଟିଥିଲା। ଏକେ ପ୍ରକାରର ସର୍ଭିସ ରାଇଫଲରୁ ଗୁଳି ଚାଲିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମୃତକମାନେ ଫଜରୁଲ ଅଲୀ ଓ ଇନ୍ଦ୍ରଜିତ ବୋରା ବୋଲି ଚିହ୍ନଟ କରାଯାଇଛି।

# ନ୍ୟୁୟର୍କ ସ୍କୁଲରେ ଏଆଇ ଉପରେ କଟକଣା

ନ୍ୟୁୟକ, ୩।୯(ଏଜେନ୍ସି): ଶିକ୍ଷା କ୍ଷେତ୍ରରେ ଏଆଇ'ର ବ୍ୟବହାରକୁ ନେଇ ବଡ଼ ପଦକ୍ଷେପ ନେଇଛି ନ୍ୟୁୟର୍କ ପ୍ରଶାସନ। ସହରର ସରକାରୀ ପ୍ରାଥମିକ ଓ ମଧ୍ୟମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର ଉପରେ ଏକ ବର୍ଷ ପାଇଁ କଟକଣା ଲଗାଯାଇଛି। ନ୍ୟୁୟର୍କ ସହରର ମେୟର ଜୋହରାନ ମମଦାନୀ ବୁଧବାର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ବିଦ୍ୟାଳୟଗୁଡ଼ିକରେ ବର୍ତ୍ତମାନ ବ୍ୟବହୃତ ପ୍ରାୟ ୪୦ଟି ଶିକ୍ଷାମୂଳକ କୃତ୍ରିମ ବୁଦ୍ଧିମତ୍ତା ଉପକରଣର ବ୍ୟବହାର ବନ୍ଦ କରାଯିବ। ମମଦାନୀ କହିଛନ୍ତି, 'ପିଲାମାନଙ୍କୁ ଶିଖିବା ଓ ବଢ଼ିବା ପାଇଁ ଶିକ୍ଷକ ଏବଂ ମାନବୀୟ ସମ୍ପର୍କ ଦରକାର।' ସହପାଠୀଙ୍କ ସହ ମିଶି ଦକ୍ଷତା ବିକଶିତ କରିବା, ଶିକ୍ଷକଙ୍କ ସହ ସମ୍ପର୍କ ଗଢ଼ିବା ଏବଂ ଜଟିଳ ସମସ୍ୟାର ସମାଧାନ ନିଜେ ଚିନ୍ତା କରି କରିବା ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ସେ କହିଛନ୍ତି। ଆମେରିକାର ସବୁଠାରୁ ବଡ଼ ସ୍କୁଲ ବ୍ୟବସ୍ଥା ନ୍ୟୁୟର୍କର ଏହି ନିଷ୍ପତ୍ତିକୁ ଏଆଇ ବ୍ୟବହାର ଉପରେ ଦେଶର ଅନ୍ୟ ସହର ତୁଳନାରେ ସବୁଠାରୁ କଠୋର ପଦକ୍ଷେପ ଭାବେ ଦେଖାଯାଉଛି। ଲସ୍ ଆଞ୍ଜେଲସ୍ ସମେତ ଅନ୍ୟ କେତେକ ସ୍କୁଲ ଜିଲ୍ଲା ମଧ୍ୟ ଏଆଇ ବ୍ୟବହାର ନେଇ ନିଜସ୍ୱ ନୀତି ଉପରେ ସମୀକ୍ଷା କରୁଛନ୍ତି। ଏହି ନିଷ୍ପତ୍ତି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ପ୍ରାୟ ୬ ଲକ୍ଷ ସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ଉପରେ ଲାଗୁ ହେବ। ତେବେ ଉଚ୍ଚ ମାଧ୍ୟମିକ ସ୍ତରର ଛାତ୍ରଛାତ୍ରୀମାନେ କେତେକ ପରିସ୍ଥିତିରେ ଏଆଇ ବ୍ୟବହାର କରିପାରିବେ। ଶିକ୍ଷକମାନେ ପାଠ ଯୋଜନା ପ୍ରସ୍ତୁତି, ସମୟସୂଚୀ ଭଳି କାର୍ଯ୍ୟରେ ଏଆଇ ବ୍ୟବହାର କରିପାରିବେ। ଉଲ୍ଲେଖଯୋଗ୍ୟ, ୨୦୨୨ରେ ଚାଟ୍‌ଜିପିଟି ଲୋକପ୍ରିୟ ହେବା ପରେ ନ୍ୟୁୟର୍କର ସରକାରୀ ସ୍କୁଲଗୁଡ଼ିକ ଏହାର ବ୍ୟବହାର ଉପରେ ସାମୟିକ ନିଷେଧ ଲଗାଇଥିଲେ। ପରେ ଏହି କଟକଣା ହଟାଯାଇ ଶିକ୍ଷାଦାନରେ ସହାୟତା ପାଇଁ ଏଆଇ ଆଧାରିତ ବ୍ୟବସ୍ଥା ବ୍ୟବହାର କରାଯାଇଥିଲା।

# ବାୟୁସେନା ଛାଡ଼ି ଘରୋଇ ବିମାନ କମ୍ପାନୀରେ ଯୋଗଦେଲେ ଅଭିନନ୍ଦନ



ନୂଆଦିଲ୍ଲୀ, ୩।୯(ଏଜେନ୍ସି): ୨୦୧୯ର ବାଲାକୋଟ୍ ପରବର୍ତ୍ତୀ ଯୁଦ୍ଧରେ ପାକିସ୍ତାନୀ ଏଫ୍-୧୬ ଯୁଦ୍ଧବିମାନକୁ ଖସାଇ ଚର୍ଚ୍ଚାକୁ ଆସିଥିବା ଭାରତୀୟ ବାୟୁସେନାର ପୂର୍ବତନ ଗ୍ରୁପ୍ କ୍ୟାପ୍‌ଟେନ୍ ତଥା ବୀର ଚକ୍ର ପୁରସ୍କାରପ୍ରାପ୍ତ ଅଭିନନ୍ଦନ ବର୍ତ୍ତମାନ ଏବେ ନୂଆ ଇନିଂସ ଆରମ୍ଭ କରି ଏକ ଘରୋଇ ବିମାନ ସେବାରେ ଯୋଗ ଦେଇଛନ୍ତି। ସୂଚନା ଅନୁସାରେ, ଗୋଆ ଭିତ୍ତିକ ଆଞ୍ଚଳିକ ବିମାନ କମ୍ପାନୀ ଫ୍ଲାଇ୯୧ରେ ସେ ପାଇଲଟ୍ ଭାବେ ଯୋଗ ଦେଇଛନ୍ତି। ୪୩ ବର୍ଷୀୟ ଅଭିନନ୍ଦନ ଚଳିତ ବର୍ଷ ମାର୍ଚ୍ଚରେ ଭାରତୀୟ ବାୟୁସେନାରୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଅବସର ନେଇଥିଲେ। ଅବସର ପରେ ଅଗଷ୍ଟ ମାସରେ ସେ ଫ୍ଲାଇ୯୧ରେ ଯୋଗ ଦେଇଥିବା ସୂଚନା ମିଳିଛି। ତେବେ କମ୍ପାନୀରେ ତାଙ୍କ ନିର୍ଦ୍ଦିଷ୍ଟ ଦାୟିତ୍ୱ କିମ୍ବା କେଉଁ ବିମାନ ଚଳାଇବେ, ସେନେଇ ତତ୍କାଳ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ୨୦୧୯ ଫେବ୍ରୁଆରୀ ୨୬ରେ ବାଲାକୋଟ୍‌ରେ ଜୈଶ-ଏ-ମହମ୍ମଦର ଶିବିର ଉପରେ ଭାରତୀୟ ବାୟୁସେନାର ଆକ୍ରମଣ ପରେ ଫେବ୍ରୁଆରୀ ୨୭ରେ ଭାରତ ଓ ପାକିସ୍ତାନର ଯୁଦ୍ଧବିମାନ ମଧ୍ୟରେ ଆକାଶଯୁଦ୍ଧ ହୋଇଥିଲା। ସେତେବେଳେ ୱିଙ୍ଗ୍ କମାଣ୍ଡର୍ ଥିବା ଅଭିନନ୍ଦନ ମିଗ୍-୨୧ ବାଇସନ୍ ବିମାନରେ ପାକିସ୍ତାନୀ ଏଫ୍-୧୬ ସହ ମୁକାବିଲା କରିଥିଲେ। ଭାରତୀୟ ବାୟୁସେନାର ଦାବି ଅନୁଯାୟୀ, ସେ ଏଫ୍-୧୬କୁ ଖସାଇବା ପରେ ତାଙ୍କ ମିଗ୍-୨୧ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# ତିବ୍ବତୀୟ ମାଳଭୂମିରେ ଅସ୍ଥିର ହେଉଛି ହିମବାହ

**ପୁଣି ବିପର୍ଯ୍ୟୟ ସୃଷ୍ଟି କରିପାରେ**

ନୂଆଦିଲ୍ଲୀ, ୩।୯(ଏଜେନ୍ସି): ତିବ୍ବତୀୟ ମାଳଭୂମୀରେ ହିମବାହଗୁଡ଼ିକ ଆଗାମୀ ବର୍ଷଗୁଡ଼ିକରେ ଆହୁରି ଅସ୍ଥିର ହୋଇପାରେ। ଫଳରେ ହିମବାହ ଧସିବା, ଭୂସ୍ଖଳନ ଓ ହଠାତ୍ ବନ୍ୟା ଭଳି ବିପର୍ଯ୍ୟୟର ଆଶଙ୍କା ବଢ଼ିପାରେ ବୋଲି ଚୀନ୍‌ର ଜଣେ ବରିଷ୍ଠ ଜଳବାୟୁ ଅଧିକାରୀ ଚେତାବନୀ ଦେଇଛନ୍ତି। ଅଗଷ୍ଟ ୨୬ରେ ନେପାଳ-ତିବ୍ବତ ସୀମା ନିକଟରେ ଘଟିଥିବା ବରଫ ଓ ପଥର ଧସିବା ଘଟଣା ପରେ ଏହି ଚେତାବନୀ ଆସିଛି। ଏହି ଘଟଣାରୁ ସୃଷ୍ଟି ହୋଇଥିବା ହଠାତ୍ ବନ୍ୟା ନେପାଳର ଉତ୍ତର ଓ ମଧ୍ୟ ଅଞ୍ଚଳର ଅନେକ ସହର ଓ ଗାଁକୁ ପ୍ରଭାବିତ କରିଥିଲା।

ଚୀନ୍‌ର ଜାତୀୟ ଜଳବାୟୁ କେନ୍ଦ୍ରର ଉପନିର୍ଦ୍ଦେଶକ ଗାଓ ରୋଙ୍ଗ କହିଛନ୍ତି ଯେ ଗତ ୬୦ ବର୍ଷରେ ତିବ୍ବତୀୟ ପ୍ଲାଟୋର ହିମବାହ ଅଞ୍ଚଳ ପ୍ରାୟ ୨୪ ପ୍ରତିଶତ କମିଛି। ଏହି ସମୟରେ ପ୍ରାୟ ୭ହଜାର ଛୋଟ ହିମବାହ ସମ୍ପୂର୍ଣ୍ଣ ଭାବେ ଅଦୃଶ୍ୟ ହୋଇଯାଇଛି। ଆଗାମୀ ଦିନରେ ହିମବାହର ସ୍ଥିରତା ଆହୁରି ହ୍ରାସ ପାଇବା ସହ ବରଫଜନିତ ବିପର୍ଯ୍ୟୟ ବାରମ୍ବାର ଘଟିପାରେ ବୋଲି ସେ କହିଛନ୍ତି। ତିବ୍ବତର ଗ୍ୟିରୋଙ୍ଗ ବନ୍ଦର ଅଞ୍ଚଳରେ ଘଟିଥିବା ଏହି ବିପର୍ଯ୍ୟୟରେ ଚୀନ୍ ପକ୍ଷରୁ ୨୧ ଜଣଙ୍କ ମୃତ୍ୟୁ ଓ ୫୪୧ ଜଣ ନିଖୋଜ ଥିବା କୁହାଯାଇଛି। ନିଖୋଜଙ୍କ ମଧ୍ୟରେ ୨୬୧ ଜଣ ବିଦେଶୀ ନାଗରିକ ଥିବା ବେଳେ ସେମାନଙ୍କ ମଧ୍ୟରେ ୪୯ ଜଣ ଭାରତୀୟ ଥିବା ଜଣାପଡ଼ିଛି। ନେପାଳରେ ବନ୍ୟା ଓ ଭୂସ୍ଖଳନରେ ମୃତ୍ୟୁସଂଖ୍ୟା ୧,୨୫୨ରେ ପହଞ୍ଚିଥିବା ରିପୋର୍ଟରେ କୁହାଯାଇଛି। ଚୀନ୍‌ର ବୈଜ୍ଞାନିକ ଗବେଷଣା ଅନୁଯାୟୀ, ହିମବାହ ଧସିବା ପରେ ସୃଷ୍ଟି ହୋଇଥିବା କାଦୁଅ ଓ ପଥରର ପ୍ରବାହ ପ୍ରାୟ ୨୨ କିଲୋମିଟର ଉପତ୍ୟକା ଦେଇ ମାତ୍ର ୭ ମିନିଟ୍‌ରେ ଗ୍ୟାରୋଙ୍ଗ ବନ୍ଦରରେ ପହଞ୍ଚିଥିଲା। ତଳକୁ ଗତି କରିବା ସମୟରେ ଏହା ନଦୀଶଯ୍ୟା ଓ କୂଳରୁ ଅଧିକ ପଥର, ମାଟି ଓ ଅବଶିଷ୍ଟ ସାମଗ୍ରୀକୁ ନିଜ ସହ ମିଶାଇ ନେଇଥିଲା। ଫଳରେ ଆରମ୍ଭର ଧସିବା ତୁଳନାରେ ବିପର୍ଯ୍ୟୟର ପରିମାଣ ବହୁଗୁଣ ବଢ଼ିଯାଇଥିଲା। ବୈଜ୍ଞାନିକମାନେ କହିଛନ୍ତି, ଭବିଷ୍ୟତରେ ଏଭଳି ବିପଦ ଆକଳନ କରିବା ସମୟରେ କେବଳ ପାହାଡ଼ରୁ କେତେ ପରିମାଣର ବରଫ କିମ୍ବା ପଥର ଧସିଲା ତାହା ଦେଖିଲେ ହେବ ନାହିଁ। ତଳକୁ ଯିବା ସମୟରେ ଆଉ କେତେ ପରିମାଣର ମାଟି ଓ ଅବଶିଷ୍ଟ ଏଥିରେ ମିଶିପାରେ ଏବଂ ତଳ ଅଞ୍ଚଳର ଜନବସତି ଓ ଭିତ୍ତିଭୂମି କେତେ ପ୍ରଭାବିତ ହୋଇପାରେ, ତାହାକୁ ମଧ୍ୟ ବିଚାର କରିବା ଆବଶ୍ୟକ। ଗବେଷକମାନେ ଆହୁରି କହିଛନ୍ତି ଯେ ଉପଗ୍ରହ ତଥ୍ୟ, ଭୂମିସ୍ତରୀୟ ନିରୀକ୍ଷଣ ଓ ଆଧୁନିକ ପୂର୍ବାନୁମାନ ପ୍ରଣାଳୀକୁ ଏକାଠି କରିବା ଆବଶ୍ୟକ।



# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅବରୁଦ୍ଧ

## ସୁରକ୍ଷା କରିଡରରେ ବେଆଇନ ନିର୍ମାଣ

ପୁରୀ,୩।୯(ସମିସ): ଶ୍ରୀମନ୍ଦିରର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ସାଙ୍ଗକୁ ଭକ୍ତଙ୍କୁ ଅତ୍ୟାବଶ୍ୟକ ସେବା ସୁବିଧା ପ୍ରଦାନ ଲକ୍ଷ୍ୟରେ ପୂର୍ବର ବିଜେଡି ସରକାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପରିକଳ୍ପନା କରିଥିଲେ। ବହୁ ବାଧାବିଘ୍ନ ସତ୍ତ୍ୱେ କୋଟି କୋଟି ଟଙ୍କା ବ୍ୟୟ କରାଯାଇ ଜମି ଅଧିଗ୍ରହଣ ହୋଇଥିଲା। ମେଘନାଦ ପାଚେରିଠାରୁ ୭୫ ମିଟର ପରିଧି ମଧ୍ୟରେ ଥିବା ସମସ୍ତ ଘରୋଇ ଏବଂ ବ୍ୟାବସାୟିକ ପ୍ରତିଷ୍ଠାନଗୁଡ଼ିକୁ ଉଚ୍ଛେଦ କରାଯାଇ ଛିଡ଼ା ହୋଇଛି ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପ। ଫଳସ୍ୱରୂପ

### ପ୍ରଶାସନର ନିରବତାକୁ ନେଇ ପ୍ରଶ୍ନ

ପୂର୍ବପରି ମନ୍ଦିର ଚତୁଃପାର୍ଶ୍ୱରେ ପରିକ୍ରମା କରିବା ପାଇଁ ଆଉ ଅସୁବିଧା ହେଉନି। ଖୋଲା ଜାଗାରେ ବସି ମହାପ୍ରଭୁଙ୍କୁ ନିଜ ମନ କଥା ଜଣାଉଛନ୍ତି ଭକ୍ତ। ବଡ଼ଦେଉଳ ଚତୁଃପାର୍ଶ୍ୱର ଯେ କୌଣସି ଜାଗାରେ ଠିଆ ହୋଇ ଅବା ବସି ନୀଳଚକ୍ରରେ ବାନା ପରିବର୍ତ୍ତନର ଅପୂର୍ବ ଦୃଶ୍ୟ ଉପଭୋଗ କରୁଛନ୍ତି। ଏଥିସହ ରଥଯାତ୍ରା, ସୁନାବେଶ ଭଳି ବଡ଼ ବଡ଼ ପର୍ବପର୍ବାଣି ସମୟରେ ଭକ୍ତଙ୍କ ଭିଡ଼ ନିୟନ୍ତ୍ରଣ ଓ ଯାତାୟାତ ପରିଚାଳନାରେ ମଧ୍ୟ ପରିକ୍ରମା ମାର୍ଗର ଗୁରୁତ୍ୱ ବଢ଼ିଛି। ତେବେ ସରକାର ପରିବର୍ତ୍ତନ ପରେ ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ଧୀରେ ଧୀରେ ଅବହେଳିତ ହେଉଥିବା ଅଭିଯୋଗ ଉଠିଛି। ନିୟମିତ ରକ୍ଷଣାବେକ୍ଷଣ ଅଭାବରୁ ପରିକ୍ରମା ମାର୍ଗର ସୌନ୍ଦର୍ଯ୍ୟକରଣ ନଷ୍ଟ ହେବା ସହ ଏବେ ସୁରକ୍ଷା କରିଡର ମଧ୍ୟରେ ବେଆଇନ ନିର୍ମାଣର ଅଭିଯୋଗ ଆସିଛି।

ଉତ୍ତରଦ୍ୱାର ଲକ୍ଷ୍ମୀ ବଜାର ନିକଟରେ ପରିକ୍ରମା ମାର୍ଗକୁ ଜବରଦଖଲ କରି ଇଟାର କାନ୍ଥ ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପରିକ୍ରମା ମାର୍ଗର ସୁରକ୍ଷା ଓ ମର୍ଯ୍ୟାଦା ରକ୍ଷା ପାଇଁ ତୁରନ୍ତ ଏହି ନିର୍ମାଣକୁ ଯାଞ୍ଚ କରି ଆଇନସମ୍ମତ




ଭାବେ ହଟାଇବାକୁ ଦାବି ହୋଇଛି। ପ୍ରତିଦିନ ଶ୍ରୀମନ୍ଦିରକୁ ବହୁ ଅଧିକାରୀ ଯାତାୟାତ କରୁଛନ୍ତି। ମାଳମାଳ ସୁରକ୍ଷା କର୍ମୀ ମଧ୍ୟ ନିୟୋଜିତ ରହୁଛନ୍ତି। ଏହା ସତ୍ତ୍ୱେ କରିଡର ପାଇଁ ଅଧିକୃତ ଜମିରେ ନିର୍ମାଣ ହେଉଥିବା ନେଇ କାହାର ଦୃଷ୍ଟି କାହିଁକି ପଡ଼ିଲା ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି। ଶ୍ରୀମନ୍ଦିର ପ୍ରଶାସନ କିମ୍ବା ଜିଲ୍ଲା ପ୍ରଶାସନର ଉଚ୍ଛେଦ ଟିମ୍ ପକ୍ଷରୁ ଏହାକୁ ରୋକିବା ଲାଗି ତତ୍କାଳ ପଦକ୍ଷେପ ନିଆଯାଇ ନ ଥିବା ନେଇ ମଧ୍ୟ କ୍ଷୋଭ ପ୍ରକାଶ ପାଇଛି।

ବୁଦ୍ଧିଜୀବୀ ହେକ୍ଟର ମିଶ୍ର କହିଛନ୍ତି, ଗତ ବର୍ଷେ ଦୁଇ ବର୍ଷ ମଧ୍ୟରେ ପରିକ୍ରମା ମାର୍ଗର ସ୍ଥିତି ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ୭୫ ମିଟର ପରିଧି ମଧ୍ୟରେ ଘରୋଇ ନିର୍ମାଣ ନ କରିବା ଓ ମନୋମୁଖୀ କାର୍ଯ୍ୟ ନ କରିବା ଭଳି ନିୟମ ରହିଥିଲା। କିନ୍ତୁ ଏବେ ବିଭିନ୍ନ ବେନିୟମ କାର୍ଯ୍ୟ ହେଉଛି। ବିଜ୍ଞାପନ ବୋର୍ଡ ଲଗାଯିବା, ଘର ନିର୍ମାଣ, ବେଆଇନ ପାର୍କିଂ ଓ ବ୍ୟବସାୟ ଭଳି କାର୍ଯ୍ୟ ଚାଲିଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କ ମତରେ, ପରିକ୍ରମା ପ୍ରକଳ୍ପ କେବଳ ଏକ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ନୁହେଁ; ଏହା ଶ୍ରୀମନ୍ଦିରର ସୁରକ୍ଷା, ଭକ୍ତଙ୍କ ସୁବିଧା ଓ ଶ୍ରୀକ୍ଷେତ୍ରର ଭାବମୂର୍ତ୍ତି ସହ ଜଡ଼ିତ। ତେଣୁ ଏହାର ରକ୍ଷଣାବେକ୍ଷଣ ଓ ସୁରକ୍ଷା ପ୍ରତି ପ୍ରଶାସନ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି।

ପୂର୍ବତନ ନଗରପାଳ ସବ୍ୟସାଚୀ ମହାପାତ୍ର କହିଛନ୍ତି, ପୂର୍ବ ସରକାରଙ୍କ ସମୟରେ ଜମି ଅଧିଗ୍ରହଣ କରିବା ସହ ଲୋକଙ୍କୁ କ୍ଷତିପୂରଣ ଦିଆଯାଇ ପରିକ୍ରମା ମାର୍ଗ ନିର୍ମାଣ କରାଯାଇଥିଲା। ଏଥିପାଇଁ ସରକାର ବିପୁଳ ଅର୍ଥ ବ୍ୟୟ କରିଥିଲେ। ବର୍ତ୍ତମାନ ସରକାର ପରିକ୍ରମା ମାର୍ଗର ଉନ୍ନତି ପାଇଁ ଟଙ୍କାଟିଏ ଖର୍ଚ୍ଚ କରି ନ ଥିବାବେଳେ ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ଗୁରୁତ୍ୱ ଦେଉନାହାନ୍ତି। ପୂର୍ବ ସରକାର ଯେଉଁ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କରି, କ୍ଷତିପୂରଣ ଦେଇ ଏକ ବୃହତ୍ ଭିତ୍ତିଭୂମି ତିଆରି କରିଥିଲେ, ତାହାର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଏବେ ସରକାରଙ୍କ ପ୍ରାଥମିକତା ହେବା ଦରକାର। ଏ ପରିସ୍ଥିତିରେ କରିଡର ଭିତରେ ବେଆଇନ ନିର୍ମାଣ ହେବା ଅତ୍ୟନ୍ତ ଦୁଃଖଦ ଓ ଲଜ୍ଜାଜନକ ବୋଲି ସେ ମତ ଦେବା ସହ ତୁରନ୍ତ ଏହାକୁ ଉଚ୍ଛେଦ ଦାବି କରିଛନ୍ତି।

ଏହି ପ୍ରସଙ୍ଗରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି ଯେ ଏହି ନିର୍ମାଣ ସମ୍ପର୍କରେ ପ୍ରଶାସନ ଖବର ପାଇଛି। ଏ ସଂକ୍ରାନ୍ତରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକଙ୍କୁ ମଧ୍ୟ ଅବଗତ କରାଯାଇଛି। ସେ ଆଇନଗତ ପଦକ୍ଷେପ ନେବେ। ଯଦି ନିର୍ମାଣଟି ବେଆଇନ ଭାବେ ହୋଇଥାଏ ଏବଂ ସମ୍ପୃକ୍ତ ନିର୍ମାଣକାରୀଙ୍କର ଆଇନଗତ ଭାବେ ଉକ୍ତ ଜମି ଉପରେ ଅଧିକାର ନ ଥାଏ, ତେବେ ନିର୍ମାଣକୁ ଉଚ୍ଛେଦ କରାଯିବ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ବ୍ୟୟ ହୋଇଥିବା ବିପୁଳ ସରକାରୀ ଅର୍ଥ, ଅଧିଗ୍ରହଣ ହୋଇଥିବା ଜମି ଓ ଏହାର ମୂଳ ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି କରିଡରର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଉପରେ ପ୍ରଶାସନ ତୁରନ୍ତ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ନଚେତ ବହୁ ତ୍ୟାଗ ଓ ବିପୁଳ ଅର୍ଥ ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପର ମୂଳ ଉଦ୍ଦେଶ୍ୟ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି।

### ବିଜେପିକୁ ପୁଣି ନିଶାଣ କଲା ବିଜେଡି

# ଜାତୀୟ ସ୍ୱାର୍ଥ ନାମରେ ଓଡ଼ିଶାର ସ୍ୱାର୍ଥକୁ ଛଡ଼ାଇ ନିଆଯାଇପାରିବ ନାହିଁ

ଭୁବନେଶ୍ୱର,୩।୯(ସମିସ): ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ଆଇନର ସଂଶୋଧନକୁ ନେଇ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରି ଆସୁଛି ବିଜେଡି। ରାଜ୍ୟସ୍ୱାର୍ଥ ବିରୋଧୀ ଏହି ସଂଶୋଧନ ଆଇନକୁ ଓଡ଼ିଶାରୁ ନିର୍ବାଚିତ ୨୦ ସାଂସଦ ବିନା ବିରୋଧରେ ସମର୍ଥନକୁ ନେଇ ସାରା ରାଜ୍ୟରେ ବିରୋଧ ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗରେ ବିଜେଡି ସାଧାରଣ ସମ୍ପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର ବିଜେପି ସାଂସଦ ଓ ରାଜ୍ୟ ବିଜେପି ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି। ଓଡ଼ିଶା ସବୁବେଳେ ଦେଶ ପାଇଁ ଠିଆ ହୋଇଛି; ଦେଶ ପାଇଁ ଓଡ଼ିଶାର ଲୋକମାନେ ଅନେକ ବଳିଦାନ ଦେଇଛନ୍ତି। ଦଶନ୍ଧି ଦଶନ୍ଧି ଧରି ଓଡ଼ିଶାର ଖଣିଜ ସମ୍ପଦ ଭାରତର ଶିଳ୍ପ ଓ ଆର୍ଥିକ ପ୍ରଗତିକୁ ଶକ୍ତି ଯୋଗାଇ ଆସିଛି। ମାତ୍ର "ଜାତୀୟ ସ୍ୱାର୍ଥ" ନାମରେ ଓଡ଼ିଶାର ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନିଆଯିବା ସମ୍ପୂର୍ଣ୍ଣ ଅନ୍ୟାୟ ଓ ଏହି ପ୍ରସଙ୍ଗରେ ବିଜେପିର ୨୦ ସାଂସଦ ରାଜ୍ୟକୁ ଧୋକା ଦେଇଛନ୍ତି ବୋଲି ଲେଖାଶ୍ରୀ କହିଛନ୍ତି।




ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେ କହିଥିଲେ ଯେ ଓଡ଼ିଶା ପ୍ରତିବର୍ଷ ବାତ୍ୟା, ବନ୍ୟା, ମରୁଡି ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ଏହା ସତ୍ତ୍ୱେ ସ୍ୱତନ୍ତ୍ର ବର୍ଗ ରାଜ୍ୟ ମାନ୍ୟତା ଦାବି ପ୍ରତି କେନ୍ଦ୍ର ସରକାର କର୍ଣ୍ଣପାତ କରୁନାହାନ୍ତି। ଓଡ଼ିଶା ନିଜର ବିକାଶ ଓ ବିପର୍ଯ୍ୟୟ ପ୍ରତିରୋଧ କ୍ଷମତା ବୃଦ୍ଧି ପାଇଁ ଅଧିକ ସମ୍ବଳ ଆବଶ୍ୟକ କରୁଛି, ସେତେବେଳେ ରାଜ୍ୟର ଖଣିଜ ସମ୍ପଦର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏବେ ନିଜ ଲୋକଙ୍କ ସଶକ୍ତିକରଣ ପାଇଁ ନିଜ ସମ୍ପଦରୁ ସମ୍ବଳ ଯୋଗାଡ଼ କରିବାର ଅଧିକାରରୁ ଓଡ଼ିଶାକୁ ବଞ୍ଚିତ କରାଯାଇପାରିବ ନାହିଁ। ଖଣିଜ ସମ୍ପଦ ସୀମିତ ଏବଂ ଏହାର ପୁନଃସୃଷ୍ଟି ସମ୍ଭବ ନୁହେଁ। ଆଉ ୨୦ କିମ୍ବା ୩୦ ବର୍ଷ ଖଣିଜ ଉତ୍ତୋଳନ ଚାଲିଲେ ଆମର ଅନେକ ଖଣିଜ ସମ୍ପଦ ଶେଷ ହୋଇଯାଇପାରେ। ଆମ ଭବିଷ୍ୟତ ପିଢ଼ି ପାଇଁ କ'ଣ ବାକି ରହିବ? ଓଡ଼ିଶାର ନୂତନ ପିଢ଼ି ଓ ଆଗାମୀ ପିଢ଼ି ଯଥା ଜେନ୍-ଜି ଓ ଜେନ୍-ଆଲ୍ଫାଙ୍କର ଭବିଷ୍ୟତ ପାଇଁ କେନ୍ଦ୍ର ସରକାର କ'ଣ ଗ୍ୟାରେଣ୍ଟି ଦେଇପାରିବେ ବୋଲି ଡ. ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି। ସେ ପୁଣି କହିଛନ୍ତି ଯେ ଏହି ପ୍ରସଙ୍ଗ କେବଳ ଆଜିର ରାଜସ୍ୱ ସମ୍ପର୍କିତ ନୁହେଁ ବରଂ ପିଢ଼ିଗତ ନ୍ୟାୟ ଓ ଓଡ଼ିଶାର ଭବିଷ୍ୟତ ଆର୍ଥିକ ସୁରକ୍ଷା ସହ ଜଡ଼ିତ। ଖଣିଜ ସମ୍ପଦର ଅତ୍ୟଧିକ ଉତ୍ତୋଳନ କରି ଆଗାମୀ ପିଢ଼ିକୁ ଖଣିଜବିହୀନ ଭବିଷ୍ୟତ ଦେବାକୁ ଓଡ଼ିଶା କେବେ ସ୍ୱୀକାର କରିପାରିବ ନାହିଁ। ଓଡ଼ିଶାର ବିଜେପି ସାଂସଦମାନଙ୍କ

- ବିପର୍ଯ୍ୟୟ ପ୍ରବଣ ଓଡ଼ିଶା ପାଇଁ ଖଣିଜ ସମ୍ପଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି
- ଅଣ ବିଜେପି ସରକାର ଥିଲେ ସମର୍ଥନ କରିଥାନ୍ତେ କି ବିଜେପି ସାଂସଦ

ନୀରବତାକୁ ନେଇ ପ୍ରଶ୍ନ ଉଠାଇ ସେ କହିଛନ୍ତି, ଯଦି କେନ୍ଦ୍ରରେ ଅଣ ବିଜେପି ସରକାର ଥାଆନ୍ତା ଏବଂ ସେହି ସରକାର "ଜାତୀୟ ସ୍ୱାର୍ଥ" ନାମରେ ଏହି ଖଣି ଓ ଖଣିଜ ଆଇନରେ ପରିବର୍ତ୍ତନ ଆଣିଥାଆନ୍ତା, ତେବେ ଓଡ଼ିଶାର ବିଜେପି ସାଂସଦମାନେ ଏଭଳି ନିରବ ରହିଥାଆନ୍ତେ କି? ସାଂସଦମାନେ ଓଡ଼ିଶାର ସ୍ୱାର୍ଥର ସୁରକ୍ଷା ପାଇଁ ନିର୍ବାଚିତ ହୋଇଛନ୍ତି ଏବଂ ରାଜ୍ୟର ସାମ୍ବିଧାନିକ ଓ ଆର୍ଥିକ ସ୍ୱାର୍ଥ ବିପଦରେ ଥିବାବେଳେ ସେମାନେ ନିରବ ରହିବା ନିନ୍ଦନୀୟ। ଦଳୀୟ ସ୍ୱାର୍ଥ ପାଇଁ ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରାଯାଇ ପାରିବ ନାହିଁ। କେନ୍ଦ୍ର ଓ ରାଜ୍ୟ ସରକାର ଖଣି ଓ ଖଣିଜ ଆଇନର ପ୍ରସ୍ତାବିତ ପରିବର୍ତ୍ତନର ପ୍ରଭାବ ସମ୍ପର୍କରେ ସ୍ପଷ୍ଟ ଭାବରେ ବ୍ୟାଖ୍ୟା ଦିଅନ୍ତୁ ଏବଂ ଓଡ଼ିଶାର ସାମ୍ବିଧାନିକ ଅଧିକାର, ଆର୍ଥିକ ସ୍ୱାର୍ଥ ଓ ଭବିଷ୍ୟତ ପିଢ଼ିର ସ୍ୱାର୍ଥ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ରହିବା ନିଶ୍ଚିତ କରନ୍ତୁ। ଦେଶ ଗଢ଼ିବା ପାଇଁ ଓଡ଼ିଶା ନିଜର ଖଣିଜ ସମ୍ପଦ ଦେଇଆସିଛି। ଓଡ଼ିଶା ଆଗକୁ ମଧ୍ୟ ଭାରତ ସହ ଦୃଢ଼ ଭାବେ ଠିଆ ହେବ, କିନ୍ତୁ "ଜାତୀୟ ସ୍ୱାର୍ଥ" ନାମରେ ଓଡ଼ିଶାକୁ ନିଜ ଭବିଷ୍ୟତକୁ ବଳିଦାନ ଦେବାକୁ କୁହାଯାଇପାରିବ ନାହିଁ ବୋଲି ଡ. ସାମନ୍ତସିଂହାର କହିଥିଲେ।

# ପିଏସ୍ ରଣପିସେ ହେଲେ ସିଆଇଏସ୍ଏଫ୍ ସ୍ପେଶାଲ ଡିଜି

ଭୁବନେଶ୍ୱର,୩।୯(ସମିସ): ୧୯୯୫ ବ୍ୟାଚ ଓଡ଼ିଶା କ୍ୟାଡ଼ର ଆଇପିଏସ୍ ଅଫିସର ପିଏସ୍ ରଣପିସେ ସିଆଇଏସ୍ଏଫର ସ୍ପେଶାଲ ଡିଜି ଭାବେ ନିଯୁକ୍ତି ପାଇଛନ୍ତି। ସେ ପୂର୍ବରୁ ସିଆଇଏସ୍ଏଫ୍‌ରେ ଆଇଜି ଭାବେ କାର୍ଯ୍ୟରତ ଥିଲେ। ଗତ ଜୁନ୍ ୧୩ ତାରିଖରେ ତାଙ୍କର ଡିଜି ପାହ୍ୟାକୁ ପଦୋନ୍ନତି ହୋଇଥିଲା। ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ୍ କମିଟି ତାଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦେଇଥିଲା। ଗୁରୁବାର କେନ୍ଦ୍ର ସରକାରଙ୍କ ଗୃହ ବିଭାଗ ପକ୍ଷରୁ ତାଙ୍କୁ ସିଆଇଏସ୍ଏଫ୍‌ର ସ୍ପେଶାଲ ଡିଜି ଭାବେ ପଦୋନ୍ନତି ପ୍ରଦାନ କରିଛି।



### ଏସ୍ଏସ୍‌ବି ଅଧ୍ୟାପକ ନିଯୁକ୍ତି ମାମଲାରେ ସରକାର ରଖୁନାହାନ୍ତି ପକ୍ଷ

# ଅଢ଼େଇ ବର୍ଷ ଅପେକ୍ଷା କଲେଣି ୮ ୫ହଜାର ଆଶାୟୀ

ଭୁବନେଶ୍ୱର, ୩।୯(ସମିସ): ନିଯୁକ୍ତି ପାଇଁ ଅଢ଼େଇ ବର୍ଷ ପୂର୍ବରୁ ଅର୍ଥାତ୍ ୨୦୨୪ ମାର୍ଚ୍ଚ ମାସରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାତ୍ର ଏବେଯାଏଁ ଆଶାୟୀମାନେ ପରୀକ୍ଷା ଦେଇପାରୁ ନାହାନ୍ତି। ନିଯୁକ୍ତି ବିଜ୍ଞପ୍ତିରେ ଧାର୍ଯ୍ୟ ମାନଦଣ୍ଡକୁ ନେଇ ହାଇକୋର୍ଟରେ ମାମଲା ହେବା ପରେ ଏବେଯାଏଁ ନିଯୁକ୍ତି ପ୍ରକ୍ରିୟା ଠପ୍ ହୋଇ ପଡ଼ି ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, କୋର୍ଟରେ ସରକାର ନିଜର ପକ୍ଷ ରଖୁ ନାହାନ୍ତି। ତାରିଖ ପରେ ତାରିଖ ଗଡ଼ୁଥିବାବେଳେ ଆଶାୟୀମାନେ ନିଜର ଭବିଷ୍ୟତ ନେଇ ସନ୍ଦିହାନ ହୋଇପଡ଼ିଛନ୍ତି।

ଏସ୍ଏସ୍‌ବି ଅଧ୍ୟାପକ ପାଇଁ ପ୍ରାୟ ୮ ୫ହଜାର ଆଶାୟୀ ରହିଛନ୍ତି। ପାଖାପାଖି ୩ ବର୍ଷରୁ ଅଧିକ ସମୟ ହେଲା ସେମାନେ ପାଠ ପଢ଼ୁଥିଲେ ମଧ୍ୟ ନିଯୁକ୍ତି ପରୀକ୍ଷା ହେଉନାହିଁ। ମାମଲା କୋର୍ଟରେ ବିଚାରାଧୀନ ଥିବା ଦର୍ଶାଇ ସରକାର ଧରାଛୁଆଁ ଦେଉ ନାହାନ୍ତି। ହେଲେ କୋର୍ଟରେ ଶୁଣାଣିବେଳେ ଆଡଭୋକେଟ୍ ଜେନେରାଲ୍ (ଏଜି) ଉପସ୍ଥିତ ରହୁ ନ ଥିବାରୁ ମାମଲାର ଶୁଣାଣି ହୋଇପାରୁ ନଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି। ଏଣୁ ଆସନ୍ତା ୨୪ ତାରିଖରେ ହେବାକୁ

- ୨୦୨୪ ମାର୍ଚ୍ଚରେ ପ୍ରକାଶ ପାଇଥିଲା ବିଜ୍ଞପ୍ତି
- ଏଯାଏ ହୋଇପାରୁନାହିଁ ନିଯୁକ୍ତି ଲାଗି ପରୀକ୍ଷା

ଥିବା ଶୁଣାଣିବେଳେ ଏଜି ଉପସ୍ଥିତ ରହି ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଆଜି ଆଶାୟୀମାନେ ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି। ସେହିପରି ନଭେମ୍ବର ମଧ୍ୟରେ ପରୀକ୍ଷା କରିବା ସହ ତ୍ୱରିତ ନିଯୁକ୍ତି ପ୍ରକ୍ରିୟା ସାରିବା ୨୦୧୬ରୁ ପ୍ରଚଳିତ ଯୋଗ୍ୟତା ମାନଦଣ୍ଡ ଓ ବ୍ୟବସ୍ଥା ଜାରି ରଖିବା, ଅନୁଦାନପ୍ରାପ୍ତ କଲେଜରେ ଅତିଥି ଅଧ୍ୟାପକ ବଦଳରେ ନିୟମିତ ନିଯୁକ୍ତି ସହ ନିଯୁକ୍ତି କ୍ୟାଲେଣ୍ଡର ପ୍ରକାଶ କରିବା ପରି ୬ ଦଫା ଦାବି ରଖିଛନ୍ତି। ପୂର୍ବରୁ ଆଶାୟୀମାନେ ସମାନ ପ୍ରସଙ୍ଗରେ ଅନଶନରେ ବସିବା ସହ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇଛନ୍ତି। ମାତ୍ର କୌଣସି ସୁଫଳ ନ ମିଳିବାରୁ ଆସନ୍ତା ବିଧାନସଭା ସମୟରେ ସରକାରଙ୍କୁ ଘେରିବାକୁ ଯୋଜନା କରିଛନ୍ତି। ସରକାର କାହିଁକି କୋର୍ଟରେ ପକ୍ଷ ରଖୁ ନାହାନ୍ତି ଓ କାଳକ୍ଷେପଣ ନୀତି ଅବଲମ୍ବନ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଆଶାୟୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସରକାର ସମସ୍ତ ଦାବି ଉପରେ ତ୍ୱରିତ ପଦକ୍ଷେପ ନ ନେଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ପରମେଶ୍ୱର ବଳଙ୍କ ସମେତ ବହୁ ଆଶାୟୀ ଦାବି କରିଛନ୍ତି।

# ମୂଳ ନିଯୁକ୍ତି ତାରିଖରୁ ନିୟମିତ ହେବେ ୨ ହଜାର କନିଷ୍ଠ ଯନ୍ତ୍ରୀ

କଟକ, ୩।୯(ସମିସ): ଡିଆରଡିଏରେ ପ୍ରଥମେ ନିଯୁକ୍ତି ପାଇ ପରବର୍ତ୍ତୀ ସମୟରେ ପଞ୍ଚାୟତିରାଜ ବିଭାଗର ଡିପ୍ଲୋମା ଇଂଜିନିୟର କ୍ୟାଡରରେ ଅନ୍ତର୍ଭୁକ୍ତ ହୋଇଥିବା ୨ ହଜାରରୁ ଅଧିକ କନିଷ୍ଠ ଯନ୍ତ୍ରୀ ମୂଳ ନିଯୁକ୍ତି ତାରିଖରୁ ଚାକିରି ନିୟମିତ ସୁବିଧା ପାଇବେ। ଦୀର୍ଘ ବର୍ଷ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟକରି ୨୦୧୫ରେ ଚାକିରି ନିୟମିତ ସୁବିଧା ପାଇଥିବା ଏହି ଯନ୍ତ୍ରୀଙ୍କ ପ୍ରସଂଗରେ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଡିପ୍ଲୋମା ଇଂଜିନିୟର କ୍ୟାଡରରେ ଅନ୍ତର୍ଭୁକ୍ତ ହେବା ଦିନରୁ ହିଁ ନିୟମିତ କରାଯିବା ସଂପର୍କିତ ସରକାରଙ୍କ ଗତ ୨୦୧୫ ଅଗଷ୍ଟ ୨୦ର ନିଷ୍ପତ୍ତିକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ସନ୍ତୋଷ କୁମାର ନନ୍ଦ ଓ ଅନ୍ୟ ୧୫ ଜଣଙ୍କ ତରଫରୁ ଦାୟର ପୃଥକ ମାମଲାର ଏକତ୍ର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ରାୟ ପ୍ରଦାନ କରିଛନ୍ତି। ଡିଆରଡିଏରେ ମୂଳ ନିଯୁକ୍ତି ତାରିଖରୁ ଆବେଦନକାରୀ କନିଷ୍ଠ ଯନ୍ତ୍ରୀ ସରକାରଙ୍କ ଅଧୀନରେ ନିୟମିତ ସେବାରେ ଥିଲେ ବୋଲି ଗ୍ରହଣ କରାଯିବ। ପେନସନ ପ୍ରସଂଗରେ ଆବେଦନକାରୀଙ୍କ ଅତୀତର ସେବା ଅବଧିକୁ ବିଚାରକୁ ନିଆଯିବ। ଅନ୍ୟ ସରକାରୀ ବିଭାଗ ଓ ଅଣ୍ଡରଟେକିଂଗୁଡିକରେ ନିୟମିତ ନିଯୁକ୍ତ କନିଷ୍ଠ ଯନ୍ତ୍ରୀଙ୍କ ଭଳି ଆବେଦନକାରୀଙ୍କୁ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି ହାଇକୋର୍ଟ କହିଛନ୍ତି।

### ରାଜ୍ୟ ସରକାରଙ୍କ ନିଷ୍ପତ୍ତି ହାଇକୋର୍ଟରେ ରଦ୍ଦ

ମାମଲାରୁ ପ୍ରକାଶ ଯେ ସରକାରଙ୍କ ଅନୁମୋଦିତ କନିଷ୍ଠ ଯନ୍ତ୍ରୀ (ସିଭିଲ) ପ୍ୟାନେଲରୁ ଡିଆରଡିଏରେ ଆବେଦନକାରୀ କନିଷ୍ଠ ଯନ୍ତ୍ରୀଙ୍କୁ ୧୯୯୬ରୁ ୨୦୦୦ ମଧ୍ୟରେ ନିଯୁକ୍ତି ପ୍ରଦାନ କରାଯାଇଥିଲା। ୨୦୧୫, ଅଗଷ୍ଟ ୨୦ରେ ସରକାର ଏକ ବିଜ୍ଞପ୍ତି ଜାରି କରି ପଞ୍ଚାୟତିରାଜ ବିଭାଗର ଡିପ୍ଲୋମା ଇଂଜିନିୟରିଂ କ୍ୟାଡରେ ଆବେଦନକାରୀଙ୍କୁ ଅନ୍ତର୍ଭୁକ୍ତ କରିବା ସହିତ ଚାକିରି ନିୟମିତ କରିଥିଲେ। ଡିଆରଡିଏରେ ନିଯୁକ୍ତିର ମୂଳ ତାରିଖରୁ ଚାକିରି ନିୟମିତ ସମ୍ପର୍କରେ କୌଣସି ପଦକ୍ଷେପ ନିଆ ନ ଯିବାରୁ ହାଇକୋର୍ଟରେ ୨୦୨୦ରେ ଏକାଧିକ ମାମଲା ରୁଜୁ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ମାମଲା ପରିଚାଳନା କରୁଥିବା ବେଳେ ଆଇନଜୀବୀ ତନ୍ମୟ ମିଶ୍ର ସହାୟତା କରୁଥିଲେ।

### ସରକାରୀ ଅର୍ଥ ଅନିୟମିତତା

# ପୂର୍ବତନ ଜିଲ୍ଲାପାଳଙ୍କ ସମେତ ୩ ଦୋଷୀ ସାବ୍ୟସ୍ତ

ଢେଙ୍କାନାଳ,୩।୯(ସମିସ): ଢେଙ୍କାନାଳ ଜିଲ୍ଲା ସ୍ପେଶାଲ ଭିଜିଲାନ୍ସ ବିଚାରପତି ଏକ ମାମଲାର ବିଚାର କରି ଢେଙ୍କାନାଳର ପୂର୍ବତନ ଅସରପ୍ରାପ୍ତ ଜିଲ୍ଲାପାଳ, ପିଡି ଡିଆର୍‌ଡିଏ ଓ ଟ୍ରାନ୍ସପୋର୍ଟ ଠିକାଦାରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ଏକ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

କଟକ ଭିଜିଲାନ୍ସ ତରଫରୁ ଗତ ୨୦୦୩ ମସିହା ମାର୍ଚ୍ଚ ୩ ତାରିଖରେ କେସ ନଂ ୧୦ରେ ଏକ ମାମଲା ୟୁଏସ୧୩(୨) ଆର/ଡବ୍ଲ୍ୟୁ ସେକସନ ୧୩(୧)(ଡି) ପିସି ଆକ୍ଟ ୧୯୮୮ ଏବଂ ୪୬୮/୪୭୧/୫୨୦/୧୨୦-ବି ଆଇପିସିରେ ଟିଆର ନମ୍ବର ୨୬/୨୦୧୭ରେ ଏକ ମାମଲା ରୁଜୁ କରାଯାଇଥିଲା। ଏହି ମାଲାରେ ଢେଙ୍କାନାଳର ପୂର୍ବତନ ଜିଲ୍ଲାପାଳ ନିତ୍ୟାନନ୍ଦ ମହାନ୍ତି, ପିଡି ଡିଆରଡିଏ ସୂର୍ଯ୍ୟ ନାରାୟଣ ଦାସ ଓ ଟ୍ରାନ୍ସପୋର୍ଟ ଠିକାଦାର ସତ୍ୟାନନ୍ଦ ବଳସାମନ୍ତଙ୍କ ନାମରେ ଏକ ମାମଲା ରୁଜୁ କରାଯାଇଥିଲା। ସରକାରୀ ଅର୍ଥ ଅନିୟମିତତା ନେଇ ଏହି ମାମଲା ରୁଜୁ କରାଯାଇଥିବା ବେଳେ ଚାଉଳ ଏବଂ ଗହମ ପରିବହନ ପାଇଁ ଜଣେ ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ଦେଖାଇ ୮ ଲକ୍ଷ ୯୯ ହଜାର ୩୬ଟଙ୍କା ୬୪ ପଇସା ଅଧିକ ପ୍ରଦାନ କରିଥିଲେ।

### ବର୍ଷେ ଲେଖାଏଁ ସଶ୍ରମ କାରାଦଣ୍ଡ ସହ ଜରିମାନା ଆଦେଶ

ଫଳରେ ସରକାରଙ୍କ ଅର୍ଥ ପାଣିରେ ପଡ଼ିବା ସହିତ ଅଧିକ ଟଙ୍କା ଦେବାକୁ ପଡ଼ିଥିଲା। ଏହି ମାମଲାରେ ୧୦ଜଣ ସାକ୍ଷ୍ୟପ୍ରମାଣ ସହିତ ୧୦ଟି ଦସ୍ତାବିଜର ତଦନ୍ତ କରାଯାଇଥିଲା। ଏହି ମାମଲାଟିକୁ ଏଲ୍ଆର୍ ପଣ୍ଡା, ଅଶୋକ କୁମାର ନାୟକ, କଲ୍ୟାଣ କୁମାର ମଲ୍ଲିକ ତଦନ୍ତ କରିଥିଲେ। ଆଜି ଏହି ମାମଲାର ଶୁଣାଣି କରି ଭିଜିଲାନ୍ସ ସ୍ପେଶାଲ ଜଜ୍ ବିକ୍ରମ କେଶରୀ ପଟ୍ଟନାୟକ ବିଚାର କରି ତାଙ୍କ ରାୟ ଶୁଣାଇଛନ୍ତି। ସମସ୍ତଙ୍କୁ ଏକ ବର୍ଷ କାରାଦଣ୍ଡ ସହିତ ଜିଲ୍ଲାପାଳଙ୍କୁ ୩ ହଜାର ଜରିମାନା ଅନାଦେୟ ତିନି ମାସ ଜେଲ, ପିଡିଡିଆରଡିଏଙ୍କୁ ମଧ୍ୟ ସମାନ ଜରିମାନା ସହିତ ଠିକାଦାରଙ୍କୁ ୫ ଶହ ଟଙ୍କା ଜରିମାନା ଅନାଦେୟ ଏକ ମାସ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅବସରପ୍ରାପ୍ତ ଜିଲ୍ଲାପାଳଙ୍କ ସହିତ ପରିବହନ ଠିକାଦାର ଏବଂ ପିଡି ଡିଆରଡିଏଙ୍କୁ ମଧ୍ୟ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ମାମଲାକୁ ସ୍ପେଶାଲ ପିପି ଭିଜିଲାନ୍ସର ହେମନ୍ତ କୁମାର ଖଟୁଆ ଏବଂ ଅନୁଜ୍ଞା ମହାନ୍ତି ପରିଚାଳନା କରୁଥିଲେ।

- ବନ୍ଧପାରୀ କସ୍ତୁରବା ବାଳିକା ବିଦ୍ୟାଳୟରେ ହେର୍‌ଫେର୍

# ମେନ୍ୟୁରେ ମାଂସ, ଛେନା; ଥାଳିରେ ଡାଲି, ଚଣା ତରକାରୀ

ଲାଞ୍ଜିଗଡ଼,୩।୯(ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ବନ୍ଧପାରୀ ପଞ୍ଚାୟତସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପୁଣି ଚର୍ଚ୍ଚାରେ। ଅନ୍ତେବାସୀ ଛାତ୍ରୀଙ୍କୁ ତାଲିକା ଅନୁସାରେ ଖାଦ୍ୟ ଯୋଗାଣ ନ ହେବା, ପ୍ରସାଧନ ସାମଗ୍ରୀରେ ବ୍ୟାପକ ହେରଫେର୍ ଆଦି ଅଭିଯୋଗକୁ ନେଇ ବିଦ୍ୟାଳୟ ବିବାଦ ଘେରରେ। ଏହି ବିଦ୍ୟାଳୟରେ ପ୍ରାୟ ଶତାଧିକ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଛାତ୍ରୀ ରହି ପାଠ ପଢ଼ୁଛନ୍ତି। ବିଭିନ୍ନ ସମୟରେ ବିବାଦ ଘେରରେ ରହିଆସିଥିବା ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କ ନାମରେ ଏଥର ଗୁରୁତର ଅଭିଯୋଗ ଆଣିଛନ୍ତି ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତ୍ତା ଓ ଗ୍ରାମବାସୀ।

ସୂଚନା ଅନୁସାରେ, ବୁଧବାର ପରିଚାଳନା କମିଟିର ସଦସ୍ୟମାନେ ହଷ୍ଟେଲ ପରିଦର୍ଶନ ସମୟରେ ଅନ୍ତେବାସୀ ଛାତ୍ରୀମାନଙ୍କୁ ତାଲିକା ଅନୁଯାୟୀ ଖାଦ୍ୟ ପରିବେଷଣ କରାଯାଉ ନ ଥିବା ଦେଖିବାକୁ ପାଇଥିଲେ। ସରକାରୀ ତାଲିକା ଅନୁଯାୟୀ ବୁଧବାର ଦିନ ଭାତ, ମାଂସ ତରକାରୀ, ଛେନା ଭଜା ଓ ଖଟା ଦିଆଯିବା କଥା; କିନ୍ତୁ ଛାତ୍ରୀଙ୍କ ଥାଳିରେ କେବଳ ଭାତ, ଚଣା ତରକାରୀ ଓ ଡାଲି ଥିଲା। ସେହିପରି ଛାତ୍ରୀମାନଙ୍କୁ ତେଲ, ସାବୁନ, ସାମ୍ପୁ, ସାନିଟାରୀ ପ୍ୟାଡ୍ ଭଳି ପ୍ରସାଧନ ସାମଗ୍ରୀ ଯୋଗାଣରେ ମଧ୍ୟ ବ୍ୟାପକ ହେରଫେର୍ ହେଉଥିବା ସେମାନେ ଜାଣିବାକୁ ପାଇଥିଲେ। ଏହି ନିମ୍ନମାନର ଖାଦ୍ୟକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏନେଇ ପରିଚାଳନା କମିଟି ପକ୍ଷରୁ ଲାଞ୍ଜିଗଡ଼ ବିଡିଓ ଶାଶାଙ୍କ ପାତ୍ର ଓ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେରଙ୍କୁ ଭେଟି ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏ ପର୍ଯ୍ୟନ୍ତ



କୌଣସି ଯାଞ୍ଚ ହୋଇ ନ ଥିବାରୁ ଶୁକ୍ରବାର କଳାହାଣ୍ଡି ଜିଲ୍ଲାପାଳ ଓ କଳାହାଣ୍ଡି ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଭେଟି ଅଭିଯୋଗ କରିବୁ, ସମାଧାନ ନ ହେଲେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିବୁ ବୋଲି ଚେତାବନୀ ଦେଇଛି କମିଟି। ଏ ବାବଦରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ମୁଁ ଏ ବାବଦରେ ଜାଣି ନ ଥିଲି, ପରିଚାଳନା କମିଟି ଆସି କହିବାରୁ ଜାଣିଲି। ତଦନ୍ତ ପରେ ସତ କ'ଣ ଜଣାପଡ଼ିବ ବୋଲି ସେ କହିଛନ୍ତି। ଏନେଇ ଛାତ୍ରୀବାସ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

### ସତ୍ୟବାଦୀରେ ବଢ଼ିଲା ରାଜନୈତିକ ତାତି

# ଓମ୍‌ପ୍ରକାଶଙ୍କୁ ଚେକ୍ ଦେବାକୁ ଗୋଟିଚାଳନା!

ପୁରୀ,୩।୯(ସମିସ): ୨୦୨୪ ସାଧାରଣ ନିର୍ବାଚନରେ ସତ୍ୟବାଦୀ ନିର୍ବାଚନମଣ୍ଡଳୀରୁ କଂଗ୍ରେସର ବିଧାୟକ ପ୍ରାର୍ଥୀ ହୋଇଥିବା ମନୋଜ କୁମାର ରଥ ବିଜେପିରେ ସାମିଲ ହେବା ପରେ ସତ୍ୟବାଦୀରେ ବଢ଼ିଛି ରାଜନୈତିକ ତାତି। ବିଧାୟକ ଓମ୍‌ପ୍ରକାଶ ମିଶ୍ରଙ୍କ ବିରୋଧ ସତ୍ତ୍ୱେ ତାଙ୍କୁ କୁଆଡ଼େ ଦଳରେ ସାମିଲ କରାଯାଇଥିବା ଚର୍ଚ୍ଚା ଚାଲିଥିବାରୁ ଆଗାମୀ ଦିନରେ ଓମ୍‌ପ୍ରକାଶଙ୍କ ରାଜନୈତିକ ଭବିଷ୍ୟତକୁ ନେଇ ମଧ୍ୟ ଯାବତୀୟ ଚର୍ଚ୍ଚା ଆରମ୍ଭ ହୋଇଛି। ମନୋଜଙ୍କ ପିତା ସ୍ୱର୍ଗତ ବିଶ୍ୱନାଥ ରଥ ବିଜେପିର ଜଣେ ପୁରୁଣା ନେତା ଥିଲେ ଓ ଏକାଧିକଥର ବିଜେପି ଟିକେଟ୍‌ରେ ନିର୍ବାଚନ ଲଢ଼ିଥିଲେ। ମନୋଜ ପୂର୍ବରୁ ଗୋବର୍ଦ୍ଧନ ମଠର ମୁଖପାତ୍ର ଭାବେ କାର୍ଯ୍ୟ କରୁଥିଲେ ଓ ୨୦୨୪ ନିର୍ବାଚନ ପୂର୍ବରୁ ସେ କଂଗ୍ରେସରେ ବିଧିବଦ୍ଧ ଭାବେ ଯୋଗଦେଇ ସତ୍ୟବାଦୀରୁ ଦଳୀୟ ପ୍ରାର୍ଥୀ ହୋଇଥିଲେ। ତେବେ ନିର୍ବାଚନର ଦୁଇବର୍ଷ ପରେ ମନୋଜଙ୍କ ରାଜନୈତିକ ଘର ବଦଳିବା ଘଟଣାକୁ ନେଇ ଏବେ ବିଭିନ୍ନ ଚର୍ଚ୍ଚା ଦାନା ବାନ୍ଧୁଛି ଓ ପୁରୀ ଜିଲ୍ଲାର ଆଉ ଏକ ବିଧାନସଭା କ୍ଷେତ୍ରରେ ବିଜେପିର ଗୋଷ୍ଠୀକନ୍ଦଳ ପଦାକୁ ଆସିଛି।

ନିମାପଡ଼ାରେ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବିଜେପି ଜିଲ୍ଲା ସଭାପତି ଡା. ଦେବେନ୍ଦ୍ର ତରାଇଙ୍କ ଗୋଷ୍ଠୀ ନିଜ ପ୍ରଭାବ ବଢାଇବାକୁ ଉଦ୍ୟମ କରୁଥିବା ବେଳେ ସେମାନଙ୍କୁ ସବୁଥିରେ କାଉଣ୍ଟର କରିଆସୁଛନ୍ତି ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ। ପ୍ରଭାତୀଙ୍କ ସହିତ ତାଙ୍କ ସମ୍ପର୍କ କିଭଳି ତାହା କେବଳ ପୁରୀ ଜିଲ୍ଲା ନୁହେଁ, ସାରା ରାଜ୍ୟ ଜାଣିଛି। ପ୍ରଭାତୀଙ୍କ ଉପରେ ଆକ୍ରୋଶ ରଖି ଦଳର ଭାବମୂର୍ତ୍ତିକୁ ବି ଅନେକଥର ବାଜିରେ ଲଗାଇଛନ୍ତି ସମୀର। ଯେଉଁଥିପାଇଁ ସେ ଏକପ୍ରକାର କୋଣଠେସା ହୋଇ ରହିଥିବା ଦଳୀୟ ଭିତରେ ଆଲୋଚନା ହେଉଛି। ପୁରୀରେ ବି ସ୍ଥିତି ଅନୁରୂପ। ପୁରୀର ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଭିନ୍ନ ଗୋଷ୍ଠୀରେ ଥିବାବେଳେ ସମୀରଙ୍କ ସହିତ ହାତ ମିଶାଇଛନ୍ତି। ଏମାନେ ଜିଲ୍ଲା ନେତୃତ୍ୱଙ୍କୁ ନ ମାନି ସମାନ୍ତରାଳ ଭାବେ ନିଜ ସଙ୍ଗଠନକୁ ସୁଦୃଢ କରିବା ଲାଗି ଗୋଟିଚାଳନା କରୁଛନ୍ତି। ଏଭଳି ସ୍ଥିତିରେ ମନୋଜଙ୍କୁ ମନାଇ ଗେରୁଆ ଟୋପି ପିନ୍ଧାଇବାରେ ଜୟନ୍ତ ସମର୍ଥ ହୋଇଥିବା ଆଲୋଚନା ଚାଲିଛି।

- ୨୦୨୪ରେ କଂଗ୍ରେସ ପ୍ରାର୍ଥୀ ଥିଲେ ମନୋଜ
- ଜୟନ୍ତ ଷଡ଼ଙ୍ଗୀଙ୍କ ଯୋଗସୂତ୍ରକୁ ନେଇ ଚର୍ଚ୍ଚା


ମନୋଜଙ୍କ ବିଜେପି ପ୍ରବେଶ ପରେ ସବୁଠାରୁ ବଡ଼ ଚର୍ଚ୍ଚା ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ରଙ୍କୁ ନେଇ। ଦଳୀୟ ରାଜନୀତିରେ ଉଭୟଙ୍କ ସମ୍ଭାବ୍ୟ ଭୂମିକାକୁ ନେଇ ଏବେ ଅଙ୍କକଷା ଆରମ୍ଭ ହୋଇଛି। ଓମ୍‌ପ୍ରକାଶଙ୍କ ରାଜନୈତିକ ପ୍ରଭାବକୁ ସନ୍ତୁଳିତ କରିବା ପାଇଁ ମନୋଜଙ୍କୁ ଦଳରେ ସାମିଲ କରାଯାଇଥାଇପାରେ ବୋଲି ମନେ କରାଯାଉଛି। ମନୋଜ ସତ୍ୟବାଦୀ ମାଟିର ହୋଇଥିବାରୁ ତାଙ୍କର ନିଜସ୍ୱ ସାମାଜିକ ଓ ପାରିବାରିକ ପରିଚୟ ରହିଛି। ଏହାସହ ବିଶ୍ୱନାଥ ରଥଙ୍କ ପୁରୁଣା ରାଜନୈତିକ ପରିଚୟ ମଧ୍ୟ ତାଙ୍କ ପାଇଁ ଏକ ସମ୍ପତ୍ତି ବୋଲି ଆଲୋଚନା ହେଉଛି। ଦୀର୍ଘବର୍ଷ ଧରି ସତ୍ୟବାଦୀ ନାମରେ ଥିବା ନିର୍ବାଚନମଣ୍ଡଳୀରୁ କଣାସ ଅଞ୍ଚଳର ନେତାମାନେ ଅଧିକ ସଫଳତା ପାଇଆସିଥିବା ପରିପ୍ରେକ୍ଷୀରେ ସତ୍ୟବାଦୀ ମାଟିର ଜଣେ ନେତାଙ୍କୁ ଆଗକୁ ଆଣିବାର ରଣନୀତି ମଧ୍ୟ ଏହା ପଛରେ ଥାଇପାରେ ବୋଲି କୁହାଯାଉଛି।

କୁହାଯାଉଛି ଯେ ମନୋଜଙ୍କୁ ବିଜେପିରେ ସାମିଲ ନିମନ୍ତେ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ସହମତ ନ ଥିଲେ। ଏପରି କି ସେ ଏ ନେଇ ରାଜ୍ୟ ନେତୃତ୍ୱଙ୍କୁ ଅବଗତ କରିଥିବା ଆଲୋଚନା ହେଉଛି। ହେଲେ ଶେଷରେ ମନୋଜଙ୍କୁ ଦଳରେ ସାମିଲ କରାଯାଇଛି। ଏହା ପରେ ସତ୍ୟବାଦୀ ବିଜେପିରେ ଆଗାମୀ ଦିନରେ ଦୁଇଟି ଶକ୍ତିକେନ୍ଦ୍ର ତିଆରି ହେବ କି? ମନୋଜଙ୍କ ନେତୃତ୍ୱରେ ସତ୍ୟବାଦୀ ଅଞ୍ଚଳରେ ନୂଆ ସଙ୍ଗଠନ ଗଢ଼ିଉଠିବ କି ଏବଂ ଏହାର ପ୍ରଭାବ ବର୍ତ୍ତମାନର ବିଧାୟକ ଓମ୍‌ପ୍ରକାଶଙ୍କ ରାଜନୈତିକ ସ୍ଥିତି ଉପରେ ପଡ଼ିବ କି? ତାହାକୁ ନେଇ ଏବେ ଅଙ୍କକଷା ଆରମ୍ଭ ହୋଇଛି।

# ଏନର୍ଜି ଷ୍ଟୋରେଜ୍ ସିଷ୍ଟମ୍ ବିକଶିତ; ବ୍ୟାଟେରୀ କାର୍ଯ୍ୟଦକ୍ଷତା ବୃଦ୍ଧି ଲକ୍ଷ୍ୟ

**ରାଉରକେଲା, ୩।୯ (ସମିସ)**

ଇଲେକ୍ଟ୍ରିକ୍ ଯାନ (ଇଭି)ରେ ବ୍ୟବହୃତ ବ୍ୟାଟେରୀର କାର୍ଯ୍ୟଦକ୍ଷତା ବଢ଼ାଇବା ସହ ଏହାର ଆୟୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏକ ନୂତନ ହାଇବ୍ରିଡ୍ ଏନର୍ଜି




ଷ୍ଟୋରେଜ୍ ସିଷ୍ଟମ୍ (ହେସ୍) ବିକଶିତ କରିଛନ୍ତି ଏନ୍ଆଇଟି ରାଉରକେଲାର ଗବେଷକମାନେ। ଏହି ପ୍ରଯୁକ୍ତିକୁ ଭାରତ ସରକାରଙ୍କ ପେଟେଣ୍ଟ ମିଳିଥିବା ସୂଚନା ମିଳିଛି। ଏନ୍ଆଇଟି ରାଉରକେଲାର ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗର ଆସୋସିଏଟ୍ ପ୍ରଫେସର ମୋନାଲିସା ପଟ୍ଟନାୟକଙ୍କ ନେତୃତ୍ୱରେ ଡ. ପ୍ରଦ୍ୟୁମ୍ନ କୁମାର ବେହେରା ଓ କରଣ ଗୁପ୍ତାଙ୍କୁ ନେଇ ଗଠିତ ଗବେଷଣା ଦଳ ଏହି ପ୍ରଯୁକ୍ତି ବିକଶିତ କରିଛନ୍ତି। ଗବେଷକ ଦଳ ଏହି ପ୍ରଯୁକ୍ତିର ବ୍ୟବସାୟିକ







ବ୍ୟବହାର ପାଇଁ ଇଭି ନିର୍ମାତା (ଓଇଏମ), ପାୱାର୍ଟ୍ରେନ୍ ସିଷ୍ଟମ୍ ଇଣ୍ଟିଗ୍ରେଟର, ଫ୍ଲିଟ୍ ଅପରେଟର୍ ଏବଂ ଇଭି ରେଟ୍ରୋଫିଟ୍ ଷ୍ଟାର୍ଟଅପ୍‌ଗୁଡ଼ିକ ସହ ସହଯୋଗ ପାଇଁ ପ୍ରସ୍ତୁତ ଅଛନ୍ତି। ଭାରତରେ ଇଲେକ୍ଟ୍ରିକ୍ ଯାନର ବ୍ୟବହାର ଦ୍ରୁତଗତିରେ ବଢ଼ୁଥିବା ବେଳେ ଏହି ନୂଆ ପ୍ରଯୁକ୍ତିକୁ ଗୁରୁତ୍ୱପୂର୍ଣ୍ଣ ବିକାଶ ଭାବେ ଦେଖାଯାଉଛି।

ସୂଚନାଯୋଗ୍ୟ ଯେ, ଇଭିର ମୁଖ୍ୟଶକ୍ତି ଉତ୍ସ ହେଉଛି ବ୍ୟାଟେରୀ ପ୍ୟାକ୍। ତେବେ ହଠାତ୍ ଅଧିକ ବିଦ୍ୟୁତ୍ ଚାହିଦା, ଦ୍ରୁତଗତି ବୃଦ୍ଧି-ହ୍ରାସ, ବାରମ୍ବାର ଷ୍ଟାର୍ଟ-ଷ୍ଟପ୍ ଓ ରିଜେନେରେଟିଭ୍ ବ୍ରେକିଂ ଭଳି ପରିସ୍ଥିତିରେ ବ୍ୟାଟେରୀ ଉପରେ ଅଧିକ ଚାପ ପଡ଼େ। ଫଳରେ ବ୍ୟାଟେରିର ଆୟୁ କମିବା ସହ ତାପଜ ଚାପ ମଧ୍ୟ ବଢ଼ିଥାଏ। ଏହି ସମସ୍ୟାକୁ ଦୂର କରିବା ପାଇଁ ଏନ୍ଆଇଟି ରାଉରକେଲାର ଗବେଷକମାନେ ଏପରି ଏକ ହାଇବ୍ରିଡ୍ ଏନର୍ଜି ଷ୍ଟୋରେଜ୍ ଆର୍କିଟେକ୍ଚର୍ ବିକଶିତ କରିଛନ୍ତି, ଯାହା ବ୍ୟାଟେରିକୁ ହଠାତ୍ ପାୱାର୍ ଚାହିଦାରୁ ସୁରକ୍ଷା ଦେବା ସହ ସୁପରକ୍ୟାପାସିଟର୍‌ର ଶକ୍ତିକୁ ଦକ୍ଷତାର ସହ ବ୍ୟବହାର କରେ। ଏହାରେ ଉପାଦାନ ସଂଖ୍ୟା କମ୍ ଥିବାରୁ ସମଗ୍ର ବ୍ୟବସ୍ଥା ସରଳ ହୋଇଛି। ପ୍ରଫେସର ମୋନାଲିସା ପଟ୍ଟନାୟକ କହିଛନ୍ତି, ଆମ ଆର୍କିଟେକ୍ଚର୍‌ରେ ତିନିଟି ମୁଖ୍ୟ ଉପାଦାନ ରହିଛିବ୍ୟାଟେରୀ ଓ ସୁପରକ୍ୟାପାସିଟର୍‌କୁ ଯାନର ବିଦ୍ୟୁତ୍ ବ୍ୟବସ୍ଥା ସହ ସଂଯୋଗ କରୁଥିବା ଗୋଟିଏ କନଭର୍ଟର୍, ବିଦ୍ୟୁତ୍ ପଥରେ ଥିବା ଗୋଟିଏ ଇଣ୍ଡକ୍ଟର୍ ଏବଂ ପାୱାର୍ ପ୍ରବାହକୁ ନିୟନ୍ତ୍ରଣ କରୁଥିବା ଗୋଟିଏ କଣ୍ଟ୍ରୋଲ୍ ସିଷ୍ଟମ୍। ପ୍ରଫେସର ପଟ୍ଟନାୟକ କହିଛନ୍ତି ଯେ, ଏହି ପ୍ରଯୁକ୍ତି ୨୪ ଭୋଲ୍ଟରୁ ୬୦ ଭୋଲ୍ଟ ଡିସିରେ କାର୍ଯ୍ୟ କରୁଥିବା ଲୋ-ଭୋଲ୍ଟେଜ୍ ଇଭି ପ୍ଲାଟଫର୍ମ ପାଇଁ ବିଶେଷ ଭାବେ ଉପଯୋଗୀ। ଏହାକୁ ଇଲେକ୍ଟ୍ରିକ୍ ସ୍କୁଟର୍, ଇଲେକ୍ଟ୍ରିକ୍ ମୋଟରସାଇକେଲ୍, ଇ-ରିକ୍ସା, କାର୍ଗୋ ଟ୍ରାଇସାଇକେଲ୍ ଏବଂ କ୍ୟାମ୍ପସ୍ କିମ୍ବା ଶିଳ୍ପ ପ୍ରତିଷ୍ଠାନରେ ବ୍ୟବହୃତ ୟୁଟିଲିଟି ଯାନରେ ଏହା ବ୍ୟବହାର କରାଯାଇପାରିବ। ଏହା ବ୍ୟତୀତ ଅଟୋମେଟେଡ୍ ଗାଇଡେଡ୍ ଭେହିକଲ୍ (ଏଜିଭି), ଗୋଦାମରେ ବ୍ୟବହୃତ କାର୍ଟ, ଡିସି ମାଇକ୍ରୋଗ୍ରିଡ୍ ଏବଂ ଅକ୍ଷୟ ଶକ୍ତି ଚାର୍ଜିଂ ଷ୍ଟେସନ୍‌ରେ ମଧ୍ୟ ଏହି ପ୍ରଯୁକ୍ତିର ପ୍ରୟୋଗ ସମ୍ଭବ। ଏନ୍ଆଇଟି ରାଉରକେଲାର ଏହି ନୂଆ ପ୍ରଯୁକ୍ତି ଇଲେକ୍ଟ୍ରିକ୍ ଯାନର ବ୍ୟାଟେରୀ ଉପରେ ପଡ଼ୁଥିବା ହଠାତ୍ ଉଚ୍ଚ କରେଣ୍ଟ ଚାପକୁ କମାଇବା ସହ ବ୍ୟାଟେରୀର ଆୟୁ ବଢ଼ାଇବା, ଶକ୍ତି ବ୍ୟବହାରକୁ ଅଧିକ ଦକ୍ଷ କରିବା ଏବଂ ଇଭି ପାୱାର୍ ସିଷ୍ଟମ୍‌ର ଜଟିଳତା କମାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରେ ବୋଲି ଆଶା କରାଯାଉଛି।

# ରାଉରକେଲା ପୁଲିସର ରାତ୍ରିକାଳୀନ ଧରପଗଡ଼

## ସର୍ବସାଧାରଣ ସ୍ଥାନରେ ମଦ୍ୟପାନ ଅଭିଯୋଗରେ ୨୫୦ରୁ ଅଧିକ ଅଟକ



**ରାଉରକେଲା, ୩।୯ (ସମିସ):** ରାଉରକେଲା ପୁଲିସ ପକ୍ଷରୁ ବୁଧବାର ରାତିରେ ବଡ଼ଧରଣର ଧରପଗଡ଼ ଅଭିଯାନ କରାଯାଇଥିଲା। ସହରର ବିଭିନ୍ନ ସର୍ବସାଧାରଣ ସ୍ଥାନରେ ମଦ୍ୟପାନ କରିବା ସହ ଆପତ୍ତିଜନକ କାର୍ଯ୍ୟକଳାପରେ ଲିପ୍ତଥିବା ଅଭିଯୋଗରେ ୨୫୦ରୁ ଅଧିକ ବ୍ୟକ୍ତିଙ୍କୁ ପୁଲିସ ଅଟକ ରଖିଥିଲା। ରାଉରକେଲାର ବିଭିନ୍ନ ଥାନା ଅଞ୍ଚଳରେ ଏକସଙ୍ଗେ ଏହି ବ୍ୟାପକ ଅଭିଯାନ ଚାଲିଥିଲା। ପୁଲିସ ଟିମ୍‌ଗୁଡ଼ିକ ଖୋଲା ପଡ଼ିଆ, ବଜାର କମ୍ପ୍ଲେକ୍ସ, ପୂଜା ମଣ୍ଡପ ନିକଟବର୍ତ୍ତୀ ଅଞ୍ଚଳ ଏବଂ ଅନ୍ୟାନ୍ୟ ସର୍ବସାଧାରଣ ସ୍ଥାନରେ ଚଢ଼ଉ କରିଥିଲେ। ଏହି ସ୍ଥାନଗୁଡ଼ିକରେ ଯୁବକମାନଙ୍କ ଗୋଷ୍ଠୀ ଏକାଠି ହୋଇ ମଦ୍ୟପାନ କରୁଥିବା ନେଇ ପୁଲିସ ନିକଟରେ ସୂଚନା ରହିଥିଲା। ଚଢ଼ଉ ସମୟରେ ପୁଲିସ ମଦ ବୋତଲ ସହ ଅଟକ ବ୍ୟକ୍ତିମାନଙ୍କର ବୋଲି ସନ୍ଦେହ କରାଯାଉଥିବା କେତେକ ଗାଡ଼ି ମଧ୍ୟ ଜବତ କରିଥିଲା। ଏହି ଧରପଗଡ଼ ଅଭିଯାନରେ ପ୍ଲାଣ୍ଟସାଇଟ୍, ରଘୁନାଥପାଲି, ବ୍ରାହ୍ମଣୀତରଙ୍ଗ, ଉଦିତନଗର, ବଣ୍ଡାମୁଣ୍ଡା ଓ ଟାଙ୍ଗରପାଲି ଥାନା ଅଞ୍ଚଳ ସମେତ ସେକ୍ଟର ଅଞ୍ଚଳର ବିଭିନ୍ନ ଥାନା ଅଞ୍ଚଳକୁ ସାମିଲ କରାଯାଇଥିଲା। ଆଗାମୀ ଦିନରେ ମଧ୍ୟ ଏଭଳି ଅଭିଯାନ ଜାରି ରହିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**ରାଉରକେଲା, ୩।୯ (ସମିସ):** ସାପ କାମୁଡିବା ପରେ ଝାଡ଼ଫୁଙ୍କ ପରି ଅନ୍ଧବିଶ୍ୱାସର ଦୁଃଖଦ ପରିଣତି। ଯାହା ଫଳରେ ସାପ କାମୁଡ଼ାରେ ଜଣେ ୫୨ ବର୍ଷୀୟ ମହିଳାଙ୍କ ମୃତ୍ୟୁ ଘଟିଛି। ଅଭାବନୀୟ ଘଟଣାଟି ଘଟିଛି ରାଏବଗା ଥାନା ଅନ୍ତର୍ଗତ ଗୋପୁର ଅଞ୍ଚଳରେ। ସୂଚନା ମୁତାବକ ବୁଧବାର ବିଳମ୍ବିତ ରାତିରେ ରାଏବଗା ଥାନା ଗୋପୁର ଗାଁର ଫିଲୋମିନା ଡେଂଗ୍ରା ନାମକ ଜଣେ ୫୨ ବର୍ଷୀୟ ମହିଳା ନିଜ ଘରେ ଶୋଇଥିବା ବେଳେ ତାଙ୍କୁ କୌଣସି ଏକ ବିଷାକ୍ତ ସାପ କମୁଡ଼ିଥିଲା। ତେବେ ପରିବାର ଲୋକେ ତାଙ୍କୁ ତୁରନ୍ତ ହସ୍ପିଟାଲ୍ ନେବା ପରିବର୍ତ୍ତେ ପ୍ରଥମେ ଗୁଣିଆ ଡାକି ଝାଡ଼ଫୁଙ୍କ କରାଇଥିଲେ। ଆରୋଗ୍ୟ ହେବା ପରିବର୍ତ୍ତେ ତାଙ୍କର ଅବସ୍ଥା ଆହୁରି ଗୁରୁତର ହେବାରୁ ଆଜି ସକାଳେ ତାଙ୍କୁ ବିରମିତ୍ରପୁର ହସ୍ପିଟାଲକୁ ନିଆଯାଇଥିଲା। ମାତ୍ର ସେତେବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା। ସାପ କାମୁଡ଼ିଲେ ଅନ୍ଧବିଶ୍ୱାସର ଶିକାର ହୋଇ ଝାଡଫୁଙ୍କ ନକରି ଶୀଘ୍ର ହସ୍ପିଟାଲ୍ ଆଣିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି।

## ବଣାଇଁର ବିଭିନ୍ନ ସମସ୍ୟା ନେଇ ଆରଡିସିଙ୍କ ଦୃଷ୍ଟି ଆକର୍ଷଣ

# ବଣାଇଁ ଓକିଲ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

**ବଣାଇଁଗଡ଼, ୩।୯ (ସମିସ):** ବଣାଇଁ ସହରର ବିଭିନ୍ନ ସମସ୍ୟା ଓ ମୌଳିକ ସୁବିଧାର ଅଭାବ ନେଇ ବଣାଇଁ ଓକିଲ ସଂଘ ପକ୍ଷରୁ ସମ୍ବଲପୁର ରାଜସ୍ୱ ଆୟୁକ୍ତ (ଆରଡିସି ) ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସଂଘର ପ୍ରତିନିଧିମାନେ



ଆରଡିସିଙ୍କୁ ସାକ୍ଷାତକରି ବଣାଇଁ ସହରର ଜନଜୀବନ ସହ ଜଡ଼ିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଏହାର ସମାଧାନ ପାଇଁ ଉଚିତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଓକିଲ ସଂଘ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ବଣାଇଁ ଉପଖଣ୍ଡୀୟ ଚିକିତ୍ସାଳୟରେ ଆବଶ୍ୟକ ସଂଖ୍ୟକ ଡାକ୍ତର ଓ ଟେକ୍ନିସିଆନ ନ ଥିବା ନେଇ ଅଭିଯୋଗ କରାଯାଇଛି। ଫଳରେ ହସ୍ପିଟାଲରେ ଥିବା ଅଲ୍ଟ୍ରାସାଉଣ୍ଡ ଭଳି ଗୁରୁତ୍ୱପୂର୍ଣ୍ଣ ସେବା ଅବ୍ୟବହୃତ ହୋଇ ପଡ଼ିଥିବା ଦାବି କରାଯାଇଛି। ସେହିପରି ବଣାଇଁ ସହରର ଗୁରୁତ୍ୱପୂର୍ଣ୍ଣ ସରକାରୀ ଅଞ୍ଚଳରେ ଡ୍ରେନେଜ ବ୍ୟବସ୍ଥା ଠିକ୍ ନ ଥିବାରୁ ସାମାନ୍ୟ ବର୍ଷା ହେଲେ ମଧ୍ୟ ବର୍ଷାଜଳ ଜମି ଯାଉଛି। ବିଶେଷକରି ସବ୍‌କଲେକ୍ଟର କାର୍ଯ୍ୟାଳୟ ପରିସରରେ ଜଳ ଜମି ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି କରୁଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ଦେଓଗାଁ ଛକଠାରୁ ବିଜୁ ଛକ ପର୍ଯ୍ୟନ୍ତ ରାସ୍ତାରେ ବୁଲା ଗୋରୁ ଓ ପଥଚାରୀଙ୍କ ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି। ବଣାଇଁ ସହରର ଏହି ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଆରଡିସିଙ୍କ ହସ୍ତକ୍ଷେପ ଲୋଡ଼ିଛି ବଣାଇଁ ଓକିଲ ସଂଘ। ଜନସାଧାରଣଙ୍କ ସୁବିଧା, ସହରର ସୌନ୍ଦର୍ଯ୍ୟ ଓ ସୁଚାରୁ ଯାତାୟାତ ବ୍ୟବସ୍ଥା ପାଇଁ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି। ବଣାଇଁ ଓକିଲ ସଂଘ ର ସଭାପତି ତୁଷାରକାନ୍ତ ସାହୁ, ଉପସଭାପତି ଦିନେଶ କୁମାର ଦାଶ, ସମ୍ପାଦକ ତହସିଲଦାର ପାତ୍ର, ବରିଷ୍ଠ ସଦସ୍ୟ କୈଳାସ ଚନ୍ଦ୍ର ପ୍ରଧାନ, ପାର୍ଥସାରଥୀ ମିଶ୍ର, ତୁଳସୀ ବଲ୍ଲଭ ସାହୁ ଉପସ୍ଥିତ ଥିଲେ।

# ଅଟୋ ଓଲଟି ୮ କଲେଜ ଛାତ୍ରୀ ଆହତ

**ରାଉରକେଲା, ୩।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଏବଗା ଥାନା ଅଧୀନ କୁରୁପାନି ନିକଟରେ ଗୁରୁବାର ଏକ ଅଟୋରିକ୍ସା ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ୮ ଜଣ କଲେଜ ଛାତ୍ରୀ ଆହତ ହୋଇଛନ୍ତି। ଛାତ୍ରୀମାନେ ପ୍ରତିଦିନ ଭଳି ବୀରମିତ୍ରପୁରରୁ ଭାଲୁଲତା ସ୍ଥିତ ନିର୍ମଳ ମୁଣ୍ଡା କଲେଜକୁ ପାଠ ପଢ଼ିବା ପାଇଁ ଯାଇଥିଲେ। କଲେଜ ସାରିଫେରୁଥିବା ସମୟରେ କୌଣସି କାରଣବଶତଃ ଅଟୋଟି ଭାରସାମ୍ୟ ହରାଇ କୁରୁପାନି ନିକଟରେ ଓଲଟି ପଡ଼ିଥିଲା। ଫଳରେ ଅଟୋରେ ବସିଥିବା ୮ ଜଣ ଛାତ୍ରୀ ଆହତ ହୋଇଥିଲେ। ସ୍ଥାନୀୟଲୋକଙ୍କ ସହାୟତାରେ ଆହତ ଛାତ୍ରୀମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ବୀରମିତ୍ରପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଛି। ତେବେ ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଉନ୍ନତ ଚିକିତ୍ସା ନିମନ୍ତେ ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍) ସ୍ଥାନାନ୍ତର କରାଯାଇଛି।

# ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ବଣାଇ ଉପଖଣ୍ଡ ଗସ୍ତ




**ବଣାଇଗଡ଼, ୩।୯ (ସମିସ):** ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର ବଣାଇ ଉପଖଣ୍ଡ ଗସ୍ତକରି ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍ଆଇଆର୍ କାର୍ଯ୍ୟର ତଦାରଖ କରିଛନ୍ତି। ଏହି ଅବସରରେ ଆୟୁକ୍ତ ମହାପାତ୍ର ବିଭାଗୀୟ ଅଧିକାରୀଙ୍କ ସହ ଏସ୍ଆଇଆର୍ ସମ୍ପର୍କିତ ଆପତ୍ତି ଅଭିଯୋଗ ଶୁଣାଣି ଉପରେ ଆଲୋଚନା କରିଥିଲେ। ଏହାସହିତ ଯେଭଳି କୌଣସି ଯୋଗ୍ୟ ଭୋଟର ତାଲିକାରୁ ବାଦ୍ ନପଡ଼ନ୍ତି ସେଥିପ୍ରତି ଅଧିକ ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଆୟୁକ୍ତ ଶ୍ରୀ ମହାପାତ୍ର ଲହୁଣୀପଡ଼ା ବ୍ଲକ ଅଧୀନ କୁଳିପୋଷ ଗ୍ରାମ ପରିଦର୍ଶନ କରି ଏସଆଇଆର୍ କାର୍ଯ୍ୟର ଅଗ୍ରଗତି ତଦାରଖ କରିଥିଲେ। ଏହି ଗସ୍ତ ସମୟରେ ବଣାଇ ଉପଜିଲ୍ଲାପାଳ ଅଶୋକ ଦାସ, ପିଏ, ଆଇଟିଡିଏ, ସ୍ୱଦୀପ ଟପ୍ପୋ, ତଥା ଅନ୍ୟାନ୍ୟ ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବାପାଙ୍କୁ ପିଟି ପିଟି ହତ୍ୟା; ପୁଅ ଓ ବୋହୂ ଗିରଫ

**ରାଉରକେଲା, ୩।୯ (ସମିସ):** ପାରିବାରିକ କଳହ ଯୋଗୁଁ ପିଶାଚ ସାଜିଲେ ପୁଅ ବୋହୂ। ଶେଷରେ ଫୁଙ୍କ ନଳୀରେ ପିଟି ପିଟି ନିଜ ୬୦ ବର୍ଷର ବୃଦ୍ଧ ପିତାଙ୍କୁ ଜୀବନରୁ ମାରିଦେଲେ ପୁଅ ଏବଂ ବୋହୂ। ଏଭଳି ଏକ ହୃଦୟବିଦାରକ ଘଟଣା ଘଟିଛି ସୁନ୍ଦରଗଡ଼ ଜିଲ୍ଲାର ବୀରମିତ୍ରପୁର ଥାନା ଅଧୀନ ଜଗଦୀଶପୁର ଗାଁରେ। ମୃତ ପିତା ହେଉଛନ୍ତି ପାନକ ଏକ୍କା (୬୦)।

ସୂଚନା ମୁତାବକ ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁର ଥାନାର କୁଆଁରମୁଣ୍ଡା ଫାଣ୍ଡି ଅଧୀନ ଜଗଦୀଶପୁର ଗାଁରେ ପାରିବାରିକ ବିବାଦକୁ କେନ୍ଦ୍ରକରି ପାନକଙ୍କ ସହ ତାଙ୍କ ପୁଅ ଲାଜୋ ଏକ୍କା ଓ ବୋହୂ ବାସନ୍ତୀ ଏକ୍କାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ସମୟରେ ଲାଜୋ ଓ ବାସନ୍ତୀ ଲୁହା ପାଇପ୍‌ରେ ପାନକଙ୍କୁ ଆକ୍ରମଣ କରିଥିଲେ। ତେବେ ଏହି ଆକ୍ରମଣ ପରେ ବି ପିତା ପାନକ ଜୀବିତ ଥିବା ସନ୍ଦେହ କରି ଅଭିଯୁକ୍ତ ପୁଅ ଏବଂ ବୋହୂ ତାଙ୍କୁ ତଣ୍ଟିଚିପି ଦେଇ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ପୁଲିସ ଜଗଦୀଶପୁର ଗାଁରେ ପହଞ୍ଚି ହତ୍ୟା ଅଭିଯୋଗରେ ଲାଜୋ ଓ ବାସନ୍ତୀଙ୍କୁ ଗିରଫ କରିଥିଲା। ଗିରଫ ଦୁଇ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟରେ ହାଜର କରାଯାଇଛି। ଘଟଣାର ପ୍ରକୃତ କାରଣ ଓ ଅନ୍ୟାନ୍ୟ ଦିଗ ସମ୍ପର୍କରେ ପୁଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ଆର୍ଥିକ ବର୍ଷର ପ୍ରଥମ ପାଞ୍ଚ ମାସରେ ସର୍ବୋତ୍ତମ ବିକ୍ରୟ ଯୋଗ୍ୟ ଇସ୍ପାତ ଉତ୍ପାଦନ

**ରାଉରକେଲା, ୩।୯ (ସମିସ):** ରାଉରକେଲା ଇସ୍ପାତ କାରଖାନା ଅଗଷ୍ଟ ୨୦୨୬ରେ ନିଜର ଦୃଢ଼ ଅଭିବୃଦ୍ଧି ଧାରା ବଜାୟ ରଖି ଯେକୌଣସି ଏପ୍ରିଲ-ଅଗଷ୍ଟ ଅବଧି ପାଇଁ ତା'ର ସର୍ବକାଳୀନ ସର୍ବାଧିକ ବିକ୍ରୟ ଯୋଗ୍ୟ ଇସ୍ପାତ ଉତ୍ପାଦନ ଲିପିବଦ୍ଧ କରିଛି। ଏହି ଅବଧି ମଧ୍ୟରେ ପ୍ଲାଣ୍ଟ ୧୭, ୫୨, ୫୬୧ ଟନ୍ ବିକ୍ରୟ ଯୋଗ୍ୟ ଇସ୍ପାତ ଉତ୍ପାଦନ କରି ୨୦୨୩ ମସିହାରେ ସୃଷ୍ଟି ହୋଇଥିବା ୧୭, ୪୮, ୩୪୯ ଟନ୍‌ର ପୂର୍ବ ରେକର୍ଡକୁ ଅତିକ୍ରମ କରିଛି। ଏହି ସଫଳତାରେ ଅନ୍ୟତମ ମୁଖ୍ୟ ଯୋଗଦାନକାରୀ ଥିଲା ହଟ୍ ଷ୍ଟ୍ରିପ୍ ମିଲ୍-୨, ଯାହା ଏପ୍ରିଲ-ଅଗଷ୍ଟ ୨୦୨୬ ରେ ରେକର୍ଡ ୧୧, ୨୩, ୨୭୫ ଟନ୍ ଛୁଇଁ ୨୦୨୫ ରେ ଲିପିବଦ୍ଧ ହୋଇଥିବା ୧୦, ୬୮, ୩୬୦ ଟନ୍‌ର ପୂର୍ବ ଶ୍ରେଷ୍ଠ ଉତ୍ପାଦନକୁ ପଛରେ ପକାଇ ଦେଇଛି। ନିରନ୍ତର କାର୍ଯ୍ୟକ୍ଷମ ଦକ୍ଷତା ପ୍ରଦର୍ଶନ କରି, ଏହି ମିଲ୍ ଧାର୍ଯ୍ୟ ଅବଧି ମଧ୍ୟରେ ତା'ର ଶିଟ୍ ସିଅରିଂ ଲାଇନ୍‌ରୁ ୧, ୪୬, ୭୪୮ ଟନ୍ ଏଚ୍ଆର ପ୍ଲେଟ୍ ତିଆରି କରି ଅନ୍ୟ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି, ଯାହା ୨୦୨୫ ରେ ହୋଇଥିବା ୧, ୨୩, ୪୦୫ ଟନ୍ ର ପୂର୍ବ ରେକର୍ଡକୁ ଅତିକ୍ରମ କରିଛି। ଅନ୍ୟଏକ ଯୋଗଦାନକାରୀ ବିଭାଗ ଥିଲା ସିଲିକନ୍ ଷ୍ଟିଲ୍ ମିଲ୍, ଯାହା ୩୪, ୪୦୦ ଟନ୍ କୋଲ୍ଡ ରୋଲଡ୍ ନନ୍-ଓରିଏଣ୍ଟେଡ୍ (ସିଆରଏନଓ) ଇସ୍ପାତ ତିଆରିକରି ୨୦୦୮ ମସିହାରେ ଲିପିବଦ୍ଧ ହୋଇଥିବା ୩୩, ୭୩୬ ଟନ୍‌ର ପୂର୍ବ ରେକର୍ଡରେ ସୁଧାର ଆଣିଛି। କର୍ମଚାରୀମାନଙ୍କର ସାମୂହିକ ପ୍ରଚେଷ୍ଟା, ସୁପରିଚାଳିତ ପ୍ରକ୍ରିୟା ପରିଚାଳନା ଏବଂ କାର୍ଯ୍ୟକ୍ଷମ ୟୁନିଟ୍ ଗୁଡ଼ିକମଧ୍ୟରେ ଉତ୍ତମ ସମନ୍ୱୟ ଏହି ସଫଳତା ଗୁଡ଼ିକୁ ସମ୍ଭବ କରିପାରିଛି, ଯାହା ଦେଶପାଇଁ ବିପୁଳ ପରିମାଣର ଉଚ୍ଚମାନର ଇସ୍ପାତ ଉତ୍ପାଦନ ପ୍ରତି ଆର୍ଏସ୍‌ପିର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରୁଛି।



# କାର ଧକ୍କାରେ ବାଇକ୍ ଆରୋହୀ ମୃତ

**ରାଉରକେଲା, ୩।୯ (ସମିସ) :** ସ୍ଥାନୀୟ ଛେଣ୍ଡ ନିକଟସ୍ଥ ପ୍ଲୁଟନ୍ ମଲ ନିକଟରେ ରିଙ୍ଗରୋଡରେ ଗୁରୁବାର ସକାଳେ ଏକ କାର୍ ବାଇକ୍‌କୁ ଧକ୍କା ଦେବାଫଳରେ ଜଣେ ସିକ୍ୟୁରିଟି ଗାର୍ଡଙ୍କର ମୃତ୍ୟୁ ଘଟିଛି। ପ୍ରଥମେ ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ପଠାଯାଇଥିଲା। ମୃତକ ସୁରକ୍ଷା ଅଧିକାରୀ ସେକ୍ଟର - ୬ ନିବାସୀ ଈଶ୍ୱର ଓରାମ ବୋଲି ଜଣାପଡ଼ିଛି। ସେ ଏକ ମଲ୍‌ରେ ସୁରକ୍ଷା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଦୁର୍ଘଟଣା ପରେ ସେ ବାଇକ୍‌ରୁ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ତାଙ୍କର ଅବସ୍ଥା ଗୁରୁତର ଥିବା ବେଳେ ଜଣେ ମହିଳା ହୋମ ଗାର୍ଡ ତାଙ୍କୁ ତତ୍କାଳ ସିପିଆର୍ ଦେଇ ହସ୍ପିଟାଲ୍ ପଠାଇଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଛେଣ୍ଡ ଥାନା ପୁଲିସ ଘଟଣାର ତଦନ୍ତ କରୁଛି।

# ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବହୁରୂପୀ ଏଣ୍ଡୁଅ ଉଦ୍ଧାର

**ବଣାଇଁଗଡ଼, ୩।୯ (ସମିସ):** ବଣାଇଁଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ବହୁରୂପୀ ଏଣ୍ଡୁଅ ଉଦ୍ଧାର ହୋଇଛି। କାର୍ଯ୍ୟାଳୟ ପରିସରରେ ଥିବା କ୍ୟାଣ୍ଟିନ ନିକଟରେ ଏହି ଏଣ୍ଡୁଅକୁ ଦେଖିବାକୁ ମିଳିଥିଲା। କ୍ୟାଣ୍ଟିନ ମାଲିକ ତନୁଜ ଜୟସ୍ୱାଲ ପ୍ରଥମେ ଏଣ୍ଡୁଅଟିକୁ ଦେଖିଥିଲେ। ସେ ତୁରନ୍ତ ବନ ବିଭାଗକୁ ଏ ସମ୍ପର୍କରେ ଜଣାଇଥିଲେ। ଖବର ପାଇ ବନ ବିଭାଗର



କର୍ମଚାରୀମାନେ ପହଞ୍ଚି ଏଣ୍ଡୁଅଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ପରେ ଉଦ୍ଧାର ହୋଇଥିବା ବହୁରୂପୀ ଏଣ୍ଡୁଅଟିକୁ ବନ ବିଭାଗ ପକ୍ଷରୁ ନିକଟସ୍ଥ ଜଙ୍ଗଲକୁ ନେଇ ସୁରକ୍ଷିତ ଭାବେ ଛାଡ଼ି ଦିଆଯାଇଥିଲା। ତନୁଜ ଜୟସ୍ୱାଲଙ୍କ ସମୟୋଚିତ ସୂଚନା ଯୋଗୁଁ ଏଣ୍ଡୁଅଟି ସୁରକ୍ଷିତ ଭାବେ ଉଦ୍ଧାର ହୋଇପାରିଥିବାରୁ ସ୍ଥାନୀୟ ଲୋକେ ତାଙ୍କ ପଦକ୍ଷେପକୁ ପ୍ରଶଂସା କରିଛନ୍ତି।

# ନୂତନ ଛାତ୍ରଛାତ୍ରୀଙ୍କ ସମ୍ବର୍ଦ୍ଧନା ସମାରୋହ



**ରାଉରକେଲା, ୩।୯ (ସମିସ):** ରାଉରକେଲା ଆଇନୀ ମହାବିଦ୍ୟାଳୟରେ ନୂତନ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧକ୍ଷା ଡ. ସମ୍ପାଦିକା ମହାନ୍ତି ଅଧ୍ୟକ୍ଷତା କରି ନିଜବକ୍ତବ୍ୟରେ କଲେଜର ନବାଗତ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମୟାନୁବର୍ତ୍ତିତା ଓ ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିବା ସହ ଲକ୍ଷ୍ୟପଥରେ ପହଞ୍ଚିବା ପାଇଁ ଛାତ୍ରଛାତ୍ରୀ ଦୃଢନିଷ୍ଠା ଓ ଅଧ୍ୟବସାୟ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। କଲେଜର ଅତିଥି ପ୍ରାଧ୍ୟାପକ, ପ୍ରାଧ୍ୟାପିକା, ପ୍ରାଧ୍ୟାପକ, କର୍ମଚାରୀ ପ୍ରମୁଖ ଯୋଗଦେଇ ନବାଗତ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ ଜୀବନ ଅତିବାହିତ କରିବାପାଇଁ ପରାମର୍ଶ ଦେଇଥିଲେ। ଏହାପରେ ନବାଗତ ଛାତ୍ରଛାତ୍ରୀମାନଙ୍କୁ ସମ୍ବିଧାନର ମୁଖପତ୍ର, ମହାବିଦ୍ୟାଳୟର ଛାତ୍ରନୀତି, ପାଠାଗାରନୀତି ସହିତ ପାଠ୍ୟକ୍ରମ ଏବଂ ବିଷୟବସ୍ତୁ ସମ୍ବଳିତ ଏକ କିଟ୍ ପ୍ରଦାନ କରାଯାଇଥିଲା। ଛାତ୍ର ଅମିତ ପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ଛାତ୍ର ହବିବୁର ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଗତୀ ଉତ୍କଳ ସଂଘ ପକ୍ଷରୁ ଐତିହାସିକ ନବୀନ ସାହୁଙ୍କ ଶ୍ରାଦ୍ଧବାର୍ଷିକୀ

**ରାଉରକେଲା, ୩।୯ (ସମିସ):** ଓଡ଼ିଶାର ପ୍ରତ୍ନତାତ୍ତ୍ୱିକ ଓ ଐତିହାସିକ ଗବେଷଣା କ୍ଷେତ୍ରରେ ଡ. ନବୀନ କୁମାର ସାହୁ ଜଣେ ଅଗ୍ରଗଣ୍ୟ ଐତିହାସିକ ଥିଲେ। ବିଶେଷକରି ଓଡ଼ିଶାରେ ବୌଦ୍ଧ ଧର୍ମର ବିକାଶ, ପ୍ରାଚୀନ ଖାରବେଳଙ୍କ ଇତିହାସ ଏବଂ ମୁକ୍ତ ତଥ୍ୟଭିତ୍ତିକ ଇତିହାସ ଲିଖନରେ ତାଙ୍କର ଅବଦାନ ଅତୁଳନୀୟ। ସହରର ସର୍ବପୁରାତନ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ପ୍ରଗତି ଉତ୍କଳ ସଂଘର ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏବଂ ସାଧାରଣ ସମ୍ପାଦକ ରାଧାମୋହନ ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ବିଶିଷ୍ଟ ଐତିହାସିକ ନବୀନ କୁମାର ସାହୁଙ୍କ ୪୨ତମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଡ. ପ୍ରଭାତ କୁମାର ମଲ୍ଲିକ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ସେ କହିଲେ ଯେ, ନବୀନ ସାହୁଙ୍କର ସର୍ବଶ୍ରେଷ୍ଠ ଗବେଷଣା ନିବନ୍ଧ 'ଓଡ଼ିଶାରେ ବୌଦ୍ଧ ଧର୍ମ' ଓଡ଼ିଶାରେ ବୌଦ୍ଧ ଧର୍ମର ବିକାଶ ଓ ପ୍ରସାର ଉପରେ ଏକ ଯୁଗାନ୍ତକାରୀ ଗ୍ରନ୍ଥ। ଲଳିତଗିରି, ରତ୍ନଗିରି ଓ ଉଦୟଗିରି ଅଞ୍ଚଳର ବୌଦ୍ଧ କୀର୍ତ୍ତିରାଜି ତଥା ପୁଷ୍ପଗିରି ମହାବିହାରର ଐତିହାସିକତା ପ୍ରମାଣିତ କରିବାରେ ତାଙ୍କ ଗବେଷଣାର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। କାର୍ଯ୍ୟକାରୀ ସଦସ୍ୟା ସ୍ମିତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଯୁଗ୍ମ ସମ୍ପାଦକ ଲକ୍ଷ୍ମଣ ନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବୀ ଅର୍ଚ୍ଚନା ପାତ୍ର ଓ ଗାଳ୍ପିକ - କବି ସଞ୍ଜୀବ କୁମାର ଭୋଇଙ୍କ ସଂଯୋଜନାରେ ନୃସିଂହ ଚରଣ ବିଶ୍ୱାଳ, କୁଞ୍ଜବିହାରୀ ରାଉତ, ଧୋବେଇ ବେହେରା, ସସ୍ମିତା ପ୍ରଧାନ, ଆଲୋକ ବୋଷ, ପରେଶ ବିଶ୍ୱାଳ, ଅକ୍ଷୟ ସାମଲ, କାଶୀନାଥ ପାତ୍ର, ମନୋରଞ୍ଜନ ମଣ୍ଡଳ, ରଶ୍ମୀ ସାହୁ, ଡ଼ଲି ରାଣୀ ବ୍ରହ୍ମା, ସ୍ମିତା ମିଶ୍ର, ଚିତ୍ତରଞ୍ଜନ ବ୍ରହ୍ମା ଓ ସଂଯୋଜକ ଦ୍ୱୟ ସ୍ୱରଚିତ କବିତା ପାଠ କରିଥିଲେ। ଘନଶ୍ୟାମ ଧଳ, ଅରବିନ୍ଦ ପାତ୍ର, ଧରଣୀଧର ସାମଲ, ଇନ୍ଦ୍ରମଣି ମହାପାତ୍ର, ନାରାୟଣ ଚନ୍ଦ୍ର ମହନ୍ତ, ବରୁଣ କୁମାର ନାହାକ, କିଶୋରୀ ମୋହନ କର, ପ୍ରସନ୍ନ କୁମାର ମହାନ୍ତି ପ୍ରମୁଖ ସହାୟତା କରିଥିବା ବେଳେ, ଅକ୍ଷୟ କୁମାର ସାମଲ, ପ୍ରଦୀପ କୁମାର ପଟ୍ଟନାୟକ, ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ, ନାରାୟଣ ଦଳାଇ, ଆରତୀ ଚୌଧୁରୀ, ପ୍ରବୀର କୁମାର ଦୁବେ ପ୍ରମୁଖ ବହୁ ସାହିତ୍ୟ - ସଂସ୍କୃତି ପ୍ରେମୀ ଯୋଗ ଦେଇଥିଲେ।

# ଆଇଜିଏଚ୍ ଓ ଇଏସ୍ଆଇସି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର

## ସୁପର-ସ୍ପେଶାଲିଟି ସେବା ଓ କ୍ୟାସଲେସ୍ ସେବା ଲକ୍ଷ୍ୟ

**ରାଉରକେଲା, ୩।୯ (ସମିସ)**

ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଇସ୍ପାତ ଜେନେରାଲ ହସ୍ପିଟାଲ, ଇଏସଆଇସି ହିତାଧିକାରୀ ଏବଂ ସେମାନଙ୍କ ନିର୍ଭରଶୀଳମାନଙ୍କୁ କ୍ୟାସଲେସ୍ (ନଗଦବିହୀନ) ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସଆଇସି), ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର ସହିତ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ଗୁରୁବାର ଇଏସ୍ଆଇସି ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକ ରୁଦ୍ରଦୀପ ଦତ୍ତ ଏବଂ ଆରଏସପିର ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଭାରୀ ଡା. ଜୟନ୍ତ କୁମାର ଆଚାର୍ଯ୍ୟଙ୍କ ଦ୍ୱାରା ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣା ପତ୍ର ଫଳରେ ଓଡ଼ିଶା ସମେତ ଅନ୍ୟାନ୍ୟ ରାଜ୍ୟର ଇ.ଏସ.ଆଇ.ସି



ହିତାଧିକାରୀମାନେ (ଇଏସ୍ଆଇ.ସି ଭୁବନେଶ୍ୱର ଜରିଆରେ) ଏକ କ୍ୟାସଲେସ୍ ବ୍ୟବସ୍ଥା ମାଧ୍ୟମରେ ଆଇଜିଏଚରେ ଗୁଣାତ୍ମକ ଏବଂ ସୁଲଭ ସ୍ୱାସ୍ଥ୍ୟସେବା ପାଇପାରିବେ। ଏହି ସହଭାଗିତାରେ ବର୍ହିଃବିଭାଗ ଚିକିତ୍ସା ଏବଂ ଅନ୍ତଃବିଭାଗ ଚିକିତ୍ସା, ରୋଗ ନିରୂପଣ ଓ ପରୀକ୍ଷାଗାର ସେବା, ଜରୁରୀକାଳୀନ ଚିକିତ୍ସା, ଶଲ୍ୟଚିକିତ୍ସା ଏବଂ ସ୍ୱତନ୍ତ୍ର ଚିକିତ୍ସା ସେବା ସାମିଲ ରହିଛି; ଯେଉଁଥିରେ ନ୍ୟୁରୋଲୋଜି, ନ୍ୟୁରୋସର୍ଜରୀ, ପୋଡା ଏବଂ ପ୍ଲାଷ୍ଟିକ୍ ସର୍ଜରୀ, ନେଫ୍ରୋଲୋଜି ଓ ଡାୟାଲିସିସ୍ ଏବଂ ମେଡିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଭଳି ସୁପର ସ୍ପେଶାଲିଟି ସେବା ଅନ୍ତର୍ଭୁକ୍ତ। ଏହି ସହଯୋଗିତା ବିଶେଷ କରି ରାଉରକେଲା ଅଞ୍ଚଳରେ ଇଏସ.ଆଇ.ସି ହିତାଧିକାରୀ ଏବଂ ସେମାନଙ୍କ ନିର୍ଭରଶୀଳମାନଙ୍କ ପାଇଁ ସ୍ୱତନ୍ତ୍ର ଏବଂ ସୁପର-ସ୍ପେଶାଲିଟି ସ୍ୱାସ୍ଥ୍ୟସେବାର ସୁବିଧାକୁ ଯଥେଷ୍ଟ ବୃଦ୍ଧି କରିବ। ଏହା ଆଇଜିଏଚର ଚିକିତ୍ସା ଦକ୍ଷତା, ସ୍ୱତନ୍ତ୍ର ଭିତ୍ତିଭୂମି ଏବଂ ସ୍ୱାସ୍ଥ୍ୟସେବା ସୁବିଧାର ବ୍ୟାପକ ଉପଯୋଗରେ ସହାୟକ ହେବ, ଯାହାଫଳରେ ବୃହତ୍ତର ସମାଜକୁ ସେବା ଯୋଗାଉଥିବା ଏକ ପ୍ରମୁଖ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ଭାବରେ ଆଇଜିଏଚ୍ ରାଉରକେଲାର ଭୂମିକା ଆହୁରି ସୁଦୃଢ଼ ହେବ। ଇଏସ୍ଆଇ. ପକ୍ଷରୁ ଭୁବନେଶ୍ୱରର ରାଜ୍ୟ ଚିକିତ୍ସା ଅଧିକାରୀ ଡା. ଆଭା ତିର୍କୀ ଏବଂ ମାନବ ସମ୍ବଳ ବିଭାଗ ପକ୍ଷରୁ ମହାପ୍ରବନ୍ଧକ ଜି. ଆର୍. ଦାସ ଉପସ୍ଥିତ ଥିଲେ।

# ଧର୍ମଗଡ଼ ଅବକାରୀ ବିଭାଗର ଚଢ଼ଉ, ଅଭିଯୁକ୍ତ କୋର୍ଟ ଚାଲାଣ



**ଧର୍ମଗଡ଼, ୩।୯(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଅବକାରୀ ବିଭାଗ ପକ୍ଷରୁ ନିଶାଦ୍ରବ୍ୟ ବିକ୍ରି ଓ ଚାଲାଣ ବିରୋଧରେ ଚଢ଼ଉ ଜାରି ରହିଛି। ଏହି କ୍ରମରେ ଗୋଲାମୁଣ୍ଡା ବ୍ଲକ ଖମାରହଳଦୀ ନିକଟରେ ଚଢ଼ଉ କରି ଅବକାରୀ ବିଭାଗ ୭୧୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସେହି ଗାଁର ମୋତିଲାଲ ନାଏକ। ସୂଚନା ଅନୁଯାୟୀ, ମୋତିଲାଲ ଗଞ୍ଜେଇ ଚାଲାଣ କରୁଥିବାନେଇ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ଏହାକୁ ଆଧାରକରି ଧର୍ମଗଡ଼ ଅବକାରୀ ଥାନା ଏସଆଇ ପ୍ରତିମା ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଖମାର ହଳଦୀ ନିକଟରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ମୋତିଲାଲଙ୍କ ନିକଟରୁ ୭୧୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅବକାରୀ ବିଭାଗର ସୂଚନା ଅନୁସାରେ, ଅଭିଯୁକ୍ତ ଜଣକ ଦୀର୍ଘଦିନ ଧରି ଗଞ୍ଜେଇ ବ୍ୟବସାୟ ସହ ଜଡ଼ିତ ଥିବା ଅଭିଯୋଗ ରହିଛି। ଏହି ଘଟଣାକୁ ନେଇ ଧର୍ମଗଡ଼ ଅବକାରୀ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମୋତିଲାଲ ନାଏକଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ସୂଚନା ରହିଛି।

### ପଥର୍ଲା ଗାଁରେ ନୂଆଖାଇ ପ୍ରସ୍ତୁତି

# ୧୨ରେ ନୂଆ ଖାଇବେ ପଥର୍ଲା ଗ୍ରାମବାସୀ

**କେସିଙ୍ଗା, ୩।୯(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକର ପଥର୍ଲା ଗାଁର ନୂଆଖାଇ ପାଇଁ ଆଉ ମାତ୍ର ୮ ଦିନ ବାକି ରହିଲା। ଏଥିପାଇଁ ପଥର୍ଲା, ପଲକାପଡ଼ା ଏବଂ ବାହାଦୁର ପଦର ଗାଁରେ ଜୋରସୋରରେ ପ୍ରସ୍ତୁତି ଚାଲିଛି। ପଶ୍ଚିମ ଓଡ଼ିଶାର ମହାନ କୃଷିଭିତ୍ତିକ ଗଣପର୍ବ ନୂଆଖାଇକୁ କଳାହାଣ୍ଡି ଜିଲ୍ଲାର ତତ୍କାଳୀନ ନାଗବଂଶୀ ରାଜାଙ୍କ ଉପହାର ସ୍ୱରୂପ ପଥର୍ଲା ଗ୍ରାମବାସୀ ସର୍ବ ପ୍ରଥମେ ନୂଆଖାଇ ପାଳନ କରିଥାନ୍ତି। ତେବେ ଚଳିତ ସେପ୍ଟେମ୍ବର ୧୨ ତାରିଖରେ ସର୍ବପ୍ରଥମେ ପଥର୍ଲା, ପଲକାପଡ଼ା ଏବଂ ବାହାଦୁର ପଦର ଗ୍ରାମବାସୀ ନୂଆଖାଇ ପାଳନ କରୁଥିବାରୁ ନୂଆଖାଇ ପାଇଁ ବେଶ ଧୁମଧାମରେ ଚାଲିଛି ପ୍ରସ୍ତୁତି। ଜିଲ୍ଲା ଓ ରାଜ୍ୟବାହାରେ ପେଟପାଟଣା ପାଇଁ ଯାଇଥିବା ଲୋକେ ଘର ମୁହାଁ ହେଉଛନ୍ତି। ସେହିପରି ଗାଁ ଲୋକେ ଯେପରି ସୁରଖୁରରେ ନୂଆଖାଇ ପାଳନ କରିବେ ଗାଁ ଗୌନ୍ତିଆଙ୍କ ନିର୍ଦ୍ଦେଶରେ ଗାଁ ପରମ୍ପରା ଅନୁଯାଇ ଗ୍ରାମ ଦେବଦେବୀଙ୍କୁ ଏବେ ଠାରୁ ହିଁ ପୂଜାର୍ଚ୍ଚନା ଆରମ୍ଭ ହୋଇ ଗଲାଣି।

# ବିଜେପିର ବରିଷ୍ଠ ନେତା ବେଦ ପ୍ରକାଶଙ୍କ ପରଲୋକ



**ଜୁନାଗଡ଼, ୩।୯(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରର ବରିଷ୍ଠ ବିଜେପି ନେତା ତଥା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ତୃଣମୂଳସ୍ତରର ସ୍ୱୟଂସେବକ ବେଦ ପ୍ରକାଶ ଗୋଏଲଙ୍କର ୭୭ ବର୍ଷ ବୟସରେ ପରଲୋକ ଘଟିଛି। ସେ ନିଜ ଜୁନାଗଡ଼ସ୍ଥିତ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସ୍ୱର୍ଗତ ଗୋଏଲ ଜିଲ୍ଲାରେ ବିଜେପି ସଂଗଠନକୁ ତୃଣମୂଳସ୍ତରରୁ ମଜଭୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ଦେଶରେ ଜରୁରୀକାଳୀନ ପରିସ୍ଥିତି ସମୟରେ୧୯୭୭ ମସିହାରେଜେଲ୍ଯାଇଥିଲେ। ତାଙ୍କ ବିୟୋଗରେ ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତାରେ ଶ୍ରୀ ପ୍ରଧାନ କହିଛନ୍ତି, 'କଳାହାଣ୍ଡି ଜିଲ୍ଲା ଜୁନାଗଡ଼ର ବରିଷ୍ଠ ନେତା, ସୁସଂଗଠକ ବେଦ ପ୍ରକାଶ ଗୋଏଲଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ସେ ଜଣେ ସରଳ, ମିଷ୍ଟଭାଷୀ ଓ ଉତ୍ସର୍ଗୀକୃତ ନେତା ଥିଲେ। ଅବିଭକ୍ତ କଳାହାଣ୍ଡି ଜିଲ୍ଲାରେ ଦଳର ସଂଗଠନକୁ ସୁଦୃଢ଼ କରିବା ଦିଗରେ ତାଙ୍କର ଅବଦାନ ଚିରସ୍ମରଣୀୟ ହୋଇ ରହିବ। ବଡ଼ପୁଅ ପ୍ରବୀର ଗୋଏଲ ମୁଖାଗ୍ନି ଦେଇଥିଲେ।

# ୨୦ ହଜାର ଫୁଟର ପର୍ବତ ଆରୋହଣ କଲେ ଲିଲି



**ମ.ରାମପୁର, ୩।୯ (ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ବମକ ଗ୍ରାମର ପିତା ଭଜେନ୍ଦ୍ର ସାହୁ ଓ ମାତା ଭାଗ୍ୟବତୀ ସାହୁଙ୍କ ଝିଅ ଲିଲି ସାହୁ (୨୦) ଅଗଷ୍ଟ ୧୫ ତାରିଖ ଦିନ ହିମାଚଳ ପ୍ରଦେଶର ୬୧୧୧ ମିଟର ପ୍ରାୟ ୨୦ ହଜାର ଫୁଟର ୟୁନମ୍ ପର୍ବତ ଆରୋହଣ କରି ଜିଲ୍ଲା ପାଇଁ ଗୌରବ ଆଣିଦେଇଛନ୍ତି। ୟୁନମ୍ ପର୍ବତ ଆରୋହଣ କରିବା ପାଇଁ ଓଡ଼ିଶାରୁ ୧୧ ଜଣ ମହିଳା ଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୫ ଜଣ ହିଁ ସଫଳତା ସହ ଆରୋହଣ କରିଥିଲେ। ଏମାନଙ୍କ ମଧ୍ୟରୁ ୨ ଜଣ ନବାଗତା ଥିଲେ। ତନ୍ମଧ୍ୟରୁ ଲିଲି ଅନ୍ୟତମ। ସେ ପ୍ରଥମ ଥରରେ ହିଁ ପର୍ବତ ଆରୋହଣ କରିବାରେ ସମର୍ଥ ହୋଇଥିଲେ। ଗଣେଶ ଜେନାଙ୍କ ନେତୃତ୍ୱରେ ସେ ପାର୍ବତ୍ୟାରୋହୀ ଦଳରେ ସାମିଲ ହୋଇଥିବାବେଳେ ଅନିତା ସ୍ୱାଇଁ ଟିମଲିଡର ଥିଲେ। ଏହି ଟିମକୁ ଭୁବନେଶ୍ୱରର ସଂକେତ କମ୍ୟୁନିକେସନ ଏବଂ ଆଶା ଫାଉଣ୍ଡେସନ ସହାୟତା ଯୋଗାଇ ଦେଇଥିଲେ। ବୁଧବାର ବିଜେପିର ମଣ୍ଡଳ ସଭାପତି ଯାଜ୍ଞସେନ ପଣ୍ଡାଙ୍କ ନେତୃତ୍ୱରେ ଜିଲ୍ଲା ଉପସଭାପତି ପଦ୍ମଲୋଚନ ମିଶ୍ର, ସଂଯୁକ୍ତା ସିଂହ ଦିଓ, ବିଜୟ କୁମାର ମହାଖୁଡ଼, ଦିଲୀପ ଅଗ୍ରୱାଲଙ୍କ ସମେତ ବରିଷ୍ଠ କର୍ମକର୍ତ୍ତା ଲିଲିଙ୍କୁ ଭେଟି ସମ୍ବର୍ଦ୍ଧିତ କରିଥିଲେ।

# ୫୦୫ ଅଙ୍ଗନବାଡ଼ି କେନ୍ଦ୍ରର ନାହିଁ ନିଜସ୍ୱ ଗୃହ

## ସୁଭଦ୍ରା ଟଙ୍କା ଧରାଇ ମୌଳିକ ସମସ୍ୟାକୁ ଭୁଲିଯାଉଛନ୍ତି ସରକାର

**ଭବାନୀପାଟଣା, ୩।୯ (ସମିସ)**

ସରକାର ମହିଳା ଓ ଶିଶୁଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଅଧିକାରକୁ ସୁରକ୍ଷିତ କରିବା ପାଇଁ ଅଙ୍ଗୀକାରବଦ୍ଧ ବୋଲି କହି ଆସୁଛନ୍ତି। ଅନ୍ୟପକ୍ଷରେ ଲୋକଙ୍କ ମତ ସରକାରୀ ବ୍ୟବସ୍ଥା ଆଶା ଓ ବିଶ୍ୱାସର ଅନୁରୂପ ହେଉ। ସରକାର ସର୍ବଦା ଶିଶୁମାନଙ୍କ ପ୍ରତି ସମ୍ବେଦନଶୀଳ ହୁଅନ୍ତୁ। କଳାହାଣ୍ଡି ଜିଲ୍ଲାରେ ସମାଜ କଲ୍ୟାଣ ବିଭାଗ ଦାୟିତ୍ୱରେ ପ୍ରାୟ ୧, ୫୧, ୫୩୨ ମହିଳା ଓ ଶିଶୁ ଥିବା ଜଣାପଡ଼ିଛି। ସେ ମଧ୍ୟରେ ମହିଳା, ଗର୍ଭବତୀ ମହିଳା ଏବଂ ନବଜାତ ଶିଶୁ ଠାରୁ ୬ ବର୍ଷର ଶିଶୁର ଯତ୍ନ ନେବାପାଇଁ ବିଭାଗ ସଂକଳ୍ପବଦ୍ଧ। କିନ୍ତୁ ସରକାର ମହିଳା ଓ ଶିଶୁ ବିକାଶ ବିଭାଗ ସୁଭଦ୍ରା ଯୋଜନା ଆଢୁଆଳରେ ରହି ମହିଳା ଓ ଶିଶୁଙ୍କ ମୌଳିକ ସମସ୍ୟାକୁ ଭୁଲିଯାଉଛନ୍ତି। ତେବେ ଏହି ସମୁଦାୟ ପ୍ରକ୍ରିୟାକୁ ପରିଚାଳନା କ୍ଷେତ୍ରରେ ଜିଲ୍ଲାରେ ୨୩୭୭ଟି ଅଙ୍ଗନବାଡ଼ି କେନ୍ଦ୍ର କାର୍ଯ୍ୟ କରୁଥିବା ରିପୋର୍ଟରେ ଦର୍ଶାଯାଇଛି। କିନ୍ତୁ ୧୮୭୨ ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ଥିବାବେଳେ ୩୫୫ଟି କେନ୍ଦ୍ର ଭଡ଼ାଘରେ, ୭୦ଟି ସ୍କୁଲ ଭିତରେ ଏବଂ ୮୦ଟି କେନ୍ଦ୍ର କମ୍ୟୁନିଟି ହଲ ପରିସରରେ ଚାଲିଛି। ୧୦୩ଟି ନୂତନ ଗୃହ ନିର୍ମାଣ ପାଇଁ ବିଭାଗ ସରକାରଙ୍କ ନିକଟକୁ ପ୍ରସ୍ତାବ ଦେଇଥିବା ସତ୍ତ୍ୱେ କୌଣସି ନିଷ୍ପତ୍ତି ନିଆଯାଇନାହିଁ ଓ ଟଙ୍କା ମଧ୍ୟ ମଞ୍ଜୁର ହୋଇନାହିଁ। ଜୁନାଗଡ଼ ବ୍ଲକର ସନ୍ୟାସୀ କୁଣ୍ଡାମାଲ ଗ୍ରାମର ତଳପଡ଼ାରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ଦୀର୍ଘ ଦିନ ହେବ ଜରାଜିର୍ଣ୍ଣ ଅବସ୍ଥାରେ ରହି ଶେଷରେ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା। ସେହି କେନ୍ଦ୍ର ବର୍ତ୍ତମାନ କମ୍ୟୁନିଟି ହଲରେ ଚାଲୁଥିବା ସିଡିପିଓ ଜୁନାଗଡ଼ କହିଛନ୍ତି। ଏହାମାତ୍ର ଗୋଟିଏ ଉଦାହରଣ ଜିଲ୍ଲାର ସବୁ ବ୍ଲକରେ କେଉଁଠି ଭଡାଘରେ ତ ଆଉ କେଉଁଠି ସ୍କୁଲ ବାରଣ୍ଡାକୁ ଶ୍ରେଣୀ କକ୍ଷ କରି ଶିକ୍ଷାଦାନ କାର୍ଯ୍ୟ ଅବ୍ୟାହତ ରହିଛି। ଦ୍ୱିତୀୟରେ କେନ୍ଦ୍ର ଗୁଡ଼ିକର ଶୃଙ୍ଖଳିତ ପରିଚାଳନାକୁ ଅନୁଧ୍ୟାନ ପାଇଁ ସୁପରଭାଇଜର ପଦ ମଧ୍ୟ ଅଧା ଖାଲି ପଡ଼ିଛି। ଜିଲ୍ଲାରେ ୯୫ଟି ସୁପରଭାଇଜର ପଦରୁ ଅଛନ୍ତି ମାତ୍ର ୫୪ଜଣ। ପ୍ରଥମେ ଅଙ୍ଗବାଡ଼ି କେନ୍ଦ୍ର ନିର୍ମାଣ ଦିଗରେ ନିଜର ଦୃଷ୍ଟି କେନ୍ଦ୍ରୀଭୂତ କରିବାର ଆବଶ୍ୟକତା ରହିଛି। ସନ୍ୟାସୀ କୁଣ୍ଡାମାଲ୍ କେନ୍ଦ୍ର ଏବେ ଡମ୍ପିଂୟାର୍ଡ ପାଲଟିବା ଭଳି ଅନ୍ୟ ସ୍ଥାନରେ ସେ ପ୍ରକାର ସ୍ଥିତି ଉପୁଜିବାର ଆଶଙ୍କାକୁ ଏଡେଇଦେଇ ହେବନାହିଁ। ତେବେ ସିଡିପିଓ ପୁରୁଣା କୋଠାକୁ ଭାଙ୍ଗି ସେଠାରେ ନୂଆ ଅଙ୍ଗନବାଡ଼ି କେନ୍ଦ୍ରର ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ଯାଇଛି। ଏ ପରିସ୍ଥିତିକୁ ଉପଲବ୍ଧି କରି ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ହସ୍ତକ୍ଷେପ କରିବା ସହିତ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ସରକାର ଚୁପ୍ ରହିବା ସମସ୍ତଙ୍କୁ ଆଚମ୍ବିତ କରିଛି। ଏମିତି ଜିଲ୍ଲାର ୫୫ଟି କେନ୍ଦ୍ରର ଗୃହ ଗୁଡ଼ିକ ଦୟନୀୟ ସ୍ଥିତିରେ ପହଞ୍ଚିଛି। ରାଜ୍ୟ ସରକାର ଅଙ୍ଗନବାଡ଼ି କେନ୍ଦ୍ର ନିଜସ୍ୱ ଗୃହ ଯୋଗାଣ ସହ ଅଙ୍ଗନବାଡ଼ି କର୍ମୀ, ହେଲ୍ପର, ସୁପରଭାଇଜର ଏବଂ ଭବାନୀପାଟଣା ଗ୍ରାମାଞ୍ଚଳ ସିଡିପିଓ ନିଯୁକ୍ତି ପ୍ରତି ଧ୍ୟାନ ଦେବା ଜରୁରୀବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି।



# ପୁଣି ଜୀବନନେଲା 'ବିଜୁ ଫୋର୍ ୱେ; ଶବରଖି ରାସ୍ତା ଅବରୋଧ



**କୋମନା, ୩।୯ (ସମିସ):** ନୂଆପଡ଼ା ଜିଲ୍ଲା ଦେଇ ଯାଇଥିବା ବିଜୁ ଫୋର୍ ୱେ ରାସ୍ତା ମରଣ ଯନ୍ତା ପାଲଟି ଯାଇଛି। ପ୍ରାୟ ପ୍ରତି ଦିନ ଛୋଟ ବଡ ଦୁର୍ଘଟଣା ଘଟୁଛି। ଗୁରୁବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ପ୍ରାଣ ହରାଇଥିବାବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଗୁପତ ବେମାଲ( ୫୧) ଓ ଆହତ ବ୍ୟକ୍ତି ହେଲେ ଭୁବନେ ଜାଲ (୪୮)। ତେବେ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଓ ଦୁର୍ଘଟଣାସ୍ଥଳରେ ଓଭର୍ ବ୍ରିଜ ନିର୍ମାଣ ଦାବିରେ ସ୍ଥାନୀୟବାସିନ୍ଦା ରାସ୍ତାରେ ଶବ ରଖି ଧାରଣାରେ ବସିଛନ୍ତି।

ସୂଚନା ଅନୁସାରେ, ବାଇକ୍ ଆରୋହୀ ଗୁପତ ବେମାଲ( ୫୧) ଓ ଭୁବନେ ଜାଲ (୪୮) ଦୁହେଁ ବାଇକ୍‌ରେ ଯାଉଥିବାବେଳେ ଟ୍ରକ୍‌ସହ ଧକ୍କା ହେବାଫଳରେ ଗୁପତଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଗୁରୁତର ଭୁବନେ ଜାଲଙ୍କୁ ମେଡିକାଲକୁ ସ୍ଥାନାନ୍ତର କରା ଯାଇଛି। ଉକ୍ତ ଦୁଇଜଣ ସମ୍ପର୍କରେ ସମୁଦି ବୋଲି ଜଣାପଡ଼ିଛି। ଘଟଣାସ୍ଥଳରେ କୋମନା ପୁଲିସ, କୋମନା ଅତିରିକ୍ତ ତହସିଲଦାର ପ୍ରମୁଖ ପହଞ୍ଚି ଧାରଣାରେ ବସିଥିବା ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି। ଖବର ଲେଖିବା ପର୍ଯ୍ୟନ୍ତ ଧାରଣା ଜାରି ରହିଥିଲା।

# ଆମ୍ ଆଦ୍‌ମୀ ପାର୍ଟିର ଜିଲ୍ଲା କାର୍ଯ୍ୟାଳୟ ଉଦ୍‌ଘାଟିତ

**ଭବାନୀପାଟଣା, ୩।୯(ସମିସ):** ଆମ୍ ଆଦମୀ ପାର୍ଟିର ସହ ପ୍ରଭାରୀ ଅଜିତ ପାଲ ଆଜି କଳାହାଣ୍ଡି ଗସ୍ତରେ ଆସି ଜିଲ୍ଲା କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର, ଜିଲ୍ଲା ଆବାହକ ସତ୍ୟମାହାର, ଜିଲ୍ଲା ସମ୍ପାଦକ ଲତାରାଣି ସାହୁ, ପ୍ରଫୁଲ କର, ଭୂଜମଣିନାଗ, ପୂର୍ଣ୍ଣ ନାଏକ, ଯଶବନ୍ତ ବେମାଲ, ଭବାନୀପାଟଣାର ବ୍ଲକ ସଭାପତି ଜଗନ୍ନାଥ ପୁଟେଲ, କୋକସର ବ୍ଲକ ସଭାପତି ଦିଗମ୍ବର ଖସେଲ, ଜୁନାଗଡ଼ ନିର୍ବାଚନ ମଣ୍ଡଳୀର ସଭାପତି ତୁଳେଶ୍ୱର ସା, ଭବାନୀପାଟଣାର ବିଧାୟକ ପ୍ରାର୍ଥୀ ରମେଶ ନାଏକ, ଭବାନୀପାଟଣାର ଟାଉନ ସଭାପତି ଦୁର୍ଯ୍ୟୋନ ବାଗ, କର୍ଲାମୁଣ୍ଡା ର ଧରଣୀଧର ସାହୁ, ଲାଞ୍ଜିଗଡ଼ରୁ ବିଭୁଦତ୍ତ ମାଝୀ ଉପସ୍ଥିତ ଥିଲେ।

# ଶିଶୁମନ୍ଦିରରେ ସଂସ୍କୃତିବୋଧ ଅଭିଯାନ କାର୍ଯ୍ୟକ୍ରମ

**କଳାହାଣ୍ଡି/ଜୁନାଗଡ଼, ୩।୯(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଜୁନାଗଡ଼ଠାରେ ସଂସ୍କୃତିବୋଧ ଅଭିଯାନ ନିମନ୍ତେ ଏକ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ଼ ଥାନାର କାର୍ଯ୍ୟରତ କର୍ମଚାରୀ ଗୀତାଞ୍ଜଳି ସାହୁ ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବେ ବିଭାଗ ନିରୀକ୍ଷକ ବିପିନ ବିହାରୀ ମିଶ୍ର ଯୋଗଦେଇ ଭାରତୀୟ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ଏହି ଅବସରରେ ୨୫୫ ଜଣ ମା'ଙ୍କର ପଞ୍ଜୀକରଣ କରାଯାଇ ସେମାନଙ୍କୁ ସଂସ୍କୃତିବୋଧ ଅଭିଯାନରେ ସାମିଲ କରାଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଦୁର୍ଗା ପ୍ରସାଦ ନାଏକ ଅଧ୍ୟକ୍ଷତା କରିଥିଲାବେଳେ ସମ୍ପାଦକ ହେମନ୍ତ କୁମାର ମୁଣ୍ଡ, ପ୍ରଧାନ ଆଚାର୍ଯ୍ୟ ବୁଦ୍ଧ ନାଏକ ଏବଂ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ ଶ୍ରେଷ୍ଠ ଶିକ୍ଷା ପୁରସ୍କାର ପାଇବ ରେଙ୍ଗାଲପାଲି ୟୁପି ସ୍କୁଲ

**ଜୟପାଟଣା, ୩।୯ (ସମିସ):** ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଚଳିତବର୍ଷ ଗୁରୁଦିବସ ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକର ଉନ୍ନତି ଶିକ୍ଷାଦାନ, ଶୈକ୍ଷିକ ପରିବେଶ, ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା ହେତୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଉଛି। ବିଭାଗ ପତ୍ର ଅନୁସାରେ କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀ ରାଜ୍ୟରେ ତୃତୀୟ ସ୍ଥାନ ପାଇବାକୁ ଯୋଗ୍ୟବିବେଚ ହୋଇଥିବା ବେଳେ ଜୟପାଟଣା ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେଙ୍ଗାଲପାଲି ଶିକ୍ଷା ବର୍ଷ ୨୦୨୪ ପାଇ ଶ୍ରେଷ୍ଠ ଆଲୁମ୍‌ନି ଓ ଶିକ୍ଷାବର୍ଷ ୨୦୨୫ ପାଇଁ ଶ୍ରେଷ୍ଠ ପ୍ରଧାନ ଶିକ୍ଷକ ଓ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ମନୋନୀତ ହୋଇଛି। ଏହାପୂର୍ବରୁ ମଧ୍ୟ ବିଦ୍ୟାଳୟ ଜିଲ୍ଲା, ବ୍ଲକସ୍ତରୀୟ ବିଭିନ୍ନ ପୁରସ୍କାର ଗ୍ରହଣ କରି ଏକ ଆଦର୍ଶ ଶିକ୍ଷାନୁଷ୍ଠାନ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ବିଦ୍ୟାଳୟକୁ ଶ୍ରେଷ୍ଠ ବିଦ୍ୟାଳୟ ରୂପେ ଗଢିତୋଳିବାରେ ପ୍ରଧାନ ଶିକ୍ଷକ ଲଳିତ କୁମାର ନାଏକଙ୍କ ଅବଦାନ ଅତୁଳନୀୟଅଟେ।

# ହାତୀ ଉପଦ୍ରବ ପାଇଁ ବନ ବିଭାଗର ସଚେତନତା

**କୋମନା, ୩।୯ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ରେଞ୍ଜ ପାଟପାଣି ଗାଁ ଜଙ୍ଗଲରେ ଏକ ଦନ୍ତା ହାତୀ ଥିବାର ସୂଚନା ପାଇ କୋମନା ବନବିଭାଗ ଆଖପାଖ ଗାଁରେ ଡାକବାଜି ଯନ୍ତ୍ରରେ ସଚେତନ କରୁଛି। ଗତକାଲି ସନ୍ଧ୍ୟାରୁ ବନବିଭାଗର ଏଲିଫେଣ୍ଟ ସ୍କ୍ୱାଡ୍, ବନବିଭାଗର ଦୁଇଟି ଟିମ୍ ହାତୀର ଗତିବିଧି ଉପରେ ଲକ୍ଷ୍ୟ ରଖିଛି। ପାଟପାନୀ ଗାଁର ଜଣେ ବ୍ୟକ୍ତିଙ୍କ ଘର ଭାଙ୍ଗି ଦେଇ ଥିବାବେଳେ କିଛି ଚାଷ ନଷ୍ଟ କରିଛି। କୋମନା ରେଞ୍ଜର ଭରତ ବନ୍ଧୁ ଶବର, ନୂଆପଡ଼ା ଜିଲ୍ଲା ୱାଇଲ୍ଡ ଲାଇଫ ୱାଡେନ୍ ମାୟାଧର ସରାଫ ପାଟପାଣି ଗାଁକୁ ଯାଇ ହାତୀର ଗତିବିଧି ଅନୁଧ୍ୟାନ କରିଥିଲେ।

# ଉନ୍ନତ ଫସଲ ଉତ୍ପାଦନ ଓ ହରଡ଼ର ଅମଳ ପରବର୍ତ୍ତୀ ପରିଚାଳନା ତାଲିମ



**ଖଡ଼ିଆଳ, ୩।୯ (ସମିସ):** ଖଡ଼ିଆଳ ବ୍ଲକ ଭାଲୁଡୁଙ୍ଗୁରି ସ୍ଥିତ ସୁନ୍ଦରଭେଲି ବିଦ୍ୟାଳୟ ସମ୍ମିଳନୀକକ୍ଷରେ ଉନ୍ନତ ଫସଲ ଉତ୍ପାଦନ ପ୍ରଣାଳୀ ଏବଂ ହରଡ଼ ଚାଷର ଅମଳ ପରବର୍ତ୍ତୀ ପରିଚାଳନା ସମ୍ପର୍କରେ କୃଷକମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ୟୁଥ୍ ଫର୍ ଆକ୍ସନ୍ ଆଣ୍ଡ ରିସର୍ଚ୍ଚ ଖଡ଼ିଆଳ ପକ୍ଷରୁ ଆୟୋଜିତ ଏବଂ ଇକ୍ରିସେଟର ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୨୦୦ରୁ ଉର୍ଦ୍ଧ୍ୱ କୃଷକ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ଯୋଗଦେଇ କୃଷକମାନଙ୍କ ଆୟ ବୃଦ୍ଧି ସହ କୃଷି କ୍ଷେତ୍ରରେ ଆଧୁନିକ ଓ ବୈଜ୍ଞାନିକ ପ୍ରଣାଳୀ ଅବଲମ୍ବନର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଅକ୍ଷୟ କୁମାର ନନ୍ଦ କୃଷକମାନଙ୍କୁ ଉନ୍ନତ କୃଷି ପ୍ରଣାଳୀ ଆପଣାଇ ଉତ୍ପାଦନ ବୃଦ୍ଧି ଦିଗରେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। କେଭିକେ, ନୂଆପଡ଼ାର ବରିଷ୍ଠ ବୈଜ୍ଞାନିକ ଲଖନ ଲାଲ ମୀନା ଉନ୍ନତ କୃଷି ପ୍ରଣାଳୀ ଓ କୃଷକଙ୍କ ଦକ୍ଷତା ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ବୈଜ୍ଞାନିକ ପ୍ରଦୀପ କୁମାର ସେଠୀ ହରଡ଼ ଚାଷର ବୈଜ୍ଞାନିକ ପଦ୍ଧତି, ଉତ୍ପାଦନ ବୃଦ୍ଧି ଓ ଅମଳ ପରବର୍ତ୍ତୀ ପରିଚାଳନା ଉପରେ କୃଷକମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଧର୍ମଗଡ଼ର ଏଏସ୍‌ଓ ସର୍ବଜୀତ ପରିଡ଼ା ଉନ୍ନତ ହରଡ଼ ବିହନ ଉତ୍ପାଦନ ପ୍ରଣାଳୀ ଉପରେ ବିସ୍ତୃତ ଆଲୋଚନା କରି ବିହନର ଗୁଣବତ୍ତା, ଉତ୍ପାଦନ ପ୍ରଣାଳୀ ଓ ବୈଜ୍ଞାନିକ ପଦ୍ଧତି ସମ୍ପର୍କରେ କୃଷକମାନଙ୍କୁ ତଥ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଉମା ପ୍ରଧାନ, ଅନି କୁମାର ରାୟ, ବିଜୟ କୁମାର ବୈଦ୍ୟଙ୍କ ସମେତ କୃଷି ବିଭାଗର କର୍ମଚାରୀମାନେ ଯୋଗଦେଇ ଆଧୁନିକ କୃଷି ପ୍ରଣାଳୀ, ଫସଲ ପରିଚାଳନା, ଅମଳ ପରବର୍ତ୍ତୀ ସଂରକ୍ଷଣ ଓ ଉତ୍ପାଦର ଗୁଣବତ୍ତା ବଜାୟ ରଖିବା ସମ୍ପର୍କରେ କୃଷକମାନଙ୍କୁ ଅବଗତ କରାଇଥିଲେ। ମହେନ୍ଦ୍ର କୁମାର ଯୋଶୀ, ହରିଦାସ ପଟେଲ, ଅରୁଣ ବିଶ୍ୱାଳ, ରାଜକିଶୋର ପଣ୍ଡା, ବିରେନ ଧରୁଆଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଓ ସହଯୋଗୀ ଉପସ୍ଥିତ ଥିଲେ। ହରଡ଼ଚାଷର ଅମଳ ପରବର୍ତ୍ତୀ ପରିଚାଳନା, ସଠିକ୍ ସଂରକ୍ଷଣ, ଉତ୍ପାଦର ଗୁଣବତ୍ତା ଓ ବଜାର ସଂଯୋଗ ସମ୍ପର୍କରେ କୃଷକମାନଙ୍କୁ ବୈଜ୍ଞାନିକ ଜ୍ଞାନ ପ୍ରଦାନ କରିବା ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ରାଜକିଶୋର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପ ଚୟନରେ ଅନିୟମିତତା

# ବିଡିଓଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଦାବିପତ୍ର

**ସିନାପାଲି, ୩।୯ (ସମିସ)**





ଗ୍ରାମାଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଚାଲିଥିବା 'ବିକଶିତ ଗାଁ ବିକଶିତ ଓଡ଼ିଶା' (ବିଜିବିଓ) କାର୍ଯ୍ୟକ୍ରମରେ ପ୍ରକଳ୍ପ ଚୟନ ଓ ଅନୁମୋଦନକୁ ନେଇ ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଅନୁମୋଦିତ ପ୍ରକଳ୍ପ ତାଲିକାରେ ନିର୍ବାଚିତ ସରପଞ୍ଚ ଓ ସମିତି ସଭ୍ୟ/ ସଭ୍ୟାଙ୍କ ପ୍ରସ୍ତାବକୁ ଅଣଦେଖା କରାଯାଇଥିବା ଅଭିଯୋଗ ଉଠିଛି। ଏନେଇ ପ୍ରକଳ୍ପ ତାଲିକାର ପୁନଃବିଚାର କରି ସ୍ଥାନୀୟ ଜନପ୍ରତିନିଧିଙ୍କ ପ୍ରସ୍ତାବକୁ ଉପଯୁକ୍ତ ଅଗ୍ରାଧିକାର ଦେବା ଦାବିରେ ବିଡିଓଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ଅନୁଯାୟୀ, 'ବିକଶିତ ଗାଁବିକଶିତ ଓଡ଼ିଶା' କାର୍ଯ୍ୟକ୍ରମ-୨୦୨୬-୨୭ ଅଧୀନରେ ପ୍ରକଳ୍ପ ଚୟନ ନେଇ ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ନିର୍ଦ୍ଦେଶ ଓ ମାର୍ଗ ଦର୍ଶିକା ଜାରି ହୋଇଥିଲା। ପଞ୍ଚାୟତସ୍ତରରେ ଅଞ୍ଚଳର ଆବଶ୍ୟକତା ଅନୁଯାୟୀ ପ୍ରକଳ୍ପ ପ୍ରସ୍ତାବ ଦେବା ପାଇଁ ସରକାରୀ ନିର୍ଦ୍ଦେଶନାମରେ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କ ସମ୍ପୃକ୍ତିକୁ ଅଗ୍ରାଧିକାର ଦିଆଯାଇଥିବା ଦାବି କରାଯାଇଛି। ଏହି ସମ୍ପର୍କରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ସଂକଳ୍ପ ଉଲ୍ଲେଖ ଦାବିପତ୍ରରେ ରହିଛି। ଜନପ୍ରତିନିଧିମାନଙ୍କ କହିବା ଅନୁଯାୟୀ, ଗ୍ରାମାଞ୍ଚଳର ରାସ୍ତାଘାଟ, ପାନୀୟ ଜଳ, ଆଲୋକୀକରଣ, ଶିକ୍ଷା ଓ ଅନ୍ୟାନ୍ୟ ମୌଳିକ ସୁବିଧା ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ପ୍ରକୃତ ସମସ୍ୟାକୁ ପଞ୍ଚାୟତ ସ୍ତରର ପ୍ରତିନିଧିମାନେ ନିକଟରୁ ଜାଣିଥାନ୍ତି। ତେଣୁ ପ୍ରକଳ୍ପ ଚୟନ ସମୟରେ ସେମାନଙ୍କ ପ୍ରସ୍ତାବକୁ ଗୁରୁତ୍ୱ ଦେବା ଆବଶ୍ୟକ। ତେବେ ଅନୁମୋଦିତ ପ୍ରକଳ୍ପ ତାଲିକା ପ୍ରକାଶ ପରେ କେତେକ ଜନପ୍ରତିନିଧି ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଞ୍ଚଳର ଆବଶ୍ୟକତାକୁ ଆଧାର କରି ଦିଆଯାଇଥିବା ପ୍ରସ୍ତାବରୁ ଅନେକ ପ୍ରକଳ୍ପ ତାଲିକାରେ ସ୍ଥାନ ପାଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ପଞ୍ଚାୟତ ସ୍ତରରେ ଗ୍ରାମ ସଭା ଦ୍ୱାରା ସ୍ଥିରୀକୃତ ଓ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକର ଯୋଗ୍ୟତା, ଉପଯୋଗିତା ଓ କାର୍ଯ୍ୟକାରିତା ଯାଞ୍ଚ ପାଇଁ ଉପଯୁକ୍ତ କ୍ଷେତ୍ର ପ୍ରସ୍ତୁତ ହୋଇଥିବା ଦାବିପତ୍ରରେ ଦର୍ଶାଯାଇଛି। ତେବେ ଏହି ଯାଞ୍ଚ ପ୍ରକ୍ରିୟା ପରେ ମଧ୍ୟ ଯଦି ସ୍ଥାନୀୟ ଆବଶ୍ୟକତା, ଗ୍ରାମ ସଭାର ନିର୍ଣ୍ଣୟ ଓ ଜନପ୍ରତିନିଧିଙ୍କ ପ୍ରସ୍ତାବକୁ ଉପଯୁକ୍ତ ସ୍ଥାନ ନମିଳେ, ତେବେ ଯୋଜନାର ମୂଳ ଉଦ୍ଦେଶ୍ୟ ପ୍ରଭାବିତ ହେବ ବୋଲି ଦାବି କରାଯାଇଛି। ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଆଶା ଅନୁମୋଦିତ ପ୍ରକଳ୍ପ ତାଲିକାକୁ ପୁନର୍ବାର ଯାଞ୍ଚ କରି ବାସ୍ତବିକ ଆବଶ୍ୟକତା, ପ୍ରକଳ୍ପର ଉପଯୋଗିତା ଓ ଉପଯୁକ୍ତ କ୍ଷେତ୍ର ଆଧାରରେ ଆବଶ୍ୟକ ପରିବର୍ତ୍ତନ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି ହୋଇଛି।


# ପତ୍ରିକା 'ଶ୍ରାବଣୀ'ର ସ୍ୱନକ୍ଷତ୍ର ଦିବସ



**ଧର୍ମଗଡ଼, ୩।୯(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅଧୀନ ବ୍ରାହ୍ମଣଛେଣ୍ଡିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସହ ବିଦ୍ୟାଳୟର ପ୍ରାଚୀର ପତ୍ରିକା 'ଶ୍ରାବଣୀ'ର ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଞ୍ଚାନନ ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସହକାରୀ ଜିଲ୍ଲାପାଳ ଶ୍ରୀକାନ୍ତ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଧର୍ମଗଡ଼ ନୋଡାଲ ହାଇସ୍କୁଲର ପ୍ରଧାନଶିକ୍ଷକ ଜୟନ୍ତ କୁମାର ମୁଣ୍ଡ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମନ୍ତ କୁମାର ପଣ୍ଡା ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଲକ୍ଷ୍ମଣ ହଂସ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ଚଳିତ ବର୍ଷର ପ୍ରାଚୀର ପତ୍ରିକା 'ଶ୍ରାବଣୀ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ସୃଜନଶୀଳତା, ସାହିତ୍ୟିକ ପ୍ରତିଭା ଓ ଲେଖନୀ ଦକ୍ଷତାକୁ ପ୍ରୋତ୍ସାହିତ କରିବାରେ ପ୍ରାଚୀର ପତ୍ରିକାର ଭୂମିକା ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିସହ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସାହିତ୍ୟିକ ଅବଦାନ ଓ ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ଅମୂଲ୍ୟ ଅବଦାନକୁ ସ୍ମରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଅଞ୍ଜଳି ସାହୁ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ଦୀନେଶ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସହ ଶିକ୍ଷକ ରାଜେନ୍ଦ୍ର ଆଚାର୍ଯ୍ୟ, ମୁକେଶ କୁମାର ଛତ୍ରିଆ, ଗଦାଧର ବାରିକ, ନାଡାପୁରୁ ଯଜ୍ଞପତି ସମେତ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ସଫଳତାର ତିନି ମନ୍ତ୍ର ହେଉଛି - ସ୍ଥିରତା, ଧୈର୍ଯ୍ୟ ଓ ଦୃଢ଼ତା।

-ବିବେକାନନ୍ଦ

## ପରିସଂଖ୍ୟାନର 'ଭଙ୍ଗାଗ୍ଲାସ ତତ୍ତ୍ୱ'

ଧାରାଯାଉ ଗୋଟିଏ ଟେବୁଲ୍ ଉପରେ ଥିବା ଦୁଇଟି କାଚଗ୍ଲାସ୍ ଭିତରୁ ଗୋଟିକର ମନରେ ହଠାତ୍ ହୀନମନ୍ୟତା ଜନ୍ମ ନେଲା। ସେ ଭାବିଲା ମୁଁ ତା'ଠାରୁ ବଡ଼ କାହିଁକି ନୁହେଁ? କିନ୍ତୁ ଆକୃତିକୁ ବଡ଼ କରିବା ତା' ସାଧ ବାହାରେ। ଏଣୁ ସେ ଅନ୍ୟ ଗ୍ଲାସ୍‌ଟିକୁ ଭାଙ୍ଗି ଦେଲା। ଏଥର ତୁଳନାତ୍ମକ ଭାବେ ସେ ଅନ୍ୟ ଠାରୁ ବଡ଼ ହୋଇଗଲା। ଗତ ଅଗଷ୍ଟ ୩୧ ତାରିଖରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରକାଶିତ ଚଳିତ ଆର୍ଥିକ ବର୍ଷର ଏପ୍ରିଲ୍-ଜୁନ୍(ପ୍ରଥମ ତ୍ରୈମାସ)ର ଅର୍ଥନୈତିକ ଅଭିବୃଦ୍ଧି ହାରକୁ ନେଇ ସେପରି କିଛି ବିତର୍କ ଓ ବିବାଦ ସୃଷ୍ଟି ହୋଇଛି।

ସରକାରଙ୍କ ଦାବି ହେଉଛି ମଧ୍ୟପ୍ରାଚ୍ୟ ଯୁଦ୍ଧ ସମଗ୍ର ବିଶ୍ୱର ଅର୍ଥନୀତିକୁ ପ୍ରଭାବିତ କରିଥିବା ବେଳେ ଭାରତ ଏକ ବ୍ୟତିକ୍ରମ। ତେଣୁ ଅର୍ଥନୈତିକ ଅଭିବୃଦ୍ଧି ହାର ସମସ୍ତ ସମ୍ଭାବନା ଓ ଆଶଙ୍କାକୁ ଭୁଲ୍ ପ୍ରମାଣିତ କରି ୭.୮%ରେ ପହଞ୍ଚି ଉଦାହରଣ ସୃଷ୍ଟି କରିଛି। ଭାରତ ସରକାରଙ୍କ ବିତ୍ତୀୟ ସୁପରିଚାଳନା ଯୋଗୁଁ ଏହା ସମ୍ଭବ ହୋଇପାରିଛି ଏବଂ ଭାରତୀୟ ଅର୍ଥନୀତି ପ୍ରତି ଆସ୍ଥା ଅତୁଟ ରହିଛି। ଅପରପକ୍ଷରେ ବିରୋଧୀ ଦଳର ଅଭିଯୋଗ ହେଉଛି ତଥ୍ୟକୁ ବିଭ୍ରାନ୍ତ କରି ଲୋକଙ୍କ ଆଗରେ ଏହି ଅତିରଞ୍ଜିତ ପରିସଂଖ୍ୟାନ ପ୍ରକାଶ କରାଯାଇଛି ଏବଂ ବାସ୍ତବତାଠାରୁ ବହୁ ଦୂରରେ ଭାରତୀୟ ଅର୍ଥନୀତି ରହିଛି। ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ତଥା ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବିଚକ୍ଷଣ ଅର୍ଥନୀତିଜ୍ଞ ରଘୁରାମ୍ ରାଜନଙ୍କ ସମେତ ଅର୍ଥନୀତି ବିଶାରଦମାନଙ୍କର ଗୋଟିଏ ମହଲ ଅଭିବୃଦ୍ଧି ପରିସଂଖ୍ୟାନକୁ ଅତିରଞ୍ଜିତ କରି ପ୍ରକାଶ କରାଯାଇଥିବା ମତ ଦେଇଛନ୍ତି। ସ୍ୱେଚ୍ଛାକୃତ ଅବସର ନେଇଥିବା କେନ୍ଦ୍ର ସରକାରଙ୍କ ପୂର୍ବତନ ଅର୍ଥ ସଚିବ ସୁଭାଷ ଗର୍ଗଙ୍କ ଆକଳନ ଅନୁଯାୟୀ ଯଦି ଗତବର୍ଷର ଏହି ସମୟର ଅଭିବୃଦ୍ଧି ହାରକୁ ସଂଶୋଧନ କରି କମ୍ କରାଯାଇ ନ ଥା'ନ୍ତା(ଅନ୍ୟ ଗ୍ଲାସ୍‌ଟିକୁ ଭାଙ୍ଗି ଦିଆଯାଇ ନଥା'ନ୍ତା) ତେବେ ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସିକ ଅର୍ଥନୈତିକ ଅଭିବୃଦ୍ଧି ହାର ମାତ୍ର ୨.୬%ରେ ସୀମିତ ରହିଥା'ନ୍ତା। ତେଣୁ ଏହା ଆଶାତୀତ ବୋଲି ସରକାରଙ୍କ ପକ୍ଷରୁ ଦର୍ଶାଯାଉଥିଲେ ମଧ୍ୟ ବାସ୍ତବରେ ନୈରାଶ୍ୟଜନକ।

ବଜାର ଅର୍ଥନୀତି, ବ୍ୟାଙ୍କିଙ୍ଗ ଋଣ ବଜାର, ସରକାରଙ୍କ ଚାଲୁ ଖାତା ନିଅଣ୍ଟ ଆଦିକୁ ତର୍ଜମା କଲେ ଗର୍ଗ ମହୋଦୟଙ୍କ ଆକଳନକୁ ଭୁଲ୍ ବୋଲି କହିହେବ ନାହିଁ। ଆରବିଆଇର ତଥ୍ୟାନୁଯାୟୀ, ଚଳିତ ଆର୍ଥିକ ବର୍ଷର ପ୍ରଥମ ତିନିମାସରେ ଭାରତର କରେଣ୍ଟ ଆକାଉଣ୍ଟ ଡେଫିସିଟ୍(ସିଏଡି) ୪୨୦ କୋଟି ଡଲାର(ଜିଡିପିର ୦.୫%)କୁ ବୃଦ୍ଧି ପାଇଛି। ଗତବର୍ଷ ସମାନ ସମୟରେ ସିଏଡି ଥିଲା ୩୪୦ କୋଟି ଡଲାର। ବାଣିଜ୍ୟ ନିଅଣ୍ଟ ପରିମାଣ ୮୬୧୦ କୋଟି ଡଲାରକୁ ବୃଦ୍ଧି ପାଇଛି। ସେବା କ୍ଷେତ୍ରର ଏବଂ ପ୍ରବାସୀ ଭାରତୀୟଙ୍କ ଅର୍ଥ ପ୍ରେରଣରୁ ଗତ ବର୍ଷ ତୁଳନାରେ ଯାହା ଅଧିକ ଆୟ ହୋଇଛି ତାହା ଉପରୋକ୍ତ କ୍ଷତିକୁ କିଛି ପରିମାଣରେ ଭରଣା କରିପାରିଛି। ପୁଞ୍ଜି ଆୟ ପୂର୍ବବର୍ଷର ୧୩୩୦ କୋଟି ଡଲାରରୁ ୧୦୫୦ କୋଟି ଡଲାରକୁ ହ୍ରାସ ପାଇଛି। ପ୍ରତ୍ୟକ୍ଷ ବୈଦେଶିକ ପୁଞ୍ଜି ନିବେଶ ଗତବର୍ଷ ତୁଳନାରେ ୯୦ କୋଟି ଡଲାର ବୃଦ୍ଧି ପାଇଥିଲେ ମଧ୍ୟ ୯୬୦ କୋଟି ଡଲାର ମୂଲ୍ୟର ବୈଦେଶିକ ପରୋକ୍ଷ ପୁଞ୍ଜି ପ୍ରତ୍ୟାହାର ହୋଇଛି। ଗତ ଆର୍ଥିକ ବର୍ଷର ପ୍ରଥମ ତିନିମାସରେ ଏହି ପରିମାଣ ଥିଲା ମାତ୍ର ୧୬୦ କୋଟି ଡଲାର। ବୈଦେଶିକ ମୁଦ୍ରା ପାଣ୍ଠିରେ ବର୍ଷକ ଭିତରେ ୮୧୦ କୋଟି ଡଲାରର ହ୍ରାସ ଘଟିଛି। ଅପରପକ୍ଷରେ ବ୍ୟାଙ୍କରୁ ଶିଳ୍ପ ଋଣ ପରିମାଣ ବିଗତ ଦଶନ୍ଧିର ସର୍ବୋଚ୍ଚ ସ୍ତର ୧୯.୨%, ସେବା କ୍ଷେତ୍ରରେ ୨୧.୪% ଏବଂ ବ୍ୟକ୍ତିଗତ ଋଣ ୧୫.୮%କୁ ବୃଦ୍ଧି ପାଇଛି। ଏହା କମ୍ପାନୀମାନଙ୍କର ଉତ୍ପାଦନ ବୃଦ୍ଧି, କାର୍ଯ୍ୟକାରୀ ଖର୍ଚ୍ଚ ହ୍ରାସ ଏବଂ ବିକ୍ରି ବୃଦ୍ଧିରେ ସହାୟକ ହୋଇଥିବାରୁ ଅର୍ଥନୀତିକ ଅଭିବୃଦ୍ଧି ହାରରେ ପ୍ରତିଫଳିତ ହୋଇଛି।

ସରକାରୀ ତଥ୍ୟ ଓ ପରିସଂଖ୍ୟାନକୁ ଯେତେ ମାଡ଼ିମକଚି ସାର୍ବଜନିନ କଲେ ମଧ୍ୟ ଅନ୍ୟ ବାଟ ଦେଇ ନକାରାତ୍ମକ ସ୍ଥିତିର ସୂଚନା ଆତ୍ମପ୍ରକାଶ କରୁଛି। ବିଳାସଠାରୁ ଆରମ୍ଭ କରି ନିତ୍ୟବ୍ୟବହାର୍ଯ୍ୟ ପର୍ଯ୍ୟନ୍ତ ଏଭଳି କୌଣସି ଖାଉଟି ସାମଗ୍ରୀ ନାହିଁ, ଯାହାର ଦର ନିୟନ୍ତ୍ରଣରେ ରହିଛି। ନିତିଦିନିଆ ବଜାର ସହିତ ପ୍ରତ୍ୟକ୍ଷ ସମ୍ପୃକ୍ତ ଯେକୌଣସି ବର୍ଗର ନାଗରିକ ଏହା ସ୍ୱୀକାର କରିବାକୁ ବାଧ୍ୟ। ଖାଉଟି ବଜାର ଦିନକୁ ଦିନ ମହଙ୍ଗା ହେବାରେ ଲାଗିଛି। ସୁନାରେ ନିମ୍ନ-ମଧ୍ୟବିତ୍ତ ଆଉ ହାତ ମାରିପାରୁନି। ତେଣୁ ଅତି ଆବଶ୍ୟକ ନଥିଲେ ସୁନା ନ କିଣିବା ଏବଂ ବିଦେଶ ଭ୍ରମଣ ନ କରିବା ପାଇଁ ପ୍ରଧାନମନ୍ତ୍ରୀ ପୁଣି ଥରେ ଦେଶବାସୀଙ୍କ ଆହ୍ୱାନ ଦେଇଛନ୍ତି। ସ୍ୱାସ୍ଥ୍ୟ ବା ଚିକିତ୍ସା ଖର୍ଚ୍ଚ ଯେଉଁ ହାରରେ ବଢୁଛି ସେଥିରେ ଗରିବ ଦୂରେ ଥାଉ ନିମ୍ନମଧ୍ୟବିତ୍ତ ପାଇଁ ଏକପ୍ରକାର ଅପହଞ୍ଚ ହୋଇଚାଲିଛି। ଗୋଟିଏ ପଟେ ସରକାରୀ ଶିକ୍ଷା ଏତେ ଅବ୍ୟବସ୍ଥିତ ଓ ବିଶୃଙ୍ଖଳିତ ଯେ ଅଭିଭାବକମାନେ ବାଧ୍ୟ ହୋଇ ସେମାନଙ୍କ ପିଲାଙ୍କ ଭବିଷ୍ୟତକୁ ଚାହିଁ ଘରୋଇ ସ୍କୁଲ୍‌ରେ ନାମ ଲେଖାଇବାକୁ ଉଚିତ ମଣୁଛନ୍ତି। ଏହାର ସୁଯୋଗ ନେଇ ଘରୋଇ ବିଦ୍ୟାଳୟମାନେ ମନ ଇଚ୍ଛା ଫି' ବଢ଼ାଇ ଚାଲିଛନ୍ତି। ଏବେ ଦେଶର ଅର୍ଥନୀତି ଜନସଂଖ୍ୟାର ମାତ୍ର ୫% ମୁଷ୍ଟିମେୟ ହାତରେ ଠୁଳ ହୋଇଛି ଏବଂ ଅବଶିଷ୍ଟ ୯୫% ଲୋକଙ୍କର ଜୀବନ ସଂଘର୍ଷ ବଢ଼ିଚାଲିଛି।

ଏହାସତ୍ତ୍ୱେ ସରକାରଙ୍କ ତଥ୍ୟ କହୁଛି ଯେ ଭାରତୀୟ ଅର୍ଥନୀତି ଠିକ୍ ବାଟରେ ଯାଉଛି। ଏହାକୁ କେବଳ ଏକ ବିଡ଼ମ୍ବନା ଓ ଆତ୍ମପ୍ରବଞ୍ଚନା ବୋଲି କୁହାଯାଇପାରେ। ଅଭିବୃଦ୍ଧି ହାରକୁ ଉଚ୍ଚା କରି ଦର୍ଶାଇବା ସରକାରଙ୍କୁ ଆତ୍ମସନ୍ତୋଷ ଦେଇଥାଇପାରେ, କିନ୍ତୁ ବାସ୍ତବତାକୁ ଅଧିକ ଦିନ ଧରି ପ୍ରହେଳିକାର କଳାବାଦଲ ତଳେ ଲୁଚାଇ ରଖାଯାଇପାରିବ ନାହିଁ। ଅନ୍ୟଟିକୁ ଭାଙ୍ଗି ନିଜକୁ ବଡ଼ ଘୋଷଣା କରିବାର ମାନସିକତାକୁ ପରିତ୍ୟାଗ କରିପାରିଲେ ଅଭିବୃଦ୍ଧିର ସୁଫଳ ଜନସାଧାରଣଙ୍କ ପାଖରେ ପହଞ୍ଚିବ। ●

## 'ନିଶାମୁକ୍ତ ଭାରତ': କଥାରେ ନିବାରଣ, କାମରେ ପ୍ରସାରଣ

**ପ୍ରହଲାଦ କୁମାର ସିଂହ**

'ମଦ ପାଇଁ 'ସୁଭଦ୍ରା' ଟଙ୍କା ଦେଲାନି ବୋଲି ସ୍ତ୍ରୀକୁ ମାରି ପୋତିଦେଲା- ବାଡ଼ିରୁ ମାଟିଖୋଳି ଶବ ଉଦ୍ଧାର କଲା ପୁଲିସ: ସ୍ୱାମୀ ଗିରଫ।' ଏହି ମାମଲାରେ ଢେଙ୍କାନାଳ ପୁଲିସ ବାଡ଼ିରୁ ମାଟି ଖୋଳି କୌଶଲ୍ୟା ପ୍ରଧାନଙ୍କ ଶବ ଉଦ୍ଧାର କରିବା ସହ ତାଙ୍କ ସ୍ୱାମୀ ଗିରିଶଙ୍କୁ ଗିରଫ କରିଛି। କୌଶଲ୍ୟାଙ୍କୁ ହତ୍ୟା ଓ ଗିରିଶର ଗିରଫ ପରେ ତାଙ୍କର ଛୋଟଛୋଟ ଚାରି ପିଲା ଏକ ପ୍ରକାର ଅନାଥ ହୋଇଯାଇଛନ୍ତି।

ଏଠାରେ ଉଲ୍ଲେଖନୀୟ ଯେ ୨୦୨୪ ସାଧାରଣ ନିର୍ବାଚନ ବେଳେ ବିଜେପି ପକ୍ଷରୁ ରାଜ୍ୟର ସମସ୍ତ ମହିଳାଙ୍କୁ ୫୦ ହଜାର ଟଙ୍କା କରି ଅର୍ଥ ପ୍ରଦାନ ପାଇଁ ଘୋଷଣା କରାଯାଇଥିଲା। ଏହିକ୍ରମରେ ୫ ହଜାର ଟଙ୍କିଆ କିସ୍ତିରେ ୫ବର୍ଷରେ ୫୦ ହଜାର ଟଙ୍କା ଦେବା ପାଇଁ ଘୋଷଣା କରାଯାଇଛି। ଏବେ ଓଡ଼ିଶାରେ କୋଟିଏରୁ ଅଧିକ ମହିଳାଙ୍କୁ 'ସୁଭଦ୍ରା' ଯୋଜନାରେ କିସ୍ତି ପିଛା ୫ ହଜାର ଟଙ୍କା କରି ମିଳୁଛି। ଏହି ଅର୍ଥ ପାଉଥିବା ମହିଳାଙ୍କ ଭିତରୁ ୧୭ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ହୋଇସାରିଲେଣି ବୋଲି ପ୍ରଚାର ଚାଲିଛି। ତେବେ 'ସୁଭଦ୍ରା' କିସ୍ତି ମିଳିବା ପରେ ନିଶା ପାଣି ପାଇଁ ଏହି ଅର୍ଥ କେମିତି ଛଡ଼ାଇ ନିଆଯାଉଛି ଏବଂ ସେଥିଲାଗି ହିତାଧିକାରୀଙ୍କ ଜୀବନ ଯାଉଛି ତା'ର ବହୁ ଘଟଣା ଭିତରୁ କୌଶଲ୍ୟା ପ୍ରଧାନଙ୍କ ହତ୍ୟା ହେଉଛି ଗୋଟିଏ।

ଆମ ପବିତ୍ର ସମ୍ବିଧାନର ୪୭ ଧାରା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଦୃଷ୍ଟିରୁ ନିଶା ନିବାରଣର ଆବଶ୍ୟକତା କଥା ବଖାଣିଥାଏ। ବର୍ତ୍ତମାନର ପ୍ରଚଳିତ ଓଡ଼ିଶା ଅବକାରୀ ଆଇନ୍‌ର ୯୩ ଧାରାରେ ବି ନିଶା ନିବାରଣ କଥା ଉଲ୍ଲେଖ ରହିଛି। ପୂର୍ବରୁ ଥିବା ବିହାର-ଓଡ଼ିଶା ଅବକାରୀ ଆଇନ୍‌ର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବି ନିଶା ନିବାରଣ ଆଡ଼କୁ ସୂଚାଉଥିଲା। ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ପ୍ରଣୀତ 'ଓଡ଼ିଶା ନିଶା ନିବାରଣ ଆଇନ୍-୧୯୫୬'କୁ ଇତିମଧ୍ୟରେ ୭୦ ବର୍ଷ ପୂରିଥିଲେ ମଧ୍ୟ ଓଡ଼ିଶାରେ ନିଶା ନିବାରିତ ହେବା ପରିବର୍ତ୍ତେ ପ୍ରସାରିତ ହୋଇ ଚାଲିଛି।

୨୦୨୪ ନିର୍ବାଚନବେଳେ ବିଜେପି ପକ୍ଷରୁ ସଂକଳ୍ପପତ୍ର ମାଧ୍ୟମରେ ଦିଆଯାଇଥିବା 'ଓଡ଼ିଶା ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି'ରେ ଉତ୍କୃଷ୍ଟ ଜୀବନ ପାଇଁ ଓଡ଼ିଶାକୁ ନିଶାମୁକ୍ତ କରିବା ଲାଗି ଘୋଷଣା କରାଯାଇଥିଲା। ରାଜ୍ୟରେ ବିଜେପି ସରକାର ପ୍ରତିଷ୍ଠିତ ହେବା ପରେ ମନ୍ତ୍ରିମଣ୍ଡଳର ପ୍ରଥମ ବୈଠକରେ ଜନସାଧାରଣଙ୍କୁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ପାଳନ ପାଇଁ ଘୋଷଣା କରାଯାଇଥିଲା। ସରକାରଙ୍କ ପକ୍ଷରୁ ବି କରାଯାଉଥିବା ବ୍ୟୟବହୁଳ ପ୍ରଚାରରେ 'କଥା ଦେଇ କଥା ରଖିଲେ ମୋହନ ସରକାର' ଓ 'ନିଶା ନୁହଁ ଜୀବନ ଚାହୁଁ' ଭଳି ଅନେକ ବାର୍ତ୍ତା ଫ୍ଲେକ୍ସ, ହୋର୍ଡିଂ ଓ ବିଜ୍ଞାପନ ମାଧ୍ୟମରେ ଦିଆଯାଇଛି। କେନ୍ଦ୍ର ସରକାର ପ୍ରାୟ ୭ବର୍ଷ ଧରି ଚଳାଇଥିବା 'ନିଶାମୁକ୍ତ ଭାରତ' ଅଭିଯାନରେ ଓଡ଼ିଶାର ୩୦ଟି ଜିଲ୍ଲାକୁ ସାମିଲ କରି କୋଟିକୋଟି ଟଙ୍କା ବ୍ୟୟ ହୋଇଛି। ପ୍ରଧାନମନ୍ତ୍ରୀ ବାରମ୍ବାର 'ନିଶାମୁକ୍ତ ଭାରତ' ପ୍ରସଂଗ ଦୋହରାଇଛନ୍ତି। ତେବେ ଏଥିଯୋଗୁଁ ନିଶା କେତେ କମିଛି କି ବଢ଼ିଛି ତା'ର ହିସାବ କିନ୍ତୁ କେହି ଦେଉ ନାହାନ୍ତି।

ଓଡ଼ିଶା ସରକାର ଇତିମଧ୍ୟରେ ଅବକାରୀ ନୀତି-୨୦୨୬-୨୯ ଜାରି କରିଛନ୍ତି। ଏଥିରେ ଓଡ଼ିଶାକୁ ନିଶାମୁକ୍ତ କରିବା ଲାଗି କୌଣସି ଘୋଷଣା ନାହିଁ। ତେବେ ଏହି ନୀତିରେ ମଦ ଉପରେ ବିଭିନ୍ନ କିସମର ଶୁଳ୍କ ବୃଦ୍ଧି ସହିତ ନିଶାଡ଼ିଙ୍କ ଲାଗି ନିଶା ନିବାରଣ କେନ୍ଦ୍ର ସ୍ଥାପନ ପାଇଁ ଉଲ୍ଲେଖ ରହିଛି। ପୂର୍ବ ବ୍ୟବସ୍ଥାରେ ମଦ ଉଠାଣ ପାଇଁ ଥିବା ସର୍ବନିମ୍ନ ଗ୍ୟାରେଣ୍ଟି କୋଟା (ଏମ୍‌ଜିକ୍ୟୁ)ର ପରିବର୍ତ୍ତନ କରାଯାଇ ସର୍ବନିମ୍ନ ଗ୍ୟାରେଣ୍ଟେଡ୍ ଏକ୍ସାଇଜ୍ ରେଭେନ୍ୟୁ (ଏମ୍‌ଜିଇଆର୍) ବ୍ୟବସ୍ଥା ଲାଗୁ କରାଯାଇଛି। ବନ୍ଦ ଥିବା ଅନେକ ମଦ ଦୋକାନ ଖୋଲାଯିବା ସଂଗେସଂଗେ ରାସ୍ତାଘାଟ, ହାଟବଜାର, ଶିକ୍ଷାନୁଷ୍ଠାନ, ଡାକ୍ତରଖାନା, ଧର୍ମାନୁଷ୍ଠାନ ଆଦି ନିକଟରେ ବି ନିଶା ବେପାର ପାଇଁ ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ବୋତଲ ପରିବର୍ତ୍ତେ ଟେଟ୍ରା ପ୍ୟାକ୍‌ରେ ମଦ ଯୋଗାଣ ଓ କେତେକ ସ୍ଥାନରେ ମଦ କାରଖାନା ଖୋଲିବା ସହିତ ସମୁଦ୍ର, ନଦୀ, ଝରଣା ସମେତ ଜଳ ଉତ୍ସଗୁଡ଼ିକ ନିକଟରେ ମଦ କୁଡ଼ିଆ ସ୍ଥାପନ ଲାଗି ମଧ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

ହିସାବ ମୁତାବକ ୨୦୨୦-୨୧ ବର୍ଷରେ ସରକାର ପ୍ରାୟ ୨୦ କୋଟି ଲିଟର ମଦ ଯୋଗାଇଥିବା ବେଳେ ୨୦୨୪-୨୫ ବର୍ଷରେ ଏହାର ପରିମାଣ ୪୦କୋଟି ୧୭ଲକ୍ଷ ଲିଟରକୁ ଟପିଯାଇଛି। ଲାଇସେନ୍ସପ୍ରାପ୍ତ ଦୋକାନଗୁଡ଼ିକ ମାଧ୍ୟମରେ ଯେତେ ମଦ କାରବାର ହେଉଛି ତା'ର ଢେର ଅଧିକ ଗୁଣ ଚୋରାରେ ମିଳୁଛି। ଏମିତିକି କିଛି ଲାଇସେନ୍ସପ୍ରାପ୍ତ ମଦ ଦୋକାନରୁ ବିଭାଗୀୟ କର୍ତ୍ତୃପକ୍ଷ ଖୋଦ୍ ରାଜଧାନୀରେ ନକଲି ମଦ ଧରି ନଷ୍ଟ କରିବା ସମ୍ବାଦ ମଧ୍ୟ ପ୍ରକାଶ ପାଇଛି। କେବଳ ମଦ ନୁହେଁ; ଓଡ଼ିଶାରେ ଚରସ, ହେରୋଇନ୍, ବ୍ରାଉନସୁଗାର, ଗଞ୍ଜେଇ, ଅଫିମ, କଫ ସିରପ ସମେତ ଅନ୍ୟାନ୍ୟ ନିଶା ସାମଗ୍ରୀର ଲଗାମଛଡ଼ା ବେପାର ଚାଲିଛି।

ସରକାରୀ ତଥ୍ୟ ଅନୁଯାୟୀ ୨୦୦୦-୦୧ ବର୍ଷରେ ଓଡ଼ିଶାର ଅବକାରୀ ରାଜସ୍ୱ ପରିମାଣ ୧୩୫ କୋଟି ୩୫ଲକ୍ଷ ଟଙ୍କା ଥିବା ବେଳେ ଏହା ବଢ଼ିବଢ଼ି ୨୦୨୬-୨୭ ବର୍ଷରେ ୧୦ ହଜାର ୯୦୦ କୋଟି ଟଙ୍କା ହେବ ବୋଲି ବଜେଟ୍‌ରେ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାରେ ନିଶା କାରବାର ବୃଦ୍ଧି ପାଉଥିବା ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟରୁ ଜଳଜଳ ବାରି ହୋଇଯାଉଛି। ଓଡ଼ିଶା ସରକାରଙ୍କ ପ୍ରଣୀତ ଯୁବନୀତିର ୯ମ ଅନୁଚ୍ଛେଦରେ ଯୁବ ସମାଜ ଭିତରେ ନିଶାର ପ୍ରାବଲ୍ୟ ଘେନି ଉଦ୍‌ବେଗ ପ୍ରକାଶ ପାଇବା ସଂଗେସଂଗେ 'ଆଲ୍‌କହଲ୍ ମୁକ୍ତ ଗ୍ରାମ' ପ୍ରତିଷ୍ଠା ପାଇଁ କୁହାଯାଇଥିଲା। କିନ୍ତୁ ବାସ୍ତବରେ ଅଧିକରୁ ଅଧିକ ଲୋକଙ୍କୁ ଆମ ରାଜ୍ୟରେ ନିଶାଯୁକ୍ତ କରାଯାଉଛି।

ଗୋଟିଏ ବାକ୍ୟରେ କହିଲେ ନିଶା ପ୍ରସାର ଯୋଗୁଁ ବ୍ୟକ୍ତି, ପରିବାର, ସମାଜ ଓ ରାଜ୍ୟ ଓ ଦେଶ ଉଜୁଡ଼ିବାରେ ଲାଗିଛି। କୌଣସି ଧର୍ମ ନିଶା ସେବନର ସପକ୍ଷରେ ନ ଥିବା ବେଳେ ଅନେକ ଧର୍ମାନୁଷ୍ଠାନରେ ବି ନିଶାଡ଼ିଙ୍କ ପ୍ରାବଲ୍ୟ ବଢୁଛି। ଓଡ଼ିଶା ସରକାରୀ କର୍ମଚାରୀ ଆଚରଣ ବିଧିରେ ନିଶାଡ଼ି କର୍ମଚାରୀଙ୍କ ପ୍ରତି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟବସ୍ଥା ଥିବା ବେଳେ ବହୁ ସ୍ଥଳେରେ ସରକାରୀ ଦପ୍ତର, ଅତିଥିଶାଳା, ଡାକବଙ୍ଗଳା ଆଦିରେ ନିଶାଡ଼ିଙ୍କ ଭିଡ଼ ବଢୁଛି। ସରକାରୀ ପରିସଂଖ୍ୟାନ ମୁତାବକ ଗୋଟିଏ ଗୋଟିଏ ବର୍ଷରେ ଅବକାରୀ ମାମଲାରେ ଦଣ୍ଡବିଧାନ ହାର ୧ ପ୍ରତିଶତରୁ ବି କମ୍। ଏମିତିକି ୫ବର୍ଷରେ ବି ଅନେକ ଜିଲ୍ଲାରେ ଅବକାରୀ ମାମଲାରେ ଜଣେ ହେଲେ ଦଣ୍ଡିତ ହୋଇନଥିବା କଥା ଖୋଦ୍ ସରକାର ବିଧାନସଭାରେ ସ୍ୱୀକାର କରୁଛନ୍ତି। ଅତୀତରେ ଭାରତ ସରକାରଙ୍କ ମହାଲେଖାକାର (ସିଏଜି) ତାଙ୍କ ରିପୋର୍ଟରେ ଅବକାରୀ ମାମଲାରେ ଦଣ୍ଡବିଧାନ ହାର ଓଡ଼ିଶାରେ ଯଥେଷ୍ଟ କମ୍ ରହୁଥିବା ଘେନି ଉଦ୍‌ବେଗ ପ୍ରକାଶ କରିବା ଏବଂ ଏହି ରିପୋର୍ଟ ବିଧାନସଭାରେ ଉପସ୍ଥାପିତ ହେବାର ନଜିର ରହିଛି। ନିର୍ବାଚନ ବେଳେ ଭୋଟରଙ୍କୁ ଆକର୍ଷିତ କରିବାର ବିଭିନ୍ନ ସାମଗ୍ରୀ ସହିତ ଅର୍ଥ ଓ ମଦ ବଣ୍ଟନ ଏକ ଖରାପ ପରମ୍ପରାରେ ପଡ଼ିଛି। ଏହି ସମୟରେ ବି ବିପୁଳ ପରିମାଣର ନିଶା ସାମଗ୍ରୀ ଜବତ ହୋଇଥାଏ। ଏଭଳି ସ୍ଥିତିରେ ମଦ ସମେତ ଅନ୍ୟାନ୍ୟ ନିଶା ଆମ ଗଣତନ୍ତ୍ର ପାଇଁ ଯେ ବିପଜ୍ଜନକ ତାହା କହିବା ନିଷ୍ପ୍ରୟୋଜନ। ନିଶା ବେପାରକୁ ଦଳମତ ନିର୍ବିଶେଷରେ ସରକାର ଚଳାଉଥିବା ବ୍ୟକ୍ତିବିଶେଷ ପୃଷ୍ଠପୋଷକତା ଦେବାରୁ ନିଶା ରାକ୍ଷସର ଦୌରାତ୍ମ୍ୟ ବଢ଼ିବଢ଼ି ଚାଲିଛି।

ସ୍ୱାଧୀନତା ସଂଗ୍ରାମ ବେଳେ ନିଶା ନିବାରଣ ଏକ ଘୋଷିତ ପ୍ରତିଶ୍ରୁତି ଥିଲା। ମଦ ଦୋକାନ ଆଗରେ ପିକେଟିଂ କରି ଅନେକ ସଂଗ୍ରାମୀ ଜେଲ୍ ଯାଉଥିଲେ। ଅନ୍ୟପକ୍ଷରେ ସ୍ୱାଧୀନତା ପ୍ରାପ୍ତିର ୧୦୦ ବର୍ଷ ୨୦୪୭ରେ ପାଳିତ ହେବାକୁ ଯାଉଥିବା ବେଳେ ଆମ ରାଜ୍ୟରେ ନିଶାର ସ୍ଥିତି ଚିନ୍ତାଜନକ ରହିଛି। କୁହାଯାଏ- ଗୋଟିଏ ଟଙ୍କାର ଅବକାରୀ ରାଜସ୍ୱ ପାଇଁ କ୍ଷତିର ପରିମାଣ ୧୦୦ ଟଙ୍କା। ଏଭଳି ସ୍ଥିତିରେ ଅବକାରୀ ରାଜସ୍ୱ ବଢ଼ିବା ଯୋଗୁଁ ବର୍ଷକୁ ବର୍ଷ କ୍ଷତି ବଢ଼ିବଢ଼ି ଅମୃତ କାଳକୁ ବିଷ ବଳୟ ମଧ୍ୟକୁ ଠେଲି ଦେଉଛି।

ଗୁଜରାଟ ଓ ବିହାର ଭଳି ରାଜ୍ୟ ଯଦି ଅବକାରୀ ରାଜସ୍ୱକୁ ଉପେକ୍ଷା କରି ନିଶା ନିବାରଣକୁ ଆପଣାଇ ପାରିଛନ୍ତି ତେବେ ଏ କ୍ଷେତ୍ରରେ ଓଡ଼ିଶା କାହିଁକି ପଛରେ ପଡ଼ିଛି? ନିଶା ନିବାରଣ ହେଲେ ଚୋରା ନିଶା କାରବାର ବଢ଼ିଯିବ ବୋଲି ବିତଣ୍ଡା ଯୁକ୍ତି ଉଠାଯାଏ। ନିଶା ବେପାରୀଙ୍କ ନିକଟରେ ଏହା ବ୍ୟବସ୍ଥାର ଆତ୍ମସମର୍ପଣ ସଦୃଶ। ବଳାତ୍କାର, ଚୋରି ଆଦି ବୃଦ୍ଧି ପାଇଲେ ସରକାର କ'ଣ ଅପରାଧୀମାନଙ୍କୁ ଅପରାଧ ଘଟାଇବା ଲାଗି ଲାଇସେନ୍ସ ଦେବେ? ନିଶା ସେବନ ଓ ନିଶା ଯୋଗାଣକୁ ଅପରାଧ ପର୍ଯ୍ୟାୟଭୁକ୍ତ କରି କଠୋର ଦଣ୍ଡ ଦିଆଗଲେ ଚୋରା ନିଶା ବେପାର ହୁଅନ୍ତା ନାହିଁ।

ଯେଉଁମାନେ ଶାସନ ଚଳାଉଛନ୍ତି ସେମାନେ ଯଦି ନିଶା ବ୍ୟାପାରରେ ସାମାନ୍ୟ ସଚେତନ ହୋଇଯାଆନ୍ତେ ତେବେ ବହୁ ସମସ୍ୟାର ସରଳ ଓ ସହଜ ସମାଧାନ ହୋଇପାରନ୍ତା। କିନ୍ତୁ କଥାରେ ନିଶା ନିବାରଣ ଥିବା ବେଳେ କାମରେ କିନ୍ତୁ ଘଟୁଛି ନିଶା ପ୍ରସାରଣ। ବାସ୍ତବରେ ନିଶାମୁକ୍ତ ଭାରତ ଅଭିଯାନ ଓଡ଼ିଶାରେ 'ଯାଦୁଆ ବିକୁଛି ଯାଦୁର ମଲମ- ମଦୁଆ ଉଡ଼ାଏ ନିଶା ନିବାରଣ ବାନା' ପରି ଜଣାପଡୁଛି। ●

ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

## ବେସରକାରୀ ସ୍କୁଲରୁ ସରକାରୀ ଚାକିରି ସ୍ୱପ୍ନ

**ଦେବଦତ୍ତ ଦାଶ**

ଆମ ସମାଜରେ ଗୋଟିଏ ଅଦ୍ଭୁତ ବିରୋଧାଭାସ ଦେଖିବାକୁ ମିଳୁଛି। ସରକାରୀ ଚାକିରି ପାଇଁ ଯୁବପିଢ଼ି ବର୍ଷ ବର୍ଷ ଧରି ପରିଶ୍ରମ କରୁଛି। ସରକାରୀ ଚାକିରି ମିଳିଲେ ତାହାକୁ ସଫଳତାର ପ୍ରତୀକ ବୋଲି ଧରାଯାଉଛି। କିନ୍ତୁ ସେହି ସରକାରୀ ବ୍ୟବସ୍ଥାର ଏକ ମୁଖ୍ୟ ଅଂଶ ସରକାରୀ ବିଦ୍ୟାଳୟ ନିଜ ପିଲାଙ୍କ ପାଇଁ ଅନେକଙ୍କ ପ୍ରଥମ ପସନ୍ଦ ହୋଇପାରୁନାହିଁ। ଏହା କେବଳ ପସନ୍ଦର ପ୍ରଶ୍ନ ନୁହେଁ। ଏହା ଆମ ଶିକ୍ଷା ବ୍ୟବସ୍ଥା ପ୍ରତି ଲୋକଙ୍କ ବିଶ୍ୱାସର ପ୍ରଶ୍ନ। ଜଣେ ଶିକ୍ଷକ ହେବାକୁ ହେଲେ କେତେ ପରିଶ୍ରମ କରିବାକୁ ପଡ଼େ! ଶିକ୍ଷାଗତ ଯୋଗ୍ୟତା, ଶିକ୍ଷକ ପ୍ରଶିକ୍ଷଣ, ଯୋଗ୍ୟତା ପରୀକ୍ଷା, ନିଯୁକ୍ତି ପରୀକ୍ଷା ଏବଂ ଚୟନ ପ୍ରକ୍ରିୟାର ଅନେକ ପାହାଚ ଚଢ଼ିବା ପରେ ଜଣେ ସରକାରୀ ଶିକ୍ଷକ ହେବାର ସୁଯୋଗ ପାଆନ୍ତି। ତେବେ ପ୍ରଶ୍ନ ହେଉଛି ଏତେ ଜଟିଳ ପ୍ରକ୍ରିୟା ଦେଇ ଚୟନ ହୋଇଥିବା ଶିକ୍ଷକଙ୍କ ବିଦ୍ୟାଳୟରେ ନିଜ ପିଲାଙ୍କୁ ପଢ଼ାଇବା ପାଇଁ ଅଭିଭାବକ କାହିଁକି ଦ୍ୱିଧା କରୁଛନ୍ତି? ଏହି ପ୍ରଶ୍ନର ଉତ୍ତର ଖୋଜିବା ଆବଶ୍ୟକ।

ବେସରକାରୀ ବିଦ୍ୟାଳୟ ନିଶ୍ଚିତ ଭାବେ ଶିକ୍ଷା କ୍ଷେତ୍ରରେ ନିଜର ଅବଦାନ ରଖିଛି। ଅନେକ ଭଲ ବେସରକାରୀ ବିଦ୍ୟାଳୟ ଉଚ୍ଚମାନର ଶିକ୍ଷା, ଶୃଙ୍ଖଳା ଓ ଭଲ ପରିବେଶ ଦେଉଛନ୍ତି। ସେମାନଙ୍କର ଭଲ କାମକୁ ଅସ୍ୱୀକାର କରିବାର କୌଣସି କାରଣ ନାହିଁ। କିନ୍ତୁ ସମସ୍ୟା ସେତେବେଳେ ଆରମ୍ଭ ହୁଏ, ଯେତେବେଳେ ଶିକ୍ଷା ସେବାରୁ ବ୍ୟବସାୟରେ ପରିଣତ ହେବାକୁ ଲାଗେ। କେତେକ ବେସରକାରୀ ବିଦ୍ୟାଳୟରେ ଅତ୍ୟନ୍ତ କମ୍ ପାରିଶ୍ରମିକରେ ଶିକ୍ଷକଙ୍କୁ କାମ କରାଯାଉଥିବା ଅଭିଯୋଗ ରହିଛି। ଅନ୍ୟପଟେ ଅଭିଭାବକଙ୍କଠାରୁ ଆଡମିଶନ୍ ଫିସ୍, ମାସିକ ଫିସ୍, ପୁସ୍ତକ, ୟୁନିଫର୍ମ, ପରିବହନ ଓ ବିଭିନ୍ନ ଦେୟ ନାମରେ ଅଧିକ ଅର୍ଥ ନିଆଯାଉଥିବା ନେଇ ଅଭିଯୋଗ ହୁଏ।



ଯଦି ଜଣେ ଶିକ୍ଷକଙ୍କ ଶ୍ରମର ମୂଲ୍ୟ ଏତେ କମ୍, ତେବେ ସେହି ଶିକ୍ଷକଙ୍କଠାରୁ ଉଚ୍ଚମାନର ଶିକ୍ଷାଦାନର ଆଶା କରିବା କେତେ ଯୁକ୍ତିଯୁକ୍ତ? ଏଠି ଆଉ ଏକ ପ୍ରଶ୍ନ। ଅଭିଭାବକଙ୍କଠାରୁ ଆଦାୟ ହେଉଥିବା ଫିସ୍ ଓ ଶିକ୍ଷକଙ୍କୁ ଦିଆଯାଉଥିବା ଦରମା ମଧ୍ୟରେ ଏତେ ବଡ଼ ତଫାତ୍ କାହିଁକି? ଶିକ୍ଷା କେବଳ ଭବନ, ରଙ୍ଗୀନ ପୋଷାକ କିମ୍ବା ଇଂରାଜୀ ମାଧ୍ୟମର ନାମ ନୁହେଁ। ଶିକ୍ଷା ହେଉଛି ଜଣେ ପିଲାର ଚିନ୍ତାଧାରା, ଚରିତ୍ର, ଜ୍ଞାନ ଓ ଭବିଷ୍ୟତ ଗଢ଼ିବାର ପ୍ରକ୍ରିୟା। ତେଣୁ ଶିକ୍ଷକଙ୍କ ଯୋଗ୍ୟତା, ଶିକ୍ଷାଦାନର ମାନ ଓ ପିଲାଙ୍କ ପ୍ରତି ବ୍ୟବହାର - ଏସବୁ ଉପରେ ସମାନ ଗୁରୁତ୍ୱ ଦିଆଯିବା ଦରକାର। ଆଉ ଏକ ଗୁରୁତର ପ୍ରସଙ୍ଗ ହେଉଛି - ଗରିବ ଓ ମଧ୍ୟବିତ୍ତ ପରିବାର। ଯେଉଁ ପରିବାରର ମାସିକ ଆୟ ସୀମିତ, ସେମାନେ ପିଲାଙ୍କ ଭଲ ଶିକ୍ଷା ପାଇଁ ନିଜର ଆବଶ୍ୟକତାକୁ କାଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କେବଳ ସମାଜରେ ନିଜ ପିଲା ପଛରେ ପଡ଼ି ନ ଯାଉ - ଏହି ଭୟରେ ଅନେକ ଅଭିଭାବକ ବେସରକାରୀ ସ୍କୁଲକୁ ବାଛୁଛନ୍ତି। ଏହା ଏକ ମାନସିକତାର ପ୍ରଶ୍ନ।

ସରକାରୀ ସ୍କୁଲଗୁଡ଼ିକ ଗରିବଙ୍କ ସ୍କୁଲ - ଏହି ଧାରଣା କିଏ ସୃଷ୍ଟି କଲା? ଯଦି ସରକାରୀ ବିଦ୍ୟାଳୟ ସତରେ ଦୁର୍ବଳ, ତେବେ ତାହାକୁ ଦୁର୍ବଳ ରଖିବା ନୁହେଁ; ଶକ୍ତିଶାଳୀ କରିବା ଦରକାର। ଯଦି ଶିକ୍ଷାଦାନରେ ସମସ୍ୟା ଅଛି, ତେବେ ଦାୟିତ୍ୱ ନିର୍ଦ୍ଧାରଣ କରିବା ଦରକାର। ଯଦି ଭିତ୍ତିଭୂମିର ଅଭାବ ଅଛି, ତେବେ ତାହା ପୂରଣ କରିବା ଦରକାର। କେବଳ ସରକାରୀ ସ୍କୁଲକୁ ନିନ୍ଦା କଲେ ସମସ୍ୟାର ସମାଧାନ ହେବ ନାହିଁ। ଆମେ ଏମିତି ଏକ ସରକାରୀ ଶିକ୍ଷା ବ୍ୟବସ୍ଥା ଚାହୁଁ, ଯେଉଁଠି ଜଣେ ଶ୍ରମିକଙ୍କ ପିଲା ଏବଂ ଜଣେ ଅଧିକାରୀଙ୍କ ପିଲା ଦୁହେଁ ସମାନ ଗର୍ବରେ ପଢ଼ିପାରିବେ। ଏହି ପରିବର୍ତ୍ତନର ଆରମ୍ଭ ହେବା ଦରକାର ଆମ ଘରୁ।

ସରକାରୀ ଚାକିରି ପାଇବା ପାଇଁ ଯେଉଁ ବ୍ୟବସ୍ଥା ଉପରେ ଆମର ଭରସା ରହିଛି, ସେହି ବ୍ୟବସ୍ଥାର ସ୍କୁଲ ଉପରେ ଭରସା କାହିଁକି ନାହିଁ? ଏହି ପ୍ରଶ୍ନର ଉତ୍ତର କେବଳ ସରକାର ଦେବେ ନାହିଁ; ଶିକ୍ଷକ, ଅଭିଭାବକ, ବେସରକାରୀ ଶିକ୍ଷାନୁଷ୍ଠାନ ଓ ସମଗ୍ର ସମାଜକୁ ମିଶି ଦେବାକୁ ପଡ଼ିବ। କାରଣ ଶିକ୍ଷା ବଜାରରେ ବିକ୍ରି ହେଉଥିବା କୌଣସି ସାମଗ୍ରୀ ନୁହେଁ। ଶିକ୍ଷା ହେଉଛି ଆଗାମୀ ପିଢ଼ିର ଭବିଷ୍ୟତ। ଏହାକୁ ବ୍ୟବସାୟର ହିସାବ ନୁହେଁ, ଦାୟିତ୍ୱର ମାପକାଠିରେ ମାପିବାର ସମୟ ଆସିଛି। ●

କେନ୍ଦ୍ରାପଡ଼ା, ମୋ: ୯୯୩୭୨୨୭୯୯୪

## କୋଇଲି ପୂଜନ

### ଈଶ୍ୱରୀୟ ଦୂତ, ବସନ୍ତର ବାର୍ତ୍ତାବହ

**ଓଜସ୍ୱିନୀ**

ବିଦେଶୀୟ ଧର୍ମ ଓ ସଂସ୍କୃତିରେ ମଧ୍ୟ କୋଇଲିକୁ ଈଶ୍ୱରୀୟ ଦୂତ ଭାବେ ବିବେଚନା କରାଯାଉଛି। ଜାପାନରେ କୋଇଲିକୁ ବସନ୍ତ ଋତୁର ଆଗମନର ଦିବ୍ୟ ବାର୍ତ୍ତାବହ ଏବଂ ତା'ର କୁହୁତାନକୁ ଅତ୍ୟନ୍ତ ପବିତ୍ର ବୋଲି କୁହାଯାଏ। କାରଣ ଏହି ଶବ୍ଦ ନକାରାତ୍ମକ ଶକ୍ତି ଦୂର କରିଥାଏ ବୋଲି ବିଶ୍ୱାସ କରାଯାଏ। ପ୍ରକୃତି ପୂଜନର ଶକ୍ତିସ୍ଥଳ 'ସିନ୍ତୋ ମନ୍ଦିର'ରେ ମଧ୍ୟ କୋଇଲି ସହିତ ବିଭିନ୍ନ ପକ୍ଷୀଙ୍କୁ ସ୍ମରଣ କରାଯାଏ। ପ୍ରାଚୀନ ଗ୍ରୀକ୍ ସଭ୍ୟତା ଅନୁଯାୟୀ ୟୁନାନ୍‌ରେ କୋଇଲିକୁ ବିବାହ ଏବଂ ପରିବାରର ଦେବୀ 'ହେରା'ଙ୍କ ପବିତ୍ର ପକ୍ଷୀ ବୋଲି ବିବେଚନା କରାଯାଉଥିଲା। ୟୁନାନ୍‌ର ପୌରାଣିକ କଥା ଅନୁସାରେ ଦେବତାଙ୍କ ରାଜା 'ଜ୍ୟୁସ୍' ଦେବୀ ହେରାଙ୍କୁ ଆକର୍ଷିତ କରିବା ପାଇଁ ନିଜକୁ ଗୋଟିଏ କ୍ଷତାକ୍ତ କୋଇଲିର ରୂପ ଧାରଣ କରିଥିଲେ। ତେଣୁ ଗ୍ରୀସ୍‌ର ଅନେକ ମନ୍ଦିର ଏବଂ ମୂର୍ତ୍ତିଗୁଡ଼ିକରେ ହେରା ଦେବୀଙ୍କ ହାତରେ ଗୋଟିଏ ରାଜଦଣ୍ଡ ଥାଏ, ଯାହାର ଉପର ଭାଗରେ ଗୋଟିଏ କୋଇଲିର ମୂର୍ତ୍ତି ଦେଖିବାକୁ ମିଳେ।

### ବିଚିତ୍ର ବିଶ୍ୱାସ



ୟୁରୋପୀୟ ଦେଶଗୁଡ଼ିକରେ କୋଇଲିକୁ ସ୍ୱର୍ଗୀୟ ଦୂତ ବୋଲି କୁହାଯାଏ, ଯାହାର ସ୍ୱର ପ୍ରକୃତି ପାଇଁ ସୁନ୍ଦରତା ଆଣିଥାଏ। ୟୁରୋପ୍‌ର ପ୍ରାଚୀନ ସେଲ୍‌ଟିକ୍ ଓ ନାର୍ଡିକ୍ ଜନଜାତିରେ କୋଇଲିକୁ ବସନ୍ତର ଦେବୀ 'ଫ୍ରେୟା' ଭାବେ ପୂଜା କରୁଥିଲେ। ଆୟରଲ୍ୟାଣ୍ଡ ଓ ସ୍କଟ୍‌ଲ୍ୟାଣ୍ଡର ପୁରାତନ ପରମ୍ପରାରେ କୋଇଲିର ପ୍ରଥମ ତାନ ଶୁଣିବା ସମୟରେ ଧନସମୃଦ୍ଧି ଓ ସୌଭାଗ୍ୟର କାମନା କରାଯାଇ ବିଶେଷମନ୍ତ୍ର ଉଚ୍ଚାରଣ କରାଯାଉଥିଲା। ଏଭଳି କରିବା ଦ୍ୱାରା ବର୍ଷ ସାରା ପରିବାରରେ ଧନସମୃଦ୍ଧି ଓ ସୌଭାଗ୍ୟ ଆସିଥାଏ ବୋଲି ବିଶ୍ୱାସ କରାଯାଉଥିଲା। ସେହିଭଳି ଆଫ୍ରିକାର ଅନେକ ଜନଜାତି କୋଇଲିକୁ ବର୍ଷା, ପ୍ରଚୁରତା ଓ ଉତ୍ପାଦନର ଦେବତା ଭାବେ ପୂଜା କରୁଥିଲେ। କୋଇଲିର ତାନ ଶୁଣିବା ପରେ ଭଲ ଫସଲ ଅମଳ ହେବା ଆଶାରେ କୋଇଲି ଦେବତାଙ୍କ ପାଇଁ ବିଭିନ୍ନ ଅନୁଷ୍ଠାନ କରାଯାଉଥିଲା।

ସାଇବେରିଆର ୟାକୁତିୟା ଅଞ୍ଚଳର 'ଶାଖା' ଜନଜାତି କୋଇଲିକୁ ଋତୁର ଦେବୀ ଏବଂ ପ୍ରକୃତିର ଆତ୍ମା ସ୍ୱରୂପ ମାନ୍ୟତା ପ୍ରଦାନ କରାଯାଉଥିଲା। ତେଣୁ କୋଇଲିର ସ୍ୱର ଶୁଣିବା ପରେ ପ୍ରକୃତିର ଆତ୍ମା ପୁଣିଥରେ ଫେରିଆସୁଥିଲା ଏବଂ ପ୍ରକୃତି ପୁନର୍ଜନ୍ମ ପାଉଥିଲା ବୋଲି ବିଶ୍ୱାସ ରହିଥିଲା। ଏହାର ଖୁସି ପାଳନ ଉପଲକ୍ଷେ ଉତ୍ସବର ଆୟୋଜନ କରାଯାଉଥିଲା। ରୁଷ୍‌ର ପ୍ରାଚୀନ 'ମାରି' ଜନଜାତି ପ୍ରକୃତି ପୂଜକ ଭାବେ କୋଇଲିକୁ ବହୁତ ପ୍ରାଧାନ୍ୟ ଦେଉଥିଲେ। ସେମାନେ ବିଶ୍ୱାସ କରୁଥିଲେ ଯେ, କୋଇଲିର ସ୍ୱର ଅତ୍ୟନ୍ତ ପବିତ୍ର ଏବଂ ତାହା ପରଲୋକ ସହିତ ଜଡ଼ିତ। ଏହି ସ୍ୱର ମାଧ୍ୟମରେ ସେମାନେ ନିଜର ପୂର୍ବଜମାନଙ୍କର ଆଶୀର୍ବାଦ ପ୍ରାପ୍ତ କରୁଛନ୍ତି ଏବଂ ଭବିଷ୍ୟତ ସମ୍ପର୍କିତ କାର୍ଯ୍ୟକଳାପର ଅନୁମାନ କରିପାରିବେ ବୋଲି ବିଶ୍ୱାସ କରୁଥିଲେ।

ତେବେ କେବଳ ଆଧ୍ୟାତ୍ମିକ ଦୃଷ୍ଟିରୁ ନୁହେଁ, ବରଂ କଳା, ସଂସ୍କୃତି, ସାହିତ୍ୟ ଓ ସାମାଜିକ ଚଳଣିରେ ମଧ୍ୟ କୋଇଲିର ମହତ୍ତ୍ୱ ପ୍ରତିପାଦିତ ହୋଇଛି। ଭାରତ ଭଳି ବିଦେଶୀୟ ସାହିତ୍ୟରେ କୋଇଲିକୁ ପ୍ରେମ ଓ ସମର୍ପଣର ପ୍ରତୀକ ଭାବେ ବିବେଚନା କରି ଅନେକ କାହାଣୀ, କବିତା ଓ ଉପନ୍ୟାସ ରଚନା କରାଯାଇଛି। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଓଡ଼ିଶାର ସବୁଜ ଅର୍ଥନୀତିରୁ ୧୦ ଲକ୍ଷ ନିଯୁକ୍ତି ସୁଯୋଗ

■ 'ଆଇଫରେଷ୍ଟ' ରିପୋର୍ଟରେ ଦକ୍ଷ ଶ୍ରମ ଶକ୍ତି ପ୍ରସ୍ତୁତି ଉପରେ ଗୁରୁତ୍ୱ
■ ୨୦୩୦ ସୁଦ୍ଧା ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରୁ ୩୦ ହଜାର ନିଯୁକ୍ତି

ଭୁବନେଶ୍ୱର,୩।୯ (ସମିସ): ଓଡ଼ିଶାରେ ସବୁଜ ଅର୍ଥନୀତିର ବିକାଶ ଆଗାମୀ ୧୦ ବର୍ଷରେ ୧୦ ଲକ୍ଷ ପର୍ଯ୍ୟନ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ। ତେବେ ଏଥିପାଇଁ ଦକ୍ଷ ଶ୍ରମ ଶକ୍ତି ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେବା ସହ 'ଓଡ଼ିଶା ଗ୍ରୀନ୍ ଜବ୍‌ସ ଆଣ୍ଡ ସ୍କିଲିଂ ମିଶନ' ଆରମ୍ଭ କରିବାକୁ 'ଆଇଫରେଷ୍ଟ' ପକ୍ଷରୁ ଏକ ରିପୋର୍ଟରେ ସୁପାରିସ କରାଯାଇଛି।

ଗୁରୁବାର ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଆଇଫରେଷ୍ଟ (ଇଣ୍ଟରନ୍ୟାସନାଲ ଫୋରମ୍ ଫର୍ ଏନଭାଇରନମେଣ୍ଟ, ସଷ୍ଟେନବିଲିଟି ଆଣ୍ଡ ଟେକ୍ନୋଲୋଜି) ପକ୍ଷରୁ ଓଡ଼ିଶାର ସବୁଜ ଅର୍ଥନୀତି ପାଇଁ ଶ୍ରମଶକ୍ତି–ନିଯୁକ୍ତି, ଦକ୍ଷତା ଓ ଉଦ୍ୟୋଗର ସମ୍ଭାବନା ଶୀର୍ଷକ ରିପୋର୍ଟ ପ୍ରକାଶ କରାଯାଇଛି। ଏଥିରେ ସରକାର, ଶିଳ୍ପ, ପ୍ରଶିକ୍ଷଣ ଓ ସାମାଜିକ କ୍ଷେତ୍ରର ପ୍ରତିନିଧିମାନେ ଯୋଗଦେଇଥିଲେ। ରିପୋର୍ଟ ଅନୁଯାୟୀ, ୨୦୩୦ ସୁଦ୍ଧା ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରୁ ପ୍ରାୟ ୩୦ ହଜାର ଏବଂ ୨୦୩୫ ସୁଦ୍ଧା ଏହାର ଦ୍ୱିଗୁଣ ନିଯୁକ୍ତି ସୃଷ୍ଟି ହୋଇପାରେ। ମଞ୍ଜୁର ହୋଇଥିବା ସବୁଜ ନିବେଶ ପ୍ରକଳ୍ପରୁ ୪୮,୪୦୦ରୁ ଅଧିକ ନିଯୁକ୍ତିର ସମ୍ଭାବନା ରହିଛି। କୃଷି ବନୀକରଣ, ଜଙ୍ଗଲ ପରିଚାଳନା, ହେନ୍ତାଳବଣ ପୁନରୁଦ୍ଧାର ଓ ବର୍ଜ୍ୟବସ୍ତୁ ପରିଚାଳନା ମଧ୍ୟ ସବୁଜ ନିଯୁକ୍ତିର ବଡ଼ କ୍ଷେତ୍ର ହୋଇପାରିବ। ପାରମ୍ପରିକ ଶକ୍ତି କ୍ଷେତ୍ରର କର୍ମଚାରୀଙ୍କୁ ସ୍ୱଳ୍ପକାଳୀନ ତାଲିମ ଦେଇ ସବୁଜ କ୍ଷେତ୍ରକୁ ସ୍ଥାନାନ୍ତର କରାଯାଇପାରିବ। କୋଇଲା ଖଣିର ୮୯ ପ୍ରତିଶତ ଓ ତାପଜ ବିଦ୍ୟୁତ କ୍ଷେତ୍ରର ୭୫ ପ୍ରତିଶତ ନିଯୁକ୍ତିକୁ ଆବଶ୍ୟକ ଦକ୍ଷତା ତାଲିମ ମାଧ୍ୟମରେ ସବୁଜ କ୍ଷେତ୍ରରେ ବ୍ୟବହାର କରିହେବ ବୋଲି ରିପୋର୍ଟରେ ଆକଳନ କରାଯାଇଛି।

ସେହିପରି ଓଡ଼ିଶାରେ ଦକ୍ଷତା ବିକାଶ ପାଇଁ ଆଇଟିଆଇ, ପଲିଟେକ୍ନିକ୍, ପିଏମ୍‌କେଭିୱାଇ କେନ୍ଦ୍ର ଓ ବିଶ୍ୱ ଦକ୍ଷତା କେନ୍ଦ୍ରର ବଡ଼ ନେଟୱର୍କ ରହିଛି। ଏହି ଭିତ୍ତିଭୂମିକୁ ବ୍ୟବହାର କରି ଆଇଟିଆଇ ଓ ପଲିଟେକ୍ନିକ୍ ପାଠ୍ୟକ୍ରମରେ ସବୁଜ ଦକ୍ଷତା ସାମିଲ, ଶିଳ୍ପ ସହ ତାଲିମକୁ ଯୋଡ଼ିବା ଏବଂ ଶ୍ରମ ବଜାର ସୂଚନା ପଦ୍ଧତିକୁ ସୁଦୃଢ଼ କରିବାକୁ ରିପୋର୍ଟରେ ସୁପାରିସ କରାଯାଇଛି। ୨୦୩୦ ସୁଦ୍ଧା ଅଧିକ ଚାହିଦା ଥିବା ଅନ୍ତତଃ ଅଧା କ୍ଷେତ୍ରରେ ସବୁଜ ଦକ୍ଷତାକୁ ସାମିଲ କରିବାକୁ କୁହାଯାଇଛି। ଏହାସହ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଶୀର୍ଷ କମିଟି, ଶିଳ୍ପସମୃଦ୍ଧ ଜିଲ୍ଲାରେ ଜିଲ୍ଲା ଦକ୍ଷତା ପରିଷଦ ଏବଂ ଆଗାମୀ ୧୦ ବର୍ଷ ମଧ୍ୟରେ ଏକ ଆଞ୍ଚଳିକ ସବୁଜ ଦକ୍ଷତା ତାଲିମ କେନ୍ଦ୍ର ସ୍ଥାପନ ପାଇଁ ରିପୋର୍ଟରେ ପ୍ରସ୍ତାବ ଦିଆଯାଇଛି। ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ସୁକାନ୍ତ କୁମାର ପ୍ରଧାନ ଓ ଆଇ'ରେଷ୍ଟର ଜଷ୍ଟ ଟ୍ରାଞ୍ଜିସନ୍ ଆଣ୍ଡ କ୍ଲାଇମେଟ୍ ଚେଞ୍ଜ ବିଭାଗର ନିର୍ଦ୍ଦେଶକ ଡକ୍ଟର ଶ୍ରେଷ୍ଠା ବାନାର୍ଜୀ ଏହି ଅବସରରେ ସବୁଜ ଦକ୍ଷତା ବିକାଶର ଗୁରୁତ୍ୱ ଉପରେ ମତ ରଖିଥିଲେ।

# +୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ମେଧା ତାଲିକା ପ୍ରକାଶିତ

● ନାମଲେଖା ପାଇଁ ଚୟନ ହେଲେ ୪୯,୭୭୮ ଛାତ୍ରଛାତ୍ରୀ
● ୭ ରୁ ୧୦ ତାରିଖ ମଧ୍ୟରେ ନାମଲେଖା; ୧୨ରୁ ସ୍ଲଟ୍ ଆବେଦନ

ଭୁବନେଶ୍ୱର, ୩।୯ (ସମିସ): ଯୁକ୍ତ ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ପ୍ରଥମ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇଛି। ସମୁଦାୟ ୪୯ ହଜାର ୭୭୮ ଜଣ ନାମଲେଖା ପାଇଁ ଚୟନ ହୋଇଛନ୍ତି। ତନ୍ମଧ୍ୟରୁ ନୂତନ ଭାବେ ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ କରିଥିବା ୨୭ ହଜାର ୬୫୧ ଜଣ ଛାତ୍ରଛାତ୍ରୀ ରହିଛନ୍ତି। କଳାରେ ସର୍ବାଧିକ ୨୬,୬୭୩ ଜଣ ପିଲା ନାମଲେଖା ପାଇଁ ଚୟନ ହୋଇଥିବାବେଳେ ବିଜ୍ଞାନରେ ୧୩,୯୨୫ ଜଣ, ବାଣିଜ୍ୟରେ ୪୫୬୯, ଧନ୍ଦାମୂଳକରେ ୧୮୪୬ ଓ ଉପଶାସ୍ତ୍ରୀରେ ୨୭୭୫ ଜଣ ଚୟନ ହୋଇଛନ୍ତି। ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ୭ ରୁ ୧୦ ତାରିଖ ମଧ୍ୟରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ନାମଲେଖାଇ ପାରିବେ। ଏହି ରାଉଣ୍ଡର ନାମଲେଖା ସରିବା ପରେ ସିଧାସଳଖ ସ୍ଲଟ୍ ନାମଲେଖା ହେବ। ଏଥିପାଇଁ ୧୨ରୁ୧୬ ତାରିଖ ମଧ୍ୟରେ ଛାତ୍ରଛାତ୍ରୀମାନେ ଅନ୍‌ଲାଇନ୍‌ରେ ଆବେଦନ କରିବେ। ସେପ୍ଟେମ୍ବର ୨୧ ରେ ସ୍ଲଟ୍ ନାମଲେଖା ପାଇଁ ୱେଟିଂ ତାଲିକା ପ୍ରକାଶ ପାଇବ। ତାଲିକାରେ ସ୍ଥାନ ପାଇଥିବା ପିଲାମାନେ ୨୨ରୁ ୨୫ ତାରିଖ ମଧ୍ୟରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ରିପୋର୍ଟିଂ କରିବେ। ୨୬ ରେ ମେଧା ତାଲିକା ପ୍ରକାଶ ପାଇବା ପରେ ୨୯ ତାରିଖ ମଧ୍ୟରେ ସ୍ଲଟ୍ ନାମଲେଖା ସରିବ। ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ଆବେଦନ କରି ନଥିବା ୩୩ ହଜାର ୩୫୦ ଜଣ ଛାତ୍ରଛାତ୍ରୀ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଆବେଦନ କରିଛନ୍ତି।

## ଏସିଏଫ୍ ସୌମ୍ୟରଂଜନଙ୍କ ମୃତ୍ୟୁ ମାମଲା

# ପତ୍ନୀ ବିଦ୍ୟାଭାରତୀଙ୍କ ଆବେଦନର ରାୟ ସଂରକ୍ଷିତ

କଟକ,୩।୯ (ସମିସ): ବହୁଚର୍ଚ୍ଚିତ ଏସିଏଫ୍ ସୌମ୍ୟରଂଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାରେ ପାରଳାଖେମୁଣ୍ଡି ଏସଡିଜେଏମ ଅଦାଲତରେ ବିଚାରାଧୀନ ମାମଲା ବିରୋଧରେ ପତ୍ନୀ ବିଦ୍ୟାଭରତୀ ପଣ୍ଡାଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି ହାଇକୋର୍ଟ। ଜଷ୍ଟିସ ଶିବଶଙ୍କର ମିଶ୍ର ଆଜି ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ମାମଲାରେ ପୂର୍ବରୁ ବିଦ୍ୟାଭାରତୀଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରାଯାଇଥିବା ବେଳେ ଇତିମଧ୍ୟରେ ତତ୍କାଳୀନ ପାରଳାଖେମୁଣ୍ଡି ଡିଏଫ୍ଓ ସଂଗ୍ରାମ କେଶରୀ ବେହେରାଙ୍କ ଦୌରା ଅଦାଲତରେ ଜାମିନ ଖାରଜ ହୋଇ ସେ ଜେଲ୍‌ରେ ଅଛନ୍ତି ବୋଲି ଦର୍ଶାଯାଇଥିଲା। ମାମଲାରୁ ପ୍ରକାଶ ଯେ ୨୦୨୧, ଜୁଲାଇ ୧୨ ରାତିରେ ନିଜ ସରକାରୀ ବାସଭବନରେ ଏସିଏଫ୍ ସୌମ୍ୟରଞ୍ଜନଙ୍କ ସନ୍ଦେହଜନକ ଅବସ୍ଥାରେ ପୋଡି ମୃତ୍ୟୁ ଘଟଣାରେ ସୌମ୍ୟରଞ୍ଜନଙ୍କ ପତ୍ନୀ, ତତ୍କାଳୀନ ଡିଏଫଓ ସଂଗ୍ରାମ କିଶୋର ବେହେରା ଓ ରୋଷେୟା ମନ୍ମଥ କୁମ୍ଭଙ୍କ ସଂପୃକ୍ତି ଥିବା ପରିବାର ତରଫରୁ ଅଭିଯୋଗ କରାଯାଇଥିଲା। ସୌମ୍ୟରଞ୍ଜନଙ୍କ ବାପା ଅଭିରାମ ମହାପାତ୍ରଙ୍କ ପ୍ରୋଟେଷ୍ଟ ପିଟିସନ ଆଧାରରେ ଉପରୋକ୍ତ ୩ ଅଭିଯୁକ୍ତଙ୍କ ବିରୋଧରେ ଆଇପିସିର ଦଫା ୩୦୨ ଓ ୧୨୦-ଖ'ରେ ଏସଡିଜେଏମ ଅଦାଲତ କଗନିଜାନ୍ସ ଗ୍ରହଣ କରିଥିଲେ। ଏହି ମାମଲା ବିରୋଧରେ ବିଦ୍ୟାଭାରତୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ମାମଲା

# ଭୀମସେନ ଟୁଡୁଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ

କଟକ,୩।୯ (ସମିସ): ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାରେ ଗିରଫ ହୋଇଥିବା ନିଲମ୍ବିତ ଓଟିଏଏସ ଅଧିକାରୀ ଭୀମସେନ ପ୍ରସାଦ ଟୁଡୁଙ୍କୁ ଆଜି ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଜଷ୍ଟିସ ଗୌରୀଶଙ୍କର ଶତପଥୀ ୫୦ହଜାର ଟଙ୍କା ଜମାନତ ରାଶି ସହ ଦୁଇ ଜଣ ଜାମିନଦାରଙ୍କ ବଦଳରେ ଜାମିନ ଆବେଦନକୁ ମଞ୍ଜୁର କରିଛନ୍ତି। ଏହି ମାମଲାର କୌଣସି ସାକ୍ଷୀଙ୍କୁ ପ୍ରଭାବିତ କରିବେ ନାହିଁ। ଯଦି କୌଣସି ସାକ୍ଷୀ ଅଭିଯୋଗ କରନ୍ତି ଯେ ଟୁଡୁ ଏହି ସର୍ତ୍ତ ଭାଙ୍ଗିଛନ୍ତି, ତେବେ ସେମାନେ ସିଧାସଳଖ କୋର୍ଟଙ୍କ ଦ୍ୱାରସ୍ଥ ହୋଇ ଜଣାଇପାରିବେ। ମାମଲାରୁ ପ୍ରକାଶ ଯେ ବାରଙ୍ଗ ଥାନାରେ ରୁଜୁ ଏହି ମାମଲାରେ ସମ୍ଭାବ୍ୟ ଗିରଫଦାରୀ ଏଡାଇବା ପାଇଁ ଚନ୍ଦ୍ରିକାଙ୍କ ପୁରୁଷ ବନ୍ଧୁ ଭୀମସେନ ପ୍ରସାଦ ଟୁଡୁ ପ୍ରଥମେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ଏହା ଖାରଜ ହେବା ପରେ ପୁଲିସ ଭୀମସେନଙ୍କୁ ଗିରଫ କରିଥିଲା। ପ୍ରକାଶଥାଉକି କାଠଯୋଡି ନଦୀ କୂଳ ତ୍ରିଶୂଳିଆ ନେତାଜୀ ସେତୁ ତଳୁ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲର ଅଧ୍ୟୟନ କରୁଥିବା ମୟୂରଭଞ୍ଜ ଅଞ୍ଚଳର ୨୮ ବର୍ଷୀୟା ଏମବିବିଏସ ତୃତୀୟ ବର୍ଷ ଛାତ୍ରୀ ଚନ୍ଦ୍ରିକାଙ୍କ ମୃତଦେହ ଗତ ଜୁନ ୪ ତାରିଖରେ ଉଦ୍ଧାର କରାଯାଇଥିଲା। ଚନ୍ଦ୍ରିକାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ଭୀମସେନଙ୍କ ସହ ଥିବା ସମ୍ପର୍କ ଓ ମାନସିକ ଚାପ ଯୋଗୁଁ ଚନ୍ଦ୍ରିକା ଆତ୍ମହତ୍ୟା କରିଥିଲେ। ଏହି ଅଭିଯୋଗ ପରଠାରୁ ଭୀମସେନ ଫେରାର ଥିଲେ। ପୁଲିସ ଗତ ଜୁନ୍ ୧୩ ତାରିଖରେ ମୟୂରଭଞ୍ଜରୁ ତାଙ୍କୁ ଗିରଫ କରିଥିଲା। ଗିରଫଦାରୀ ପରେ ଶ୍ରୀ ଟୁଡୁଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭୋଟର ତାଲିକାରୁ...

ତାଲିକାରେ ତାଙ୍କ ନାମ ସାମ୍ନାରେ 'ସ୍ଥାୟୀ ଭାବେ ସ୍ଥାନାନ୍ତରିତ' ବୋଲି ଉଲ୍ଲେଖ ରହିଛି। ରାଘବ ଏହି ଘଟଣାକୁ ରାଜନୈତିକ ପ୍ରତିଶୋଧ ବୋଲି ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ସେ ପଞ୍ଜାବରୁ ନିର୍ବାଚିତ ବର୍ତ୍ତମାନର ରାଜ୍ୟସଭା ସାଂସଦ। ତେଣୁ ତାଙ୍କ ନାମକୁ ଖସଡ଼ା ଭୋଟର ତାଲିକାରେ ରଖି ଦାବି ଓ ଆପତ୍ତି ଦଥା ଅଭିଯୋଗ ପ୍ରକ୍ରିୟା ସମୟରେ ଆବଶ୍ୟକ ଦଲିଲ ଯାଞ୍ଚ କରିବାର ସୁଯୋଗ ଦିଆଯିବା ଉଚିତ ଥିଲା। ଚଡ଼ାଙ୍କ ଅଭିଯୋଗ ଅନୁସାରେ, ତାଙ୍କୁ 'ସ୍ଥାନାନ୍ତରିତ' ବୋଲି ଚିହ୍ନଟ କରିବା କେବଳ ଏକ ସାଧାରଣ କାର୍ଯ୍ୟାଳୟୀୟ ତ୍ରୁଟି ନୁହେଁ। ଏହା ପଛରେ ରାଜନୈତିକ ଉଦ୍ଦେଶ୍ୟ ଥିବା ସେ ଦାବି କରିଛନ୍ତି। ତେବେ ଏହା ଖସଡ଼ା ତାଲିକା ହୋଇଥିବାରୁ ନିୟମ ଅନୁଯାୟୀ ଦାବି ଓ ଆପତ୍ତି ଦାଖଲ କରି ତାଙ୍କ ନାମକୁ ଚୂଡ଼ାନ୍ତ ତାଲିକାରେ ପୁଣି ସାମିଲ କରାଇବା ପାଇଁ ସେ ପଦକ୍ଷେପ ନେଉଥିବା କହିଛନ୍ତି। ରାଘବଙ୍କ ଅଭିଯୋଗକୁ ପଞ୍ଜାବ ସରକାର ଓ ଆମ୍ ଆଦମୀ ପାର୍ଟି ଖଣ୍ଡନ କରିଛନ୍ତି। ଜଣେ ବରିଷ୍ଠ ସରକାରୀ ଅଧିକାରୀ କହିଛନ୍ତି, ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ନିର୍ବାଚନ ଆୟୋଗ ପକ୍ଷରୁ କରାଯାଉଛି। ଏଥିରେ ପଞ୍ଜାବ ସରକାରଙ୍କ କୌଣସି ଭୂମିକା ନାହିଁ। ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ମଧ୍ୟ ନିର୍ବାଚନ ଆୟୋଗ ଦ୍ୱାରା ନିଯୁକ୍ତ ଅଧିକାରୀ ବୋଲି ସେ ସ୍ପଷ୍ଟ କରିଛନ୍ତି। ଆମ୍ ଆଦମୀ ପାର୍ଟି ମଧ୍ୟ ଚଡ଼ାଙ୍କ ଅଭିଯୋଗକୁ ରାଜନୈତିକ ଭାବେ ଭିତ୍ତିହୀନ ବୋଲି କହିଛି। ଦଳର ମତରେ, ଚଡ଼ା ଦିଲ୍ଲୀରେ ରହୁଥିବାରୁ ତାଙ୍କ ଭୋଟର ପଞ୍ଜୀକରଣ ସମ୍ପର୍କରେ ନିଜେ ଆବଶ୍ୟକ ପଦକ୍ଷେପ ନେବା ତାଙ୍କ ଦାୟିତ୍ୱ। ତେଣୁ ଏହି ଘଟଣା ପାଇଁ ପଞ୍ଜାବ ସରକାର କିମ୍ବା ଆମ୍ ଆଦମୀ ପାର୍ଟିକୁ ଦାୟୀ କରିବା ଠିକ୍ ନୁହେଁ ବୋଲି ଦଳ କହିଛି। ପଞ୍ଜାବର ଖସଡ଼ା ଭୋଟର ତାଲିକା ଅଗଷ୍ଟ ୧୩ରେ ପ୍ରକାଶ ପାଇଥିଲା। ଏହି ସଂଶୋଧନ ପ୍ରକ୍ରିୟାରେ ପ୍ରାୟ ୨୦.୬୬ ଲକ୍ଷ ଭୋଟରଙ୍କ ନାମ ବାଦ ପଡ଼ିଛି, ଯାହା ଏସ୍‌ଆଇଆର୍ ପୂର୍ବର ମୋଟ ଭୋଟରଙ୍କ ପ୍ରାୟ ୯.୭ ପ୍ରତିଶତ। ବାଦ ପଡ଼ିଥିବା ନାମଗୁଡ଼ିକ ମଧ୍ୟରେ ଅନୁପସ୍ଥିତ, ସ୍ଥାନାନ୍ତରିତ, ମୃତ ଓ ଏକାଧିକ ଥର ପଞ୍ଜୀକୃତ ଭୋଟରଙ୍କ ନାମ ରହିଛି। ଚଡ଼ାଙ୍କ ନାମ ମଧ୍ୟ ଏହି ତାଲିକାରେ 'ସ୍ଥାନାନ୍ତରିତ' ଶ୍ରେଣୀରେ ରହିଛି। ତେବେ ଖସଡ଼ା ତାଲିକା ଚୂଡ଼ାନ୍ତ ନୁହେଁ। ତେଣୁ ନାମ ବାଦ ପଡ଼ିଥିବା ଭୋଟରମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ଓ ଆପତ୍ତି ଦାଖଲ କରି ନିଜ ନାମ ପୁଣି ସାମିଲ କରାଇପାରିବେ ବୋଲି କୁହାଯାଇଛି।

### ୧୫ ଦିନରେ ଗଲାଣି...

ପରେ ଗାଁରେ ଶୋକର ଛାୟା ଖେଳିଯାଇ ଥିଲା। ଜୟରାମଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଏବେ ଅସହାୟ ହୋଇପଡ଼ିଛି। ସୂଚନା ଅନୁଯାୟୀ, ମୃତକଙ୍କ ସ୍ତ୍ରୀ ବର୍ତ୍ତମାନ ଗର୍ଭବତୀ ଅଛନ୍ତି। ପରିବାରରେ ତାଙ୍କ ବଡ଼ ପୁଅ ଅଭିଜିତ ସୁନାନୀଙ୍କ ସହ ବିକଳାଙ୍ଗ ମା' ମଧ୍ୟ ଅଛନ୍ତି। ଏକମାତ୍ର ରୋଜଗାରିଆ ଭାବେ ଜୟରାମ ପରିବାରର ଭରସା ଥିଲେ। ତାଙ୍କ ଅକାଳ ମୃତ୍ୟୁପରେ ପରିବାରର ଆଗାମୀ ଦିନର ଜୀବନଯାପନକୁ ନେଇ ଚିନ୍ତା ବଢ଼ିଛି। ଅନ୍ୟପକ୍ଷରେ, ଅଞ୍ଚଳରେ ବାରମ୍ବାର ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟଣା ସାମ୍ନାକୁ ଆସୁଥିବାରୁ ଦାଦନ ସମସ୍ୟା ପ୍ରତି ପ୍ରଶାସନର ନଜର ଆବଶ୍ୟକ ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି।

### କେନ୍ଦ୍ର ଆମ କଥା...

ବଢିବ। ଆମେ ୪୮ ଘଣ୍ଟା ଭିତରେ ୩୦ ହଜାର କୋଟି ଟଙ୍କା ଦେଉଛୁ; କିନ୍ତୁ ଚାଉଳ ଠିକ୍ ସମୟରେ ଉଠୁନାହିଁ। କ'ଣ ପାଇଁ ଅନ୍ୟ ରାଜ୍ୟ ପ୍ରତି ଏଫ୍‌ସିଆଇ ଦରଦ ଦେଖାଉଛି, ଆମ ପାଇଁ ଦରଦ ଦେଖାଇବାକୁ ବିମୁଖ ହେଉଛି; ସେ କଥା ବି ଆମେ ବୁଝି ପାରୁନାହୁଁ ବୋଲି ମନ୍ତ୍ରୀ ପ୍ରଶ୍ନ କରିଛନ୍ତି।

ମନ୍ତ୍ରୀ ଆହୁରି କହିଛନ୍ତି ମୋତେ ପୁଣି ଆଉଥରେ ହାଇ ଲେଭେଲ ଟିମ୍ ନେଇ ତାଙ୍କ (କେନ୍ଦ୍ରମନ୍ତ୍ରୀ) ପାଖକୁ ଯିବାକୁ ପଡିବ; ସେଠାରେ ବୈଠକ କରିବାକୁ ପଡ଼ିବ। ଚାଉଳ ଉଠାଉନଥିବା ଯୋଗୁଁ ଆମେ ଚିନ୍ତାରେ ପଡିଛୁ। ଦିଲ୍ଲୀକୁ ଓଡ଼ିଶାରୁ ୨୦ ଜଣ ଏମ୍‌ପି ଯାଇଛନ୍ତି। ଆମର ଅଧିକାର ଅଛି। ଆମେ ସେ କଥା କେନ୍ଦ୍ରରେ କହିବୁ। ଚାଉଳ ନ ଉଠାଇ ପାରିଲେ ପୁଣି ଆଉଥରେ ଧାନ କିଣିବା କଷ୍ଟକର ହୋଇପଡିବ। ଆମ ହାତ ବାନ୍ଧି ହେଇଯାଉଛି ବୋଲି ଉଲ୍ଲେଖ କରି ଓଡ଼ିଶାରୁ ଚାଉଳ ଜଲଦି ଜଲଦି ଉଠାନ୍ତୁ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଏଫ୍‌ସିଆଇ ଜିଏମ୍‌ଙ୍କୁ ମନ୍ତ୍ରୀ ଅନୁରୋଧ କରିଛନ୍ତି।

ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ୩୦ ଲକ୍ଷ ଟନ୍ ଚାଉଳ କେନ୍ଦ୍ର ସରକାର ଏଫ୍‌ସିଆଇ ମାଧ୍ୟମରେ ଉଠାଇବା ବ୍ୟବସ୍ଥା ଥିଲେ ବି ମାତ୍ର ଏହାର ଏକଚତୁର୍ଥାଂଶରୁ କମ୍ ଅର୍ଥାତ୍ ୭.୨୮ ଲକ୍ଷ ଟନ୍ ଚାଉଳ ଉଠାଯାଇଛି। ଏହି ଚାଉଳ ଉଠୁ ନ ଥିବାରୁ ଏବେ ରାଜ୍ୟର ସବୁ ଗୋଦାମରେ ଚାଉଳ ଭର୍ତ୍ତି ହୋଇ ରହିଛି। ଫଳ ସ୍ୱରୂପ ଆଗାମୀ ଖରିଫ୍ ଋତୁରେ ମିଲରମାନଙ୍କ ପାଇଁ ଧାନ ଉଠାଇବା ମଧ୍ୟ କଷ୍ଟକର ହୋଇପଡ଼ିବ। ବିଶେଷକରି ପଶ୍ଚିମ ଓଡ଼ିଶାରେ ଏହି ସ୍ଥିତି ଉଦ୍‌ବେଗ ଜନକ କହିଛି। ଉପକୂଳବର୍ତ୍ତୀ ଜିଲ୍ଲାରେ ସଂଗ୍ରହ ହେଉଥିବା ଧାନ ପିଡିଏସ୍ ମାଧ୍ୟମରେ ବଣ୍ଟନ ପରେ କିଛି ପରିମାଣରେ ଚାଉଳ ବଳୁଛି। ହେଲେ ପଶ୍ଚିମ ଓଡ଼ିଶାରେ ଉତ୍ପାଦନ ହେଉଥିବା ଧାନର ପରିମାଣରୁ ୩୦ ପ୍ରତିଶତ ପିଡିଏସ୍ ବଣ୍ଟନ ପରେ ବାକି ପ୍ରାୟ ୬୦-୭୦ ପ୍ରତିଶତ ଚାଉଳ ରହୁଛି। ଏହି ଚାଉଳ ମିଲର ଓ ସରାକରୀ ଗୋଦାମରେ ଗଚ୍ଛିତ ରହିଛି। ତେଣୁ ଏଥର ଏଫ୍‌ସିଆଇ ଚାଉଳ ନ ଉଠାଇଲେ ଖରିଫ ଧାନ ଉଠାଯିବ ନାହିଁ ବୋଲି ମଧ୍ୟ ମିଲର ସଂଘ କିଛି ଦିନ ତଳେ ସରକାରଙ୍କୁ ଭେଟି ଚେତାବନୀ ଦେଇଛି। ଏହି ସ୍ଥିତି ସମୟରେ ମନ୍ତ୍ରୀଙ୍କ ଅସହାୟତା ପ୍ରକାଶ ନୂଆ ବିବାଦ ସୃଷ୍ଟି କରିଛି।


**SALE**

BHARAT BENZ 3528 C, MODEL 2024, Regn. No - OD-02-CZ-7477, in as is where is condition. Contact: M/S Sundaram Finance Limited, NAYAGARH BRANCH, Ph:0675-3299916, MOB - 9437560891 within 7 days

**ପଶ୍ଚିମ ରେଳବାଇ-ରତଲାମ ମଣ୍ଡଳ**

**ସଂଶୋଧନ ବିଜ୍ଞପ୍ତି**

NIT ନଂ. W/623/NIT/1, ତାରିଖ ୨୫.୦୮.୨୦୨୬ ରେ ପ୍ରକାଶିତ ଟେଣ୍ଡର ନଂ. RTM/2026-27/86, କାର୍ଯ୍ୟର ନାମ: "୧. ମାଲହାରଗଡ଼ – ଦାଲୌଦା (UP) – TRR(P) – ୨୯.୯୧୧ Tkm, ୨. ନାମଲି – ବରାଖେଲା ବୌରାସୀ ଏବଂ ହରକିଆ ଖାଲ – ମାଲହାରଗଡ଼ – TRR(P)", ଯାହା ୧୭.୦୯.୨୦୨୬ ତାରିଖରେ ଖୋଲାଯିବ। ଏହି ଟେଣ୍ଡରରେ ନିମ୍ନଲିଖିତ ସଂଶୋଧନ କରାଯାଇଛି, ଯାହା I R E P S ରେ ଅପଡେଟ୍ କରାଯାଇଛି। ଅନ୍ୟ ସମସ୍ତ ଟେଣ୍ଡର ସର୍ତ୍ତାବଳୀ ପୂର୍ବବତ୍ ରହିବ। ୧. ଫିଲ୍ଡର ନାମ: ଅନୁମୋଦିତ JV ସଦସ୍ୟଙ୍କ ସଂଖ୍ୟା। ପୂର୍ବ ମୂଲ୍ୟ: ୩। ସଂଶୋଧିତ ମୂଲ୍ୟ: ୦।୨. ଫିଲ୍ଡର ନାମ: JV ଫର୍ମ ଅନୁମୋଦିତ। ପୂର୍ବ ମୂଲ୍ୟ: ହଁ। ସଂଶୋଧିତ ମୂଲ୍ୟ: ନା। 0236

ଆମକୁ ଲାଇକ୍ କରନ୍ତୁ facebook.com/WesternRly

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.: eT-M-CD-BBS-CCTVAMC-08-26

କାର୍ଯ୍ୟର ନାମ : ଦୁଇ ବର୍ଷ ଅବଧି ନିମନ୍ତେ କୋଚିଙ୍ଗ୍ ଡିପୋ, ଭୁବନେଶ୍ୱରର LHB କୋଚ୍‌ଗୁଡ଼ିକରେ ଲଗାଯାଇଥିବା କ୍ଲୋଜ୍‌ଡ୍ ସର୍କିଟ୍ ନିରୀକ୍ଷଣ (Surveillance) ପ୍ରଣାଳୀର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 1,36,25,790.80, ଅମାନତ ରାଶି (ଟଙ୍କାରେ) : 2,18,100.00, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900.00, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.04.09.2026 ରିଖ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.18.09.2026 ରିଖ 1530 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ କୋଚିଙ୍ଗ୍ ଡିପୋ ଅଧିକାରୀ, ଭୁବନେଶ୍ୱର

PR-412/R/26-27

**AFFIDAVIT**

By virtue of an affidavit sworn before the Executive Magistrate, Puri, dated 21/08/2026, I **TOPHAN KUMAR MANGARAJ** age 59years S/o Satrughna Mangaraj resident of Villa- Apithi, PO- Gadakokal, PS- Brahmagiri, Dist- Puri, Pin- 752011, State- Odisha, that my wife Laxmipriya Lenka's correct date of birth is **07/04/1982** but in my service certificate wrongly mentioned as **17/11/1982.** My Son's correct name is **Tapas Kumar Mangaraj** but it has been wrongly mentioned as **Tapasha Kumar Mangaraj** in my Service Certificate. Both name are one and same person. His correct date of birth is **12/06/2006** but wrongly mentioned as **12/06/2005** in my Service Certificate. My another Son's correct name in **Tushar Kumar Mangaraj** but it has been wrongly mention as **Trushar Kumar Mangaraj** in my Service Certificate. His correct date of birth is **12/06/2006** but wrongly mention as **12/06/2005** in my Service Certificate. My daughter Payal **Rani Mangaraj** correct date of birth is **13/11/2001** but it has been wrongly mentioned as **12/11/2001** in my Service Certificate.

Sd- **TOPHAN KUMAR MANGARAJ**

**AFFIDAVIT**

By virtue of an affidavit sworn before the **Notary Public, Rayagada No. 9453, dtd. 03.09.2026, by Smt. Rita Bidika,** aged about 32 years, W/o - Late Ramesh Jakaka, resident of At - Jagannathpur, PO - Pitamahal, PS - Seskhal, Block/Dist - Rayagada, Pin - 765002, Odisha, declare that I have changed the name of my daughter from **Prachi Jakaka to Reshma Jakaka.** Henceforth, she shall be known as **Reshma Jakaka** for all purposes.

**Sd/- Rita Bidika**

**AFFIDAVIT**

By virtue of affidavit sworn before the Executive Magistrate Puri, I, Mithun Barik, At- Ketakipatana, Po. Lalitapahandi, P.S.- Satyabadi Dist-Puri, PIN-752045 declare the I have changed my son's name from Basanta Kumar Barik to Prasad Kumar Barik. Henceforth he shall be known as **Prasad Kumar Barik** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, I, Dhurjati Sankisa, S/o- Rama Sastry, resident of MIG-127, First Lane, Kanan Vihar, Phase-II, Nandankanan Road, Bhubaneswar- 751024 declare that my actual name is Dhurjati Sankisa, but in my Aadhaar & PAN Card my name is recorded as S Dhurjati. I declare that Dhurjati Sankisa and S Dhurjati is the same person. Henceforth I will be known as **Dhurjati Sankisa** for all purposes.

**AFFIDAVIT**

By virtue of an affidavit No. 11576 sworn before The Executive Magistrate on dtd- 29/08/2026, I **Sahnaj Begum,** aged 42 years, W/o- Sk Samsher Ali, permanent resident of Vill- Chandpur, Po/Ps- Bramhabarada, Dist- Jajpur, Odisha, Pin-755005 declared that I have changed my minor daughter's name from **Nazishnaz Begum** (old name) to **Raziya Sultana** (new name). Henceforth, she shall be known as **RAZIYA SULTANA** for all future purposes.

**Sd/- Sahnaj Begum**

**P.G. Central Office**

**Maharaja Sriram Chandra Bhanja Deo University**

NAAC 'A'

Sriram Chandra Vihar, Takatpur, Baripada-757003, Mayurbhanj, Odisha

Website: https://mscbu.ac.in

No.755/MSCBU(PGC-195/2025)/2026 Dt. 03.09.2026

**NOTICE**

**Spot Admission into MCA and MBA Programme- 2026**

Spot admission for MCA at 'School of Information Technology, Rairangpur, MSCB University under Self Financing Mode and MBA at MSCB University, Baripada will be conducted in the schedule stated below. Interested candidates with OJEE-2026 rank or with valid Score card in All India examinations like CAT/MAT/XAT/ATMA/CMAT for MBA; NIMCET/OJEE for MCA are required to report in person on 09-09-2026 along with their OJEE Rank Card, original Certificates, Mark sheets and other relevant documents along with a set of photo copy. The selection will be made on the basis of OJEE-2026 General Rank. Admission will be held on 10-09-2026.Eligibility: As per OJEE norms. For more details visit the official website https://mscbu.ac.in.

| Programme | For Reporting and Admission | Reporting Date | Admission Date |
|---|---|---|---|
| MCA | Admission-in-Charge, 'School of Information Technology, Rairangpur Block Padia, in front of Women's College, Rairangpur - 757043 MSCB University, Baripada For more details, Contact -7978568017 | 09.09.2026 10:30 AM to 03:00 PM | 10.09.2026 10:30 AM to 05:00 PM |
| MBA | Admission-in-Charge, Dept. of Business Administration, MSCB University, Baripada For more details, Contact-9437376243 | Publication of Merit List: 05:00 PM | |

Sd/-
Chairman, P.G. Council

**AFFIDAVIT**

I **Mohammed Tasawar Hussain,** S/o- Mohammed Tafaruq Hussain, resident of DDL- 1074, Dumuduma Housing Board Colony, Near Children Park, Phase-2, P.O- Dumuduma, Dist- Khordha, Pin- 751019, Odisha declare by this Affidavit number CF No- 107, dtd- 01/09/2026 I have changed my son's name from **Hussain Mohammed Tawaheed** to **Md Tauheed Hussain** for all future purposes.

**FOR SALE**

01 Number of TATA ACE GOLD DIESEL+ /2023, Registration No.- OD-15-X-5698, Model- 2023, Engine No – 700CCDI04HWXSA5058, Chassis No - MAT559033PYH37540, For Details, Contact - 9437019531, SUNDARAM FINANCE LTD., 1ST FLOOR, SABAT COMPLEX, NEAR WESCO OFFICE, AINTHAPALLI, PO/DIST- SAMBALPUR-768004

19001/242/2627

**OFFICE OF THE PANCHAYAT SAMITI, BALIPATNA**

Letter No. 3483 Dt.02/09/26

**CORRIGENDUM**

In continuation to this office letter no. 3477 Dt. 01.09.26, the name of work in Column-02 and Class of Contractor in Column-04 shall be read as **"Construction of Multipurpose Convention Hall cum Cultural Centre",** and "B & Equivalent" instead of "Construction of Multipurpose Convention Hall cum Cultural Hall" and "C & above". All other text in the said letter shall remain unchanged.

**Block Development Officer, Balipatna**

OIPR-19001/19303/1/26-27/0003

**AFFIDAVIT**

By virtue of an affidavit sworn before Executive Magistrate Uditnagar Rourkela (A64), dated 03.08.2026. I, **Md Afrid,** S/o- Mohammad Abid, Address: Back Side QR NO- H/437 SECTOR- 15, H/437 Sector- 15, Rourkela, Sector- 15, VTC : Raurkela(M ), PO: Rourkela-3 Sub District: Raurkela (m) District: Sundergarh, Odisha Pin code: 769003 declare that I have changed my name from **Mohammad Abid** to **Md Afrid.** Henceforth, I shall be known as **Md Afrid** for all purposes.

**Md Afrid**

**AFFIDAVIT**

By virtue of an affidavit before the Executive Magistrate, Bargarh vide sl. no. 587, dtd.03.09.2026, I, Seteng Aind, W/o- Charles Aind, R/o- Vill.- Jujugaon, Po.- B. Kharmunda, Ps.- Attabira, Dist.- Bargarh (Odisha), PIN- 768038 state that, my daughter's actual name and Date of Birth is **Jyotshna Aind, DOB- 08.12. 2016** but in her Aadhaar Card no. 2816 5987 6894 her name has been wrongly mentioned as Josnaya Aind. Hence **Josnaya Aind** and **Jyotshna Aind** is one and same person.

**KASTURABA GANDHI BALIKA VIDYALAY (KGBV TYPE-III) DANGASORADA ,CHANDRAPUR BLOCK,RAYAGADA DISTRICT**

27001/153/2627

L. No. 129 /KGBV/ 2026 Dated 01.09.2026

**TENDER CALL NOTICE**

Sealed tender are invited from the Registered & credible Firm / whole seller / Dealer and Manufacturer for supply of different items for Kasturaba Gandhi Balika Vidyalaya (KGBV ). Dangasorada , Chandrapur Block of Rayagada District : 2026-27. For details please visit the district website i.e. www.rayagada.nic.in .

Last date receiving tender: 21.09.2026 (4.00 PM)

Tender opening date: 23.09.2026 ( 11.00 AM)

Headmistress, K.G.B.V., Dangasorada
Chandrapur Block , Rayagada District

OIPR-27001/27123/1/26-27/0001

**AFFIDAVIT**

I, Surendranath Mahapatro, aged about 70 years, H/o- Nandita Mishra, resident of Flat No-706, Lumbini Enclave, Lumbini Vihar, Sailashree Vihar, Bhubaneswar, Dist- Khurda, PIN- 751021, Odisha declared by this affidavit No. 574, dtd- 02/09/2026 that now onwards I shall be known as **SURENDRA NATH MOHAPATRA** for all future purposes.

**GOVERNMENT OF ODISHA** 19001/222/2627
**Panchayati Raj & Drinking Water Department**
**E-Procurement Notice**
**Bid Identification No. P5-KBLMVD-T-67/2026-27**

| | | | |
|---|---|---|---|
| 1. | No. of the work | : | Building works 2 nos. |
| 2. | Estimated cost | : | Rs. 19.10 lakh & Rs. 38.42 lakh |
| 3. | Class of Contractor | : | "C" & "D" & "E" |
| 4. | Period of completion | : | 6 months |
| 5. | Date and time of availability of bid documents in the portal | : | 11.30 hrs of 29.08.2026 to 17.00 hrs of 09.09.2026 |
| 6. | Last date/Time for receipt of bid in the portal | : | 17.00 hours of 09.09.2026 |
| 7. | Name and Address of the Officer inviting bid | : | Block Development Officer, Karlamunda |
| 8. | Date & Venue of Opening of the Single Cover Bid and Technical Bid (Cover 1) | : | On 10.09.2026 at 11.00 AM in the Office of the Panchayat Samiti, Karlamunda |

Further details can be seen from the e-procurement portal https://tendersodisha.gov.in

Block Development Officer
Karlamunda

OIPR-19001/19429/1/26-27/0001

**OFFICE OF THE PANCHAYAT SAMITI : BALIKUDA**
*At/Po-Balikuda, Dist:-Jagatsinghpur, e-mail:-ori-balikuda@nic.in*
*Phone: 06724 - 238226* 19001/240/2627

**'e' Procurement Notice No.BDO-BKD/PS-02 of 2026-27**

| | | |
|---|---|---|
| 1 | Number of the works | 10 (Nos.) Nos. |
| 2 | Tender Amount (Approx.) | Rs.9.31 Lakh to 28.53 Lakh |
| 3 | EMD (online) | As per DTCN |
| 4 | Tender Paper' Cost (online) (Non-Refundable) | Rs.6,000.00 |
| 5 | Class of Contractor | "D", "C" & "B" Class Contractor |
| 6 | Period of Completion | 06 (six) Calendar Months |
| 7 | Availability of Tender | From 07.09.2026 at 10.00 AM to 22.09.2026 at 5.30 P.M |
| 8 | Date & Time of opening of BID | 23.09.2026 at 11.00 AM |

Further details can be seen from the Govt. web site "https://tendersodisha.gov.in"
All corrigendum / cancellation of tender if any, will only be uploaded in the above web site

Sd/-
BLOCK DEVELOPMENT OFFICER, BALIKUDA

OIPR-19001/19282/1/26-27/0002

**AFFIDAVIT**

By virtue of an affidavit sworn before the Notary Public, Bhubaneswar, dated 28.08.2026 I, **Sritam Pujari,** Address: AT- SAHAJBAHAL, PO- SANKARA, PS- BINIKA, DIST- SUBARNAPUR, PIN- 767019, ODISHA, declare that I have changed my name from **SHRIMAT PUJARI** to **SRITAM PUJARI.** Henceforth, I shall be known as **SRITAM PUJARI** for all purposes.

**Sritam Pujari**

# ସୋନଗଡ଼ ନଦୀର ସିକୁଆଁରେ ପ୍ରକଳ୍ପ ପାଇଁ ଟେଣ୍ଡର

ଦେଓଗାଁ, ୩।୯ (ସମିସ)

ବିଜେଡି ସରକାର ଅମଳରେ ଘୋଷଣା ହୋଇଥିବା ପ୍ରସ୍ତାବିତ ସୋନଗଡ଼ ନଦୀର ସିକୁଆଁଠାରେ ଆଇଏସଏସ ନିର୍ମାଣ ପାଇଁ ଜଳସେଚନ ବିଭାଗ ଆଜି ଟେଣ୍ଡର ବାହାର କରିଛି। ଜଳସେଚନ ବିଭାଗର ଭବାନୀପାଟଣାସ୍ଥିତ ତେଲ୍ ବେସିନର ମୁଖ୍ୟ ନିର୍ମାଣଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଧିବଦ୍ଧ ଭାବରେ ଏହି ଆଇଏସଏସ ନିର୍ମାଣ ପାଇଁ ୯୧କୋଟି ୧୧ଲକ୍ଷ ୧୯ହଜାର ୮୩୦ ଟଙ୍କାର ଟେଣ୍ଡର ପ୍ରକାଶ ପାଇଛି। ଇ-ପ୍ରକ୍ୟୁରମେଣ୍ଟ ନୋଟିସ ନମ୍ବର-ଇପିସି/୦୨/୨୦୨୬-୨୭ ତଥା ବିଡ୍ ଆଇଡେଣ୍ଟିଫିକେସନ ନମ୍ବର-ବିଡ୍-୦୩/୨୬-୨୭ରେ ଏହା ତେଲ୍ ବେସିନ ଚିଫ୍ ଇଞ୍ଜିନିୟରଙ୍କ କାର୍ଯ୍ୟାଳୟରୁ ଏହା ପ୍ରକାଶ ପାଇଛି। ଟେଣ୍ଡର ପରେ ଦୁଇବର୍ଷ ମଧ୍ୟରେ ଏହାର ନିର୍ମାଣ କାମ ସରିବ ବୋଲି ନିର୍ଦ୍ଧାରଣ କରାଯାଇଛି। ପ୍ରକାଶ ଯେ, ସୋନଗଡ଼ ନଦୀରେ ବର୍ଷା ପରେ ପାଣି ଶୁଖିଯାଉଛି। ଏହା ଫଳରେ ଦେଓଗାଁ ଓ ସଦର ବ୍ଲକ ଅଞ୍ଚଳର ଅନେକ ଗ୍ରାମକୁ ପାନୀୟ ଜଳ ଯୋଗାଣ ହୋଇପାରୁନାହିଁ। ଏହି ଆଇଏସଏସ ନିର୍ମାଣ ହେଲେ ଉଭୟ ଦେଓଗାଁ ବ୍ଲକ ଓ ସଦର ବ୍ଲକ ଅଞ୍ଚଳର ପ୍ରାୟ ୫୦ଟି ଗ୍ରାମର ଲୋକ ଉପକୃତ ହୋଇପାରିବେ। ଭୂତଳ ଜଳସ୍ତର ବଢ଼ିବା ସାଙ୍ଗକୁ ଏଠାରୁ ଉଠାଜଳସେଚନ ମାଧ୍ୟମରେ ଚାଷିଙ୍କ ଜମିକୁ ଜଳସେଚିତ କରାଯାଇ ପାରିବ। ମୁଖ୍ୟତଃ ଚାଷୀଙ୍କ ଜମିକୁ ଜଳସେଚନ ଓ ଗ୍ରାମ୍ୟ ପାନୀୟ ଜଳଯୋଗାଣ ପ୍ରକଳ୍ପଗୁଡିକ ଅଧିକ ପରିମାଣରେ ଉପକୃତ ହେବେ। କେବଳ ସେତକି ନୁହେଁ; ଏଠାରୁ ମାତ୍ର ଦେଢକିଲୋମିଟର ଦୂରରେ ଥିବା ବୁଢାଡଙ୍ଗର ପାହାଡ ସହ ଏହାକୁ ଇକୋଟୁରିଜମରେ ସାମିଲ କଲେ ଅଞ୍ଚଳର ସାମଗ୍ରୀକ ବିକାଶ ମଧ୍ୟ ହୋଇପାରିବ। ଏହି ପ୍ରକଳ୍ପ ପାଇଁ ଦେଓଗାଁ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମଣ ମେହେର ତଥା ସୋନଗଡ଼ ବ୍ୟାରେଜ ଆହ୍ୱାନ କମିଟିର ସଭାପତି ସ୍ଥାନୀୟ ଜନସାଧାରଣଙ୍କୁ ନେଇ ଅନେକଥର ଆନ୍ଦୋଳନ କରୁଥିଲେ। ନବୀନ ସରକାର ଅମଳରେ ଘୋଷିତ ପ୍ରକଳ୍ପର ବିଳମ୍ବକୁ ନେଇ ସ୍ଥାନୀୟ ବିଧାୟକ କଳିକେଶନାରାୟଣ ସିଂଦେଓ ବିଧାନସଭାରେ ପ୍ରଶ୍ନ କରିବା ସହିତ ଜଳସେଚନ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କୁ ଚିଠିଲେଖି ହସ୍ତକ୍ଷେପ କରିବାକୁ ଦାବି କରିଥିଲେ। ଏହି ପ୍ରକଳ୍ପ ପାଇଁ ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ତତକାଳୀନ ଜଳସେଚନ ବିଭାଗର ଇନଜିନିୟରିଂ ଇନ ଚିଫ ଚନ୍ଦ୍ରଶେଖର ପାଢ଼ୀ ଓ ବର୍ତ୍ତମାନର ଜଳସେଚନ ବିଭାଗର ପ୍ରମୁଖ ଶାସନ ସଚିବ ଶୋଭା ଶର୍ମା ତତ୍‌ପରତା ଦେଖାଇଥିଲେ। ଡିପିଆର ପ୍ରସ୍ତୁତ ହୋଇ ଏବେ ଶେଷରେ ସୋନଗଡ଼ ନଦୀର ସିକୁଆଁ ଆଇଏସଏସ ପାଇଁ ଟେଣ୍ଡର ବାହାରିବା ପରେ ବିଭିନ୍ନ ମହଲରେ ଖୁସିର ମାହୋଲ ଦେଖାଯାଇଛି। ବିଳମ୍ବରେ ହେଲେ ହେଁ ଏହି ପ୍ରକଳ୍ପ ନିର୍ମାଣ ପାଇଁ ଟେଣ୍ଡର ଆରମ୍ଭ କରିଥିବାରୁ ଓ ଏ ଦିଗରେ ଅନବରତ ପ୍ରୟାସ କରିଥିବାରୁ ବିଧାୟକ କଳିକେଶନାରାୟଣ ସିଂଦେଓଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ ସୋନଗଡ଼ ଆହ୍ୱାନ କମିଟିର ସଭାପତି ଲକ୍ଷ୍ମଣ ମେହେର କୃତଜ୍ଞତା ଜଣାଇଛନ୍ତି।

# ବଲାଙ୍ଗିର ଏଡିଇଓ ସେବାଶ୍ରୀ ଭୋଇ ଜାତୀୟ ସମ୍ମାନରେ ସମ୍ମାନୀତ

**ବଲାଙ୍ଗୀର, ୩।୯ (ସମିସ):** ଜାତୀୟ ଶୈକ୍ଷିକ ଯୋଜନା ଓ ପ୍ରଶାସନ ବିଶ୍ୱବିଦ୍ୟାଳୟ (ଏନଆଇଇପିଏ) ଦିଲ୍ଲୀ ତରଫରୁ ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକର ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଲାଙ୍ଗୀର ଜିଲ୍ଲା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ (ଏଡ଼ିଇଓ)ଙ୍କୁ ଶିକ୍ଷା ବର୍ଷ ୨୦୨୪-୨୫ ପାଇଁ ଜାତୀୟ ପୁରସ୍କାରରେ ସମ୍ମାନୀତ କରାଯାଇଛି। ନୂଆଦିଲ୍ଲୀର ଏନଆଇଇପିଏ ଅଡ଼ିଟୋରିଅମରେ ରାଜ୍ୟସଭା ସାଂସଦ ବିନୋଦ ଶ୍ରୀଧର ତାୱାଡେ ସେବାଶ୍ରୀ ଭୋଇଙ୍କୁ ଜାତୀୟ ସମ୍ମାନ ପ୍ରଦାନ କରିଛନ୍ତି। ଦେଶର ବିଭିନ୍ନ



ପ୍ରଦେଶ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ନୋମିନେସନ ଗୁଡିକୁ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ଜାତୀୟ ଶୈକ୍ଷିକ ଯୋଜନା ଓ ପ୍ରଶାସନ ବିଶ୍ୱବିଦ୍ୟାଳୟ (ଏନଆଇଇପିଏ) ଜାତୀୟ ପୁରସ୍କାର ପାଇଁ ରାଜ୍ୟ ସରକାରମାନଙ୍କଠାରୁ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୭୮ଟି ନୋମିନେସନ୍‌କୁ ବହୁ ପରୀକ୍ଷା ନିରୀକ୍ଷା ପରେ ଚୂଡ଼ାନ୍ତ ପର୍ଯ୍ୟାୟକୁ ଉନ୍ନୀତ କରାଯାଇଥିଲା। ସେମାନଙ୍କୁ ତାଙ୍କର ଶିକ୍ଷାକ୍ଷେତ୍ରରେ ଆଣିଥିବା ନୂତନ ପ୍ରୟାସଗୁଡିକର ଉପସ୍ଥାପନା ପାଇଁ ଆମନ୍ତ୍ରଣ କରାଯାଇଥିଲା। ସମସ୍ତଙ୍କ ଉପସ୍ଥାପନା ପରେ ସେଥିମଧ୍ୟରୁ ଅତି ଉତ୍ତମ ଓ ଗୁଣବତ୍ତା ସମ୍ପନ୍ନ ୬୯ଟି ନୂତନ ପ୍ରୟାସକୁ ଜାତୀୟ ପୁରସ୍କାର ପାଇଁ ଚୟନ କରାଯାଇଥିଲା। ଅନୁନ୍ନତ ତଥା ଶିକ୍ଷା କ୍ଷେତ୍ରରେ ଅନଗ୍ରସର ଧନକଉଡ଼ା ବ୍ଲକରେ ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ବିଦ୍ୟାଳୟ ଅଭିମୁଖୀ କରାଇ ପ୍ରାଥମିକ ଶିକ୍ଷା ସମାପନ ଦିଗରେ ଅଗ୍ରଣୀ ଭୂମିକା ଓ ଶିକ୍ଷାର ଉନ୍ନତି ଏବଂ ଅଭିବୃଦ୍ଧି ଦିଗରେ ଉଲ୍ଲେଖନୀୟ ଅବଦାନ ଏବଂ କାର୍ଯ୍ୟାବଳୀ ପାଇଁ ଶ୍ରୀମତୀ ଭୋଇଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା।

# ବେଲପଡ଼ା ବିଇଓ ଅଭିନବ ମିଶ୍ର ପୁରସ୍କୃତ




**କଣ୍ଟାବାଞ୍ଜି/ବେଲପଡ଼ା, ୩।୯ (ସମିସ):** ବେଲପଡ଼ା ବ୍ଲକ ଶିକ୍ଷା ଅଧିକାରୀ ଅଭିନବ ମିଶ୍ରଙ୍କୁ ରାଜ୍ୟସ୍ତରୀୟ ଶିକ୍ଷା ଅଧିକାରୀ ପୁରସ୍କାର-୨୦୨୫ ପ୍ରଦାନ କରାଯାଇଛି। ଗୁରୁବାର ଲଥାକେନ୍ଦ କ୍ଲଷ୍ଟର ପକ୍ଷରୁ ଏକ ଭବ୍ୟ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ବେଲପଡ଼ା ବ୍ଲକ ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀମାନେ ମିଳିତ ଭାବେ ଶ୍ରୀ ମିଶ୍ରଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ଲଥାକେନ୍ଦ କ୍ଲଷ୍ଟରର ପ୍ରଧାନ ଶିକ୍ଷକ ଘନଶ୍ୟାମ ବେହେରା, ଶ୍ରୀବଲ ମାଝୀ, ଥବୀର ଛତ୍ରିଆ, ପାଣ୍ଡବ ମାଝୀ, ପବିତ୍ର କୁଅଁର, କୈଳାସ ଥନାପତି, ଉଦେନାଥ ବେହେରା, ପ୍ରିୟଦର୍ଶନ ବେହେରା, ସଚ୍ଚିଦାନନ୍ଦ ବେହେରା ଏବଂ ବିଭୂତି ଦେହୁରୀ, ସିଆରସିସି ଭୋଲେଶ୍ୱର ତାଣ୍ଡି, ଚିନ୍ତାମଣି ପାଢ଼ୀ, ମନରଞ୍ଜନ ମେହେର, ବିପିନ ନାଏକ, କେଦାର ପାଣିଗ୍ରାହୀ, ପ୍ରମୋଦ କୁମ୍ଭାର, ଖଗେଶ୍ୱର ହରପାଲ, ନାରାୟଣ ବିଶ୍ୱାଳ, ନିରନ ବୁଡେକ ଏବଂ ଦୀନବନ୍ଧୁ ତାଣ୍ଡି ପ୍ରମୁଖ ଶ୍ରୀ ମିଶ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ସୁପୋଷିତ ଓଡ଼ିଶା ମିଶନ କାର୍ଯ୍ୟକ୍ରମ

**ଲୋଇସିଂହା, ୩।୯ (ସମିସ):** ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ, ରୋତର ଏନ୍‌ଏସ୍‌ଏସ୍ ୟୁନିଟ୍ ତରଫରୁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ଏନ୍‌ଏସ୍‌ଏସ୍ ଶାଖା ଓ ମହିଳା ଓ ଶିଶୁ ବିକାଶ ବିଭାଗ ମିଳିତ ଆନୁକୂଲ୍ୟରେ ପରିଚାଳିତ 'ସୁପୋଷିତ ଓଡ଼ିଶା ମିଶନ-୨୦୨୬' ଉପରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ଡ. ଅନ୍ତର୍ଯ୍ୟାମୀ ନାୟକ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏନ୍‌ଏସଏସ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଦୈତାରି ଶବର ପରିଚାଳନା କରିଥିବା ବେଳେ ଛାତ୍ରୀ ମାମି ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଅଧ୍ୟାପକ ନୀଳାମ୍ବର ବାରିକ ଓ ପଦାର୍ଥ ବିଜ୍ଞାନର ପ୍ରଦର୍ଶକ ନରେଶ ପଟେଲ ବିଶେଷ ସହଯୋଗ କରିଥିଲେ।




# ପୋକ୍ସୋ ଆଇନ ଓ ପୀଡ଼ିତ କ୍ଷତିପୂରଣ ଯୋଜନା ନେଇ ସଚେତନତା

**ଥୁଆମୂଳ ରାମପୁରି, ୩।୯ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅଧୀନ କୁମୁଡ଼ାବାହାଲସ୍ଥିତ ଗ୍ରାମ ବିକାଶ ଶିକ୍ଷା ନିକେତନ ପରିସରରେ ପୋକ୍ସୋ ଆଇନ ଓ ପୀଡ଼ିତ କ୍ଷତିପୂରଣ ଯୋଜନା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜେ.ଏମ୍.ଏଫ୍.ସି ଡ. ତାରିଣୀ ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୋକ୍ସୋ ଆଇନ ଅନୁଯାୟୀ ପୀଡ଼ିତଙ୍କ ପାଇଁ ରହିଥିବା କ୍ଷତିପୂରଣ ବ୍ୟବସ୍ଥା ସମେତ ନାଲସା ପକ୍ଷରୁ ପ୍ରଣୀତ କ୍ଷତିପୂରଣ ଯୋଜନା-୨୦୧୮ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଡ.ତାରିଣୀ ପ୍ରସାଦ ସାହୁ ଉପସ୍ଥିତ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ପୋକ୍ସୋ ଆଇନର ବିଭିନ୍ନ ଦିଗ ସମ୍ପର୍କରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଆଇନଜୀବୀ ମନୋରଞ୍ଜନ ନାଏକ, ଏପିପି ସୁଧାଂଶୁ ନାଏକ, କର୍ତ୍ତବ୍ୟ ଅନୁଷ୍ଠାନର ବ୍ଲକ ସଂଯୋଜକ ସୁଦର୍ଶନ ନାଏକ ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆଦର୍ଶ ମହାନ୍ତି ପ୍ରମୁଖ ମଞ୍ଚାସୀନ ରହିଥିଲେ। ଶିକ୍ଷକ ନୀଳମାଧବ ପାଢ଼ୀ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଏଥିରେ ସାମିଲ ହୋଇଥିଲେ। ଜିମି ବେହେରା ଓ ହେଡ୍ କ୍ଲର୍କ ଅଶୋକ ସାହୁ ସହଯୋଗ କରିଥିଲେ।

# ମହିଳାଙ୍କ ବେକରୁ ଝାମ୍ପିନେଲେ ସୁନା ଚେନ୍

**ଡୁଙ୍ଗୁରିପାଲି, ୩।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଅଧୀନ ଏଫସିଆଇ-ଆମ୍ବ୍ରାଡେରା ରେଳଫାଟକ ନିକଟରେ ଜଣେ ମହିଳାଙ୍କ ବେକରୁ ଲୁଟେରା ୩ ଭରି ଓଜନର ଏକ ସୁନା ହାର ଝାମ୍ପି ନେଇଛନ୍ତି। ଗୁରୁବାର ସନ୍ଧ୍ୟାରେ ଏହି ଘଟଣା ଘଟିଛି। କେ ସ୍ୱାତୀ ନାମ୍ନୀ ଜଣେ ମହିଳା ଓ ତାଙ୍କ ଝିଅ ଜ୍ୟୋତି ଡୁଙ୍ଗୁରିପାଲିରୁ ମାର୍କେଟିଂ ସାରି ସ୍କୁଟିରେ ଘରକୁ ଫେରୁ ଥଲେ। ଏଫସିଆଇ ଫାଟକ ନିକଟରେ ଏକ ପଲସରରେ ୩ ଜଣ ମୁଖାପିନ୍ଧା ଲୁଟେରା ଆସି ସେମାନଙ୍କ ଅଟକାଇ ଠେଲି ଦେଇଥିଲେ। ଏହାପରେ ଅସ୍ତ୍ର ଦେଖାଇ ଚେନ୍ ଲୁଟି ନେଇ ପଳାଇଥିଲେ। ଏ ନେଇ ମହିଳା ଜଣକ ଡୁଙ୍ଗୁରିପାଲି ଥାନାରେ ଅଭିଯୋଗ ପରେ ସିସିଟିଭି ଆଧାରରେ ପୁଲିସ ତଦନ୍ତ ଜାରି ରଖିଛି।

# ଗଞ୍ଜେଇ କାରବାରରେ ୨ ଗିରଫ





**କଣ୍ଟାମାଳ, ୩।୯ (ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ପୁଲିସ ଶଗଡ଼ା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ଗଞ୍ଜେଇ ଜବତ କରିଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଝାଙ୍କରପଡ଼ାର ବିଭୀଷଣ ବଣ୍ଡକି (୩୭) ଘରେ ଚଢଉ କରିଥିଲା। ସେ ତା ଘର ପଛ ପଟେ ବିକ୍ରି ପାଇଁ ପ୍ରସ୍ତୁତ କରୁଥିବା ସମୟରେ ପୁଲିସ ୫ ବସ୍ତା ଗଞ୍ଜେଇ ଜବତ କରିଥିଲା। ମାଜିଷ୍ଟ୍ରେଷ୍ଟ ତଥା କଣ୍ଟାମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀଙ୍କ ଉପସ୍ଥିତିରେ ଏହା ଓଜନ କରିବାରୁ ୧ କୁଇଣ୍ଟାଲ ୭୫୦ ଗ୍ରାମ ହୋଇଥିଲା। ତା ନାମରେ ମାମଲା ରୁଜୁ କରା ଯାଇ ଅଧିକ ତଦନ୍ତ ଜାରି ରହିଛି। ପୁଲିସ ତାକୁ ଗିରଫ କରିଛି।

**ମନମୁଣ୍ଡା:** ମନମୁଣ୍ଡା ଥାନା ପୁଲିସ ପାଟ୍ରୋଲିଂ ସମୟରେ କପାଶିରା ଛକରେ ଗୋଟିଏ କାରଣୁ ୬ କେଜି ଗଞ୍ଜେଇ ଜବତ କରିଛି। ଗାଡ଼ି ଚାଳକ ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଥାନା ଅରବିନ୍ଦ ନଗରର ଅଂଶୁମାନ ପଟ୍ଟନାୟକ (୩୪) ଗିରଫ ହୋଇଛି।

# ପୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳନ

**ତରଭା, ୩।୯ (ସମିସ):** ପୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି। ପ୍ରଧାନଶିକ୍ଷକ ପ୍ରଦ୍ୟୁମ୍ନ ମହାନ୍ତି ଅଧ୍ୟକ୍ଷତା କରି ଛାତ୍ରଛାତ୍ରୀଙ୍କୁ ସ୍ୱଚ୍ଛତା ପକ୍ଷ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ପାଳନର କାର୍ଯ୍ୟସୂଚୀ ସମସ୍ତଙ୍କୁ ଜଣାଇବା ସହ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳନର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ସ୍ୱଚ୍ଛତା ଶପଥ ପାଠ କରିଥିଲେ। ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ନ କରିବା, ସ୍ୱ ଛ ବିଦ୍ୟାଳୟ, ଜଳ ସଂରକ୍ଷଣ ସମ୍ପର୍କିତ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିସରକୁ ସଫା କରିବା ସହ ଶୌଚାଳୟ ଓ ଜଳର ଉତ୍ସ ଗୁଡ଼ିକ ସଫା ସୁତରା କରାଯାଇଥିଲା। ଶିକ୍ଷକ ବିଶ୍ୱମ୍ବର ନାଏକ, ଅଜିତ ସରଭଙ୍ଗ, ସୌମ୍ୟାରାଣୀ ତ୍ରିପାଠୀ, ପୁରାତନ ଛାତ୍ରୀ ଜୟକାନ୍ତି ନାଏକ ପ୍ରମୁଖ ସାହାଯ୍ୟ କରିଥିଲେ। ଶିକ୍ଷକ ହିମାଂଶୁ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ପୁଲିସ ଗାଡ଼ିକୁ ପିଟିଲା ଗୋରୁ ବୋଝେଇ ପିକ୍‌ଅପ୍

**କଣ୍ଟାମାଳ, ୩।୯ (ସମସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ପୁଲିସର ଏକ ଗାଡ଼ିକୁ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଧକ୍କା ଦେଇଛି। ବୌଦ୍ଧ-କନ୍ଧମାଳ ସୀମାନ୍ତ ଅଞ୍ଚଳରୁ ବୁଧବାର ମଧ୍ୟରାତ୍ରରେ ପାଟ୍ରୋଲିଂ ସାରି ଖୁଣ୍ଟିଗୋରା ପଟରୁ ପୁଲିସ ଗାଡିଟି ଥାନାକୁ ଫେରୁଥିଲା। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଗୋରୁ ବୋଝେଇ ପିକ୍‌ଅପ୍ ଲଣ୍ଡାବାହାଲ ନିକଟରେ ପୁଲିସ ଗାଡିକୁ ଧକ୍କା ଦେଇଥିଲା। ପୁଲିସ ଗାଡିର ଆଗପଟ ଚୁରମାର ହୋଇଯାଇଛି। ତେବେ ଏହି ଘଟଣା ପରେ ପିକଅପ୍ ଗାଡ଼ି ଚାଳକ ଫେରାର ମାରିଥିଲା; କିନ୍ତୁ ଗାଡିରେ ବସିଥିବା ୨ ଜଣ ବେପାରୀଙ୍କୁ ପୁଲିସ କାବୁ କରି ଥାନାକୁ ଆଣିଥିଲା। ପିକଅପ୍‌ରେ ୧୦ଟି ଗୋରୁ ଥିଲେ। ସେଥିରୁ ଗୋଟିଏ ଗୋରୁର ଜୀବନ ନ ଥିଲା। ତେବେ ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ସ୍ଥାନୀୟ ବଜରଙ୍ଗ ଦଳ ସହାୟତାରେ ମୃତ ଗୋରୁଟିକୁ ନିରାପଦ ସ୍ଥାନରେ ପୋତି ଦିଆଯାଇଛି। ଅନ୍ୟ ସମସ୍ତ ଗୋରୁଙ୍କୁ ପୁଲିସ ବଜରଙ୍ଗ ଦଳର ସଦସ୍ୟଙ୍କ ଜିମାରେ ଦେଇଛି। ଗୁଦଗୁଦା ହାଟରୁ ଗୋରୁଗୁଡ଼ିକ କିଣାହୋଇ ବାଲିଗୁଡ଼ା ଯାଉଥିଲେ ବୋଲି ଜଣା ପଡ଼ିଛି। ତେବେ ତଦନ୍ତ ପରେ ୨ ଅଟକ ବ୍ୟକ୍ତିଙ୍କୁ ପୁଲିସ ଧାରା ୩୫ ଆଧାରରେ ଜାମିନରେ ଛାଡି ଦେଇଥିବା ତଦନ୍ତ ଅଧିକାରୀ ମାଧବ ଚନ୍ଦ୍ର ଟାକ୍ରି କହିଛନ୍ତି।

■ **ବିଦେଶୀ ମଦ ଦୋକାନକୁ ସ୍ଥାନାନ୍ତର ଦାବି**

# ଚିଠି ଲେଖି ଏନ୍‌ଏସି ଅଧ୍ୟକ୍ଷ ଚୁପ୍; ସ୍ଥାଣୁ ପାଲଟିଛି ଅବକାରୀ ବିଭାଗ

**ଧର୍ମଗଡ଼, ୩।୯ (ସମିସ):** ଧର୍ମଗଡ଼ ସହର ମଧ୍ୟରେ ଥିବା ବିଦେଶୀ ମଦ ଦୋକାନକୁ ଜନବସତି ଅଞ୍ଚଳରୁ ସ୍ଥାନାନ୍ତର କରିବାପାଇଁ ଦୀର୍ଘ ଦିନ ହେବ ଜନଅସନ୍ତୋଷ ଚାଲିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ସ୍ଥାନୀୟଅଞ୍ଚଳରେ ଜନ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ପୂର୍ବରୁ ସହରର ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି କଳାହାଣ୍ଡି ଅବକାରୀ ଅଧୀକ୍ଷକଙ୍କୁ ଏକ ପତ୍ର ଲେଖି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଏହି ଚିଠିର ନକଲ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଅବକାରୀ ମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ମଧ୍ୟ ପଠାଯାଇଥିଲା। ମାତ୍ର ଇତି ମଧ୍ୟରେ ଦୀର୍ଘ ଦିନ ବିତିଯାଇଥିଲେ ହେଁ ଧର୍ମଗଡ଼ ଅବକାରୀ ବିଭାଗ ସମ୍ପୂର୍ଣ୍ଣ ସ୍ଥାଣୁ ପାଲିଟିଛି ଏବଂ ପୂର୍ବପରି ମଦ ଦୋକାନଗୁଡ଼ିକ ଖୋଲାରହିଛି। ସୂଚନାଯୋଗ୍ୟ ଯେ, ଧର୍ମଗଡ଼ 'ସଚେତନ ନାଗରିକ ମଞ୍ଚ' ପକ୍ଷରୁ ଏହି ଅଭିଯୋଗ କରାଯାଇଥିଲା। ସହରର ଚାରିଛକରୁ କେନ୍ଦ୍ରୀୟ ବିଦ୍ୟାଳୟକୁ ଯିବା ମୁଖ୍ୟ ରାସ୍ତା ପାର୍ଶ୍ୱରେ ପାରଦେଶ୍ୱର ମହାପ୍ରଭୁଙ୍କ ମନ୍ଦିର ରହିଛି, ଯେଉଁଠି ଦୈନିକ ୭୦୦ ରୁ ଅଧିକ ଛାତ୍ରଛାତ୍ରୀ ଏବଂ ଶ୍ରଦ୍ଧାଳୁ ଯାତାୟାତ କରନ୍ତି। ଏହି ଜନଗହଳି ପୂର୍ଣ୍ଣ ରାସ୍ତାରେ ମଦ୍ୟପଙ୍କ ଉତ୍ପାତ ଯୋଗୁଁ ମହିଳା ଓ ଛାତ୍ରଛାତ୍ରୀମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏନ୍‌ଏସି ବୈଠକରେ ସର୍ବସମ୍ମତି କ୍ରମେ ମଦ ଦୋକାନ ହଟାଇବା ପ୍ରସ୍ତାବ ଗୃହୀତ ହୋଇଥିଲେ ମଧ୍ୟ ବିଭାଗୀୟ ଉଦାସୀନତା ଯୋଗୁଁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଆକ୍ରୋଶ ପ୍ରକାଶ ପାଇଛି। ଯଦି ତୁରନ୍ତ ଏହି ମଦ ଦୋକାନକୁ ସହର ବାହାରକୁ ସ୍ଥାନାନ୍ତର କରା ନ ଯାଏ, ତେବେ ଆଗାମୀ ଦିନରେ ନାଗରିକ ମଞ୍ଚ ଓ ସ୍ଥାନୀୟ ବାସିନ୍ଦା ବଡ଼ଧରଣର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ପୁଆ ଜୋନ୍ ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପାଇଁ ପ୍ରସ୍ତୁତି

**ତରଭା, ୩।୯ (ସମିସ):** ତରଭା ବ୍ଲକ ପୁଆ ଜୋନର ବିଦ୍ୟାଳୟସ୍ତରୀୟ କ୍ରୀଡା ପାଇଁ ପୁଆ ରାମକୃଷ୍ଣ ବେଜ ହାଇସ୍କୁଲ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ତଥା ଜୋନସ୍ତରୀୟ ସଭାପତି ଜବଡୁ ମହାନନ୍ଦ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଏବିଇଓ ରାଧେଶ୍ୟାମ କୁଅଁର, ବିପିଇଓ ଜୟନାରାୟଣ ବାରିକ ଓ ମେଣ୍ଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀପତି ଛତ୍ରିଆ ଅତିଥି ଭାବେ ଯୋଗ ଦେଇଥିଲେ। ୧୯ ତାରିଖରେ ହେବାକୁ ଥିବା ଜୋନାଲ ୧ର ଖୋ ଖୋ, କବାଡି, ଅଣ୍ଡର ୧୭ ବାଳକ ବାଳିକା ଅଣ୍ଡର ୧୪ ବାଳକ, ବାଳିକା ଓ ଫୁଟବଲ ଅଣ୍ଡର ୧୭ ବାଳକ, ବାଳିକା ପୁଆଠାରେ ଅନୁଷ୍ଠିତ କିପରି ସୂଚାରୁ ରୂପେ ସମ୍ପାଦନ ହୋଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଦେଉଳ ପଦାର ପିଇଟି ଦିଲୀପ ପୁରୋହିତ ପରିଚାଳନା କରିଥିଲେ। ଶିକ୍ଷକ ଜଗବନ୍ଧୁ ପ୍ରଧାନ ସଭାର ଉଦ୍ଦେଶ୍ୟ ଓ ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଧ୍ରୁବାନନ୍ଦ ସେଠୀ, ବ୍ରଜକିଶୋର ମହାକୁର, ଭଗବତୀ ପୁଟା, ଅକ୍ଷୟ ସାହୁ, ମୁକେଶ ଭୋଇଙ୍କ ସହ ଜୋନ-୧ ସମସ୍ତ ଖେଳ ଶିକ୍ଷକ ଓ ପ୍ରଧାନ ଶିକ୍ଷକ ଯୋଗ ଦେଇଥିଲେ।

# ଦିବ୍ୟାଙ୍ଗ ମହିଳାଙ୍କ ଭଲିବଲ୍‌ରେ ସଫଳତା

**ଡୁଙ୍ଗୁରିପାଲି, ୩।୯ (ସମିସ):** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକର ଅନ୍ଧାରିବାଞ୍ଜି ଗ୍ରାମ ନିବାସୀ ଲକ୍ଷ୍ମୀ ପାତ୍ର ଓ ସୁଲେଇ ଗ୍ରାମର ସର୍ବେଶ୍ୱରୀ ସାହୁ ଭଲିବଲ୍‌ରେ ସଫଳତା ପାଇଛନ୍ତି। ପାରା ଭଲିବଲ ସ୍ପୋର୍ଟ୍ସର ମ୍ୟାନେଜର ବଙ୍କିମ ମହାନ୍ତିଙ୍କ ନେତୃତ୍ୱରେ ଏମାନେ ଭୁବନେଶ୍ୱରର ଉତ୍କଳ କରାଟେ ସ୍କୁଲରେ ଭାଗ ନେଇଥିଲେ। ଦିବ୍ୟାଙ୍ଗ ପିଲାମାନଙ୍କୁ ନେଇ ଏହି ଖେଳ ପ୍ରତିଯୋଗିତା ହୋଇଥିଲା। ମୁଖ୍ୟ ଅତିଥି ଭାବରେ ପାରା ଅଲମ୍ପିକ ଆସୋସିଏସନର ରାଜ୍ୟ ସଭାପତି ସମୀର ରଞ୍ଜନ ମହାନ୍ତି ଯୋଗ ଦେଇଥିଲେ। କରାଟେ ସ୍କୁଲର ପ୍ରତିଷ୍ଠାତା ମୁଖ୍ୟ ବକ୍ତା ଭାବରେ ହରି ପଟ୍ଟନାୟକ ଯୋଗ ଦେଇଥିଲେ।



# ୨ ମାସ ହେଲା ମରାମତି ହେଉନି ଟ୍ରାନ୍ସଫର୍ମର

**କଣ୍ଟାମାଳ, ୩।୯ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ମଲିକୁଦ (ଉପରପଡ଼ା) ଗ୍ରାମରେ ଗଭୀର ନଳକୂପକୁ ବିଦ୍ୟୁତ ଯୋଗାଣ କରୁଥିବା ୬୩ କେଭି ଟ୍ରାନ୍ସଫର୍ମର ୨ ମାସ ହେଲା ପୋଡ଼ି ଯାଇଛି। ଏହାଫଳରେ ଗଭୀର ନଳକୂପ ଉପରେ ନିର୍ଭରଶୀଳ ଚାଷୀମାନେ ଜଳସେଚନ ସମସ୍ୟାରେ ପଡ଼ି ଚିନ୍ତାରେ ରହିଛନ୍ତି। ଏହି ସମସ୍ୟା ସମ୍ପର୍କରେ ଚାଷୀ ବାରମ୍ବାର ଟାଟା ପାୱାର ଅଧିକାରୀ ଓ ବିଦ୍ୟୁତ ବିଭାଗର ସମ୍ପୃକ୍ତ ଅଧିକାରୀଙ୍କୁ ଅବଗତ କରାଇଥିବା କହିଛନ୍ତି। ଚାଷୀ ରଞ୍ଜନ ମିଶ୍ର, ରବୀନ୍ଦ୍ର ମିଶ୍ର, ପାଲିଙ୍ଗ ରଣା, ଚନ୍ଦନ ଦୀପ ପ୍ରମୁଖ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଟ୍ରାନ୍ସଫର୍ମର ବଦଳାଇବା ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏଣୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

**ବସନ୍ତ ସୋସିଆଲ ଫାଉଣ୍ଡେସନ ପକ୍ଷରୁ ଗୁରୁ ଦିବସ**

# ଶିକ୍ଷକ, ମେଧାବୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ

ମନମୁଣ୍ଡା, ୩।୯ (ସମିସ)

ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟରେ ବସନ୍ତ ସୋସିଆଲ ଫାଉଣ୍ଡେସନ, ନୂଆଁଦିଲ୍ଲୀ (ଶାଖା-ମନମୁଣ୍ଡା) ତରଫରୁ ଗୁରୁ ଦିବସ ପାଳିତ ହୋଇଯାଇଛି। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, କାନାଡ଼ା ବ୍ୟାଙ୍କ ଏବଂ ପଞ୍ଜାବ ଏଣ୍ଡ ସିନ୍ଧ ବ୍ୟାଙ୍କ ପ୍ରାୟୋଜିତ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବସନ୍ତ ସୋସିଆଲ ଫାଉଣ୍ଡେସନ ଚେୟାରପର୍ସନ ରାଜଶ୍ରୀ ମିଶ୍ର ଅଧ୍ୟକ୍ଷତା କରିଥଲେ। ଏଥିରେ ମୁଖ୍ୟ ଅତିଥିଭାବେ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ, ମୁଖ୍ୟବକ୍ତା ଭାବେ ଭାରତୀୟ ବ୍ୟାଙ୍କ ସଂଘ ବରିଷ୍ଠ ପରାମର୍ଶଦାତା ବିକାଶ ନାରାୟଣ ମିଶ୍ର, ସମ୍ମାନିତ ଅତିଥିଭାବେ ଆଇଆଇଏଫସିଏଲର ଡିଜିଏମ ଅମିତ କୁମାର, ପିଏନବି ସମ୍ବଲପୁର ମଣ୍ଡଳ ମୁଖ୍ୟ ମନୋଜ ସେଠ, କାନାରା ବ୍ୟାଙ୍କ ଡିଏମ ଗଣେଶ କୁମାର, ବୌଦ୍ଧ ଜିଲ୍ଲା ଶିକ୍ଷାଧିକାରୀ ଟେମଲାଲ ଦୁବେ, ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମନମୁଣ୍ଡା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସମ୍ବିତ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂଜାର୍ଚ୍ଚନା ସହ ଗୁରୁବନ୍ଦନା କରାଯାଇଥିଲା। ସର୍ବପଲ୍ଲୀ ରାଧାକୃଷ୍ଣଙ୍କୁ ଅତିଥିଗଣ ପ୍ରଥମେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଉପସ୍ଥିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଫୁଲ, ଚନ୍ଦନ ଦେଇ ପୂଜାର୍ଚ୍ଚନା ପୂର୍ବକ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଫଟାମୁଣ୍ଡା ସ୍କୁଲର ବିଜୟ ମାଝୀ, ଜୟଦପୁରର ବିନୋଦିନୀ ଜାଲ, ଟୁଟୁସିଂହାର ସ୍ମିତି ମଧୁସ୍ମିତା ସାହୁ, ବଡ଼ଛପାପାଲୀର ଝରଣା ମଲ୍ଲିକ, ନୂର୍ପାର ଲଳିତ ଧଳ, ବିଳାସପୁରର ଚଣ୍ଡୀ ପ୍ରସାଦ ବେହେରା, ମୁଣ୍ଡିପଦରର ରାଧେଶ୍ୟାମ ମେହେର, ବାଉଁଶୁଣିର ଦେବବ୍ରତ ଦାଶ, ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟର ବିଜୟ ଖେତୀ, ବୌଦ୍ଧ ବାଳିକା ଉଚ୍ଚ ବିଦ୍ୟାଳୟର ସତ୍ୟନାରାୟଣ ସ୍ୱାଇଁ, କମ୍ପ୍ୟୁଟର ଶିକ୍ଷକ ସୁଶାନ୍ତ ରଥ ପ୍ରମୁଖଙ୍କ ସହ ୧୦ ଜଣ ସିଆରସିସିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବୌଦ୍ଧ ଜିଲ୍ଲାର ଗତ ମାଟ୍ରିକ ପରୀକ୍ଷାରେ



**୩୦ ସ୍କୁଲକୁ ୱାଟରକୁଲର ପ୍ରଦାନ**

ଏ ୧ ଗ୍ରେଡ଼ ପାଇଥିବା ୧୨ ଜଣ ଛାତ୍ରଛାତ୍ରୀଙ୍କୁ ଫାଉଣ୍ଡେସନ ତରଫରୁ ପ୍ରତ୍ୟେକଙ୍କୁ ୫୦୦୦ ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲାର ୩୦ଟି ବିଦ୍ୟାଳୟକୁ ୱାଟର କୁଲର ପ୍ରଦାନ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ଅଭିମନ୍ୟୁ ନାଏକ, ଦୁଃଶାସନ କର୍ଣ୍ଣ ଏବଂ ସତ୍ୟନାରାୟଣ ଠେଲା ସହଯୋଗ କରିଥିଲେ।

# କୂଅରେ ପଡ଼ି ଦିବ୍ୟାଙ୍ଗ ନାବାଳକର ମୃତ୍ୟୁ

କଣ୍ଟାବାଞ୍ଜି/ମୁରିବାହାଲ, ୩।୯ (ସମିସ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ଅଧୀନ ସାଲେପଡ଼ାରେ ଏକ ହୃଦୟ ବିଦାରକ ଘଟଣା ଘଟିଛି। ଗାଁର ଏକ କୂଅରୁ ଜଣେ ୧୧ ବର୍ଷର ଦିବ୍ୟାଙ୍ଗ ନାବାଳକର ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ସାଲେପଡ଼ା ଗାଁର ପ୍ରବୀଣ ହାତୀଙ୍କ ପୁଅ ଅଜନ ହାତୀ (୧୧)। ସେ ଜନ୍ମରୁ କଥା କହିପାରୁ ନ ଥିଲେ କି ଶୁଣି ପାରୁ ନ ଥିଲେ। ବୁଧବାର ସନ୍ଧ୍ୟାରୁ ସେ ନିଖୋଜ ଥିଲେ। ପରିବାର ଲୋକେ ରାତି ସାରା ଖୋଖୋଜି କରି ପାଇ ନ ଥିଲେ। ଗୁରୁବାର ପରିବାର ଲୋକେ ଗାଁ ଶେଷ ମୁଣ୍ଡରେ ଥିବା କୂଅ ନିକଟକୁ ଖୋଜିବାକୁ ଯାଇଥିଲେ। ଏହି ସମୟରେ କୂଅ ଭିତରେ ଏକ ଶବ ଭାସୁଥିବା ଦେଖିବାକୁ ପାଇଥିଲେ।



ଏହା ଅଜନଙ୍କ ଶବ ବୋଲି ଜଣା ପଡ଼ିବା ପରେ ପରିବାର ଲୋକେ ତୁରନ୍ତ ମୁରିବାହାଲ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ମୁରିବାହାଲ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଅଗ୍ନିଶମ ବାହିନୀ ସହାୟତାରେ କୂଅରୁ ମୃତଦେହ ଉଦ୍ଧାର କରିବା ପରେ ମୃତଦେହକୁ କଣ୍ଟାବାଞ୍ଜି ଡାକ୍ତରଖାନାକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଶବ ବ୍ୟବଚ୍ଛେଦ ପରେ ପୁଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପରେ ସାଲେପଡ଼ା ଗାଁରେ ଶୋକର ଛାୟା ଖେଳିଯାଇଛି।

# ହାତୀ ଆକ୍ରମଣରେ ଯୁବକ ମୃତ



ଦେଓଗାଁ, ୩।୯ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବନାଞ୍ଚଳ ଅଧୀନ ଜୁର୍ଲାକାନୀସ୍ଥିତ ଏକ ଫାର୍ମ ନିକଟରେ ହାତୀ ଆକ୍ରମଣରେ ବୁଧବାର ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଗାଇବାହାଲ ଗାଁର ମନୁ ବୁଦ୍ଧିଆ (୩୭)। ବୁଧବାର ସନ୍ଧ୍ୟାରେ ଗାଇବାହାଲ ଗାଁର ମନୁ ତାଙ୍କ କ୍ଷେତକୁ ଯାଇଥିଲେ। ସେଠୁ ହାତୀ ଦେଖିବା ପାଇଁ ଯିବା ବେଳେ ହାତୀମାନେ ଉତ୍ତ୍ୟକ୍ତ ହୋଇ ଗୋଡାଇବା ସହ ଦଳି ଦେଇଥିଲେ। ଘଟଣାସ୍ଥଳରେ ହିଁ ଯୁବକଙ୍କ ପ୍ରାଣବାୟୁ ଉଡିଯାଇଥିଲା। ଘଟଣା ସମ୍ପର୍କରେ ଫରେଷ୍ଟର ଜନ୍ମେଜୟ ପାଣିଗ୍ରାହୀଙ୍କୁ ପଚାରିବାରୁ ରାତି ପ୍ରାୟ ୧୧ଟା ସମୟରେ ଖବର ପାଇଲେ ବୋଲି କହିଛନ୍ତି। ଘଟଣା ସନ୍ଧ୍ୟା ପ୍ରାୟ ୭ଟାରେ ଘଟିଛି। ମାତ୍ର ୫ କିଲୋମିଟର ଦୂରରେ ଥିବା ବନ ବିଭାଗର କର୍ମଚାରୀମାନେ ରାତିରେ ଖବର ପାଇଲେ ବୋଲି ମନ୍ତବ୍ୟ ଦେବା ବନ ବିଭାଗର କାର୍ଯ୍ୟ ଦକ୍ଷତାକୁ ପଦାରେ ପକାଇଛି।

# ମାନସିକ ଚାପ ପରିଚାଳନା ସଚେତନତା କାର୍ଯ୍ୟକ୍ରମ



ବଲାଙ୍ଗିର, ୩।୯ (ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ମହାବିଦ୍ୟାଳୟରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ମାନସିକ ରୋଗ ବିଭାଗ ପକ୍ଷରୁ ମାନସିକ ଚାପ ପରିଚାଳନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଦେବଦତ୍ତ ଗୁରୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ସଦର ଡାକ୍ତରଖାନା ମାନସିକ ରୋଗ ବିଭାଗର ପ୍ରିୟା ପ୍ରତୀକ୍ଷା ଧରୁଆ, ମଳୟ ନାଗ, ଶିବା କର୍ମୀ ଓ ଅଧ୍ୟାପିକା ଶାନ୍ତିପ୍ରିୟା ହୋତା ପ୍ରମୁଖ ଯୋଗ ଦେଇ ମାନସିକ ଚାପ ବୃଦ୍ଧିର କାରଣ ଓ ନିରାକରଣ ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। ଜଗମୋହନ ଦର୍ଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ତମନ୍ନା ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

# ବ୍ଲକ୍‌ସ୍ତରୀୟ ବିଜ୍ଞାନ ସେମିନାର

ତୁଷୁରା, ୩।୯ (ସମିସ): ଗୁଡ଼ଭେଲା ବ୍ଲକ ସରକାରୀ ଉନ୍ନୀତ ଉଚ୍ଚ ଘୁନା ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ସଦାଶିବ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ନମିତା ରାଣୀ ଭୋଇ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ରମେଶ ଚନ୍ଦ୍ର ସାମର୍ଥ, ବିପିନ ବାଗ, ପୂର୍ବତନ



ପ୍ରଧାନ ଶିକ୍ଷକ ଯୁଗଳ କିଶୋର ସାହୁ, ବିଜ୍ଞାନ ସଂଯୋଜକ ସୁବ୍ରତ ସାହୁ, ଆବାହକ ନିବେଦିତା ଭୋଇ, ଶିକ୍ଷୟିତ୍ରୀ ରଞ୍ଜିତା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ୧୫ଟି ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ବିଚାରକ ଭାବେ ସଦାଶିବ ନାଏକ ଓ ସଞ୍ଜୀବ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରହଲ୍ଲାଦ ଦଣ୍ଡସେନା, ଶରତ ସାହୁ, ଲୋକନାଥ ପୁଟା, ଆଶୀର୍ବାଦ ଚାନ୍ଦ, ବିଶ୍ୱରୂପ ନାଏକ, ସ୍ୱର୍ଣ୍ଣକାନ୍ତି ମାଝୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ମାଝୀ ଧନ୍ୟବାଦ ଦେଇଥିଲେ।

# ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ

ବୌଦ୍ଧ, ୩।୯ (ସମିସ): ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ନିରଞ୍ଜନ ମିଶ୍ର ଅଧ୍ୟକ୍ଷତା କରିଥିଲେ। ରାଜନୀତି ବିଜ୍ଞାନ



ବିଭାଗର ମୁଖ୍ୟ ଡ. ମୁକ୍ତିକାନ୍ତ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅଧ୍ୟାପକ ପ୍ରତାପ ରଥ, ଅଧ୍ୟାପିକା ହୀରାକାନ୍ତି ମାଝି ସଭା ପରିଚାଳନା କରିଥିଲେ।

## ବଲାଙ୍ଗିର ବିଧାନସଭା ମଣ୍ଡଳୀର ବିକାଶମୂଳକ କାର୍ଯ୍ୟର ସମୀକ୍ଷା

# ବାଲି ମାଫିଆଙ୍କଠୁ ଦୂରେଇ ରହିବାକୁ ତାଗିଦ

ବଲାଙ୍ଗିର, ୩।୯ (ସମିସ)



ସରକାରୀ ଅଧିକାରୀମାନେ ବାଲି ମାଫିଆଙ୍କ ପ୍ରତି ସହାନୁଭୂତି ଦେଖାଉଛନ୍ତି; ହେଲେ ଘର ନିର୍ମାଣ କରୁଥିବା ଗରିବ ହିତାଧିକାରୀଙ୍କୁ ଅଯଥା ହଇରାଣ କରୁଛନ୍ତି। ଏପରି ଘଟଣା ଯେପରି ନ ଘଟେ ସେଥିପାଇଁ ବିଧାୟକ କଳିକେଶ ନାରାୟଣ ସିଂହଦେଓ ସମ୍ପୃକ୍ତ ଅଧିକାରୀଙ୍କୁ ତାଗିଦ କରିଛନ୍ତି। ବଲାଙ୍ଗିର ନିର୍ବାଚନ ମଣ୍ଡଳୀର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ଓ ସମସ୍ୟା ସମାଧାନ ନେଇ ଏକ ସମୀକ୍ଷା ବୈଠକରେ ବିଧାୟକ ଏହି ତାଗିଦ କରିଛନ୍ତି।

ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏହି ସମୀକ୍ଷା ବୈଠକ ବସିଥିଲା। ଏଥିରେ ବିଧାୟକ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ଏସ୍‌ସି/ଏସ୍‌ଟି ସ୍କୁଲ୍‌ଗୁଡ଼ିକର ନିର୍ମାଣ ଓ ଉନ୍ନୟନ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଥିବାରୁ ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ। ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ଶୀଘ୍ର ସମ୍ପୂର୍ଣ୍ଣ କରି ଲୋକଙ୍କୁ ଏହାର ସୁଫଳ ପ୍ରଦାନ କରିବା ଉପରେ ବୈଠକରେ ଗୁରୁତ୍ୱ ଦେଇଥିଲେ। ବୈଠକରେ ଯୋଗାଣ, ସାମାଜିକ କଲ୍ୟାଣ, ଶିକ୍ଷା, ଗ୍ରାମ୍ୟ ଉନ୍ନୟନ, ଜଳସେଚନ, ଲୋୟର ସୁକତେଲ, ପୂର୍ତ୍ତ, ସଂସ୍କୃତି, ଜଙ୍ଗଲ, ଗ୍ରାମ୍ୟ ଜଳଯୋଗାଣ, ସ୍ୱାସ୍ଥ୍ୟ, କୃଷି, କ୍ଷୁଦ୍ର ଜଳସେଚନ, ଅବକାରୀ ଓ ଗୃହ ବିଭାଗ ସମେତ ବିଭିନ୍ନ ବିଭାଗର ଚାଲୁଥିବା ଉନ୍ନୟନମୂଳକ କାର୍ଯ୍ୟର ସ୍ଥିତି ଓ ଅଗ୍ରଗତି ନେଇ ବିଧାୟକ ଆଲୋଚନା କରିଥିଲେ। ବିଶେଷକରି ଦେଓଗାଁ ବ୍ଲକର ସିକୁଆଁ ନିକଟ ସୋନଗଡ଼ ନଦୀରେ ବ୍ୟାରେଜ୍ ନିର୍ମାଣ ପାଇଁ ଜଳସେଚନ ବିଭାଗ ପକ୍ଷରୁ ୯୧ କୋଟି ୧୧ ଲକ୍ଷ ଟଙ୍କାର ଟେଣ୍ଡର ଆହ୍ୱାନ ହୋଇଥିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏହି ପଦକ୍ଷେପକୁ ନେଇ ବିଧାୟକ ଶ୍ରୀ ସିଂହଦେଓ ଜିଲ୍ଲା ପ୍ରଶାସନ ଓ

**ଅସମ୍ପୂର୍ଣ୍ଣ ଏସ୍‌ସି/ ଏସ୍‌ଟି ସ୍କୁଲ କାମକୁ ନେଇ ବିଧାୟକଙ୍କ ଅସନ୍ତୋଷ ପ୍ରକାଶ**

ସମ୍ପୃକ୍ତ ବିଭାଗକୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ବଲାଙ୍ଗିର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ ମେହେର ଓ ଦେଓଗାଁ ବ୍ଲକ ବିଧାୟକ ପ୍ରତିନିଧି ସୁଶୀଲ ଚାନ୍ଦଙ୍କ ସମେତ ବହୁ ଜନପ୍ରତିନିଧି ବିଧାୟକଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅନ୍ୟପକ୍ଷରେ ବାଲି ଉତ୍ତୋଳନ ଓ ଯୋଗାଣ ସମ୍ପର୍କିତ ପ୍ରସଙ୍ଗରେ ବୈଠକରେ ବିଧାୟକ କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିଲେ। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ନିଜ ନିଜ ବିଭାଗର ଚାଲୁଥିବା ପ୍ରକଳ୍ପ, ଅଗ୍ରଗତି ଓ ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଇଥିଲେ। ବଲାଙ୍ଗିର ନିର୍ବାଚନ ମଣ୍ଡଳୀର ବିକାଶ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ସହ ଜନସାଧାରଣଙ୍କ ସମସ୍ୟାର ଶୀଘ୍ର ସମାଧାନ ଉପରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଜନପ୍ରତିନିଧି ଯୋଗ ଦେଇଥିଲେ।

● ସ୍ୱାଭାବିକ ହେଲା କଣ୍ଟାବାଞ୍ଜି ତହସିଲ କାର୍ଯ୍ୟାଳୟ

# ପ୍ରତିଶ୍ରୁତି ପରେ ଧାରଣାରୁ ଓହରିଲେ ଆଇନଜୀବୀ



କଣ୍ଟାବାଞ୍ଜି, ୩।୯ (ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିରେ ଆଇନଜୀବୀମାନେ ଚଳାଇଥିବା ଆନ୍ଦୋଳନରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। କଣ୍ଟାବାଞ୍ଜି ଓକିଲ ସଂଘ ପକ୍ଷରୁ ଗୁରୁବାର ୪ର୍ଥ ଦିନରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ପ୍ରଶାସନର ଲିଖିତ ପ୍ରତିଶ୍ରୁତି ପରେ ଓକିଲ ସଂଘ ଧାରଣାରୁ ଓହରିଛି। ସ୍ଥାନୀୟ ତହସିଲ କାର୍ଯ୍ୟାଳୟରେ ଅବ୍ୟବସ୍ଥା ଲାଗି ରହିଛି। କର୍ମଚାରୀ ମନମାନି କରୁଛନ୍ତି। ମ୍ୟୁଟେସନ, ପାର୍ଟିସନ, ଡିମାର୍କେସନ ଭଳି ଅନେକ ମାମଲାର ନିଷ୍ପତ୍ତିରେ

**୪ ଦିନ ଧରି ଆନ୍ଦୋଳନରେ ବସିଥିଲେ**

ହେଉଥିବା ଅହେତୁକ ବିଳମ୍ବ ହେଉଛି। ଏହାକୁ ନେଇ ଗତ ୪ ଦିନ ହେଲା କଣ୍ଟାବାଞ୍ଜି ଓକିଲ ସଂଘର ସମସ୍ତ କର୍ମକର୍ତ୍ତା ତହସିଲ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ଏହି ୪ ଦିନ ମଧ୍ୟରେ ତହସିଲ କର୍ମଚାରୀଙ୍କୁ ଅଫିସ ଭିତରକୁ ଛଡା ଯାଇ ନ ଥିଲା। ଏଣୁ ତହସିଲର ସମସ୍ତ କାର୍ଯ୍ୟ ବନ୍ଦ ହୋଇ ଯାଇଥିଲା। ଓକିଲ ସଂଘର ମୁଖ୍ୟ ଅଭିଯୋଗ ଥିଲା ଯେ, ତହସିଲଦାରଙ୍କ ଅନୁପସ୍ଥିତି ଓ ଅଫିସର ଅବ୍ୟବସ୍ଥା ଯୋଗୁଁ ଶହ ଶହ ଫାଇଲ ପଡ଼ି ରହୁଛି। ମାମଲାର ଶୁଣାଣି ଠିକ୍ ସମୟରେ ହେଉନାହିଁ। ଏହା ଫଳରେ ସାଧାରଣ ଚାଷୀ ଓ ଜନତା ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏହା ସହ ଓକିଲମାନଙ୍କ ବି ବୃତ୍ତିଗତ କ୍ଷତି ହେଉଛି। ଆନ୍ଦୋଳନ ଦିନକୁ ଦିନ ତୀବ୍ର ହେବାରୁ ଗୁରୁବାର ୪ର୍ଥ ଦିନରେ ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା କଣ୍ଟାବାଞ୍ଜି ପହଞ୍ଚି ଥିଲେ। ସେ ଆନ୍ଦୋଳନ ସ୍ଥଳରେ ଓକିଲ ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ସମୟରେ ଓକିଲ ସଂଘ ସଭାପତି ପ୍ରଫୁଲ୍ଲ ନାୟକଙ୍କ ନେତୃତ୍ୱରେ ଓକିଲମାନେ ଏକ ଦାବିପତ୍ର ଦେଇଥିଲେ। ସେଥିରେ ତହସିଲ ଅଫିସରେ ନିୟମିତ ତହସିଲଦାର ରହିବା, ପୁରୁଣା ମାମଲା ଗୁଡିକର ତୁରନ୍ତ ଫଇସଲା ଭଳି ବିଭିନ୍ନ ଦାବି ରହିଛି। ଓକିଲ ସଂଘ ସ୍ପଷ୍ଟ କହିଥିଲା ଯେ, ଯେ ପର୍ଯ୍ୟନ୍ତ ଲିଖିତ ପ୍ରତିଶ୍ରୁତି ମିଳି ନାହିଁ ଆନ୍ଦୋଳନ ଜାରି ରହିବ। ଏହା ପରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ସମସ୍ତ ଦାବି ଉପରେ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ ଲିଖିତ ପ୍ରତିଶ୍ରୁତି ପରେ ଓକିଲ ସଂଘ ଆନ୍ଦୋଳନ ପ୍ରତ୍ୟାହାର କରିଛି। ପ୍ରଶାସନର ପ୍ରତିଶ୍ରୁତି ପରେ ତହସିଲ ଅଫିସରେ ସ୍ୱାଭାବିକ ସ୍ଥିତି ଫେରିଛି।

# 'ରାଜେନ୍ଦ୍ର' ର ହଡ଼ପ ଜମି ଫେରାଇ ଆଣିବାକୁ କେଭିଙ୍କୁ ଆହ୍ୱାନ

● କୃଷି ବିଶ୍ୱ ବିଦ୍ୟାଳୟ, ଚିନି କଳ ଓ ହାଇକୋର୍ଟ ବେଞ୍ଚ ବଲାଙ୍ଗିରର ହକ୍



ବଲାଙ୍ଗିର, ୩।୯ (ସମିସ): ରାଜେନ୍ଦ୍ର ମହାବିଦ୍ୟାଳୟ ବିଶ୍ୱ ବିଦ୍ୟାଳୟର ରୂପ ନେଲା; କିନ୍ତୁ ଆଜି ଯାଏଁ ବିଶ୍ୱ ବିଦ୍ୟାଳୟ କେବଳ ଏକ ସାଇନବୋର୍ଡରେ ରହିଯାଇଛି। ଶିକ୍ଷକ ଓ ଅଣଶିକ୍ଷକ ପଦବୀର ଏଠି ମରୁଡ଼ି ପଡ଼ିଛି। ଭିତ୍ତିଭୂମି ମଧ୍ୟ କୌଣସି ଆଖି ଦୃଶିଆ ବିକାଶ ହୋଇନାହିଁ। ଦୁଇ ଦିନ ତଳେ ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ନିଜେ ସ୍ୱିକାର କରିଛନ୍ତି ଯେ ତାଙ୍କ ପୂର୍ବ ପୁରୁଷ ଏହି ଶିକ୍ଷାନୁଷ୍ଠାନ ପାଇଁ ୨୦୦ ଏକର ଜମି ପ୍ରଦାନ କରିଥିଲେ। ସେ ଏହା ବି ସ୍ୱିକାର କରିଛନ୍ତି ଯେ ସେହି ଜମିକୁ ବିଶ୍ୱ ବିଦ୍ୟାଳୟ ନିଜର କରି ରଖି ନାହିଁ। ଏହାର ୭୫ ଭାଗ ଜମି ହଡପ ହୋଇଯାଇଛି। ତାଙ୍କ ସରକାର ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ହଡପ ହୋଇଥିବା ଜମିକୁ ଯେତେ ଶିଘ୍ର ହେବୁ ଫେରେଇବା ଆଣିବାକୁ ବ୍ୟବସ୍ଥା କରନ୍ତୁ। ସେ ଏବେ ଉପ ମୁଖ୍ୟମନ୍ତ୍ରୀ ଭାବେ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଛନ୍ତି। ଏହି ଅନୁଷ୍ଠାନ ତାଙ୍କ ପୂର୍ବପୁରୁଷଙ୍କ ନାଁରେ ନାମିତ ଅଛି। ତେଣୁ ଶିକ୍ଷାର ବିକାଶ ପାଇଁ ବିଶ୍ୱ ବିଦ୍ୟାଳୟର ଜମିକୁ ଫେରାଇ ଆଣି ପାରିଲେ ବଲାଙ୍ଗିରବାସୀ ନିଶ୍ଚିତ ଭାବରେ କୃତଜ୍ଞତା ପ୍ରକାଶ କରିବେ ବୋଲି ଆଜି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଏକ ପ୍ରେସବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି। ଅନ୍ୟପକ୍ଷେ ଉପ ମୁଖ୍ୟମନ୍ତ୍ରୀ ବଲାଙ୍ଗିରବାସୀଙ୍କ ଦାବିକୁ ସମ୍ମାନ ଦେଇ ବଲାଙ୍ଗିରରେ କୃଷି ବିଶ୍ୱ ବିଦ୍ୟାଳୟ ଦିଗରେ ପଦକ୍ଷେପ ନେବା ଆବଶ୍ୟକ। ସେହିଭଳି ବର୍ତ୍ତମାନର ସରକାର ବଲାଙ୍ଗିରରେ ଯେପରି ହାଇକୋର୍ଟ ବେଞ୍ଚ ସ୍ଥାପନ କରିବେ ସେ ଦିଗରେ ଉପମୁଖ୍ୟମନ୍ତ୍ରୀ ପଦକ୍ଷେପ ନିଅନ୍ତୁ। କାରଣ ଗଡ଼ଜାତ ମିଶ୍ରଣ ରାଜିନାମାରେ ସ୍ପଷ୍ଟ ଉଲ୍ଲେଖ ଅଛି ଯେ ଯଦି ହାଇକୋର୍ଟର ବେଞ୍ଚ ଭବିଷ୍ୟତରେ କେବେ ବି ସ୍ଥାପନ ହୁଏ ତେବେ ବଲାଙ୍ଗିରର ଦାବିକୁ ଅଣଦେଖା କରାଯାଇ ପାରିବ ନାହିଁ। ସେହିଭଳି ବିଜେପି ସରକାର ଇତି ମଧ୍ୟରେ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ହୋଇଗଲାଣି। ଏହା ସତ୍ତ୍ୱେ ସରକାରଙ୍କ ଘୋଷିତ ଦେଓଗାଁ ଚିନିକଳ ଆଜି ପର୍ଯ୍ୟନ୍ତ ଚାଲୁ ହୋଇପାରୁନାହିଁ। ଏହା ଯେପରି ଶିଘ୍ର ଚାଲୁ ହେବ ଏବଂ ଜିଲ୍ଲାର ଲୋକେ ଏହାର ସୁଫଳ ପାଇପାରିବେ ସେ ଦିଗରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଶିଘ୍ର ପଦକ୍ଷେପ ନିଅନ୍ତୁ ବୋଲି ଶ୍ରୀ ମିଶ୍ର ପ୍ରେସ ବିବୃତ୍ତି ମାଧ୍ୟମରେ ଆହ୍ୱାନ ଦେଇଛନ୍ତି।

# ସରପଞ୍ଚ ବିବେକାନନ୍ଦ ଖମାରୀଙ୍କ ସ୍ମୃତିରେ ରକ୍ତଦାନ

ବଲାଙ୍ଗିର, ୩।୯ (ସମିସ): ବଲାଙ୍ଗିର ଜିଲ୍ଲା ପୁଇଁତଳା ବ୍ଲକ ଅଧୀନ ଅଙ୍କରିଆପଦର ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ବିବେକାନନ୍ଦ ଖମାରୀଙ୍କ ସ୍ମୃତିରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗତ ୨୩ ତାରିଖରେ ତାଙ୍କର ଅକାଳ ବିୟୋଗ ଘଟିଥିଲା। ଗୁରୁବାର ତାଙ୍କ ଶ୍ରାଦ୍ଧ ଦିବସ ଅବସରରେ ପୁଇଁତଳା ବ୍ଲକ ସରପଞ୍ଚ ସଂଘ ଏବଂ ସାମାଜିକ ସଂଗଠନ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ (ପୁଇଁତଳା ବ୍ଲକ ଶାଖା)ର ମିଳିତ ଆନୁକୂଲ୍ୟରେ ଅଙ୍କରିଆପଦର ପଞ୍ଚାୟତ କାର୍ଯ୍ୟାଳୟ



ପରିସରରେ ଏହି ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରକୁ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବରେ ଦେଓଗାଁ ବ୍ଲକ ଅଧ୍ୟକ୍ଷ ମଣ୍ଟୁ ଖମାରି, ଗୋଲାପ ବାଗ ଯୋଗ ଦେଇଥିଲେ। ୩୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ପୁଇଁତଳା ବ୍ଲକ ସରପଞ୍ଚ ସଂଘର ଦେବକୀ ସେଠ, ଜନନୀ ମହାଲିଙ୍ଗ, ଗାୟତ୍ରୀ ଦୋରା, ରଞ୍ଜିତା ଭୋଇ, ଅହିତ କର୍ଣ୍ଣ, ବଣ୍ଟି ପଧାନ, ଶୈଳେଶ ବାବୁ, ରାମ ପଟେଲ, ବିଶ୍?ାମିତ୍ର ପାଣ୍ଡେ, ରମେଶ ଗାଇଗାରିଆ, ଟିକେଶ୍ୱର ମହାଲିଙ୍ଗ, ପ୍ରଦୀପ ନନ୍ଦ, ବିଶ୍ୱଜିତ ଖମାରି ପ୍ରମୁଖ ରକ୍ତଦାନ କରିଥିଲେ। ମୁକେଶ ପଧାନ, ମନୋଜ ଖମାରି, ବୁଲୁ ମହାକୁର ଏହି ଶିବିରରେ ସଂଯୋଜନା କରିଥିଲେ।

# ଲୋୟର ସୁକତେଲ ଡ୍ୟାମ୍ ପାଖରେ ନିର୍ମାଣ ହେବ ମୟୂର ବିହାର, ୱାଚ୍ ଟାୱାର

ବଲାଙ୍ଗିର, ୩।୯ (ସମିସ): ବଲାଙ୍ଗିର ଜିଲ୍ଲା ଲୋୟର ସୁକତେଲ ଡ୍ୟାମ୍ ପାଇଁ ଶହ ଶହ ଗାଁ ବିସ୍ଥାପିତ ହୋଇଛି। ଜଙ୍ଗଲ ମଧ୍ୟ ଧ୍ୱଂସ ହୋଇଯାଇଛି। ଲକ୍ଷ ଲକ୍ଷ ଗଛ କଟାଯାଇଛି। ଏବେ ଡ୍ୟାମ୍‌ରେ ପ୍ରବଳ ପାଣି ହେତୁ ଜୀବଜନ୍ତୁ ରାସ୍ତାରେ ରହୁଛନ୍ତି। ସେମାନଙ୍କ ପାଇଁ କୌଣସି ପଦକ୍ଷେପ ନିଆଯାଉନି। ସେମାନେ ଅସୁରକ୍ଷିତ ଅବସ୍ଥାରେ ଡ୍ୟାମ୍ ଚାରି ପାର୍ଶ୍ୱରେ ବୁଲୁଛନ୍ତି।



ଏହାର ସୁଯୋଗ ନେଇ ବିଭିନ୍ନ ଜୀବଜନ୍ତୁଙ୍କ ଶିକାର ଚାଲିଛି। ଏ ବାବଦରେ ଲୋୟର ସୁକତେଲ ଅଞ୍ଚଳର ଗ୍ରାମବାସୀ ଓ ଦେବାଳୟ ସୁରକ୍ଷା କମିଟିର ସଭାପତି ଜୟକୃଷ୍ଣ ମିଶ୍ର, ବଲାଙ୍ଗିର ଡିଏଫଓଙ୍କ ସହ ଆଲୋଚନା କରିଥିଲେ। ବିଭିନ୍ନ ପ୍ରସ୍ତାବ ଦିଆଯାଇଥିଲା। ଜାତୀୟ ପକ୍ଷୀ ମୟୂର ଡ୍ୟାମ୍ ଚାରି ପାର୍ଶ୍ୱରେ ବୁଲଛନ୍ତି। ଏମାନଙ୍କ ସୁରକ୍ଷା ପାଇଁ କିଭଳି ପଦକ୍ଷେପ ନିଆଯିବ ଏବଂ ବିଭିନ୍ନ ଜୀବଜନ୍ତୁ କିଭଳି ସୁରକ୍ଷିତ ରହିବେ ତାହା ଉପରେ ଆଲୋଚନା ହୋଇଥିଲା। ଡିଏଫ୍‌ଓ ଅଜିତ ବିଶି ଓ ଏସିଏଫ୍ ମାନସ ରଞ୍ଜନ ବେହେରା ମଧ୍ୟ ଏ ନେଇ ପ୍ରତିଶ୍ରୁତି ଦେଇଥିଲେ। ଗ୍ରାମବାସୀଙ୍କୁ ନେଇ ଆଲୋଚନା ହେବ। ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ସ୍କ୍ୱାଡ୍ ନିୟୋଜିତ ହୋଇଛନ୍ତି। ଜୀବଜନ୍ତୁଙ୍କ ପାଇଁ ଜାଗା ଚିହ୍ନଟ ହୋଇଛି। ମୟୂର ବିହାର ନିର୍ମାଣ କରାଯିବା ସହ ଏମାନଙ୍କ ସୁରକ୍ଷା ପାଇଁ ୨ଟି ୱାଚ ଟାୱାର ନିର୍ମାଣ ହେବ ବୋଲି ନିଷ୍ପତ୍ତି ହୋଇଛି। ପ୍ରଶାନ୍ତ ମହାକୁର, ନରେନ୍ଦ୍ର ବିଶି, ବିକାଶ ରଞ୍ଜନ ରଥ, ବିଶ୍ୱନାଥ ନାଥ ଆଲୋଚନାରେ ଭାଗ ନେଇଥିଲେ।

# ସଇଁତଲାକୁ ଏନ୍‌ଏସି ଘୋଷଣା ଦାବିରେ ତୃତୀୟ ଦିନରେ ଧାରଣା

ସଇଁତଲା, ୩।୯ (ସମିସ): ସଇଁତଲାକୁ ଏନଏସି (ନୋଟିଫାଏଡ୍ ଏରିଆ କାଉନସିଲ) ଘୋଷଣା କରିବା ଦାବିରେ ଚାଲିଥିବା ଗଣଧାରଣା ଆଜି ତୃତୀୟ ଦିନରେ ପହଞ୍ଚିଛି। ସଇଁତଲା ଅଞ୍ଚଳର ସାମଗ୍ରିକ ବିକାଶ, ସୁବିଧାର ବିସ୍ତାର ଏବଂ ଦୀର୍ଘଦିନର ଏନଏସି ଦାବିକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଦାବି ଜୋରଦାର ହେବାରେ ଲାଗିଛି। ସରପଞ୍ଚ ସୁବ୍ରତ ନାଗଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଜାରି ରହିଛି। ଦିନକୁ ଦିନ ବିଭିନ୍ନ ସଂଗଠନ ଓ ସାଧାରଣ ଲୋକଙ୍କ ସମର୍ଥନ ମିଳୁଛି। ଗଣଧାରଣାର ତୃତୀୟ ଦିନରେ ସଇଁତଲା ବ୍ଲକ ଡ୍ରାଇଭର ମହାସଂଘ ଏବଂ ବିନ୍ଧ୍ୟବାସିନୀ ଡ୍ରାଇଭର ସଂଘ ଆନ୍ଦୋଳନସ୍ଥଳରେ ପହଞ୍ଚି ସମର୍ଥନ ଜଣାଇଛନ୍ତି। ଏନଏସି ଦାବି ପ୍ରତି ସମର୍ଥନ ଜଣାଇ ଡ୍ରାଇଭର ସଂଘର ସଦସ୍ୟମାନେ ଧାରଣାରେ ସାମିଲ ହୋଇଥିଲେ। ଏହା ଫଳରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବା ନେଇ ସଂଗଠନଗୁଡ଼ିକ ମଧ୍ୟରେ ଉତ୍ସାହ ପ୍ରକାଶ




ପାଇଛି। ଏହି ଅବସରରେ ଡ୍ରାଇଭର ସଂଘର ସଭାପତି ଦେବେନ୍ଦ୍ର ଭୋଇ ସରକାରଙ୍କୁ କଡ଼ା ଚେତାବନୀ ଦେଇଛନ୍ତି। ସଇଁତଲାକୁ ଏନଏସି ଘୋଷଣା କରିବା ଦାବି ଉପରେ ସରକାର ଯଦି ଶୀଘ୍ର ପଦକ୍ଷେପ ନ ନିଅନ୍ତି ତେବେ ଆନ୍ଦୋଳନ ଆହୁରି ତୀବ୍ର କରାଯିବ ବୋଲି ସେ କହିଛନ୍ତି। ଆବଶ୍ୟକ ପଡ଼ିଲେ ଅଖଚକ ବନ୍ଦ ଭଳି କଠୋର ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବୋଲି ସେ ସରକାରଙ୍କୁ ସତର୍କ କରାଇଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସଇଁତଲା ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ। ଏନଏସି ଘୋଷଣା ହେଲେ ଅଞ୍ଚଳର ଭିତ୍ତିଭୂମି ବିକାଶ, ରାସ୍ତାଘାଟ, ଡ୍ରେନେଜ ବ୍ୟବସ୍ଥା, ଆଲୋକୀକରଣ, ପରିମଳ ଓ ଅନ୍ୟାନ୍ୟ ସୁବିଧାରେ ଉନ୍ନତି ଆସିବ। ଆନ୍ଦୋଳନକାରୀମାନେ କହିଛନ୍ତି ଯେ, ସଇଁତଲାବାସୀଙ୍କ ଦୀର୍ଘଦିନର ଦାବିକୁ ସରକାର ଗୁରୁତ୍ୱର ସହ ବିଚାର କରିବା ଆବଶ୍ୟକ। ଏନଏସି ଘୋଷଣା ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନକୁ ପର୍ଯ୍ୟାୟକ୍ରମେ ଆହୁରି ଜୋରଦାର କରାଯିବ। ତୃତୀୟ ଦିନର ଗଣଧାରଣାରେ ବିଭିନ୍ନ ବର୍ଗର ଲୋକଙ୍କ ଉପସ୍ଥିତି ଓ ସଂଗଠନଗୁଡ଼ିକର ସମର୍ଥନ ଆନ୍ଦୋଳନକୁ ନୂଆ ଗତି

# ଜିଲ୍ଲା ସିନିୟର ନକ୍ ଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସ

ବଲାଙ୍ଗିର, ୩।୯ (ସମିସ)



ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଖେଳ ୮ଟି ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଚୁଡାପାଲି ହାଇସ୍କୁଲ ପଡ଼ିଆରେ ନକଟାସର ୨-୦ ଗୋଲରେ ରେଙ୍ଗଟାସିଲକୁ ଓ ଗର୍ଜନ ୧-୦ ଗୋଲରେ ଚୁଡାପାଲିକୁ ହରାଇ ବିଜୟୀ ହୋଇଛି। ଅତିଥି ଭାବେ ପୂର୍ବତନ ଖେଳାଳି ଚେତରାମ ବେହେରା, ଲବ ବାରିକ, ଦନାର୍ଦ୍ଦନ ମହାପାତ୍ର, ବିଜୟ କୁମାର ମେହେର, ଜିଲ୍ଲା କ୍ରୀଡା ଅଧିକାରୀ ପରାସର ବାଗ, କମାଣ୍ଡିଂ ଅଫିସର ନିତ୍ୟାନନ୍ଦ ସେଠ, ଅରୁଣ କୁମାର ପଟେଲ ଓ ସଂସଦର ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ ଯୋଗ ଦେଇଥିଲେ। ଟିଟିଲାଗଡ଼ ସିଟି ସ୍କୁଲ ପଡ଼ିଆରେ ଖଜୁରପଡ଼ା ଟାଇବ୍ରେକରରେ ବଡମାଲକୁ ଓ ଜଗୁଆ ଟ୍ରାଇବ୍ରେକରର ମଣିଗାଁକୁ ହରାଇ ବିଜୟୀ ହୋଇଛି। ଅତିଥି ଭାବେ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ଭବାନୀ ପ୍ରସାଦ ହୋତା ଓ ଶୁଭ୍ରାଂଶୁ ଦାସ, ମୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାର ଚନ୍ଦନ ଶତପଥୀ, ଟିଟିଲାଗଡ଼ ତହସିଲଦାର ଶଙ୍କର ବାଗ ଓ ପୂର୍ବତନ ସରପଞ୍ଚ ପ୍ରଦୀପ ସାହୁ ଯୋଗ ଦେଇଥିଲେ। ଖୁଜେନପାଲି ପଡ଼ିଆରେ ବ୍ଲୁ ମାଉଣ୍ଟେନ ଶାସ୍ତ୍ରୀନଗର ଏଫ୍‌ଏକୁ ହରାଇଛି। ଅତିଥି ଭାବେ କ୍ରୀଡା ସଂସଦର କ୍ରିକେଟ ସମ୍ପାଦକ ଓମ୍ ପ୍ରକାଶ ଚାନ୍ଦ ଓ କାଉନସିଲ ସଭ୍ୟ ପ୍ରଭାତ ମିଶ୍ର ଯୋଗ ଦେଇଥିଲେ। ପଲ୍ଲିଶ୍ରୀ ଷ୍ଟାଡିୟମ ସଦାଇପାଲିଠାରେ ଆଗଲପୁର ୧-୦ ଗୋଲରେ ବିଲେଇସର୍ଡାକୁ ହରାଇ ବିଜୟୀ ହୋଇଛି। ଅତିଥି ଭାବେ ଫ୍ରେଣ୍ଡସ କ୍ଲବ ସଭାପତି ଲୋଟସ ଷଡଙ୍ଗୀ, ସମ୍ପାଦକ ଜଗନ୍ନାଥ ମିଶ୍ର, ସନ୍ତୋଷ ପାଢ଼ୀ ଓ ଡା. ପ୍ରମୋଦ ମିଶ୍ର ଯୋଗ ଦେଇଥିଲେ। ଟାଉନ ହାଇସ୍କୁଲ ପଡ଼ିଆରେ ବିକେସି ୟୁନାଇଟେଡ ୫-୦ ଗୋଲରେ ଅନ୍ତର୍ଲାକୁ ହରାଇଛି। ଅତିଥି ଭାବେ ଟାଉନ ବିଜେଡି ସଭାପତି ଶମ୍ଭୁ ପ୍ରସାଦ ନାଗ ଓ ଓଡ଼ିଶା ବିଜେଡି ମାଇନରିଟି ସେଲ ସାଧାରଣ ସମ୍ପାଦକ ଇରସାଦ ଖାନ ଯୋଗ ଦେଇଥିଲେ। ସଂସଦର କୋଷାଧ୍ୟକ୍ଷ ହେମନ୍ତ ବେହେରା, ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର ଓ ଶ୍ରୀକାନ୍ତ ରାଉତ ମଞ୍ଚାସୀନ ଥିଲେ। ଜରାସିଂହା ମିନି ଷ୍ଟାଡିୟମରେ ମହିପୁର ୪-୦ ଗୋଲରେ ଡାଙ୍ଗବାହାଲକୁ ହରାଇଛି। ଅତିଥି ଭାବେ ପୁରୁଷୋତ୍ତମ ମେହେର ଓ ହୃଷିକେଶ ପ୍ରଧାନ, ପ୍ରତାପ ମିଶ୍ର ଓ ଚୁଳମଣି ଭୋଇ ଯୋଗ ଦେଇଥିଲେ। ଲୋଇସିଂହା ମିନି ଷ୍ଟାଡିୟମରେ ଏଚ୍‌ଆରଡିଏ ଖଲିଆପାଲି ଟାଇବ୍ରେକରରେ କୁଶମେଲକୁ ହରାଇଛି। ଅତିଥି ଭାବେ ପୂର୍ବତନ ସରପଞ୍ଚ ସୁଦୀପ ସା, ଅଧ୍ୟକ୍ଷ ଅଶୋକ ଭିତିରିଆ, ଦିଲୀପ ବେହେରା, ବିଶ୍ୱନାଥ ଭୁୟାଁ, ବିଭୁତି ଭୂଷଣ ସାହାଣି, ରାଜକିଶୋର ନାଏକ ଯୋଗ ଦେଇଥିଲେ। ହଳଦୀ ପଡ଼ିଆରେ ଗୁଲମି ୩-୦ ଗୋଲରେ ବିରିପାଲିକୁ ହରାଇଛି। ଅତିଥି ଭାବେ ପ୍ରଦୀପ ନାଗ, ପୂର୍ବତନ ବିଇଓ ଆର୍ତ୍ତତ୍ରାଣ ରଥ, ଗୋବର୍ଦ୍ଧନ ସାହୁ ଓ ପୁରୁଷୋତ୍ତମ ବାଗ ଯୋଗ ଦେଇଥିଲେ। ସୁନିଲ ଚନ୍ଦ୍ର ବିଶ୍ୱାଲ, ବଳରାମ ସା, ପ୍ରଦୀପ ବଗର୍ତ୍ତି, ଦେବରାଜ ନାହାକ, ଧବଳେଶ୍ୱର ଦଳବେହେରା, ନରସିଂସ୍ୱାମୀ ନାଇଡୁ, ଅବଦୁଲ ମୁଜିବ ଓ ଉଜ୍ଜଳ ଝାଙ୍କର ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ଖେଳକୁ ଜିତେନ୍ଦ୍ର ପାତ୍ର, ଦୋଳଗୋବିନ୍ଦ ମୁଣ୍ଡା, ସଞ୍ଜନ କୁଦେଇ, ରାଜେନ୍ଦ୍ର ସେଠ, ରାଜେନ୍ଦ୍ର ଧରୁଆ, ବିକି ବିଶି, ଶ୍ରବଣ ବାଗ, ଧନେଶ୍ୱର ସେଠ, ଅଭିଷେକ ପ୍ରଧାନ, ପୁରୁଷୋତ୍ତମ ବୁଡେକ, ଜ୍ୟୋତି ମହାନନ୍ଦ, ଜଳନ୍ଧର ସାହୁ, ବୈକୁଣ୍ଠ ଜେନା, ତ୍ରିନାଥ ଚନ୍ଦନ, ମଣ୍ଟୁ ବେହେରା, ଏକଲବ୍ୟ ଦଣ୍ଡସେନା, ସତ୍ୟ ଦଣ୍ଡସେନା, ଡୋଳାମଣି ବଗର୍ତ୍ତି, ଭୁବନେ ଭୋଇ, ସଞ୍ଜୀବ ମହାରଣା, ସୁଦର୍ଶନ ସେଠ, ସୁରେଶ ନାଏକ, ନିଶାରକାନ୍ତ ନାଗ, ବିଜୟ ରଣା, କରୁଣକର ପ୍ରଧାନ, ରୋଶନ ମେହେର, ଦିଲୀପ ଧରୁଆ, ବିନୋଦ ପ୍ରଧାନୀ, ଲବ ସୁନାନି, ମଳୟ ଘିବେଲା, ଯଶୋବନ୍ତ ମାଝି, ପାଣ୍ଡବ ବିଶି, ଅଶ୍ୱିନୀ ଭୁକ୍ତା, ରିଙ୍କୁ ବିଶି, ନିତେଶ ଭୋଇ ପରିଚାଳନା କରିଥିଲେ।

# ନାବାଳିକା ଦୁଷ୍କର୍ମ : ୨ ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍

ଝାରସୁଗୁଡ଼ା, ୩।୯ (ସମିସ)

ଝାରସୁଗୁଡ଼ା ଏଡିଜେ ତଥା ସ୍ୱତନ୍ତ୍ର ପକ୍‌ସୋ କୋର୍ଟ ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ରାୟ ଶୁଣାଇଛନ୍ତି। ୨ ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଏହାସହ ଉଭୟଙ୍କୁ ୩୦ ହଜାର ଟଙ୍କା ଲେଖାଏଁ ଜରିମାନା ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ୨୦୨୪ ମସିହା ଫେବୃଆରୀ ମାସରେ ସ୍ଥାନୀୟ ଅଞ୍ଚଳର ଜଣେ ୧୫ ବର୍ଷର ନାବାଳିକା ନିଜ ସାଙ୍ଗମାନଙ୍କ ସହ ଜନ୍ମଦିନ ପାଳିବା ପାଇଁ ଯାଇଥିଲେ। ଫେରୁଥିବା ସମୟରେ ରାସ୍ତାରେ ଆକାଶ ସିନ୍ହିଆ ଏବଂ ପ୍ରେମ ସୁନା ନାମକ ଦୁଇ ଜଣ ଯୁବକ ତାଙ୍କୁ ଟେମ୍ପୋରେ ଘରେ ଲିଫ୍ଟ ଦେଇ ଘରେ ଛାଡ଼ିଦେବେ ବୋଲି କହିଥିଲେ; ମାତ୍ର ଘରକୁ ନ ନେଇ ସେମାନେ ନାବାଳିକାଙ୍କୁ ଅନ୍ୟ ଏକ ଏକ ଜାଗାକୁ ନେଇ ବଳାତ୍କାର କରିବା ସହ ଦୁଇ ଦିନ ଧରି ବନ୍ଦୀ କରି ରଖିଥିଲେ। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ିବାରୁ ତାଙ୍କୁ ରାସ୍ତା ଉପରେ ଛାଡ଼ି ଫେରାର ହୋଇଯାଇଥିଲେ। ନାବାଳିକା ଜଣକ ନିଜ ସାଙ୍ଗଙ୍କ ଜରିଆରେ ପରିବାର ଲୋକଙ୍କୁ ଖବର ଦେବା ପରେ ଥାନାରେ ଏତଲା ଦିଆଯାଇଥିଲା।

ମାମଲାର ଶୁଣାଣି ବେଳେ ମୋଟ ୨୪ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଝାରସୁଗୁଡ଼ା ଏଡିଜେ ତଥା ସ୍ୱତନ୍ତ୍ର ପକ୍‌ସୋ କୋର୍ଟର ବିଚାରପତି ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୩୦ ହଜାର ଟଙ୍କା ଲେଖାଏଁ ଜରିମାନା ଅନାଦେୟ ହେଲେ ଅଧିକ ୧ ବର୍ଷ ଜେଲ୍ ଏବଂ ପୀଡ଼ିତାଙ୍କୁ ୮ ଲକ୍ଷ ଟଙ୍କାର ଆର୍ଥିକ କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ ଦେଇଛନ୍ତି।

## ନିଶାମୁକ୍ତ ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ



ଲୋଇସିଂହା, ୩।୯ (ସମିସ): ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ ରୋଡରେ ଆଗଲପୁର ଥାନା ତରଫରୁ ଏକ ନିଶାମୁକ୍ତ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଅନ୍ତର୍ଯ୍ୟାମୀ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଥାନା ଅଧିକାରୀ ଅନିତା ନାୟକ, ଦୀପ୍ତିମୟୀ ଶତପଥୀ, ହାବିଲଦାର ପି. ଡୁଙ୍ଗଡୁଙ୍ଗ, କନେଷ୍ଟବଲ ଦେବାଶିଷ ପଧାନ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ଡକ୍ଟର ଲିଙ୍ଗରାଜ ମେହେର ନିଶାମୁକ୍ତିର ଶପଥପାଠ କରାଇଥିଲେ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବେ ବନମାଳୀ ମେହେର

କନ୍ଧମାଳ, ୩।୯ (ସମିସ): ବୌଦ୍ଧ ଜିଲ୍ଲା କନ୍ଧମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବନମାଳୀ ମେହେର ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଶିକ୍ଷାଦାନ କ୍ଷେତ୍ରରେ ଉତ୍କର୍ଷତା, ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ, ସାମାଜିକ ସଚେତନତା ଏବଂ ବିଭିନ୍ନ ସେବାମୂଳକ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ୫ ତାରିଖ ପବିତ୍ର ଗୁରୁ ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କଠାରୁ ବନମାଳୀ ମେହେର ପୁରସ୍କାର ରାଶି ସ୍ୱରୂପ ୪୦ ହଜାର ଟଙ୍କା ଓ ମାନପତ୍ର ଗ୍ରହଣ କରିବେ।

## ଗୁଡ଼ିଘାଟ ସାର୍ବଜନୀନ ଦୁର୍ଗାପୂଜା ପ୍ରସ୍ତୁତି

ମୁରିବାହାଲ, ୩।୯ (ସମିସ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଗୁଡିଘାଟରେ ଦୁର୍ଗାପୂଜା ପାଇଁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କମିଟିର ନୂତନ କର୍ମକର୍ତ୍ତା ମନୋନୟନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥାପନା ସହ ଚଳିତ ବର୍ଷର ଦୁର୍ଗାପୂଜା ଆୟୋଜନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ସର୍ବସମ୍ମତି କ୍ରମେ ଟୁନାବାବା ସଭାପତି ଓ ମନୋଜ ସାହୁଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ସେହିପରି ଉପସଭାପତି ଭାବେ ମକୁନ୍ଦ ବଗର୍ତି, କୋଷାଧକ୍ଷ ଭାବେ ଆରାୟାନ ସିଂ ମାଝୀଙ୍କ ସହିତ ରୀତିକ ସାହୁ ଓ କମିଟିର ମୁଖ୍ୟ ତଦାରଖ ହିସବରେ ସୋନୁ ଖମାରିଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି।

## ଚେକ୍ ବାଉନ୍ସ ମାମଲାରେ ଅଭିଯୁକ୍ତଙ୍କୁ ୬ ମାସ୍ ଜେଲ୍

ଦେବଗଡ଼, ୩।୯ (ସମିସ): ଦେବଗଡ଼ ଏସଡିଜେଏମ ଧନଞ୍ଜୟ ନାୟକ ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ରାୟ ଶୁଣାଇଛନ୍ତି। ଅଭିଯୋଗକାରିଣୀଙ୍କ ହୋଇଥିବା ଆର୍ଥିକ କ୍ଷତି ଓ ମାନସିକ ଯନ୍ତ୍ରଣାକୁ ବିଚାର କରି ଅଭିଯୁକ୍ତଙ୍କୁ ୬ ମାସର କାରା ଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି। ଏଥିସହିତ ଅଭିଯୋଗକାରିଣୀଙ୍କୁ ୫ ଲକ୍ଷ ୫୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଦୋଷୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କରୋନା ସମୟରେ ଅଭିଯୁକ୍ତ ଦେବଗଡ଼ ସହର ଦୁର୍ଗାପ୍ରସାଦ କର ଦେବଗଡ଼ ସହର ଭୂୟାଁ ସାହିର ଅଭିଯୋଗକାରିଣୀ ଲିଲିମା ପ୍ରଧାନ ନିକଟକୁ ଆସି ଏକ ନୂତନ ହୋଟେଲ ଖୋଲିବା ପାଇଁ କିଛି ଆର୍ଥିକ ଋଣ ଦେବାକୁ ଅନୁରୋଧ କରିଥିଲେ। ଅଭିଯୋଗକାରିଣୀ ଅଭିଯୁକ୍ତଙ୍କୁ ଭଲ ଭାବେ ଜାଣିଥିବାରୁ ଏବଂ ସେ ସମୟରେ ଅଭିଯୁକ୍ତ ଜଣେ ବ୍ୟବସାୟୀ ଥିବାରୁ ତାଙ୍କ କଥାରେ ବିଶ୍ୱାସ କରି ଅଭିଯୋଗକାରିଣୀ ଅଭିଯୁକ୍ତଙ୍କୁ ନଗଦ ୫ ଲକ୍ଷ ଟଙ୍କା ଋଣ ଭାବେ ପ୍ରଦାନ କରିଥିଲେ। ଅଭିଯୋଗକାରିଣୀ ବାରମ୍ବାର ଟଙ୍କା ଫେରସ୍ତ କରିବାକୁ କହିବାରୁ ଅଭିଯୁକ୍ତ ଚେକ୍ ପ୍ରଦାନ କରିଥିଲେ; ମାତ୍ର ଚେକ୍ ବାଉନ୍ସ ହୋଇଥିଲା। ଅଭିଯୋଗକାରିଣୀ ନିଲିମା ଅଭିଯୁକ୍ତଙ୍କୁ ବିଭିନ୍ନ ଉପାୟରେ ଟଙ୍କା ପରିଶୋଧ ପାଇଁ ଅନୁରୋଧ କରିଥିଲେ ମଧ୍ୟ ଟଙ୍କା ପାଇବାରେ ବିଫଳ ହୋଇ ଅଦାଲତଙ୍କ ଆଶ୍ରୟ ନେଇଥିଲେ। ଅଦାଲତ ମାମଲାରେ ଉଭୟ ପକ୍ଷର ସାକ୍ଷ୍ୟ ଓ ଓକିଲଙ୍କ ଜବାବକୁ ଭିତ୍ତିକରି ଅଭିଯୁକ୍ତ ଦୁର୍ଗାଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡିତ କରିଛନ୍ତି।

## ଅଙ୍ଗନବାଡ଼ି କେନ୍ଦ୍ରରେ ପିଲାଙ୍କୁ ଭେଟିଲେ ଜିଲ୍ଲାପାଳ

ଝାରସୁଗୁଡ଼ା, ୩।୯ (ସମିସ): ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ବ୍ରଜରାଜନଗର ପୌରାଞ୍ଚଳ ଅଧୀନ ୫ ନମ୍ବର ୱାର୍ଡ଼ ଲାଜକୁରା ଖଣି ପ୍ରଭାବିତ ଅଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜିଲ୍ଲାପାଳ ସ୍ଥାନୀୟ ବାସିନ୍ଦାଙ୍କ ସହିତ ସିଧାସଳଖ ଆଲୋଚନା କରି ଖଣି ପ୍ରଭାବିତ ଅଞ୍ଚଳରେ ଲୋକେ ସମ୍ମୁଖୀନ ହେଉଥିବା ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଏଥିସହ ସେ ସ୍ଥାନୀୟ ବିଦ୍ୟାଳୟ



ଓ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ପିଲାଙ୍କ ଶିକ୍ଷାଦାନ ବ୍ୟବସ୍ଥା ଏବଂ ପୁଷ୍ଟିକର ଆହାର ଯୋଗାଣ ତଦାରଖ କରିଥିଲେ। ଗସ୍ତ ସମୟରେ ଜିଲ୍ଲାପାଳ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମିଟୁ କୁଅଁରଙ୍କ ସ୍ମୃତିପୀଠ ପରିଦର୍ଶନ କରିଥିଲେ। ଏହି ଐତିହାସିକ ସ୍ଥଳର ଉପଯୁକ୍ତ ରକ୍ଷଣାବେକ୍ଷଣ ତଥା ଉନ୍ନତିକରଣ ପାଇଁ ଗ୍ରାମବାସୀ ଏବଂ ପୌର ନିର୍ବାହୀ ଅଧିକାରୀଙ୍କ ସହିତ ବିସ୍ତୃତ ଆଲୋଚନା ହୋଇଥିଲା। ଗ୍ରାମର କମ୍ୟୁନିଟି ସେଣ୍ଟରର ନବୀକରଣ ଏବଂ ସ୍ଥାନୀୟ ଜଳାଶୟଗୁଡ଼ିକର ପୁନରୁଦ୍ଧାର ତଥା ସଂରକ୍ଷଣ ପାଇଁ ଲୋକଙ୍କ ସହ ବିଚାରବିମର୍ଶ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳରେ ପାନୀୟ ଜଳ ସମସ୍ୟାର ସମାଧାନ ଲାଗି ଜଳ ଯୋଗାଣ ବ୍ୟବସ୍ଥାରେ ତୁରନ୍ତ ଉନ୍ନତି ଆଣିବାକୁ ଜିଲ୍ଲାପାଳ ୱାଟ୍‌କୋ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରିବେଶ ଓ ଜନସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଖାଦ୍ୟ ପ୍ରସ୍ତୁତି ନିମନ୍ତେ କୋଇଲା କିମ୍ବା ଜୀବାଶ୍ମ ଇନ୍ଧନ ବ୍ୟବହାର ବନ୍ଦ କରି ସ୍ୱଚ୍ଛ ଶକ୍ତି ବ୍ୟବହାର କରିବାକୁ ସେ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ସମଗ୍ର ଅଞ୍ଚଳର ରାସ୍ତାଘାଟ, ଆଲୋକୀକରଣ ଓ ପାନୀୟ ଜଳ ଭଳି ସମସ୍ତ ମୌଳିକ ଭିତ୍ତିଭୂମିର ସାମଗ୍ରିକ ବିକାଶ ପାଇଁ ତୁରନ୍ତ ଏକ ବ୍ୟାପକ ଯୋଜନା ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ସେଠାରେ ଉପସ୍ଥିତ ପୌର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ରାସ୍ତା ସମସ୍ୟା ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



ବୌଦ୍ଧ, ୩।୯ (ସମିସ): ବୌଦ୍ଧ ବ୍ଲକ ବ୍ରାହ୍ମଣୀପାଲି ପଞ୍ଚାୟତ ସାନତୁମ୍ ଗ୍ରାମର ମୁଖ୍ୟ ରାସ୍ତାର ସମସ୍ୟା ନେଇ ଗାଁ ଲୋକେ ଜିଲ୍ଲାପାଳ ଓ ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ ଆରଡି ରାସ୍ତାଠାରୁ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ସାମାନ୍ୟ ବର୍ଷା ହେଲେ ରାସ୍ତା କାଦୁଅ ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହେଉଛି। ଏହି ରାସ୍ତା ଦେଇ ସ୍କୁଲ୍ କଲେଜ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପାଇଁ ବଜାରକୁ ଯିବା କଷ୍ଟକର ହୋଇ ପଡୁଛି ତେଣୁ ରାସ୍ତାର ଉନ୍ନତି ପାଇଁ ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ ସକାଶେ ଗ୍ରାମବାସୀ ଦାବି କରିଛନ୍ତି। ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦାବିପତ୍ର ଗ୍ରହଣ କରିଥିବାବେଳେ ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି।

# ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ସଫଳତା

ବୌଦ୍ଧ, ୩।୯ (ସମିସ): ବୌଦ୍ଧ ଜିଲ୍ଲା ତୀରନ୍ଦାଜ ସଂଘ ଅଧୀନରେ ଅଭ୍ୟାସ ଜାରି ରଖିଥିବା ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ବୌଦ୍ଧର ଛାତ୍ରୀମାନେ ନ୍ୟାସନାଲ ସ୍ପୋର୍ଟସ ମିଟ୍ ଆର୍‌ଚେରୀ-୨୦୨୬ରେ ଅସାଧାରଣ କୃତିତ୍ୱ ପ୍ରଦର୍ଶନ କରି ବିଦ୍ୟାଳୟ ପାଇଁ ଅପାର ଗୌରବ ଆଣିଛନ୍ତି। ଏହି ପ୍ରତିଯୋଗିତା ଦିଲ୍ଲୀ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର-୨ରେ ଅନୁଷ୍ଠିତ ହୋଇଥିଲା। ଏହି ଅଦ୍ଭୁତ ସଫଳତାର ନେତୃତ୍ୱ ନେଇଛନ୍ତି ବିଦ୍ୟାଳୟର ଏକାଦଶ ଶ୍ରେଣୀ ବିଜ୍ଞାନ ବିଭାଗର ଛାତ୍ରୀ ସନ୍ଦିପ୍ତି ସାହୁ। ସେ ଅଣ୍ଡର-୧୯ ଇଣ୍ଡିଆନ୍ ରାଉଣ୍ଡ ଆର୍‌ଚେରୀ ବିଭାଗରେ ଉତ୍କୃଷ୍ଟ କ୍ରୀଡ଼ା ପ୍ରଦର୍ଶନ କରି ୪୦ ମିଟର ଇଭେଣ୍ଟରେ ସ୍ୱର୍ଣ୍ଣପଦକ ଏବଂ ୩୦ ମିଟର ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ଚାମ୍ପିୟନସିପ୍‌ରେ ଓଭରଅଲ୍ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।



ମହାରାଷ୍ଟ୍ରରେ ଅନୁଷ୍ଠିତ ହେବାକୁ ଥିବା ଏସଜିଏଫଆଇ କ୍ରୀଡ଼ା ପାଇଁ ମଧ୍ୟ ସେ ଚୟନ ହୋଇଛି। ବୌଦ୍ଧ ଫେରିବା ପରେ ସ୍ଥାନୀୟ ଜିଲ୍ଲା ଷ୍ଟାଡିଅମଠାରେ ବୌଦ୍ଧ ଜିଲ୍ଲା ତୀରନ୍ଦାଜ ସଂଘ ସଭାପତି ବସନ୍ତ ସାହୁ, କୋଷାଧ୍ୟକ୍ଷ ନିରଞ୍ଜନ ମେହେର, ଅକ୍ଷୟ ମହାକୁଡ ପ୍ରମୁଖ ସ୍ୱାଗତ କରିଥିଲେ। ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ଅନ୍ୟ ଦୁଇ ଜଣ ପ୍ରତିଭାବାନ୍ ଛାତ୍ରୀ ମଧ୍ୟ ଅଣ୍ଡର-୧୭ ଇଣ୍ଡିଆନ୍ ରାଉଣ୍ଡ ବିଭାଗରେ ଭାଗ ନେଇ ପ୍ରଶଂସନୀୟ ପ୍ରଦର୍ଶନ କରିଛନ୍ତି। ପ୍ରତ୍ୟାଶା ମହାପାତ୍ର ୩୦ ମିଟର ଇଭେଣ୍ଟରେ ୩୦୪ ପଏଣ୍ଟ ଏବଂ ୨୦ ମିଟର ଇଭେଣ୍ଟରେ ୨୯୩ ପଏଣ୍ଟ ହାସଲ କରି ଓଭର ଅଲ୍ ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଶୁଭଶ୍ରୀ ଓରାମ ୩୦ ମିଟର ଇଭେଣ୍ଟରେ ୨୬୯ ପଏଣ୍ଟ ଏବଂ ୨୦ ମିଟର ଇଭେଣ୍ଟରେ ୨୧୯ ପଏଣ୍ଟ ହାସଲ କରି ଓଭର ଅଲ୍ ୧୯ତମ ସ୍ଥାନ ଅଧିକାର କରିଛନ୍ତି।

# ମନମୁଣ୍ଡା ଅଞ୍ଚଳରେ ଡିଗ୍ରୀ କଲେଜ ପ୍ରତିଷ୍ଠା ନେଇ ଆଶା ସଞ୍ଚାର



କନ୍ଧମାଳ, ୩।୯ (ସମିସ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକର ମନମୁଣ୍ଡା ଅଞ୍ଚଳରେ ଡିଗ୍ରୀ କଲେଜ ପ୍ରତିଷ୍ଠା ନେଇ ଆଶା ସଞ୍ଚାର ହୋଇଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଡ. ମୁରଲୀଧର ମାଝୀ ମାନମୁଣ୍ଡା ଗସ୍ତ କରି ପ୍ରସ୍ତାବିତ ଡିଗ୍ରୀ କଲେଜ ପରିଦର୍ଶନ କରିଛନ୍ତି। ମନମୁଣ୍ଡା ଅଞ୍ଚଳରେ ଦୀର୍ଘଦିନ ଧରି ଏକ ଡିଗ୍ରୀ କଲେଜ ପ୍ରତିଷ୍ଠା ପାଇଁ ଦାବି ହୋଇଆସୁଥିଲା। ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀ ଯୁକ୍ତ ଦୁଇ ଶିକ୍ଷା ପରେ ଉଚ୍ଚଶିକ୍ଷା ପାଇଁ ଦୂରସ୍ଥାନକୁ ଯିବାକୁ ପଡୁଥିବାରୁ ମାନମୁଣ୍ଡାରେ ଡିଗ୍ରୀ କଲେଜ ପ୍ରତିଷ୍ଠା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଦୀର୍ଘଦିନରୁ ଦାବି ରହିଥିଲା। ଏହି ଦାବିକୁ ନେଇ ପ୍ରସ୍ତାବିତ କଲେଜ ପରିସରକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଡ. ମୁରଲୀଧର ମାଝୀ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ କଲେଜ ପ୍ରତିଷ୍ଠା ପାଇଁ ଆବଶ୍ୟକ ଭିତ୍ତିଭୂମି, ଶିକ୍ଷାଦାନ ବ୍ୟବସ୍ଥା, ଆବଶ୍ୟକ ସୁବିଧାସୁଯୋଗ ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆଲୋଚନା ଓ ଅନୁଧ୍ୟାନ କରାଯାଇଥିଲା। ଏହି ଅବସରରେ ସଭାପତି ଈଶ୍ୱର ମନହିରା, ସମ୍ପାଦକ ଉତ୍ତମ ମହଲା, ସତ୍ୟପାଲ ମିଶ୍ର ଓ ସପଦ ଭୂତାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଉପସ୍ଥିତ ସଦସ୍ୟମାନେ ମାନମୁଣ୍ଡାରେ ଡିଗ୍ରୀ କଲେଜର ଆବଶ୍ୟକତା ଓ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ମନମୁଣ୍ଡାରେ ଡିଗ୍ରୀ କଲେଜ ପ୍ରତିଷ୍ଠା ହେଲେ କନ୍ଧମାଳ ବ୍ଲକର ବିଭିନ୍ନ ଅଞ୍ଚଳର ଛାତ୍ରଛାତ୍ରୀ ଉପକୃତ ହେବେ। ବିଶେଷକରି ଗ୍ରାମାଞ୍ଚଳର ଛାତ୍ରଛାତ୍ରୀ ନିଜ ଅଞ୍ଚଳ ନିକଟରେ ଉଚ୍ଚଶିକ୍ଷାର ସୁଯୋଗ ପାଇପାରିବେ। ଏହାଦ୍ୱାରା ଅଭିଭାବକଙ୍କ ଆର୍ଥିକ ଚାପ ମଧ୍ୟ କମିବା ସହ ଅଞ୍ଚଳରେ ଉଚ୍ଚଶିକ୍ଷାର ପରିବେଶ ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି। ଦୀର୍ଘଦିନର ଦାବି ପୂରଣ ହେଲେ ଏହା ମାନମୁଣ୍ଡା ତଥା ସମଗ୍ର କନ୍ଧମାଳ ଅଞ୍ଚଳର ଶିକ୍ଷା କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ହେବ ବୋଲି ମତ ପ୍ରକାଶ ପାଇଛି।

# ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ପ୍ରସ୍ତୁତି ବୈଠକ

ଡୁଙ୍ଗୁରିପାଲି, ୩।୯ (ସମିସ): ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ସରକାରୀ ଉଚ୍ଚ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଗଣେଶ କିଷାନ ଯୋଗ



ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଲିଙ୍ଗମାର୍ଣ୍ଡି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନାତନ ବେହେରା, ଦିଗଶିରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ ଦାଶ ଓ ଗଜବନ୍ଧ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନରେନ୍ଦ୍ର ପୁରୋହିତ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ସତ୍ୟବାନ କୁଅଁର ସଭାପତିତ୍ୱ କରିଥିଲେ। ବ୍ଲକ କ୍ରୀଡା ସମ୍ପାଦକ ଅଶୋକ ବୁଦ୍ଧିଆଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଖେଳ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବୟସ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ଡୁଙ୍ଗୁରିପାଲି ବ୍ଲକକୁ ୪ଟି ଜୋନ ଅନୁସାରେ ଚନ୍ଦଳୀ, ଦିଗଶିରା, ଡୁଙ୍ଗୁରିପାଲି ଓ ଲିଙ୍ଗମାର୍ଣ୍ଡି ଜୋନରେ ବିଭକ୍ତ କରି ତୃଣମୂଳସ୍ତରରୁ ଛାତ୍ରଛାତ୍ରୀଙ୍କ କ୍ରୀଡ଼ା ପ୍ରତିଭା ଚିହ୍ନଟ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଜିଲ୍ଲା କ୍ରୀଡା କମିଟି ସଭ୍ୟା ପଦ୍ମିନୀ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭ୍ୟ ସଞ୍ଜୀବ ସାହୁ ସଭା ପରିଚାଳନା କରିଥିଲେ। ଶେଷରେ ଶୁଖା ଉଚ୍ଚ ମାଧମିକ ବିଦ୍ୟାଳୟର ଖେଳ ଶିକ୍ଷକ ଟେକଚାନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନ୍ମାଷ୍ଟମୀ ମହୋତ୍ସବ ପାଇଁ ପ୍ରସ୍ତୁତି

ବୌଦ୍ଧ, ୩।୯ (ସମିସ): ବୌଦ୍ଧ ସହରରେ ଶ୍ରୀ ଶ୍ରୀ ମଦନ ମୋହନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଚଳିତବର୍ଷ ଜନ୍ମାଷ୍ଟମୀ ମହୋତ୍ସବ ଧୁମ୍‌ଧାମରେ ପାଳନ କରାଯିବ ବୋଲି କମିଟି ତରଫରୁ ପ୍ରସ୍ତୁତି ବୈଠକରେ ସୂଚନା ଦିଆଯାଇଛି। ଆକର୍ଷଣୀୟ ତୋରଣ ସହିତ ରଙ୍ଗୀନ ଆଲୋକମାଳାରେ ମନ୍ଦିରକୁ ସଜ୍ଜିତ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା।

## ବଲାଙ୍ଗିର ପୌର ପରିଷଦ ୧ କୋଟି ଟଙ୍କା ସହ ସମ୍ମାନିତ



ବଲାଙ୍ଗିର, ୩।୯ (ସମିସ): ଭୁବନେଶ୍ୱରସ୍ଥିତ କୃଷି ଶିକ୍ଷା ସଦନରେ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ମହାସମାରୋହରେ ଓଡ଼ିଶାର ବିଭିନ୍ନ ପୌର ସଂସ୍ଥାର ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତାକୁ ସମ୍ମାନିତ କରାଯାଇଛି। ଏହି ଅବସର ରେ ରାଜସ୍ୱ ଆଦାୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟରେ ସଫଳତା ଆଧାରରେ ପୌର ସଂସ୍ଥାଗୁଡ଼ିକୁ ପୁରସ୍କୃତ କରାଯାଇଛି। ୯୦ ପ୍ରତିଶତରୁ ଅଧିକ ସଫଳତା ପାଇଥିବା ସଂସ୍ଥାକୁ ୨ କୋଟି ଟଙ୍କା, ୮୦ ପ୍ରତିଶତରୁ ଅଧିକ ସଫଳତା ପାଇଥିବା ସଂସ୍ଥାକୁ ୧ କୋଟି ଟଙ୍କା ଏବଂ ୭୦ ପ୍ରତିଶତରୁ ଅଧିକ ସଫଳତା ପାଇଥିବା ସଂସ୍ଥାକୁ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଏହିକ୍ରମରେ ବଲାଙ୍ଗୀର ପୌର ପରିଷଦ ପକ୍ଷରୁ ପୌରାଧକ୍ଷା ଲିକା ସାହୁ ଏବଂ ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା ୧ କୋଟି ଟଙ୍କାର ପୁରସ୍କାର ରାଶି ଗ୍ରହଣ କରିଥିଲେ।

## ଉଲ୍ଲାସ ସାକ୍ଷରତା ପକ୍ଷ ପାଳନ ପାଇଁ ପ୍ରସ୍ତୁତି




ବୌଦ୍ଧ, ୩।୯ (ସମିସ): ସ୍ଥାନୀୟ ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟ ସଭାଗୃହ ପରିସରରେ ଉଲ୍ଲାସ ସାକ୍ଷରତା ପକ୍ଷ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ, ବୌଦ୍ଧ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳାକାନ୍ତ ଦଳବେହେରା, ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ବରୁଣ ପ୍ରଧାନ, କନ୍ଧମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଲି, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ ପ୍ରଧାନ ଯୋଗ ଦେଇଥିଲେ। ଶିକ୍ଷକ ସନ୍ତୋଷ କର୍ଣ୍ଣ ଅତିଥି ପରିଚୟ ଦେଇଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଆନନ୍ଦ ବେହେରା, ସହଯୋଗୀ ପ୍ରବୀଣ ପ୍ରଧାନଙ୍କ ସମେତ ଜିଲ୍ଲାର ସମସ୍ତ ଏବିଇଓ ଏବଂ ୬୦ ଜଣ ସିଆରସିସି ଉପସ୍ଥିତ ଥିଲେ।

## 'ସ୍ୱାବଲମ୍ବୀ ଭାରତ' ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ




ବୌଦ୍ଧ, ୩।୯ (ସମିସ): ବୌଦ୍ଧ ମଡେଲ୍ ଡିଗ୍ରୀ କଲେଜରେ ସ୍ୱଦେଶୀ ଜାଗରଣ ମଞ୍ଚ ବୌଦ୍ଧ ତରଫରୁ 'ସ୍ୱାବଲମ୍ବୀ ଭାରତ' ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ବୌଦ୍ଧ ମଡେଲ୍ ଡିଗ୍ରୀ କଲେଜର ଅଧ୍ୟାପକ ସୁଦାମ ଭୋଇ, ସ୍ୱଦେଶୀ ଜାଗରଣ ମଞ୍ଚ ଓଡ଼ିଶା ପଶ୍ଚିମ ପ୍ରାନ୍ତ ପରିଚାଳକ ଅଭୟ ପ୍ରସାଦ ଜେନା, ଉଦ୍ୟୋଗୀ ସୁନୀଲ କ୍ଷେତୀ, ଉଦ୍ୟୋଗୀ ଜୟନ୍ତୀ ଷଡ଼ଙ୍ଗୀ, ଜିଲ୍ଲା ମହିଳା ଉଦ୍ୟୋଗୀ ଦୀପ୍ତିରାଣୀ ଷଡ଼ଙ୍ଗୀ ଏବଂ ଜିଲ୍ଲା ପ୍ରଶିକ୍ଷକ ଜିତେନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ।

# ଗ୍ରାମସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ

ହରଭଙ୍ଗା, ୩।୯ (ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବନ୍ଧାପଥର ପଞ୍ଚାୟତର



ବାଘପାଲିରେ ଜଷ୍ଟ ରାଇଟ୍ସ ଫର୍ ଚିଲ୍ଡ୍ରେନ୍ ପ୍ରକଳ୍ପ ଅଧୀନରେ ବିଶ୍ୱ ଯୁବ କେନ୍ଦ୍ର ପକ୍ଷରୁ ଶିଶୁ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଶିଶୁ ସୁରକ୍ଷା କାଉନସେଲର ଘନଶ୍ୟାମ ସାହୁ, ସେହି ଗ୍ରାମର ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ, ଆଶା, ଅଙ୍ଗନବାଡି, ୱାର୍ଡ ସଭ୍ୟ, କିଶୋରୀ ବାଳିକା, ମା, ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ବୈଠକରେ ବିଶ୍ୱ ଯୁବ କେନ୍ଦ୍ରର ପ୍ରକଳ୍ପ କାଉନସେଲର ସ୍ୱେତା ପଟ୍ଟନାୟକ ପରିଚାଳନା କରିଥିଲେ। ବାଲ୍ୟ ବିବାହକୁ କିପରି ରୋକାଯାଇପାରିବ, ବାଲ୍ୟ ବିବାହର କୁପରିଣାମ ଓ ଆଇନଗତ ଦଣ୍ଡବିଧାନ, ଶିଶୁଙ୍କ ଅଧିକାର, ଶିଶୁ ଚାଲାଣ ନିରୋଧ, ଶିଶୁ ଶ୍ରମିକ ସମସ୍ୟା, ଶିଶୁ ଯୌନ ନିର୍ଯାତନା ଓ ସମ୍ପର୍କିତ ଆଇନ, ବାଲ୍ୟ ବିବାହ ମୁକ୍ତ ଗ୍ରାମ ଗଠନ, ଶିଶୁ ସୁରକ୍ଷା ପାଇଁ ଚାଇଲ୍ଡ ହେଲ୍ପଲାଇନ୍ ସେବା, ଶିଶୁମାନଙ୍କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସରକାରୀ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଉପରେ ଆଲୋଚନା କରାଯାଇଥିଲା।

# ବିଭିନ୍ନ ଟ୍ରେନ୍‌ର ସମୟ ସୂଚୀରେ ପରିବର୍ତ୍ତନ

ତରଭା, ୩।୯ (ସମିସ)

ଯାତ୍ରୀମାନଙ୍କ ସୁବିଧା ଏବଂ ଟ୍ରେନ ଚଳାଚଳକୁ ସୁଗମ କରିବା ଉଦ୍ଦେଶ୍ୟରେ ପୂର୍ବତଟ ରେଳପଥ ପକ୍ଷରୁ ଅନେକ ଟ୍ରେନର ସମୟସୂଚୀରେ ପରିବର୍ତ୍ତନ କରାଯାଇଛି। ଟ୍ରେନ ନଂ. ୧୫୦୨୭ ସମ୍ବଲପୁର-ଗୋରଖପୁର ମୌର୍ଯ୍ୟ ଏକ୍ସପ୍ରେସ ସମ୍ବଲପୁରରୁ ପୂର୍ବ ନିର୍ଦ୍ଧାରିତ ସମୟ ସକାଳ ୯ଟା୨୦ ପରିବର୍ତ୍ତେ ୯ଟା ୫ରେ ଛାଡ଼ିବ। ଏହି ଟ୍ରେନ ରେଙ୍ଗାଲିରେ ୯ଟା ୩୯ ପରିବର୍ତ୍ତେ ୯ଟା ୨୮ରେ ପହଞ୍ଚିବ। ୯ଟା ୪୧ ଘଟିକା ପରିବର୍ତ୍ତେ ୯ଟା ୩୦ରେ ଛାଡ଼ିବ। ଏହି ସଂଶୋଧିତ ସମୟସୂଚୀ ଅକ୍ଟୋବର ୨୮ରୁ କାର୍ଯ୍ୟକାରୀ ହେବ। ୧୫୦୨୮ ଗୋରଖପୁର-ସମ୍ବଲପୁର ମୌର୍ଯ୍ୟ ଏକ୍ସପ୍ରେସ ସମ୍ବଲପୁରରେ ପୂର୍ବ ନିର୍ଦ୍ଧାରିତ ସମୟ ଅପରାହ୍ନ ୧୪ଟା ୪୦ ଘଟିକା ପରିବର୍ତ୍ତେ ୧୪ଟା ୫୦ରେ ପହଞ୍ଚିବ। ଏହି ପରିବର୍ତ୍ତିତ ସମୟ ସେପ୍ଟେମ୍ବର ୪ରୁ ଲାଗୁ ହେବ। ୧୨୮୯୩ ଭୁବନେଶ୍ୱର-ପୁରୁଣାକଟକ ଇଣ୍ଟରସିଟି ଏକ୍ସପ୍ରେସ ପୁରୁଣାକଟକରେ ପୂର୍ବ ନିର୍ଦ୍ଧାରିତ ସମୟ ସନ୍ଧ୍ୟା ୧୭ଟା ପରିବର୍ତ୍ତେ ୧୭ଟା ୧୦ରେ ପହଞ୍ଚିବ। ଏହି ପରିବର୍ତ୍ତନ ସେପ୍ଟେମ୍ବର ୪ରୁ କାର୍ଯ୍ୟକାରୀ ହେବ। ୧୨୮୯୪ ପୁରୁଣାକଟକ-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ପୁରୁଣାକଟକରୁ ପୂର୍ବ ନିର୍ଦ୍ଧାରିତ ସମୟ ୧୧ଟା ୨୫ ପରିବର୍ତ୍ତେ ୧୧ଟା୧୫ରେ ଛାଡ଼ିବ। ଏହି ଟ୍ରେନ ବିରନରସିଂହପୁରରେ ୧୧ଟା୩୦/୧୧ଟା୩୨, ବୌଦ୍ଧରେ ୧୧ଟା୪୫/୧୧ଟା୫୦ ଘଟିକା, ଝାରମୁଣ୍ଡାରେ ୧୨ଟା୨/୧୨ଟା୪, ପୁରୁଣାପାଣିରେ ୧୨ଟା୨୦/୧୨ଟା୨୨, ସୋନପୁରରେ ୧୨ଟା୩୫/୧୨ଟା୪୦, ନରସିଂହଗଡ଼ରେ ୧୨ଟା୫୫/୧୨ଟା୫୭, ଝାରତରଭାରେ ୧୩ଟା୧୦/୧୩ଟା୧୨ ଏବଂ ବିଛୁପାଲିରେ ୧୩ଟା୨୫/୧୩ଟା୨୭ରେ ପହଞ୍ଚିବ/ଛାଡ଼ିବ। ଏହି ପରିବର୍ତ୍ତନ ଅକ୍ଟୋବର ୨୮ ଠାରୁ କାର୍ଯ୍ୟକାରୀ ହେବ। ୧୮୩୧୪ ଭୁବନେଶ୍ୱର ନୂଆ ବୌଦ୍ଧ ସାପ୍ତାହିକ ଏକ୍ସପ୍ରେସ ବୌଦ୍ଧରେ ପୂର୍ବ ନିର୍ଦ୍ଧାରିତ ସମୟ ୧୦ଟା୩୦ ପରିବର୍ତ୍ତେ ୧୦ଟା୪୫ରେ ପହଞ୍ଚିବ। ଏହି ପରିବର୍ତ୍ତନ ସେପ୍ଟେମ୍ବର ୭ରୁ କାର୍ଯ୍ୟକାରୀ ହେବ। ୧୮୪୨୧ ପୁରୀ-ସୋନପୁର ସାପ୍ତାହିକ ଏକ୍ସପ୍ରେସ ସୋନପୁରରେ ପୂର୍ବ ନିର୍ଦ୍ଧାରିତ ସମୟ ସକାଳ ୫ଟା୫୦ ପରିବର୍ତ୍ତେ ୬ଟାରେ ପହଞ୍ଚିବ। ଏହି ପରିବର୍ତ୍ତନ ସେପ୍ଟେମ୍ବର ୩ରୁ କାର୍ଯ୍ୟକାରୀ ହୋଇଛି। ୧୮୪୨୨ ସୋନପୁର-ପୁରୀ ସାପ୍ତାହିକ ଏକ୍ସପ୍ରେସ ସୋନପୁରରୁ ପୂର୍ବ ନିର୍ଦ୍ଧାରିତ ସମୟ ସନ୍ଧ୍ୟା ୧୯ ପରିବର୍ତ୍ତେ ୧୮ଟା ୪୫ରେ ଛାଡ଼ିବ। ଏହି ଟ୍ରେନର ନରସିଂହଗଡ଼, ଝାରତରଭା ଏବଂ ବିଛୁପାଲିରେ ସଂଶୋଧିତ ପହଞ୍ଚିବା/ଛାଡ଼ିବା ସମୟ ଯଥାକ୍ରମେ ୧୮:୫୫/୧୮:୫୭, ୧୯:୦୬/୧୯:୦୮ ଏବଂ ୧୯:୨୦/୧୯:୨୨ ଘଟିକା ରହିବ। ଏହି ସଂଶୋଧିତ ସମୟସୂଚୀ ଅକ୍ଟୋବର ୩୦ ଠାରୁ କାର୍ଯ୍ୟକାରୀ ହେବ।



## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି। ଆର୍ଥିକ ସମସ୍ୟା ଦେଖାଦେଇ ପାରେ। ବୈବାହିକ ଜୀବନ ସୁଖମୟ ହେବ।

**ବୃଷ:** ଯୋଜନା ମୁତାବକ କାମ କରିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ଦୀର୍ଘ ଦିନର ଆଶା ପୂରଣ ହେବ। ପାରିବାରିକ ସୁଖ ଶାନ୍ତି ମିଳିପାରେ। ଯାନବାହନ କ୍ରୟ କରିପାରନ୍ତି।

**କର୍କଟ:** କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ମାନ ସମ୍ମାନ ବୃଦ୍ଧି ପାଇବ। ଆଶା କରିଥିବା ଦିଗରୁ ଧନ ମିଳିପାରେ। ଅତିଥି ସତ୍କାର କରିବେ।

**ସିଂହ:** ଦୀର୍ଘ ଦିନର ଆଶା ପୂରଣ ହେବ। ଦିନଟି ଶୁଭଫଳ ପ୍ରଦାନ କରିବ। ଅଚାନକ ଧନପ୍ରାପ୍ତି ଯୋଗ ରହିଛି। ବ୍ୟବସାୟରୁ ଲାଭ ମିଳିପାରେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଉଧାର ଦେଇଥିବା ଟଙ୍କା ଫେରି ପାଇବେ।

**ତୁଳା:** ଯୋଜନା ଅନୁଯାୟୀ କାମ କରିବେ। ଅଚାନକ ଖୁସି ଖବର ମିଳିପାରେ। ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ। ଜୀବନସାଥିଙ୍କ ସହ ଭ୍ରମଣ ଯୋଗ ରହିଛି। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି। ନୂତନ ବ୍ୟବସାୟ ଆରମ୍ଭ କରିବେ। ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ଯାତାୟତ ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

**ମକର:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି। ମହିଳାମାନେ ପୂଜାର୍ଚ୍ଚନାରେ ସମୟ ବିତାଇବେ।

**କୁମ୍ଭ:** ପିତାଙ୍କ ସ୍ୱାସ୍ଥ୍ୟସମସ୍ୟା ଚିନ୍ତିତ କରିପାରେ। ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। ପିଲାମାନେ ଖେଳ କୁଦରେ ସମୟ ଅତିବାହିତ କରିବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।

**ମୀନ:** ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ସୁଖମୟ ହେବ। ମହିଳାଙ୍କ ଦାୟିତ୍ୱ ବଢ଼ିପାରେ। କୌଣସି କଥାକୁ ନେଇ ଚିନ୍ତା ବଢ଼ିପାରେ। ଧୈର୍ଯ୍ୟ ରଖି ଚାଲିବେ। ବ୍ୟବସାୟରୁ କ୍ଷତି ସହି ପାରନ୍ତି।

## ଆଜିର ଐତିହ୍ୟ

- ୧୮୮୮ - ଗାନ୍ଧିଜୀ ଇଂଲଣ୍ଡକୁ ଜଳ ଯାତ୍ରା ଆରମ୍ଭ କଲେ।
- ୧୯୨୭ - ନାଗପୁର ଦଙ୍ଗାରେ ୨୨ ଲୋକଙ୍କ ମୃତ୍ୟୁ ଓ ୧୦୦ରୁ ଅଧିକ ଆହତ ହୋଇଥିଲେ।
- ୧୯୫୨ - ବଲିଉଡ୍ ଅଭିନେତା ଋଷି କପୁରଙ୍କ ଜନ୍ମ।
- ୧୯୬୭ - ମହାରାଷ୍ଟ୍ରରେ ୬.୫ ତୀବ୍ରତାର ଭୂମିକମ୍ପ ଆସିବା ଯୋଗୁଁ ୨୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା।

## ଅରନ୍ଧା ଭାତ

'ବୋକା ଚାଉଳ' ଆସାମର ଏକ ବିଶେଷ କିସମର ଚାଉଳ, ଯାହାକୁ 'ମ୍ୟାଜିକ୍ ରାଇସ୍' ବୋଲି କୁହାଯାଏ। ଏହି ଚାଉଳର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଯେ ଏହାକୁ ରାନ୍ଧିବା ପାଇଁ ନିଆଁର ଆବଶ୍ୟକତା ପଡ଼େନାହିଁ। ପାଣିରେ କିଛି ସମୟ ଭିଜାଇ ଦେଲେ ଏହା ଆପେ ଆପେ ଖାଇବା ଯୋଗ୍ୟ ଭାତ ହୋଇଯାଏ। ଏହି ଚାଉଳରୁ ଭାତ ପ୍ରସ୍ତୁତ କରିବା ପାଇଁ କୌଣସି ପ୍ରେସର୍ କୁକର କିମ୍ବା ହାଣ୍ଡିର ଆବଶ୍ୟକତା ନ ଥାଏ। କେବଳ ଥଣ୍ଡା ପାଣିରେ ୩୦ ରୁ ୪୦ ମିନିଟ୍ ଚାଉଳକୁ ଭିଜାଇ ରଖିଲେ ଏହା ନରମ ହୋଇ ଫୁଲିଯାଏ ଏବଂ ତୁରନ୍ତ ଖାଇବା ପାଇଁ ପ୍ରସ୍ତୁତ ହୋଇଯାଏ। ଉଷୁମ ପାଣିରେ ମାତ୍ର ୧୦ ରୁ ୧୫ ମିନିଟ୍ ମଧ୍ୟରେ ଏହା ପ୍ରସ୍ତୁତ ହୋଇଯାଏ। ୧୭ଶ ଶତାବ୍ଦୀରେ ଆସାମର ସ୍ଥାନୀୟ ଅହୋମ ସୈନିକମାନେ ମୋଗଲ ସେନା ବିରୋଧରେ ଯୁଦ୍ଧ କରିବା ସମୟରେ ଏହି ଚାଉଳକୁ ନିଜ ସାଙ୍ଗରେ ଖାଦ୍ୟ ଭାବେ ନେଉଥିଲେ। ଯୁଦ୍ଧ ସମୟରେ ସୈନିକମାନେ କେବଳ ନଦୀ ପାଣିରେ ଏହାକୁ ଭିଜାଇ ତୁରନ୍ତ ଖାଦ୍ୟ ଭାବେ ଗ୍ରହଣ କରୁଥିଲେ। ଏଥିରେ ପ୍ରଚୁର ପରିମାଣରେ କାର୍ବୋହାଇଡ୍ରେଟ୍, ପ୍ରୋଟିନ୍, ଫାଇବର ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଥାଏ। ଏହା ଶରୀରକୁ ତୁରନ୍ତ ପ୍ରଚୁର ଶକ୍ତି ଯୋଗାଇଥାଏ।


ଆସାମର ଲୋକେ ଏହାକୁ ମୁଖ୍ୟତଃ ସକାଳ ଜଳଖିଆ ଭାବେ ଖାଆନ୍ତି। ପାଣିରେ ଭିଜାଇବା ପରେ ଏଥିରେ ଦହି, ଗୁଡ଼, କଦଳୀ କିମ୍ବା କ୍ରିମ୍ ମିଶାଇ 'ଜୋଲପାନ' ନାମକ ଏକ ସ୍ୱାଦିଷ୍ଟ ପାରମ୍ପରିକ ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ। ଏହା ସହଜରେ ହଜମ ହୋଇଯାଏ ଏବଂ ଗ୍ରୀଷ୍ମ ଋତୁରେ ପେଟକୁ ଥଣ୍ଡା ରଖିବାରେ ସାହାଯ୍ୟ କରିଥାଏ। ଆଜିର ସମୟରେ ମଧ୍ୟ ଆସାମରେ ଯେତେବେଳେ ପ୍ରଳୟଙ୍କରୀ ବନ୍ୟା ଆସେ, ଲୋକଙ୍କ ଘରଦ୍ୱାର ଭାସିଯାଏ ଏବଂ ରୋଷେଇ କରିବା ସମ୍ଭବ ହୁଏନାହିଁ, ସେତେବେଳେ ପ୍ରଶାସନ ଓ ସ୍ଥାନୀୟ ଲୋକେ ଏହି ଚାଉଳକୁ ମୁଖ୍ୟ 'ଏମର୍ଜେନ୍ସି ଫୁଡ୍' ଭାବେ ବ୍ୟବହାର କରନ୍ତି। ବୈଜ୍ଞାନିକମାନଙ୍କ ଅନୁସାରେ, ସାଧାରଣ ଚାଉଳ ତୁଳନାରେ ମ୍ୟାଜିକ୍ ରାଇସ୍‌ରେ ଆମିଲୋଜ୍ ପରିମାଣ ବହୁତ କମ୍ ଥାଏ। ଆମିଲୋଜ୍ କମ୍ ଥିବାରୁ ଏହି ଚାଉଳ ଅତି ସହଜରେ ପାଣିକୁ ଶୋଷିନିଏ ଏବଂ ବିନା ଉତ୍ତାପରେ ବି ଏହା ଭାତରେ ପରିଣତ ହୋଇଯାଏ।

## ଭୂମିକମ୍ପ ସମୟରେ ଜୀବନ ଖୋଜିବ ଅସରପା

ଭୂମିକମ୍ପ କିମ୍ବା କୌଣସି ବଡ଼ ବିପର୍ଯ୍ୟୟ ସମୟରେ ଯେତେବେଳେ ବଡ଼ ବଡ଼ ବିଲ୍ଡିଂଗୁଡ଼ିକ ମାଟିରେ ମିଶିଯାଏ, ସେତେବେଳେ ଭଙ୍ଗା ସିମେଣ୍ଟ ଚଟାଣ ଓ କଂକ୍ରିଟ୍ ତଳେ ଚାପି ହୋଇ ରହିଥିବା ଜୀବନ୍ତ ଲୋକଙ୍କୁ ଖୋଜିବା ଏକ ବଡ଼ ଚ୍ୟାଲେଞ୍ଜ ହୋଇଥାଏ। ଏହି କଠିନ କାମକୁ ସହଜ କରିବା ପାଇଁ ବୈଜ୍ଞାନିକମାନେ ସାଇବୋର୍ଗ ଅସରପା ପ୍ରସ୍ତୁତ କରିଛନ୍ତି। ଜୀବନ୍ତ ଅସରପା ଶରୀରରେ ଅତ୍ୟାଧୁନିକ ସେନ୍ସର୍ ଲଗାଇ ଏହାକୁ ଏକ 'ମିନି ରେସକ୍ୟୁ ଟିମ୍'ରେ ପରିଣତ କରାଯାଇଛି। ସିଙ୍ଗାପୁରର ନାନ୍ୟାଙ୍ଗ ଟେକ୍ନୋଲୋଜିକାଲ୍ ୟୁନିଭର୍ସିଟିର ଗବେଷକମାନେ ଏହି ବିଶେଷ ପ୍ରକାରର ବାୟୋ-ରୋବଟ୍‌କୁ ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ସେମାନେ ପ୍ରାୟ ୨.୫ ଇଞ୍ଚ ଲମ୍ବର ବଡ଼ ଆକାରର ମାଡାଗାସ୍କାର ପ୍ରଜାତିର ଅସରପାମାନଙ୍କୁ ବ୍ୟବହାର କରୁଛନ୍ତି। ଏହି ଅସରପାମାନଙ୍କ ପିଠିରେ ଏକ ଅତି କ୍ଷୁଦ୍ର ଇଲେକ୍ଟ୍ରୋନିକ୍ ବ୍ୟାକପ୍ୟାକ୍ ଖଞ୍ଜାଯାଇଥାଏ। ଏଥିରେ ଏକ ଛୋଟ ବ୍ୟାଟେରି, କାର୍ବନ ଡାଇଅକ୍ସାଇଡ୍ ସେନ୍ସର୍ ଏବଂ ଇନଫ୍ରାରେଡ୍ ଥର୍ମାଲ୍ କ୍ୟାମେରା ରହିଥାଏ। ଅସରପାର ମସ୍ତିଷ୍କ ଓ ସେମାନଙ୍କର ଦୁଇଟି ଆଣ୍ଟେନାରେ ସୂକ୍ଷ୍ମ ଇଲେକ୍ଟ୍ରୋଡ୍ସ ସଂଯୋଗ କରାଯାଇଥାଏ। ଯେତେବେଳେ ରିମୋଟ୍ ସାହାଯ୍ୟରେ ବାମ କିମ୍ବା ଡାହାଣ ପଟ ଆଣ୍ଟେନାକୁ ସାମାନ୍ୟ କରେଣ୍ଟ ସିଗନାଲ୍ ଦିଆଯାଏ, ଅସରପାଟି ଭାବେ ଯେ ସେପଟେ କିଛି ପ୍ରତିବନ୍ଧକ ଅଛି ଏବଂ ସେ ତୁରନ୍ତ ନିଜର ଦିଗ ବଦଳାଇ ଦିଏ। ଏହିପରି ଭାବେ ଉଦ୍ଧାରକାରୀ ଦଳ ଅସରପାଗୁଡ଼ିକୁ ନିଜ ଇଚ୍ଛାନୁସାରେ ନିୟନ୍ତ୍ରଣ କରିପାରନ୍ତି। ସାଧାରଣ ଯାନ୍ତ୍ରିକ ରୋବଟ୍‌ଗୁଡ଼ିକ ଆକାରରେ ବଡ଼ ହୋଇଥାନ୍ତି ଏବଂ ଭଙ୍ଗାବିଲ୍ଡିଂର ଅଣଓସାରିଆ ସ୍ଥାନକୁ ଯାଇପାରନ୍ତି ନାହିଁ। ହେଲେ ଅସରପା ନିଜ ଶରୀରକୁ ସଙ୍କୁଚିତ କରି ଅତି ସଂକୀର୍ଣ୍ଣ ସ୍ଥାନ ଦେଇ ଗତି କରିପାରେ। ସବୁଠାରୁ ବଡ଼ କଥା ହେଉଛି, ଯାନ୍ତ୍ରିକ ରୋବଟ୍ ଚାଲିବା ପାଇଁ ବହୁତ ବ୍ୟାଟେରି ଶକ୍ତି ଦରକାର ହୁଏ, କିନ୍ତୁ ଏଠାରେ ଅସରପା ନିଜ ଶକ୍ତିରେ ଚାଲେ। ବ୍ୟାକପ୍ୟାକ୍‌ରେ ଥିବା ବ୍ୟାଟେରି କେବଳ ସେନ୍ସର୍ ଓ କ୍ୟାମେରା ପାଇଁ ବ୍ୟବହାର ହେଉଥିବାରୁ ଏହା ଦୀର୍ଘ ସମୟ ଧରି କାମ କରିପାରେ। ନିକଟରେ ସିଙ୍ଗାପୁରର ସ୍ୱତନ୍ତ୍ର ବିପର୍ଯ୍ୟୟ ପ୍ରଶମନ ଦଳ ଏକ ପରୀକ୍ଷାମୂଳକ ଭୂମିକମ୍ପ ଉଦ୍ଧାର କାର୍ଯ୍ୟରେ ପ୍ରାୟ ୧୦ଟି ମାଡାଗାସ୍କାର ସାଇବୋର୍ଗ ଅସରପାଙ୍କୁ ସଫଳତାର ସହ ବ୍ୟବହାର କରିଛନ୍ତି। ପ୍ରକୃତିର ସବୁଠାରୁ ଅବହେଳିତ ଜୀବ କିପରି ବିଜ୍ଞାନର ସ୍ପର୍ଶରେ ଆସି ମାନବ ସମାଜ ପାଇଁ ଏକ ବଡ଼ ଆଶୀର୍ବାଦ ସାଜିବାକୁ ଯାଉଛି, ତାହା ସାଇବୋର୍ଗ ଅସରପା ପ୍ରୋଜେକ୍ଟ ପ୍ରମାଣିତ କରିଛି। ଆଗାମୀ ଦିନରେ ବିପର୍ଯ୍ୟୟ ସମୟରେ ଅମୂଲ୍ୟ ଜୀବନ ରକ୍ଷା କରିବାରେ ଏହି ବାୟୋ-ରୋବଟ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି।




## 'ହୁଙ୍କାର'ରେ ଅନୀତ୍



'ସୈୟାରା' ଚଳଚ୍ଚିତ୍ରରେ 'ବାଣୀ' ଚରିତ୍ରରେ ନିଜର ଦମଦାର୍ ଅଭିନୟ ଯାଦୁ ଦେଖାଇ ଦର୍ଶକଙ୍କ ହୃଦୟ ଜିତିଥିବା ଅଭିନେତ୍ରୀ ଅନୀତ ପଡ୍ଡା ଏବେ ପୁଣି ଏକ ଭିନ୍ନ ଅବତାରରେ ନଜର ଆସିବାକୁ ଯାଉଛନ୍ତି। ଏଥର ସେ ବଡ଼ ପରଦାରେ ନୁହେଁ, ବରଂ ଓଟିଟି ପ୍ଲାଟଫର୍ମରେ ନିଜ ଅଭିନୟର ଜଲୱା ଦେଖାଇବେ। ବହୁ ପ୍ରତୀକ୍ଷିତ ୱେବ୍ ସିରିଜ୍ 'ହୁଙ୍କାର: ଦ ରୋର୍'ରେ ସେ ଲିଡ୍ ରୋଲରେ ନଜର ଆସିବେ। ଏହି ୱେବ୍‌ସିରିଜ୍‌ର ଏକ ଦମଦାର୍ ଟିଜର୍ ନିକଟରେ ରିଲିଜ୍ ହୋଇଛି। ତେବେ ଏହି ୱେବ୍‌ସିରିଜ୍‌କୁ ନେଇ ଆଉ ଏକ ତଥ୍ୟ ପ୍ରକାଶ ପାଇଛି। ଅନୀତ 'ସୈୟାରା' ଫିଲ୍ମ ପୂର୍ବରୁ ଏହି ୱେବ୍‌ସିରିଜ୍‌ର ସୁଟିଂ ସାରି ଦେଇଥିଲେ। ଅନୀତ ନିଜେ ପ୍ରକାଶ କରିଛନ୍ତି ଯେ, ଏହି ପ୍ରୋଜେକ୍ଟଟି ଦୀର୍ଘ ସମୟ ଧରି ତାଙ୍କ ଅଭିନୟ ଯାତ୍ରାର ଏକ ସ୍ୱତନ୍ତ୍ର ଅଂଶ ହୋଇ ରହିଆସିଛି ଏବଂ ଏବେ ଏହା ଦର୍ଶକଙ୍କ ସାମ୍ନାକୁ ଆସିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। 'ହୁଙ୍କାର' ଏକ କ୍ରାଇମ୍ ଏବଂ ଜଷ୍ଟିସ୍ ଡ୍ରାମା। । ଏହି ସିରିଜ୍‌ରେ ଅନୀତ ଜଣେ ୧୭ ବର୍ଷର ନାବାଳିକା 'ମୀନୁ ରାବତ' ଭୂମିକାରେ ଅଭିନୟ କରୁଛନ୍ତି। କାହାଣୀଟି ମୀନୁର ଚାରିପାଖରେ ଘୁରି ବୁଲୁଛି, ଯିଏ ନିଜ ସହ ହୋଇଥିବା ଅନ୍ୟାୟ ଏବଂ ଅସଦାଚରଣ ବିରୋଧରେ ସ୍ୱର ଉତ୍ତୋଳନ କରି ପୋଲିସର ଦ୍ୱାରସ୍ଥ ହେଉଛି। ଜଣେ ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ ଭଣ୍ଡ ବାବାଙ୍କ ସାମ୍ରାଜ୍ୟ ବିରୋଧରେ ମୀନୁ ଲଢ଼େଇ କରୁଥିବାର ଦେଖାଯିବ। ପୋଲିସ ତଦନ୍ତ, କୋର୍ଟରୁମ୍ ଡ୍ରାମା ଏବଂ ମିଡିଆ ଟ୍ରାଏଲ୍‌ର ଏକ ଦମଦାର ମିଶ୍ରଣ ଏହି ସିରିଜ୍‌ରେ ଦେଖିବାକୁ ମିଳିବ। ରାମ କପୁର, ମହମ୍ମଦ ଜିଶାନ୍ ଆୟୁବ୍, ଅର୍ଜୁନ ମାଥୁର, ଜୋୟା ହୁସେନ୍, ରଘୁବୀର ଯାଦବ, ରାଜେଶ ଶର୍ମା ଏବଂ ଚାରୁ ଶଙ୍କର ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। କରଣ କପାଡ଼ିଆ, ନିତ୍ୟା ମେହେରା ଏବଂ ହୀରାଜ ମାରଫତିଆ ମିଳିତ ଭାବେ ଏହି ସିରିଜ୍‌ର ନିର୍ଦ୍ଦେଶନା ଦେଇଛନ୍ତି। ବିରଲା ଷ୍ଟୁଡିଓ ଏବଂ ଅପ୍ଲଜ୍ ଏଣ୍ଟରଟେନମେଣ୍ଟ ଏହାର ପ୍ରଯୋଜନା ଦାୟିତ୍ୱରେ ଅଛି। ଟିଜର୍ ରିଲିଜ୍ ହେବା ପରେ ଏହି ୱେବ୍‌ସିରିଜ୍‌କୁ ନେଇ ଦର୍ଶକଙ୍କ ଉତ୍ସାହ ଦ୍ୱିଗୁଣିତ ହୋଇଯାଇଛି। ଆସନ୍ତା ୨୫ ସେପ୍ଟେମ୍ବରରେ ଏହି ସିରିଜ୍‌ଟି ଓଟିଟି ପ୍ଲାଟଫର୍ମ ଜିଓ ହଟ୍‌ଷ୍ଟାର୍‌ରେ ଷ୍ଟ୍ରିମ୍ ହେବାକୁ ଯାଉଛି। ତେବେ ଏହି ସିରିଜ୍‌ରେ ମୋଟ କେତୋଟି ଏପିସୋଡ୍ ରହିବ, ସେନେଇ ନିର୍ମାତାଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ମୀନୁର ଏହି ନ୍ୟାୟର ଲଢ଼େଇ ଦର୍ଶକଙ୍କୁ କେତେ ପସନ୍ଦ ଆସୁଛି, ତାହା ଦେଖିବାକୁ ବାକି ରହିଲା।

## 'ସକାଳ'ର ସ୍ୱାସ୍ଥ୍ୟ
## ସ୍କ୍ରବ୍ ଟାଇଫସ୍

**ସ୍କ୍ରବ୍ ଟାଇଫସ୍ ଏକ ଜୀବାଣୁ ଜନିତ ରୋଗ। ଓରିଏଣ୍ଟିଆ ସୁସୁଗାମୁସି ନାମକ ଜୀବାଣୁ ଦ୍ୱାରା ଏହା ହୋଇଥାଏ। ଚିଗର୍ ନାମକ ଏକ କୀଟ କାମୁଡ଼ିବା ଦ୍ୱାରା ସ୍କ୍ରବ୍ ଟାଇଫସ୍ ହୁଏ। ଏହି କୀଟ କାମୁଡ଼ିବାର ୭ରୁ ୧୦ ଦିନ ମଧ୍ୟରେ ରୋଗର ଲକ୍ଷଣ ଦେଖାଯାଏ। ବର୍ତ୍ତମାନ ଅନୁଗୁଳ ଜିଲ୍ଲାରେ ଏହି ରୋଗ ଆତଙ୍କ ସୃଷ୍ଟି କରିଛି। ତେବେ ରୋଗର ଲକ୍ଷଣ ଅନୁସାରେ ଚିକିତ୍ସା କରିବା ଏକାନ୍ତ ଆବଶ୍ୟକ।**




**ଲକ୍ଷଣ:** ବର୍ଷାଋତୁରେ ପାହାଡ଼ିଆ ଅଞ୍ଚଳରେ ସ୍କ୍ରବ୍ ଟାଇଫସ୍ ସଂକ୍ରମିତ ଅଧିକ ଚିହ୍ନଟ ହୋଇଥାନ୍ତି। ଜଙ୍ଗଲ, ବଣବୁଦା ସ୍ଥାନରେ ଦେଖାଯାଉଥିବା ଚିଗର୍ ନାମକ କୀଟ କାମୁଡ଼ିଲେ ସ୍କ୍ରବ୍ ଟାଇଫସ୍ ହୁଏ। ପୀଡିତଙ୍କ ଶରୀରରେ ବିଭିନ୍ନ ଲକ୍ଷଣ ଯଥା- ଅଧିକ ଜ୍ୱର, ମୁଣ୍ଡବ୍ୟଥା, ମାଂସପେଶୀ ଯନ୍ତ୍ରଣା, କୀଟ କାମୁଡ଼ିଥିବା ସ୍ଥାନ କୁଣ୍ଡାଇ ହୋଇ ଫୁଲିଯିବା ବା ଘା' ହେବା, ଲସିକା ଗ୍ରନ୍ଥି ଫୁଲିଯିବା, ଝାଡ଼ା, ସ୍ମୃତିଶକ୍ତି ହ୍ରାସ ଆଦି ଲକ୍ଷଣ ଦେଖାଯାଏ। ଗୁରୁତର ଅବସ୍ଥାରେ ଆକ୍ରାନ୍ତଙ୍କ ଅଙ୍ଗବିଫଳ, ଶ୍ୱାସକ୍ରିୟାରେ ସମସ୍ୟା ଏବଂ ମସ୍ତିଷ୍କ ସଂକ୍ରମଣ ତଥା ଆଭ୍ୟନ୍ତରୀଣ ରକ୍ତସ୍ରାବ ହେବାର ଆଶଙ୍କା ଅଧିକ ଥାଏ। ତେଣୁ ଉପରୋକ୍ତ ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ରକ୍ତ ସେରୋଲୋଜି, ଇମ୍ୟୁନୋଫ୍ଲୋରେସେନ୍ସ ଏବଂ ଡିଏନ୍ ପିସିଆର୍ ଦ୍ୱାରା ରୋଗକୁ ଚିହ୍ନଟ କରାଯାଏ।

**ଚିକିତ୍ସା ପଦ୍ଧତି:** ଡାକ୍ତର ରୋଗର ତୀବ୍ରତା ଏବଂ ପୀଡ଼ିତଙ୍କ ସ୍ୱାସ୍ଥ୍ୟାବସ୍ଥା ଆଧାରରେ ଡକ୍ସିସାଇକ୍ଲିନ୍ (ଔଷଧ ଏବଂ ଇଞ୍ଜେକସନ୍), ଆଜିଥ୍ରୋମାଇସିନ୍ ଭଳି ଆଣ୍ଟିବାୟୋଟିକ୍ ପ୍ରଦାନ କରନ୍ତି। ଅତିମାତ୍ରାର ସଂକ୍ରମିତ ରୋଗୀଙ୍କୁ ହସ୍‌ପିଟାଲ୍‌ରେ ରଖି ଇଞ୍ଜେକସନ୍ ଦେବାକୁ ପଡ଼ିଥାଏ। ସ୍କ୍ରବ୍ ଟାଇଫସ୍ ମାମଲା ଚିହ୍ନଟ ହୋଇଥିବା ସ୍ଥାନକୁ ଯିବା ଅନୁଚିତ। ଘର ଏବଂ ଆଖପାଖ ଅଞ୍ଚଳକୁ ସଫା ରଖିବା ସହ ସଫା ପୋଷାକ ପିନ୍ଧିବା ଆବଶ୍ୟକ। ଜଙ୍ଗଲ କିମ୍ବା କ୍ଷେତରେ କାମ କରିବା ସମୟରେ ହାତଗୋଡ଼, ଛାତି ଓ ପେଟକୁ ସମ୍ପୂର୍ଣ୍ଣ ଭାବେ ଢାଙ୍କିବା ଆବଶ୍ୟକ। ଦୈନିକ ସନ୍ତୁଳିତ ଖାଦ୍ୟପେୟ ଗ୍ରହଣ କରିବା ଜରୁରି।




## ଡାଏଲିସିସ୍ ସମୟରେ ସତର୍କତା

**ବୃକ୍କର କାମ ହେଉଛି ରକ୍ତ ସଫା କରିବା ସହ ଶରୀରର ବିଭିନ୍ନ ବର୍ଜ୍ୟକୁ ନିଷ୍କାସନ କରିବା। ହେଲେ ବିଶୃଙ୍ଖଳିତ ଜୀବନଶୈଳୀ, ନିଶାସେବନ ତଥା ଅନ୍ୟାନ୍ୟ କାରଣରୁ ବୃକକଜନିତ ସମସ୍ୟା ଦେଖାଯାଏ। ଅତି ଜଟିଳ ପରିସ୍ଥିତିରେ ଡାଏଲିସିସ୍ କରିବାକୁ ପଡ଼ିଥାଏ। ସେହିପରି ରକ୍ତରେ ଏସିଡ୍ ସଂକ୍ରମଣ, ଡେଙ୍ଗୁ, ମ୍ୟାଲେରିଆ ଆଦି ଅସ୍ଥାୟୀ ସଂକ୍ରମଣରେ ବୃକକ୍ ସଂକ୍ରମଣ ଆଶଙ୍କା ଥିବାରୁ ଡାଏଲିସିସ୍ କରାଯାଏ। ବୃକକ୍ କାର୍ଯ୍ୟକ୍ଷମ ଥାଇ ମଧ୍ୟ ଯଦି ପଟାସିୟମ, ଫସ୍‌ଫରସ୍, ୟୁରିକ୍ ଏସିଡ ଏବଂ ମାତ୍ରାଧିକ ପାଣି ଶରୀରରେ ଜମିଥିଲେ ଡାଏଲିସିସ୍ କରାଯାଏ। ଡାଏଲିସିସ୍‌ରେ ରକ୍ତକୁ ବିଶୁଦ୍ଧ କରିବା ସହଜ ହୁଏ। ତେଣୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ନିୟମିତ ଡାଏଲିସିସ୍ କରିବା ଉଚିତ।**

ମଧୁମେହ କିମ୍ବା ଉଚ୍ଚ ରକ୍ତଚାପ ପୀଡ଼ିତଙ୍କଠାରେ ବୃକକ୍ ଜନିତ ସମସ୍ୟା ଅଧିକ ଦେଖାଯାଏ। ବୃକକ ଅଚଳ ଯୋଗୁଁ ଡାଏଲିସିସ କରିବାକୁ ପଡୁଥିବାରୁ ଏହି ସମୟରେ ରକ୍ତଶର୍କରା ଓ ରକ୍ତଚାପ ପରୀକ୍ଷା କରାଇବା ଦରକାର। ଅନ୍ୟପଟେ ଯେଉଁ ପୀଡିତଙ୍କର ଛାତି ଯନ୍ତ୍ରଣା, ଶରୀର ଥରିବା, ଗୋଡ଼ହାତ କ୍ରାମ୍ପ, ଅତ୍ୟଧିକ ଝାଳ ନିର୍ଗତ, ହଠାତ ବାଉଳିଚାଉଳି ହେଲେ ଡାକ୍ତର ଡାଏଲିସିସ ବନ୍ଦକରି ଡାଏଲିସିସ୍ ପାର୍ଶ୍ୱପ୍ରତିକ୍ରିୟାର




ଚିକିତ୍ସା କରନ୍ତି। ରୋଗୀ ସ୍ୱାଭାବିକ ସ୍ଥିତିକୁ ଫେରିଲେ ଧୀରେ ଧୀରେ ଡାଏଲିସିସ କରାଯାଏ। ଡାକ୍ତରଙ୍କ ପରାମର୍ଶ ଅନୁସାରେ ପୀଡ଼ିତ ପାଣି ବା ତରଳପଦାର୍ଥ ପିଇବା ଆବଶ୍ୟକ। ପଟାସିୟମ ଅଧିକ ହେଲେ ଫଳମୂଳ, ଶାଗ, ଆମିଷ, ମାଟିତଳ ଜିନିଷ, ମାତ୍ରାଧିକ ପଟାସିୟମଯୁକ୍ତ ଖାଦ୍ୟ ଖାଇବା ଅନୁଚିତ। ଶରୀରକୁ ଆବଶ୍ୟକ ମୁତାବକ ପ୍ରୋଟିନ୍ ଖାଇବା ଜରୁରି।

ଆବଶ୍ୟକ ନ ଥିଲେ ପେନ କିଲର ଖାଇବା ଅନୁଚିତ। ଯେକୌଣସି ସଂକ୍ରମଣ ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା ଆରମ୍ଭ କରିବା ସହ ଶରୀରରେ ସୋଡିୟମ, ମ୍ୟାଗ୍ନେସିୟମ, ପଟାସିୟମ ଯଥା ଇଲେକ୍ଟ୍ରୋଲାଇଟ୍ ଅନୁପାତ ଜାଣିବାକୁ 'କିଡ୍‌ନି ଫଙ୍କସନ୍ ଟେଷ୍ଟ' କରିପାରିବେ। ନିଃଶ୍ୱାସ ନେବାରେ ସମସ୍ୟା, ପରିସ୍ରା ପରିମାଣରେ କମୁଥିଲେ, ପାଦ ଓ ମୁହଁ ଫୁଲିବା, ଧଇଁସଇଁ ଲାଗିବା ଲକ୍ଷଣ ଦେଖିଲେ ତୁରନ୍ତ ଡାକ୍ତରଙ୍କୁ ଦେଖାଇ ଚିକିତ୍ସା ଆରମ୍ଭ କରିବା ଭଲ। ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ଔଷଧ ଖାଇବା ଅନୁଚିତ।

## ନିମ୍ନ ରକ୍ତଚାପ ନିୟନ୍ତ୍ରଣ

ଆଜିକାଲି ଅଧିକାଂଶ ଲୋକ ନିମ୍ନ ରକ୍ତଚାପରେ ପୀଡ଼ିତ। ହୃଦୟ ସଙ୍କୁଚିତ ହେଲେ ରକ୍ତଚାପ ବଢ଼େ ଏବଂ ପ୍ରସାରଣ ହେଲେ ରକ୍ତଚାପ କମିଥାଏ। ଶରୀରରେ ଜଳୀୟଅଂଶ କମିଯିବା, ହୃଦ୍‌ରୋଗ, ମାନସିକ ଚାପ ଆଦି ଦ୍ୱାରା ନିମ୍ନ ରକ୍ତଚାପ ହୋଇଥାଏ। ସ୍ୱାଭାବିକ ଭାବେ ୭୦ରୁ ୯୦ ହେଉଛି ନିମ୍ନ ରକ୍ତଚାପ (ସିଷ୍ଟୋଲିକ୍ ରକ୍ତଚାପ)। ନିମ୍ନ ରକ୍ତଚାପ ହେଲେ ମୁଣ୍ଡ ବୁଲାଇବା, ଝାପ୍‌ସା ଦିଶିବା, ବାନ୍ତି ଆଦି ଲକ୍ଷଣ ଦେଖାଯାଏ। ତେଣୁ ନିମ୍ନରକ୍ତଚାପକୁ ଅଣଦେଖା କରିବା ଅନୁଚିତ।

ନିମ୍ନ ରକ୍ତଚାପ ଥିଲେ ପ୍ରଚୁର ପାଣି ପିଇବା ଆବଶ୍ୟକ। ବିଟ୍, ତରଭୁଜ, କାକୁଡ଼ି ଆଦି ରସ, ଫ୍ରୁଟ୍ ଜୁସ୍ ଓ ଓଆର୍‌ଏସ୍ ପିଇବା




ଦ୍ୱାରା ରକ୍ତଚାପ ସ୍ୱାଭାବିକ ହୁଏ। ସମସ୍ତ ଡ୍ରାଏଫ୍ରୁଟ୍ ଯଥା- ଅଞ୍ଜିର, ଖଜୁର, କିସ୍‌ମିସ୍, ଆଲମଣ୍ଡ, ଅଖ୍‌ରୋଟ ଆଦିକୁ ମାତ୍ରା ଅନୁସାରେ ରାତିରେ ବତୁରାଇ ସକାଳେ ଖାଇଲେ, ରକ୍ତଚାପ ସ୍ୱାଭାବିକ ହୋଇପାରେ। ନିଶା ସେବନ କରିବା ଅନୁଚିତ।

ଗୁଡ଼ ବା ମହୁପଣାରେ ସାମାନ୍ୟ ସୈନ୍ଧବ ଲବଣ ମିଶାଇ ପାନ କରିବା ହିତକର। ସେହିପରି ତୁଳସୀ ପତ୍ର ରସକୁ ମହୁରେ ମିଶାଇ ଖିଆଯାଏ। ପ୍ରତିଦିନ ଅତିକମ୍‌ରେ ୧୫ ମିନିଟ୍ ଚାଲିବା ଆବଶ୍ୟକ। ପ୍ରାଣାୟାମ, ଧ୍ୟାନ ଓ ଯୋଗ କରିପାରିବେ। ଖାଦ୍ୟରେ ଲୁଣର ମାତ୍ରା ବଢ଼ାଇବା ସହ ସୋଡିୟମଯୁକ୍ତ ଖାଦ୍ୟ ଖାଇବା ଆବଶ୍ୟକ। ଭୋଜନ ସମୟରେ ଅଧିକ ନଖାଇ ଅଳ୍ପ ଅଳ୍ପ କରି ଖାଇବା ଭଲ। ସର୍ବଦା ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରିବା ଉଚିତ।

## ଘର ବଇଦ
## କଣନଖା ଉପଚାର

- ଟାଙ୍ଗଣା ଖଇ ଚୂର୍ଣ୍ଣ କ୍ଷତ ଭିତରେ ଦେଲେ ଅତିଶୀଘ୍ର ଭଲ ହୁଏ।
- ଗୋଟିଏ କାଗେଜି ଲେମ୍ବୁକୁ କଣା କରି ତା ଭିତରେ ଆଙ୍ଗୁଠିକୁ ପୂରାଇ ରଖିବେ। ଦିନେ ଦୁଇ ଦିନରେ କଣନଖା ପାଚି ଫାଟି ଭଲ ହୋଇଯିବ।
- କଣନଖା ରାତିରେ ଅଧିକ ଯନ୍ତ୍ରଣା ଦିଏ। ସେଥିପାଇଁ ଖଣ୍ଡେ କନାକୁ ଆମ୍ବିଳି ଦହିରେ ବୁଡ଼ାଇ କଣନଖା ଉପରେ ବାନ୍ଧିଲେ ୨/୩ମିନିଟ୍‌ରେ ଯନ୍ତ୍ରଣା ବନ୍ଦ ହୁଏ। ତା ପରଦିନ ଟାଙ୍ଗଣା ଖଇ ବା ସୀତାଫଳ ପତ୍ର ବାଟି ଲେପ ଦେବେ।
- କଣନଖା ପାଚିଗଲେ ସେଥିରୁ ରକ୍ତ ବାହାର କରି ଅରଖ କ୍ଷୀର ତା ଉପରେ ଲଗାଇଲେ ପୂଜରକ୍ତ ଯାହା ଥାଏ ବାହାରିଯାଏ, ତା'ପରେ କଅଁଳ ଅରଖ ପତ୍ର ଗୁଡ଼ାଇ କନା ବାନ୍ଧିବେ । ଦିନେ ଦୁଇ ଦିନରେ ତାହା ଭଲ ହେବ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

## ପିଲାଙ୍କ ଆପେଣ୍ଡିସାଇଟିସ୍

**ଆଜିକାଲି ପିଲାମାନେ ଜଙ୍କଫୁଡ ଖାଇବାକୁ ଅଧିକ ପସନ୍ଦ କରୁଛନ୍ତି। ଏହି ଖାଦ୍ୟରେ ଭିଟାମିନ୍, ପ୍ରୋଟିନ୍, ଫାଇବର ଆଦି ନ ଥିବାରୁ ପେଟ ଗ୍ୟାସ୍ ଏବଂ ଯନ୍ତ୍ରଣା ହୋଇଥାଏ। ସ୍ୱାସ୍ଥ୍ୟବିଶେଷଜ୍ଞଙ୍କ ମତରେ, ପିଲାଙ୍କ ପେଟରେ ଅସହ୍ୟ ଯନ୍ତ୍ରଣାର କାରଣ ଆପେଣ୍ଡିସାଇଟିସ୍‌ର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ।**




ଅନ୍ତନଳୀରେ ଥିବା ଆପେଣ୍ଡିକ୍ସ ନାମକ ଏକ ଅଂଶରେ ସଂକ୍ରମଣ ହେଲେ ଆପେଣ୍ଡିସାଇଟିସ୍ ହୋଇଥାଏ। ଆପେଣ୍ଡିକ୍ସ ଅନେକଗୁଡ଼ିଏ ତନ୍ତୁ ଦ୍ୱାରା ଗଠିତ। ବଡ଼ ଓ ଛୋଟ ଅନ୍ତ ମିଳନ ସ୍ଥଳରେ ଆପେଣ୍ଡିକ୍ସ ଏକ ଟ୍ୟୁବ୍ ଭାବେ ଥାଏ। ଯେତେବେଳେ ଅନ୍ତନଳୀର ବ୍ୟାକ୍ଟେରିଆ ଆପେଣ୍ଡିକ୍ସ ଭିତରକୁ ପ୍ରବେଶ କରନ୍ତି, ସେତେବେଳେ ଏହା ସଂକ୍ରମିତ ହୋଇଥାଏ। ଏହାକୁ ଆପେଣ୍ଡିସାଇଟ୍‌ସ କୁହାଯାଏ। ସଂକ୍ରମଣ ବଢ଼ିଗଲେ, ଆପେଣ୍ଡିକ୍ସ ଫାଟିଯିବାର ଆଶଙ୍କା ଥାଏ। ତେଣୁ ପିଲାଙ୍କ ପେଟ ଯନ୍ତ୍ରଣା ସହିତ ଡାହାଣ ପେଟରେ ଅସହ୍ୟ ଯନ୍ତ୍ରଣା, ଜ୍ୱର, ଭୋକ ନ ଲାଗିବା, ଖାଇବା ପରେ ବାନ୍ତି ହେବା, ପତଳାଝାଡ଼ା ଆଦି ଲକ୍ଷଣକୁ ଅଣଦେଖା କରିବା ଅନୁଚିତ।

ରକ୍ତପରୀକ୍ଷା, ଇମେଜିଂ ଟେଷ୍ଟ, ସିଟି ସ୍କାନ୍, ଅଲଟ୍ରାସାଉଣ୍ଡ ଏବଂ ଏମ୍‌ଆର୍‌ଆଇ ଦ୍ୱାରା ଆପେଣ୍ଡିସାଇଟ୍‌ସ ହୋଇଛି କି ନାହିଁ, ଡାକ୍ତର ପରୀକ୍ଷା କରିଥାନ୍ତି। ଆପେଣ୍ଡିସାଇଟ୍‌ସ ପ୍ରଥମ ପର୍ଯ୍ୟାୟରେ ଥିଲେ ଔଷଧ ବା ଇଞ୍ଜେକ୍‌ସନ୍ ଦ୍ୱାରା ଚିକିତ୍ସା ସମ୍ଭବ। ଡାକ୍ତରଙ୍କ ପରାମର୍ଶକ୍ରମେ ଅସ୍ତ୍ରୋପଚାର ମଧ୍ୟ କରାଯାଏ। ତେଣୁ ଡାକ୍ତରୀ ଚିକିତ୍ସା ସହିତ ସନ୍ତୁଳିତ ଖାଦ୍ୟପେୟ ପ୍ରତି ଯତ୍ନଶୀଳ ରହିବା ଏକାନ୍ତ ଆବଶ୍ୟକ।

# ୟୁଏସ୍ ଓପନ୍ | ତୃତୀୟ ରାଉଣ୍ଡରେ ଆଲ୍‌କାରାଜ, ସାବାଲେଙ୍କା





**ନ୍ୟୁୟର୍କ, ୩।୯ (ଏଜେନ୍ସି):** ଦୁଇ ଟାଇଟଲ ଆଶାୟୀ ମହିଳା ନଂ-୧ ସିଡ୍ ଆରିନା ସାବାଲେଙ୍କା ଓ ପୁରୁଷ ବିଭାଗର କାର୍ଲୋସ ଆଲକାରାଜ ଏଠାରେ ଚାଲିଥିବା ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଉଭୟ ଖେଳାଳି ଦ୍ୱିତୀୟ ରାଉଣ୍ଡରେ ଜବରଦସ୍ତ ଖେଳ ପ୍ରଦର୍ଶନ କରି ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରିଥିଲେ। ଗତ ଦୁଇବର୍ଷ ହେଲା ଟାଇଟଲ ଜିତିଥିବା ସାବାଲେଙ୍କା ମାତ୍ର ୫୩ ମିନିଟ୍ ମୁକାବିଲାରେ ରୁଷର ପୋଲିନା ଲାଟଚେଙ୍କାଙ୍କୁ ୬-୧, ୬-୧ ସିଧାସଳଖ ସେଟରେ ପରାସ୍ତ କରିଥିଲେ। ପୁରୁଷ ବିଭାଗରେ ୨ଥର ୟୁଏସ୍ ଓପନ ସହ ୭ଟି ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଥିବା କାର୍ଲୋସ ଆଲକାରାଜ ୪-୬, ୬-୦, ୬-୩ରେ ପର୍ତ୍ତୁଗାଲର ଜାଇମେ ଫାରିଆଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ତୃତୀୟ ରାଉଣ୍ଡରେ ସାବାଲେଙ୍କାଙ୍କ ସହ ଉଜ୍‌ବେକିସ୍ତାନର କାମିଲା ରାଖିମୋଭାଙ୍କୁ ଏବଂ ଅଲକାରାଜ ଚୀନ୍‌ର ୟିବିଙ୍ଗ ୟୁଙ୍କୁ ଭେଟିବେ।

ମହିଳା ବିଭାଗରେ ଅନ୍ୟମାନଙ୍କ ମଧ୍ୟରେ ୬ଷ୍ଠ ସିଡ୍ ଚେକିଆର ଲିଣ୍ଡା ନୋସ୍କୋଭା, ୭ମ ସିଡ୍ କାରୋଲିନା ମୁଚୋଭା, ନବମ ସିଡ୍ ଏଲିନା ସ୍ୱିତୋଲିନା ୩ୟ ରାଉଣ୍ଡରେ ପ୍ରବଶ କରିଛନ୍ତି। ୟୁକ୍ରେନ୍‌ର ସ୍ୱିତୋଲିନା ୬-୨, ୬-୭, ୬-୪ ସେଟ୍‌ରେ ଅଷ୍ଟ୍ରେଲିଆର ମାୟା ଜଏଣ୍ଟଙ୍କୁ ପରାସ୍ତ କରିଛନ୍ତି। ୧୧ନଂ ସିଡ୍ ୟୁକ୍ରେନ୍‌ର ମାର୍ତା କୋସ୍ଟ୍ୟୁକ୍ ୧୬ନଂ ସିଡ୍ ରୋମାନିଆର ସୋରାନା କ୍ରିଷ୍ଟିଆ, ୧୪ନଂ ସିଡ୍ ଆମେରିକାର ଇଭା ଜୋଭିଚ୍, ୧୮ନଂ ସିଡ୍ ରୁଷିଆର ଏକାତେରିନା ଆଲେଜାଣ୍ଡ୍ରୋଭା ବିଜୟ ସହ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ପୁରୁଷ ବିଭାଗରେ ୬ଷ୍ଠ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନୌର, ଅଷ୍ଟମ ସିଡ୍ ଆମେରିକାର ବେନ୍ ସେଲ୍‌ଟନ, ୧୧ନଂ ସିଡ୍ ଆମେରିକାର ଫ୍ରାନ୍‌ସେସ୍କା ଟିଆଫୋ, ୧୮ନଂ ସିଡ୍ ଚେକିଆର ଜିରି ଲେହେକା, ୧୫ନଂ ସିଡ୍ କାଜାଖସ୍ତାନର ଆଲେକ୍‌ଜାଣ୍ଡର ବୁବ୍‌ଲିକ୍, ୨୦ନଂ ସିଡ୍ ଆମେରିକାର ଟମି ପଲ୍ ବିଜୟୀ ହୋଇ ୩ୟ ରାଉଣ୍ଡରେ ପହଞ୍ଚିଛନ୍ତି। ତେବେ ୧୨ନଂ ସିଡ୍ ସ୍ପେନ୍‌ର ରାଫେଲ ଜୋଡାର ଓ ୨୩ନଂ ସିଡ୍ ରୁଷିଆର ଆଣ୍ଡ୍ରେଇ ରୁବ୍‌ଲେଭ ୨ୟ ରାଉଣ୍ଡରୁ ବିଦାୟ ନେଇଛନ୍ତି।

## ଏସିଆ କପ୍‌ରେ ମନ୍ଧାନାଙ୍କ ବିସ୍ଫୋରକ ଶତକ

# ସେମିଫାଇନାଲରେ ଭାରତ

**ଦୁବାଇ,୩।୯ (ଏଜେନ୍ସି):** ସ୍ମୃତି ମନ୍ଧାନାଙ୍କ ଦମ୍‌ଦାର ଶତକ ଓ ସ୍ପିନରଙ୍କ ଯାଦୁକରୀ ବୋଲିଂ ବଳରେ ଏଠାରେ ଆଜି ଖେଳାଯାଇଥିବା ଏସିଆ କପ୍ ମହିଳା କ୍ରିକେଟ ପ୍ରତିଯୋଗିତାର ପୁଲ-ଏ' ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଭାରତ ୧୩୭ ରନ୍‌ରେ ହଂକଂ ଚୀନ୍‌କୁ ପରାସ୍ତ କରିଛି।



ଏହା ଫଳରେ କ୍ରମାଗତ ଦ୍ୱିତୀୟ ବିଜୟ ସହ ଭାରତ ସେମିଫାଇନାଲରେ ପ୍ରବେଶ କରିଛି। ଦଳ ଏହାର ପ୍ରଥମ ମ୍ୟାଚ୍‌ରେ ଥାଇଲାଣ୍ଡକୁ ହରାଇଥିଲାବେଳେ ଶନିବାର ପାକିସ୍ତାନ ସହ ମୁକାବିଲା ପରେ ପୁଲ୍‌ରେ କେଉଁ ଦଳ ପ୍ରଥମ ସ୍ଥାନ ଅଧିକାର କରିବ ତାହା ସ୍ଥିର ହେବ।

ଆଜିର ମ୍ୟାଚ୍‌ରେ ଓପନର ସ୍ମୃତି ମନ୍ଧାନା ୪୦ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିବା ପରେ ୫୭ ବଲରୁ ଶତକ ପୂରଣ କରିଥିଲେ। ସେ ମୋଟ ୬୪ବଲ୍ ଖେଳି ୧୪ ଚୌକା ଓ ୭ ଛକର ସହାୟତାରେ ୧୨୪ ରନ୍ କରି ଆଉଟ ହୋଇଥିଲେ। ତାଙ୍କ ଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୯୩ ରନ୍ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଓପନା ଶେଫାଳି ବର୍ମା ୨୮, ପ୍ରତୀକା ରାୱଲ ୧୦, ରିଚା ଘୋଷ ୧୧ ଓ ହରମନପ୍ରୀତ କୌର ୧୦ ରନ୍ କରି ଦୁଇ ଅଙ୍କ ଛୁଇଁଥିଲେ। ହଂକଂ ପକ୍ଷରୁ ମାରିନା ଲାମପ୍ଲୋ ସର୍ବାଧିକ ୨ଟି ୱିକେଟ ଅକ୍ତିଆର କରିଥିଲାବେଳେ ଦଳର ଭାରତୀୟ ବଂଶୋଦ୍ଭବ ଖେଳାଳି ରୁଚିତା ଭେଙ୍କଟେଶ ଓ ଜୟଲିନ୍ କୌର ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଛନ୍ତି। ଜବାବରେ ହଂକଂ ୧୬ ଓଭରରେ ୮ ୱିକେଟ ହରାଇ ୫୬ ରନ୍ ସଂଗ୍ରହ କରିନେଇଛି। ଭାରତ ପକ୍ଷରୁ ଦିପ୍ତି ଶର୍ମା ୩ଟି, ପ୍ରେମା ରାୱତ, ଶ୍ରୀ ଚରଣି ଓ ନନ୍ଦିନୀ ଶର୍ମା ୨ଟି ଲେଖାଏଁ ୱିକେଟ ନେଇ ହଂକଂକୁ ପରାଜିତ କରିଥିଲେ।

ଗତକାଲି ପୁଲ-ବି'ରେ ଖେଳାଯାଇଥିବା ଶ୍ରୀଲଙ୍କା ୭୫ ରନ୍‌ରେ ଇଣ୍ଡୋନେସିଆକୁ ପରାସ୍ତ କରି ଦମ୍‌ଦାର ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୭ ୱିକେଟରେ ୧୨୪ ରନ୍ କରିଥିଲାବେଳେ ଇଣ୍ଡୋନେସିଆ ମାତ୍ର ୪୯ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଏହି ମ୍ୟାଚ୍‌ରେ ଶ୍ରୀଲଙ୍କା ପକ୍ଷରୁ ନିଶିକା ସିଲଭା ୩୫ବଲ୍‌ରେ ୫୦ ରନ୍ କରିଥିଲାବେଳେ ଭେଟେରାନ ଖେଳାଳି ଚାମରି ଆଟାପାଟୁ ୭ଟି ୱିକେଟ ପାଇଥିଲେ।

## ଏସିଆନ୍ ଗେମ୍ସରେ କ୍ରିକେଟରଙ୍କୁ ମିଳିବ ଉତ୍ତମ ସୁବିଧା ସୁଯୋଗ: ଜାପାନ

**ନାଗୋୟା,୩।୯ (ଏଜେନ୍ସି):** ଆସନ୍ତା ଏସିଆନ୍ ଗେମ୍ସରେ କ୍ରିକେଟରଙ୍କ ପାଇଁ ସର୍ବୋତ୍ତମ ହୋଟେଲ୍ ରହଣି ବ୍ୟବସ୍ଥା କରାଯିବ ବୋଲି ଜାପାନ କ୍ରିକେଟ୍ ସଂଘର ମୁଖ୍ୟ ନାଓକି ଆଲେକ୍ସ ମିୟାଜି କହିଛନ୍ତି। ଭାରତ ଓ ପାକିସ୍ତାନ ସମେତ କିଛି ଦଳଙ୍କ ରହଣି ନେଇ ଚିନ୍ତା ପ୍ରକାଶ ପରେ ଆୟୋଜକମାନେ ଏ ନେଇ ପ୍ରତିଶ୍ରୁତି ଦେଇଛନ୍ତି। କ୍ରିକେଟରଙ୍କୁ କ୍ରୁଜ୍ ଜାହାଜ କିମ୍ବା କଣ୍ଟେନର୍ ହୋଟେଲ୍‌ରେ ନୁହେଁ, ହୋଟେଲ୍ କୋଠରୀରେ ରଖାଯିବ। ନାଗୋୟାର କୋରୋଗି ସ୍ପୋର୍ଟ୍ସ ପାର୍କରେ କ୍ରିକେଟ୍ ଖେଳାଯିବ। ଶ୍ରୀଲଙ୍କାର ୩୫ ହଜାର ଦର୍ଶକ କ୍ଷମତା ବିଶିଷ୍ଟ ପାଲେକେଲେ ଷ୍ଟାଡିୟମ୍‌ର କ୍ୟୁରେଟର୍ ପିଚ୍ ପ୍ରସ୍ତୁତ କରୁଛନ୍ତି। ଏଥିରେ ଉଚ୍ଚମାନର ପିଚ୍ ମିଳିବ ବୋଲି ଆୟୋଜକମାନେ ଆଶା ରଖିଛନ୍ତି।

## ଘରୋଇ କ୍ରିକେଟରେ ବୟସ ଜାଲିଆତି

# ବେଙ୍ଗଲର ରୋହିତ ୨ ବର୍ଷ ବାସନ୍ଦ

**ମୋକି, ଚୀନ୍, ୩।୯ (ଏଜେନ୍ସି):** ଭାରତ ପକ୍ଷରୁ ୧୯ ବର୍ଷରୁ କମ୍ କ୍ରିକେଟ ଖେଳିଥିବା ବେଙ୍ଗଲର ରୋହି ଯାଦବ ବୟସ ଜାଲିଆତି କରି ଧରାପଡ଼ିଛନ୍ତି। ଏହି ଘଟଣା ଧରାପଡ଼ିବା ପରେ ବିସିସିଆଇ (ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ) ରୋହିତଙ୍କୁ ସମସ୍ତ ପ୍ରକାର କ୍ରିକେଟରୁ ୨ ବର୍ଷ ଲାଗି ବାସନ୍ଦ କରିଛି। ଏ ସମ୍ପର୍କରେ ବେଙ୍ଗଲ କ୍ରିକେଟ ସଂଘ ସମେତ ଭାରତର ଅନ୍ୟ ସମସ୍ତ ସ୍ୱୀକୃତିପ୍ରାପ୍ତ ସଂଗଠନକୁ ବିସିସିଆଇ ଜଣାଇଦେଇଛି।

ଭାରତର ୧୯ ବର୍ଷରୁ କମ୍ ଦଳ ସହ ରୋହିତ ଶ୍ରୀଲଙ୍କା ଗସ୍ତରେ ଯାଇଥିଲେ। ତାଙ୍କର ଭଲ ପ୍ରଦର୍ଶନ ଯୋଗୁଁ ଚଳିତମାସ ଅଷ୍ଟ୍ରେଲିଆ ସହ ଖେଳାଯିବାକୁ ଥିବା ସିରିଜ୍ ଲାଗି ଦଳରେ ମଧ୍ୟ ସାମିଲ ହୋଇଥିଲେ। କିନ୍ତୁ ତାଙ୍କ ବୟସ ସମ୍ପର୍କରେ ଆଧାର କାର୍ଡ ତଦାରଖ କରିବା ବେଳେ ସେ ଅନେକଥର ତାଙ୍କ ଜନ୍ମ ତାରିଖ ବଦଳାଇଥିବା ଜଣାପଡ଼ିଥିଲା। ଖେଳାଳିଙ୍କ ବୟସ ସମ୍ପର୍କରେ କଡ଼ାକଡ଼ି ତଦାରଖ କରିବାକୁ ବିସିସିଆଇ ସମସ୍ତ କ୍ରିକେଟ ସଂଘକୁ କହିଥିଲା। ଉତ୍ତରପ୍ରଦେଶର ରୋହିତ ଯାଦବ ୨୦୦୭ରେ ବେଙ୍ଗଲ କ୍ରିକେଟ ସଂଘ ସହ ପଞ୍ଜୀକୃତ ହୋଇଥିଲେ। ଏହି ସମୟରେ ଯେ ଯେଉଁ ବୟସ ଦର୍ଶାଇଥିଲେ ତାହା ୨୦୦୬ରେ ଅଲଗା ଥିବାର ଜଣାପଡ଼ିଥିଲା। ଏହା ପରେ ସେ ପୁଣିଥରେ ବୟସ ବଦଳାଇଥିବା ମଧ୍ୟ ଆଧାରକାର୍ଡ ଚେକ୍ ବେଳେ ଜଣାପଡ଼ିଥିଲା। ଏ ସମ୍ପର୍କରେ ବେଙ୍ଗଲ ସଂଘ ବିସିସିଆଇକୁ ଜଣାଇବା ପରେ ରୋହିତଙ୍କୁ ୨ ବର୍ଷ ଲାଗି ସମସ୍ତ ପ୍ରକାର କ୍ରିକେଟରୁ ବାସନ୍ଦ କରାଯାଇଛି।

## ବିପର୍ଯ୍ୟୟ ଘଟାଇଲେ ଶ୍ରୀକାନ୍ତ

**ବେଜିଂ,୩।୯ (ଏଜେନ୍ସି):** ଭାରତର କିଦାମ୍ବି ଶ୍ରୀକାନ୍ତ ଏଠାରେ ଚାଲିଥିବା ଚୀନ୍ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ବିଶ୍ୱର ୯ ନଂ ଖେଳାଳି ଭିକ୍ଟର ଲାଇଙ୍କୁ ୨-୧ ସିଧାସଳଖ ସେଟ୍‌ରେ ପରାସ୍ତ କରି ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଭିକ୍ଟର ପ୍ରଥମ ରାଉଣ୍ଡରେ ଭାରତର ଲକ୍ଷ୍ୟ ସେନ୍‌ଙ୍କୁ ପରାସ୍ତ କରିଥିଲାବେଳେ ନିକଟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ବିଶ୍ୱବ୍ୟାଡମିଣ୍ଟନ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ଜିତିଥିଲେ। ଫର୍ମରେ ଥିବା ଜଣେ ଖେଳାଳିଙ୍କୁ ହରାଇ ଶ୍ରୀକାନ୍ତ ଏଠାରେ ବିଜୟ ହାସଲ କରିଛନ୍ତି।

## ■ ଅଗରକରଙ୍କ ଅନୁପସ୍ଥିତି ନେଇ କଳ୍ପନାଜଳ୍ପନା

# ରୋହିତଙ୍କ ପ୍ରତି ବିପଦ ନାହିଁ

**ମୁମ୍ବଇ,୩।୯ (ଏଜେନ୍ସି):** ଭାରତୀୟ ଦିନିକିଆ ଦଳରେ ପୂର୍ବତନ ଓପନର ରୋହିତ ଶର୍ମାଙ୍କ ସ୍ଥାନ ନେଇ ଯେଉଁ ଚର୍ଚ୍ଚା ଚାଲିଛି ତାହାର ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ। ଏଠାରେ ଆଜି ଖେଳାଳିଙ୍କ ପ୍ରଦର୍ଶନ ନେଇ ତର୍ଜମା ହୋଇଥିଲା। ଏଥିରେ ଦଳର ହେଡ୍ କୋଚ୍ ଗୌତମ ଗମ୍ଭୀର, ଦିନିକିଆ ଓ ଟେଷ୍ଟ ଦଳର ଅଧିନାୟକ ଶୁବମନ ଗିଲ୍, ଟି-୨୦ ଅଧିନାୟକ ଶ୍ରେୟସ ଆୟର ଉପସ୍ଥିତ ଥିଲେ। ଇଂଲଣ୍ଡ ଟୁର୍ ଓ ଅନ୍ୟ ଟୁର୍‌ରେ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ଉପରେ ଆଲୋଚନା ହୋଇଥିଲା। ଏହା ପରେ ରୋହିତ ଶର୍ମାଙ୍କ ଦିନିକିଆ ଭବିଷ୍ୟ ସମ୍ପର୍କରେ ପ୍ରତିକ୍ରିୟା ରଖି ସେ କହିଲେ, ରୋହିତ ଏବେ ମଧ୍ୟ ଭଲ ଖେଳୁଛନ୍ତି। ଦିନିକିଆ ବିଶ୍ୱକପ୍ ଲାଗି ଭାରତୀୟ ଦଳରେ ତାଙ୍କ ସ୍ଥାନ ଲାଗି କୌଣସି ବିପଦ ନାହିଁ। ଏଣୁ ଏଭଳି ଆଲୋଚନାର କିଛି ମାନେ ନାହିଁ ବୋଲି ସେ କହିଛନ୍ତି। କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ ଅନୁପସ୍ଥିତି। ଏପରିକି ସେ ମୁମ୍ବଇରେ ନ ଥିଲେ ମଧ୍ୟ ଭିଡିଓ କନ୍‌ଫରେନ୍ସ ଯୋଗେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନପସ୍ଥିତ ରହିଛନ୍ତି। ତାଙ୍କ ଅନୁପସ୍ଥିତିକୁ ଦର୍ଶାଇ ଚୟନ କମିଟିରେ ପରିବର୍ତ୍ତନ ହେବ ବୋଲି ସାଇକିଆଙ୍କୁ ପ୍ରଶ୍ନ କରାଯିବାରେ ସେ ଏହାକୁ ଅସ୍ୱୀକାର କରିଥିଲେ। କିନ୍ତୁ ଅଗରକରଙ୍କ ଅନୁପସ୍ଥିତି ଚର୍ଚ୍ଚାର ଖୋରାକ ଯୋଗାଇଛି।

## ୩୫୦ ରନ୍ ସହ ଇତିହାସ ସୃଷ୍ଟି କଲେ ହୃଦୟ

**ପୋଷ୍ଟେଫଷ୍ଟ୍ରମ୍,୩।୯ (ଏଜେନ୍ସି):** ବାଂଲାଦେଶର ଯୁବ ଖେଳାଳି ତୋହିଦ ହୃଦୟ ଦକ୍ଷିଣ ଆଫ୍ରିକା ସହ ଅନୁଷ୍ଠିତ ଅନ୍‌ଅଫିସିଆଲ ଟେଷ୍ଟରେ ୩୫୦ ରନ୍ କରି ଇତିହାସ ସୃଷ୍ଟି କରିଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟରେ ଏହା ବାଂଲଦେଶର ସର୍ବାଧିକ ସ୍କୋର ଓ ତୃତୀୟ ତ୍ରିଶତକ। ତାଙ୍କ ପୂର୍ବରୁ ତମିମ ଇକବାଲ ୩୩୪ ଓ ରାକିବୁଲ ହାସନ ୩୧୩ ରନ୍ କରିଥିଲେ। କିନ୍ତୁ ୬ ବର୍ଷ ତଳେ ଯେଉଁ ପଡ଼ିଆରେ ବାଂଲାଦେଶକୁ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଚାମ୍ପିଅନ କରାଇଥିଲେ, ସେହି ପଡ଼ିଆରେ ହୃଦୟ ୩୫୦ ରନ୍ କରି ଏହି ରେକର୍ଡ କରିଛନ୍ତି। ତାଙ୍କର ଏହି ସ୍କୋର ବଳରେ ବାଂଲାଦେଶ ଏହି ମ୍ୟାଚ୍‌କୁ ଡ୍ର ରଖିବାରେ ସମର୍ଥ ହୋଇଛି। ଏହା ପରେ ଉଭୟ ଦେଶ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ରବିବାରଠାରୁ ଖେଳାଯିବ।

## କିଙ୍ଗ୍ ଚାର୍ଲ୍ସଙ୍କୁ ଭେଟିଲେନି ପାକିସ୍ତାନର କ୍ରିକେଟର


**ଲଣ୍ଡନ,୩।୯ (ଏଜେନ୍ସି):** ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟ ପୂର୍ବରୁ ପାକିସ୍ତାନ କ୍ରିକେଟ୍ ଦଳ କ୍ଲାରେନ୍ସ ହାଉସ୍‌ରେ କିଙ୍ଗ୍ ଚାର୍ଲ୍ସ ତୃତୀୟଙ୍କୁ ଭେଟିଥିଲା। ତେବେ ଦଳରୁ ବାଦ୍ ପଡ଼ିଥିବା ଜଣେ ଖେଳାଳି ନିର୍ଦ୍ଦେଶ ସତ୍ତ୍ୱେ ସାକ୍ଷାତକାରରେ ଯୋଗ ଦେଇ ନ ଥିବା ଖବର ମିଳିଛି। ଫଳରେ ଏ ନେଇ ଏକ ବଡ଼ ବିବାଦ ସୃଷ୍ଟି ହୋଇଛି। ମହମ୍ମଦ ଆୱାଇସ୍ ଜଫର, ଆମିର ଜମାଲ, ଖୁରାମ ଶାହଜାଦ ଓ ଅଲି ଉସମାନ ଉପସ୍ଥିତ ଥିଲେ। ଦ୍ୱିତୀୟ ଟେଷ୍ଟରେ ୧୯୪ ରନ୍‌ରେ ପରାଜୟ ପରେ ୭ ଖେଳାଳିଙ୍କୁ ବାଦ୍ ଦିଆଯାଇଥିଲା। କିଙ୍ଗ୍ ଚାର୍ଲ୍ସ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବାବର ଆଜମ ତାଙ୍କୁ ସ୍ୱାକ୍ଷରିତ ବ୍ୟାଟ୍ ଉପହାର ଦେଇଥିଲେ। ପାକିସ୍ତାନ ଶୃଙ୍ଖଳାରେ ୦-୨ରେ ପଛୁଆ ରହିଛି।

## ମେସିଙ୍କୁ ଶେଷଥର ଦେଖିପାରନ୍ତି ପ୍ରଶଂସକ

# ବିଦାୟୀ ମ୍ୟାଚ୍ ଆୟୋଜନ କରିବ ଆର୍ଜେଣ୍ଟିନା ଫୁଟବଲ ସଂଘ

**ବୁଏନସ୍ ଆୟର୍ସ,୩।୯ (ଏଜେନ୍ସି):** ଆନ୍ତର୍ଜାତୀୟ ଫୁଟବଲରୁ ଅବସର ଘୋଷଣା କରିଥିବା କିମ୍ବଦନ୍ତୀ ଫୁଟବଲର ଲିଓନେଲ୍ ମେସିଙ୍କୁ ଆର୍ଜେଣ୍ଟିନା ଘରୋଇ ମାଟିରେ ଆଉ ଥରେ ଖେଳୁଥିବା ଦେଖିବାର ସୁଯୋଗ ମିଳିପାରେ। ମେସିଙ୍କ ପାଇଁ ଏକ ବିଦାୟ ମ୍ୟାଚ୍ ଆୟୋଜନ କରିବାକୁ ଆର୍ଜେଣ୍ଟିନା ଫୁଟବଲ୍ ସଂଘ ବିଚାର କରୁଥିବା ଖବର ମିଳିଛି। ସେପ୍ଟେମ୍ବର ୨୧ରୁ ଅକ୍ଟୋବର ୬ ପର୍ଯ୍ୟନ୍ତ ଆନ୍ତର୍ଜାତୀୟ ବିରତି ସମୟରେ ଏହି ବିଦାୟ ମ୍ୟାଚ୍ ହୋଇପାରେ। ତେବେ ପ୍ରତିପକ୍ଷ, ତାରିଖ ଓ ସ୍ଥାନ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ମେସିଙ୍କ ଶେଷ ମ୍ୟାଚ୍ ବୁଏନସ୍ ଆୟର୍ସର ମୋନୁମେଣ୍ଟାଲ୍ ଷ୍ଟାଡିୟମ୍‌ରେ କିମ୍ବା ତାଙ୍କ ଜନ୍ମସହର ରୋସାରିଓରେ ହୋଇପାରେ। କିନ୍ତୁ ଏଥିପାଇଁ ପ୍ରଥମେ ମେସିଙ୍କ ସମ୍ମତି ଆବଶ୍ୟକ। ୨୦୨୬ ବିଶ୍ୱକପ୍ ଫାଇନାଲ୍‌ରେ ସ୍ପେନ୍‌ଠାରୁ ହାରିବା ପରେ ମେସି ଆନ୍ତର୍ଜାତୀୟ ଫୁଟବଲରୁ ଅବସର ଘୋଷଣା କରିଥିଲେ। ଆର୍ଜେଣ୍ଟିନା ପାଇଁ ୨୦୭ଟି ମ୍ୟାଚ୍‌ରେ ୧୨୫ ଗୋଲ୍ କରିଥିବା ମେସି ୨୦୨୨ ବିଶ୍ୱକପ୍ ସମେତ ୬ଟି ବଡ଼ ଆନ୍ତର୍ଜାତୀୟ ଟ୍ରଫି ଜିତିଛନ୍ତି।

## ଏସିଆନ୍ ଗେମ୍ସ: ନୀରଜଙ୍କ ସ୍ଥାନରେ ଯଶବୀର ସିଂ



**ନୂଆଦିଲ୍ଲୀ,୩।୯ (ଏଜେନ୍ସି):** ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କାଂସ୍ୟ ପଦକ ଜିତିଥିବା ଯଶବୀର ସିଂଙ୍କୁ ମିଳିଛି ବଡ଼ ସୁଯୋଗ। ଭାରତର ସୁପରଷ୍ଟାର ଜାଭେଲିନ୍ ଫିଙ୍ଗାଳି ନୀରଜ ଚୋପ୍ରା ଆହତ ହୋଇ ଏସିଆନ୍ ଗେମ୍ସର ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଯୁବ ଆଥ୍‌ଲେଟ ଯଶବୀର ସିଂଙ୍କୁ ସାମିଲ କରାଯାଇଛି। ଜାପାନର ଆଇଚି ନାଗୋୟା ଏସିଆନ୍ ଗେମ୍ସ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଏସିଆନ ଗେମ୍ସ ଆୟୋଜିତ ହେବ। ୨୪ ବର୍ଷୀୟ ଯଶବୀର ୮୫.୪୧ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କାଂସ୍ୟ ପଦକ ହାସଲ କରିଛନ୍ତି।

# ଏସିଆନ୍ ଗେମ୍ସରେ ଲକ୍ଷ୍ମଣ ହେଡ୍ କୋଚ୍

**ମୁମ୍ବଇ,୩।୯ (ଏଜେନ୍ସି):** ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଥିବା ଭାଙ୍ଗିପୁରାପୁ ଭେଙ୍କଟ ସାଇ ବା ଭିଭିଏସ୍ ଲକ୍ଷ୍ମଣ ଏସିଆନ ଗେମ୍ସରେ ଭାରତୀୟ ପୁରୁଷ କ୍ରିକେଟ ଦଳର ହେଡ୍ କୋଚ୍ ଦାୟିତ୍ୱ ନେବେ। ଗମ୍ଭୀରଙ୍କ ଅନୁପସ୍ଥିତିରେ ସେ କାମଚଳା ଦାୟିତ୍ୱରେ ରହିବେ ବୋଲି କେନ୍ଦ୍ର ସରକାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏସିଆନ ଗେମ୍ସ ଲାଗି ସୁନୀଲ ଯୋଶି, ହୃଷିକେଶ କାନିତକର ଓ ଶୁଭଦୀପ ଘୋଷ ଭାରତୀୟ ଦଳକୁ ବୋଲିଂ, ବ୍ୟାଟିଂ ଓ ଫିଲ୍ଡିଂ କୋଚ୍ ଭାବେ ସହାୟତା କରିବେ। ଗତଥା ଏସିଆନ ଗେମ୍ସରେ ଲକ୍ଷ୍ମଣ କୋଚ୍ ଦାୟିତ୍ୱରେ ଥିଲାବେଳେ ଭାରତ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲା। ଏହି ସମୟରେ ସେପ୍ଟେମ୍ବର ୨୭ରୁ ୱେଷ୍ଟଇଣ୍ଡିଜ୍ ସହ ଖେଳାଯିବାକୁ ଥିବା ଦିନିକିଆ ସିରିଜ୍ ଏବଂ ସେପ୍ଟେମ୍ବର ୧୩ରୁ ୧୭ ଯାଏ ଆଫଗାନିସ୍ତାନ ସହ ଖେଳାଯିବାକୁ ଥିବା ଟି-୨୦ ସିରିଜ୍ ଲାଗି ଭାରତୀୟ ଦଳର ଦାୟିତ୍ୱରେ ରହିବେ।


ଜାପାନର ଆୟାଚି ନାଗାୟୋଠାରେ ସେପ୍ଟମ୍ବର ୧୯ରୁ ଅକ୍ଟୋବର ୪ ଯାଏ ଏସିଆନ ଗେମ୍ସ ଆୟୋଜିତ ହେବ। ଏସିଆନ ଗେମ୍ସ ପୁରୁଷ କ୍ରିକେଟରେ ଭାରତ ସେପ୍ଟେମ୍ବର ୨୮ରୁ ଅଭିଯାନ ଆରମ୍ଭ କରିବ।

## ● ସିଏକେଏମ୍ ଟ୍ରଫିରେ ପ୍ରଶାନ୍ତଙ୍କୁ ୪ୱିକେଟ୍

# ଓଡ଼ିଶା ନିକଟରୁ ପଣ୍ଡିଚେରୀ ପରାସ୍ତ



ପ୍ରଶାନ୍ତ ରଣା



ଗୌରବ ଚୌଧୁରୀ

**ଭୁବନେଶ୍ୱର, ୩।୯ (ସମିସ):** ପଣ୍ଡିଚେରୀ ସଭାପତି ଏକାଦଶକୁ ୫ ୱିକେଟ୍‌ରେ ପରାସ୍ତ କରି ଓଡ଼ିଶା କ୍ରିକେଟ ସଘ ପୁଡୁଚେରୀରେ ଚାଲିଥିବା ସିଏକେଏମ୍ ଟ୍ରଫି ବରିଷ୍ଠ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୨ୟ ମୁକାବିଲରେ ପ୍ରଥମ ବିଜୟ ହାସଲ କରିଛି। ଗୁରୁବାର ସମାପ୍ତ ହୋଇଥିବା ମ୍ୟାଚ୍‌ରେ ଆୟୋଜକ ଓଡ଼ିଶାକୁ ୨ୟ ଇନିଂସରେ ୮୧ ରନ୍‌ର ବିଜୟଲକ୍ଷ୍ୟ ମିଳିଥିଲା। ଓଡ଼ିଶା ଦଳ ୫ଟି ୱିକେଟ୍ ହରାଇ ଏହା ହାସଲ କରି ନେଇଥିଲା। ପଣ୍ଡିଚେରୀ ସଭାପତି ଏକାଦଶ ପ୍ରଥମ ଇନିଂସରେ ୨୭୫ ରନ୍ କରିଥିଲା। ୨ୟ ଦିନ ଶେଷରେ ୭ ୱିକେଟ୍ ହରାଇ ୨୪୯ ରନ୍ କରିଥିବା ଓଡ଼ିଶା ପ୍ରଥମ ଇନିଂସରେ ୨୭୨ ରନ୍‌କରି ଅଲ୍‌ଆଉଟ୍ ହେବାରୁ ପଣ୍ଡିଚେରୀ ପ୍ରଥମ ଇନିଂସରେ ୩ ରନ୍ ଆଗରେ ରହିଥିଲା। ଗୁରୁବାର ୩ୟ ତଥା ଅନ୍ତିମ ଦିନରେ ଓଡ଼ିଶା ପାଇଁ ସୌମ୍ୟର ଞ୍ଜନ ଲେଙ୍କା ୪ଟି ଛକା ଓ ଗୋଟିଏ ଚୌକା ସହ ୩୮ ରନ୍ କରିଥିଲେ। ପ୍ରତିପକ୍ଷର ଆର୍. ବିଜୟ, କରଣ କନ୍ନନ ଓ ଆଦିଲ ଆୟୁବ ତୁଣ୍ଡା ୩ଟି ଲେଖାଏଁ ୱିକେଟ୍ ନେଇଥିଲେ। ଓଡ଼ିଶାର ବୋଲର ଘାତକ ବୋଲିଂ କରିବାରୁ ପଣ୍ଡିଚେରୀ ସଭାପତି ଏକାଦଶ ଦ୍ୱିତୀୟ ଇନିଂସରେ ମାତ୍ର ୭୮ ରନ୍‌କରି ଅଲ୍‌ଆଉଟ୍ ହୋଇ ଯାଇଥିଲା। ଓଡ଼ିଶାର ପ୍ରଶାନ୍ତ ରଣା ୪ଟି ଏବଂ ତାରିଣୀ ସା' ଓ ସୟଦ୍ ତୁଫୈଲ ଅହମ୍ମଦ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ଓଡ଼ିଶା ୮୧ ରନ୍‌ର ବିଜୟଲକ୍ଷ୍ୟ ପାଇବା ପରେ ଓପ୍‌ନର ଗୌରବ ଚୌଧୁରୀ ସର୍ବାଧିକ ୪୦ ଓ ଅଧିନାୟକ ସନ୍ଦୀପ ପଟ୍ଟନାୟକ ଅପରାଜିତ ୧୫ ରନ୍ କରିଥିଲେ। ପଣ୍ଡିଚେରୀର ଆର୍. ବିଜୟ ୪ଟି ୱିକେଟ୍ ନେଇଥିଲେ। ଆସନ୍ତା ୫ରୁ ହିମାଚଳ ପ୍ରଦେଶ ବିପକ୍ଷରେ ଓଡ଼ିଶା ୩ୟ ମ୍ୟାଚ୍ ଖେଳିବ।

## ୨୧ ବର୍ଷରୁ କମ୍ ଏସିଆ କପ୍ ହକି

# ଶନିବାରରୁ ଭାରତର ଟାଇଟଲ ରକ୍ଷା ଅଭିଯାନ

**ମୋକି, ଚୀନ୍,୩।୯ (ଏଜେନ୍ସି):** ଚୀନ୍‌ର ମୋକିଠାରେ ଆରମ୍ଭ ହୋଇଛି ଏଏଚ୍‌ଏଫ୍ ୨୧ ବର୍ଷରୁ କମ୍ ଏସିଆ କପ୍ ହକି। ଏଥିରେ ଉଭୟ ପୁରୁଷ ଓ ମହିଳା ବିଭାଗରେ ଖେଳ ଅନୁଷ୍ଠିତ ହେବ। ଭାରତୀୟ ଦଳ ଉଭୟ ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ରହିଛି। ଆସନ୍ତାକାଲିଠାରୁ ଭାରତୀୟ ଦଳ ଅଭିଯାନ କରିବାକୁ ଯାଉଥିଲାବେଳେ ପୁରୁଷ ଦଳ ରେକର୍ଡ ଷଷ୍ଠ ଓ ମହିଳା ଦଳ ହ୍ୟାଟ୍ରିକ୍ ଟାଇଟଲ ଅର୍ଜନ କରିବା ଲକ୍ଷ୍ୟରେ ରହିଛନ୍ତି। ଓଡ଼ିଆ ଖେଳାଳି ଅନ୍‌ମୋଲ ଏକ୍କା ଭାରତୀୟ ଦଳର ନେତୃତ୍ୱ ନେଉଛନ୍ତି।



ଗତଦୁଇବର୍ଷ ଟାଇଟଲ ଜିତିଥିବା ମହିଳା ଦଳ ଏଥିର ଖାଇଦେମ୍ ଶିଲେଇମା ଚାନୁଙ୍କ ନେତୃତ୍ୱରେ ତୃତୀୟ ବା ହ୍ୟାଟ୍ରିକ୍ ଟାଇଟଲ ଜିତିବାକୁ ଚେଷ୍ଟା କରିବ। ହେଡ୍ କୋଚ୍ ଟିମ୍ ହ୍ୱାଇଟଙ୍କ ପ୍ରଶିକ୍ଷଣରେ ଏହି ଦଳ ଯୋଜନାବଦ୍ଧ ଭାବେ ଟ୍ରେନିଂ ନେଇଛି। ଦଳ ବେଙ୍ଗାଲୁରୁରେ ଶିବିର କରିଥିଲାବେଳେ ୟୁରୋପ ଗସ୍ତରେ ଯାଇ ଏକାଧିକ ଦେଶ ବିପକ୍ଷରେ ଖେଳିବ। ଏହା ମଧ୍ୟରେ ଦଳ ସ୍କଟଲାଣ୍ଡ ସିନିଅର ଦଳ ବିପକ୍ଷରେ ଖେଳିଥିଲାବେଳେ ଆମେରିକା, ଇଂଲଣ୍ଡ ଓ ବେଲଜିୟମର ୨୧ ବର୍ଷରୁ କମ୍ ବୟସର ଦଳ ବିପକ୍ଷରେ ଖେଳି ଭଲଭାବେ ପ୍ରସ୍ତୁତି କରିନେଇଛି। ଏଲିଟ୍ ପୁଲ୍‌ରେ ସ୍ଥାନ ପାଇଥିବା ମହିଳା ଦଳ ସେପ୍ଟେମ୍ବର ୫ରେ ଦକ୍ଷିଣ କୋରିଆ, ସେପ୍ଟେମ୍ବର ୬ରେ ମାଲେସିଆ, ସେପ୍ଟେମ୍ବର ୮ରେ ଜାପାନ ଓ ସେପ୍ଟେମ୍ବର ୯ରେ ଚୀନ୍ ସହ ମୁକାବିଲା କରିବ। ଶନିବାର ଆମେ ଦକ୍ଷିଣ କୋରିଆ ସହ ପ୍ରଥମ ମ୍ୟାଚ୍ ଖେଳିବୁ। ଏଠାରେ ଜଳବାୟୁ ଟିକେ ଥଣ୍ଡା ରହିଛି ଓ ଆମ ଖେଳାଳିମାନେ ଏହା ସହ ଭଲ ଭାବେ ଖାପ୍ ଖୁଆଇନେଇଛନ୍ତି। ଏଭଳି ସ୍ଥିତିରେ ଆମେ ଦକ୍ଷିଣ କୋରିଆ ବିପକ୍ଷରେ ପ୍ରଥମ ମ୍ୟାଚ୍ ଜିତିବାକୁ ଉଦ୍ୟମ କରିବୁ ବୋଲି ହେଡ୍ କୋଚ୍ ଟିମ୍ ହ୍ୱାଇଟ୍ କହିଛନ୍ତି।

### ଷଷ୍ଠ ଟାଇଟଲ ଦୌଡ଼ରେ ପୁରୁଷ ଦଳ

ଏହି ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ହ୍ୟାଟ୍ରିକ୍ ଟାଇଟଲ ସହ ମୋଟ ୫ଥର ଚାମ୍ପିଅନ ହୋଇଥିବା ଭାରତର ପୁରୁଷ ଦଳ ଢ଼େର ଆତ୍ମବିଶ୍ୱାସର ସହ ଟାଇଟଲ ରକ୍ଷା ଅଭିଯାନରେ ବାହାରିଛି। ନୂଆ କୋଚ୍ ଫ୍ରେଡେରିକ୍ ସୋୟେଜ୍ ଏବଂ ଓଡ଼ିଆ ଅଧିନାୟକ ଅନ୍‌ମୋଲ ଏକ୍କାଙ୍କ ନେତୃତ୍ୱରେ ଓଡ଼ିଶା ଦଳ ବେଶ ପ୍ରସ୍ତୁତି କରିଛି। ଦଳ ବିଦେଶରେ ଯାଇ ବେଲଜିୟମ, ଅଷ୍ଟ୍ରିଆ, ଜର୍ମାନୀ ଓ ନେଦରଲ୍ୟାଣ୍ଡସ ସହ ଖେଳିଛି। ଦଳରେ ସ୍ଥାନ ପାଇଥିବା ସମସ୍ତ ଖେଳାଳି ବିଦେଶରେ ଖେଳିଛନ୍ତି। ଏହା ବ୍ୟତୀତ ବେଙ୍ଗାଲୁରୁରେ ମାଲେସିଆ ୨୧ ବର୍ଷରୁ କମ୍ ଦଳ ସହ ଏବଂ ଡାଲିଆନ୍‌ରେ ଚୀନ୍ ସହ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିଛି। ଚୀନ୍ ବିପକ୍ଷରେ ୮-୨ ମ୍ୟାଚ୍‌ରେ ଜିତି ଦଳ ବେଶ ଭଲ ପ୍ରଦର୍ଶନ କରିଛି। ପୁଲ-ଏ'ରେ ସେପ୍ଟେମ୍ବର ୫ରୁ ଇଣ୍ଡୋନେସିଆ ସହ ଖେଳି ଅଭିଯାନ ଆରମ୍ଭ କରିବ। ଦଳ ୬ରେ ଜାପାନ, ୮ରେ ଦକ୍ଷିଣ କୋରିଆ ଓ ୯ରେ ଚାଇନିଜ୍ ତାଇପେ ସହ ଖେଳି ପୁଲ ପର୍ଯ୍ୟାୟ ଶେଷ କରିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS